ISSN-0971-8397

# ଯୋଜନା

ନଭେମ୍ବର ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା



## ସ୍ୱଚ୍ଛତା ସ୍ୱପ୍ନରୁ ବାସ୍ତବତା

**ଏକ ଜନ ଆନ୍ଦୋଳନ**
ଅରୁଣ ଜେଟ୍‌ଲୀ

**ସ୍ୱଚ୍ଛ ଭାରତର ସ୍ୱପ୍ନ**
ନିତିନ ଗଡ଼କରୀ

**ସ୍ୱଚ୍ଛ ଓ ସୁସ୍ଥ ଭାରତ ପାଇଁ ଅଙ୍ଗୀକୃତ**
ଧର୍ମେନ୍ଦ୍ର ପ୍ରଧାନ

**ଫୋକସ୍**
**ସ୍ୱଚ୍ଛ ଓ ସୁସ୍ଥ ଗ୍ରାମ**
ନରେନ୍ଦ୍ର ସିଂ ତୋମର

**ବିଶେଷ ପ୍ରସଙ୍ଗ**
**ସ୍ୱଚ୍ଛତା ବିପ୍ଳବ: ବ୍ୟାପକ ଭାବେ କ୍ରିୟାଶୀଳ**
ପରମେଶ୍ୱରନ୍ ଆୟର

**ସ୍ୱରାଜକୁ ସିଡ଼ି: ଗାନ୍ଧୀ ଓ ସ୍ୱଚ୍ଛତା**
ଡକ୍ଟର ଜନ୍ ଚେଲ୍ଲାଦୁରାଇ

150 YEARS OF CELEBRATING THE MAHATMA

# ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀ




*ନୂଆଦିଲ୍ଲୀ ଠାରେ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀରେ ଉଦ୍‌ଘାଟନ ଅବସରରେ ସେପ୍ଟେମ୍ବର ୨୯ ତାରିଖ ୨୦୧୮ ଦିନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଏକ ପୁସ୍ତିକା ବିମୋଚନ କରିଥିଲେ । ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀ ସୁଶ୍ରୀ ଉମା ଭାରତୀ, ଗୃହ ନିର୍ମାଣ ଓ ସହରୀ ବିକାଶ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ (ସ୍ୱାଧିନ ଦାୟିତ୍ୱ) ଶ୍ରୀ ହରଦୀପ ସିଂ ପୁରୀ, ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଶ୍ରୀ ରମେଶ ଚନ୍ଦପା ଜିଗାଜିନଗି ମଧ୍ୟ ଉପସ୍ଥିତ ଥିଲେ ।*

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନର ଆରମ୍ଭ ଓ ସ୍ୱଚ୍ଛ ଭାରତ ଅଭିଯାନର ଚାରିବର୍ଷ ପୂର୍ତ୍ତି ଉପଲକ୍ଷେ ନୂଆଦିଲ୍ଲୀ ଠାରେ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ତରଫରୁ ପରିମଳ ସମ୍ପର୍କିତ ଏକ ଚାରିଦିବସୀୟ ଆନ୍ତର୍ଜାତିକ ବୈଠକ- ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀ- ଆୟୋଜିତ ହୋଇଥିଲା । ଏଥିରେ ଯୋଗଦେଇଥିବା ୩୫୦ ଜଣ ପ୍ରତିନିଧିଙ୍କ ମଧ୍ୟରୁ ୬୮ଟି ଦେଶର ୧୬୦ ଜଣ ପ୍ରତିନିଧି ଥିବାବେଳେ ୫୩ ଜଣ ଥିଲେ ବିଭିନ୍ନ ଦେଶର ପରିମଳ ବିଭାଗର ମନ୍ତ୍ରୀ ।

୨୦୧୮ ମସିହା ସେପ୍ଟେମ୍ବର ୨୯ ତାରିଖ ଦିନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଏହି ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ନିଜ ଉଦ୍‌ଘାଟନୀ ଅଭିଭାଷଣରେ ରାଷ୍ଟ୍ରପତି କହିଥିଲେ ଯେ- "ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ଖୋଲାରେ ଶୌଚ କରିବା ଅଭ୍ୟାସମୁକ୍ତ ଏକ ଭାରତ ଅର୍ପଣ କରିବା ହିଁ ହେଉଛି ତାଙ୍କ ପାଇଁ ସର୍ବଶ୍ରେଷ୍ଠ ଜନ୍ମଦିବସ ଉପହାର ।" ଏହି ସମ୍ମିଳନୀର ପ୍ରାରମ୍ଭିକ ବୈଠକରେ ରଣନୀତି ସହଭାଗିତା, ସହରୀ ପରିମଳ, ମଳ ପରିଚାଳନା, ଲିଙ୍ଗଗତ ସମାବେଶୀକରଣ, ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସମୁକ୍ତ ଗୋଷ୍ଠୀଙ୍କ ବ୍ୟବହାରିକ ପରିବର୍ତ୍ତନର ନିରନ୍ତରତା ପାଇଁ ସମସ୍ତଙ୍କ ଦାୟିତ୍ୱବୋଧ, ପ୍ରଯୁକ୍ତି ଓ ଅଭିନବତା ଆଦି ବିଷୟରେ ଆଲୋଚନା ହୋଇଥିଲା ।

ଏହି ସମ୍ମିଳନୀର ତୃତୀୟ ଦିନ ପରିମଳ ବିଭାଗର ମନ୍ତ୍ରୀମାନଙ୍କ ସମେତ ୧୧୬ ଜଣ ବିଦେଶୀ ପ୍ରତିନିଧି ମହାତ୍ମା ଗାନ୍ଧୀଙ୍କ ଜୀବନ ଓ କାର୍ଯ୍ୟ ସମ୍ବନ୍ଧିତ କେତେକ ଚୟନିତ ସ୍ଥଳ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧିମଣ୍ଡଳି ପ୍ରଥମେ ସ୍ୱଚ୍ଛ ଭାରତ ଅଭିଯାନର ଏକ ସଫଳ ଉଦାହରଣ- ପୁନ୍‌ସାରୀ ଗ୍ରାମ ପରିଦର୍ଶନ କରିଥିଲେ । ଏହି ଗ୍ରାମର ୫୧୦୦ ଜଣ ଅଧିବାସୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଘରେ ଜଳଯୋଗାଣ ବ୍ୟବସ୍ଥା ସହ କାର୍ଯ୍ୟକ୍ଷମ ଶୌଚାଳୟ ରହିଛି । ଏହି ଗ୍ରାମଟିକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ ଘୋଷଣା କରାଗଲା ପରେ ଏହି ଗ୍ରାମର ଜଣେ ମଧ୍ୟ ଛାତ୍ର ବା ଛାତ୍ରୀ ଅଧାରୁ ପାଠପଢ଼ା ଛାଡ଼ିନାହାନ୍ତି । ଗ୍ରାମୀଣ ଭାରତର ଅଧିକାଂଶ ଅଞ୍ଚଳ ପାଇଁ ଉପଯୁକ୍ତ , ଶସ୍ତା, ପରିବେଶ ଅନୁକୂଳ ଓ ବ୍ୟବହାର ପାଇଁ ସହଜ ଦୁଇଟି ଖାତ ବିଶିଷ୍ଟ ଶୌଚାଳୟ ନିର୍ମାଣ ପଦ୍ଧତି ପ୍ରତି ଏହି ପ୍ରତିନିଧିମଣ୍ଡଳି ଉତ୍ସୁକତା ପ୍ରକାଶ କରିଥିଲେ ।

ସ୍ଥାନୀୟ ସ୍ୱାସ୍ଥ୍ୟସେବା ନିରୀକ୍ଷଣ କଳାପରେ ପ୍ରତିନିଧିମଣ୍ଡଳିଙ୍କ ହୃଦ୍‌ବୋଧ ହେଲା ଯେ ସେଠାରେ ଶିଶୁ ଓ ମାତୃ ମୃତ୍ୟୁହାର ଶୂନ ରହିଛି । ସେମାନେ ଆଉ ମଧ୍ୟ ସ୍ଥାନୀୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହୋଇଥିଲେ । ସେମାନେ ଚାରାରୋପଣ କରିବା ସହ ଗ୍ରାମରେ ନିର୍ମିତ ଏକ କମ୍ପୋଷ୍ଟ ଖାତ ଓ ନାଳ ଆଦି ଦେଖିଥିଲେ । ମହାତ୍ମା ମନ୍ଦିର ପରିସରରେ ନିର୍ମିତ ଦାଣ୍ଡିକୁଟୀର ମଧ୍ୟ ଏହି ପ୍ରତିନିଧିମାନେ ପରିଦର୍ଶନ କରିଥିଲେ ଓ ଅହମ୍ମଦାବାଦ୍‌ସ୍ଥିତ ସାବରମତୀ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

***Website: mgisc.gov.in, Twitter: @swachhBharat, Facebook: facebooks.com/sbmgramin***

***Social media tags: #swachhBharat, #MGISC***

ନଭେମ୍ବର ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଷଡ଼ବିଂଶ ବର୍ଷ / ଦ୍ୱିତୀୟ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ଏକ ଜନ ଆନ୍ଦୋଳନ<br>*ଅରୁଣ ଜେଟ୍‌ଲୀ* | ୫ |
| ସ୍ୱଚ୍ଛ ଭାରତର ସ୍ୱପ୍ନ<br>*ନିତିନ ଗଡ଼କରୀ* | ୮ |
| ସ୍ୱଚ୍ଛ ଓ ସୁସ୍ଥ ଭାରତ ପାଇଁ ଅଙ୍ଗୀକୃତ<br>*ଧର୍ମେନ୍ଦ୍ର ପ୍ରଧାନ* | ୧୨ |
| ଫୋକସ୍<br>ସ୍ୱଚ୍ଛ ଓ ସୁସ୍ଥ ଗ୍ରାମ<br>*ନରେନ୍ଦ୍ର ସିଂ ତୋମର* | ୧୭ |
| ବିଶେଷ ପ୍ରସଙ୍ଗ<br>ସ୍ୱଚ୍ଛତା ବିପ୍ଳବ: ବ୍ୟାପକ ଭାବେ କ୍ରିୟାଶୀଳ<br>*ପରମେଶ୍ୱରନ୍ ଆୟର* | ୨୨ |
| ସ୍ୱଚ୍ଛତା: ଏକ ଶୁଦ୍ଧିକରଣ ପ୍ରକ୍ରିୟା<br>*ସୁଦର୍ଶନ ଆୟେଙ୍ଗାର* | ୨୮ |
| ସ୍ୱରାଜକୁ ସିଡ଼ି: ଗାନ୍ଧୀ ଓ ସ୍ୱଚ୍ଛତା<br>*ଡକ୍ଟର ଜନ୍ ଚେଲ୍ଲାଦୁରାଇ* | ୩୩ |
| ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତା<br>ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପ୍ରୟାସ<br>*ପ୍ରୀତି ସୁଦନ* | ୩୮ |
| ସ୍ୱଚ୍ଛତା ହିଁ ସେବା | ୪୪ |
| ସ୍ୱଚ୍ଛତା: ବିଚାରରୁ ବାସ୍ତବତା - ମହିଳା ସମ୍ମାନ ଓ ଶିଶୁ ସୁରକ୍ଷା ପାଇଁ ସ୍ୱଚ୍ଛ ଓ ସୁରକ୍ଷିତ ବାତାବରଣ<br>*ରାକେଶ ଶ୍ରୀବାସ୍ତବ* | ୪୬ |
| କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଓ ସ୍ୱଚ୍ଛ ଭାରତ ଅଭିଯାନ<br>*ସନ୍ତୋଷ କୁମାର ମଲ୍ଲ* | ୫୧ |
| ଭାରତୀୟ ରେଳବାଇରେ ସ୍ୱଚ୍ଛତା କାର୍ଯ୍ୟକ୍ରମ<br>*ଆଲୋକ କୁମାର ତିୱାରୀ* | ୫୬ |
| ପରିଚ୍ଛନ୍ନତା ସମସ୍ତଙ୍କର ଦାୟିତ୍ୱ<br>*ଅକ୍ଷୟ ରାଉତ* | ୬୨ |
| ସାମ୍ପ୍ରତୀକି | ୭୦ |

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ...

# ସ୍ୱଚ୍ଛତା- ଜୀବନଧାରଣର ଏକ ବାର୍ତ୍ତା

ପ୍ରତ୍ୟେକଙ୍କ ପାଇଁ ସ୍ୱଚ୍ଛତାର ମହତ୍ୱ ରହିଛି। ଦାନ୍ତ ଘଷିବା ଠାରୁ ଗାଧୋଇବା ଏବଂ ଖାଇବା ପୂର୍ବରୁ ଓ ପରେ ହାତ ଧୋଇବା ଭଳି କାର୍ଯ୍ୟ ଆମେ ଦୈନନ୍ଦୀନ କରିଥାଉ। ତେବେ ଜଣେ ସ୍ୱଚ୍ଛ ବ୍ୟକ୍ତିର ମାନେ ନୁହଁ, ଅସ୍ୱଚ୍ଛ ପରିବେଶରୁ ପଳାୟନ କରିବା ବରଂ ନିଜ ପରିବେଶକୁ ଅଳିଆ ଆବର୍ଜନା ମୁକ୍ତ କରିବା। ଅଧିକାଂଶ ବ୍ୟକ୍ତି ନିଜ ଘରକୁ ସଫାସୁତରା ରଖନ୍ତି ଅଥଚ ନିଜ ଆଖପାଖ ଅଞ୍ଚଳକୁ ଅପରିଷ୍କାର କରିବାରେ କୁଣ୍ଠାବୋଧ କରନ୍ତି ନାହିଁ। ଘରୋଇ ବର୍ଜ୍ୟବସ୍ତୁ ସବୁ ଏଣେତେଣେ ଫୋପାଡ଼ିବା ହେଉ ବା ରାସ୍ତାରେ ଛେପ ପକାଇବା ହେଉ, ଜଣେ ଅପରିଷ୍କାର ବ୍ୟକ୍ତି ପକ୍ଷରେ ନିଜ ପରିବେଶକୁ ଆବର୍ଜନାମୟ କରୁଥିବା ଏଭଳି କାର୍ଯ୍ୟର କୌଣସି ସୀମା ନଥାଏ।

ଏଥିପାଇଁ ହିଁ ଜାତିର ଜନକ ସ୍ୱଚ୍ଛ ହିନ୍ଦୁସ୍ତାନର ଡାକରା ଦେଇଥିଲେ। ସ୍ୱଚ୍ଛତା ହେଉଛି ଦେବତ୍ୱର ନିକଟବର୍ତ୍ତୀ- ମହାତ୍ମା ଗାନ୍ଧୀଙ୍କ ପାଇଁ ଏହା କେବଳ ଏକ ଆଦର୍ଶ ନଥିଲା ବରଂ ଜୀବନଧାରଣର ଏକ ରାସ୍ତା ଥିଲା। ଗାନ୍ଧିଜୀ ସ୍ୱଚ୍ଛତା ସମ୍ପର୍କରେ କେବଳ ଉପଦେଶ ଦେଉନଥିଲେ ବରଂ ସେ ନିଜେ ମଧ୍ୟ ଏହାକୁ ପାଳନ କରୁଥିଲେ। ତାଙ୍କ ପାଇଁ ସ୍ୱଚ୍ଛତା ଅର୍ଥ କେବଳ ଶାରିରୀକ ସ୍ୱଚ୍ଛତା ନଥିଲା ବରଂ ଆତ୍ମାର ସ୍ୱଚ୍ଛତା ମଧ୍ୟ ଥିଲା। ସେ ଏଭଳି ଭାରତ ଦେଖିବାକୁ ଚାହୁଁଥିଲେ, ଯାହା ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ ଥିବ ଓ ଯେଉଁଠି ଶରୀର ଓ ଆତ୍ମା ଉଭୟ ସ୍ୱଚ୍ଛ ଥିବ।

ଗତ କିଛିବର୍ଷ ମଧ୍ୟରେ ଅର୍ଥନୈତିକ ଦୃଷ୍ଟିରୁ ଭାରତ ନିରନ୍ତର ପ୍ରଗତି କରୁଛି। ତେବେ ଦୟନୀୟ ସ୍ୱାସ୍ଥ୍ୟ ଓ ପରିମଳ ପରିସ୍ଥିତି ଯୋଗୁଁ ଏହାକୁ ପର୍ଯ୍ୟାପ୍ତ ଆର୍ଥିକ କ୍ଷତି ସହିବାକୁ ପଡୁଛି। ସ୍ୱଚ୍ଛତାର ଅଭାବ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା, ମୃତ୍ୟୁ ଭଳି ଘଟଣା ସୃଷ୍ଟି ହେଉଥିବାବେଳେ ଶିକ୍ଷାଗତ ପ୍ରଗତି ଓ ଉତ୍ପାଦନ କ୍ଷମତାରେ ହ୍ରାସ ହେବାଭଳି ପରିସ୍ଥିତି ସୃଷ୍ଟିହୁଏ ଓ ଦେଶର ଆର୍ଥିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୁଏ। ବିଶ୍ୱ ବ୍ୟାଙ୍କ୍ ଅନୁସାରେ ଏହି କାରଣରୁ ଭାରତ ନିଜର ସଫଳ ଘରୋଇ ଉତ୍ପାଦନରେ ବାର୍ଷିକ ୬.୪ ପ୍ରତିଶତ କ୍ଷତି ସହୁଛି। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୪ ଅଗଷ୍ଟ ୧୫ ତାରିଖରେ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଆହ୍ୱାନ ଦେଲେ ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ୨୦୧୯ ମସିହା ସୁଦ୍ଧା ତାଙ୍କ ପ୍ରତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଭାବେ ଦେଶକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ କରିବା ପାଇଁ ଲକ୍ଷ୍ୟ ନିର୍ଦ୍ଧାରିତ କଲେ।

ଯଦିଓ ଏହି ଅଭିଯାନର କାର୍ଯ୍ୟାନ୍ୱୟନ ଦାୟିତ୍ୱ କେନ୍ଦ୍ର ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ଉପରେ ନ୍ୟସ୍ତ କରାଯାଇଛି, ତଥାପି ଏଥିରେ ପ୍ରତ୍ୟେକଙ୍କର ଭୂମିକା ରହିଥିଲା। ରାଜନୈତିକ ଇଚ୍ଛାଶକ୍ତି, ଲୋକନୀତି ଓ ଜନସହଯୋଗ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହେଲା। ସ୍ୱଚ୍ଛତା ପକ୍ଷ ପାଳନ, ଶୋଭାଯାତ୍ରା, ଗ୍ରାମପଞ୍ଚାୟତ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ, ବ୍ୟାପକ ସ୍ତରରେ ଶୌଚାଳୟ ନିର୍ମାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ସର୍ବେକ୍ଷଣ ଓ ଆବର୍ଜନାମୁକ୍ତ ସହର ପାଇଁ ଷ୍ଟାର୍ ରେଟିଂ ବ୍ୟବସ୍ଥା ଯୋଗୁଁ ବ୍ୟବହାରିକ ପରିବର୍ତ୍ତନ ସମ୍ଭବପର ହେଲା। ସ୍ୱଚ୍ଛାଗ୍ରହୀ, ଛାତ୍ରଛାତ୍ରୀ, ସରପଞ୍ଚ, ଜିଲ୍ଲାପାଳ, ନାଗରିକ ସମାଜ ଓ ଗଣମାଧ୍ୟମ- ଏ ସମସ୍ତେ 'ସ୍ୱଚ୍ଛତା ହିଁ ସେବା'ର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଛନ୍ତି। ଶୌଚାଳୟ ଉପଯୋଗ କରିବା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରିବା ସକାଶେ ଅମିତାଭ ବଚ୍ଚନ ଓ ସଚିନ୍ ତେନ୍ଦୁଲକରଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ନିଆଯାଇଥିଲା। ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆଦି ଏହି ଯୋଜନା ଅଧିନରେ ନିର୍ଦ୍ଦିଷ୍ଟ କ୍ଷେତ୍ର ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। 'କାୟାକଳ୍ପ', ସ୍ୱାସ୍ଥ୍ୟ, ଜଳ ଓ ପରିମଳ ସମ୍ପର୍କିତ ଗ୍ରାମ୍ୟଭିତ୍ତିକ କାର୍ଯ୍ୟକ୍ରମ 'ବିଶ୍ୱାସ', ବାଲ୍ ସ୍ୱଚ୍ଛତା ମିଶନ, ଶୌଚାଳୟ ନିର୍ମାଣ, ଅଙ୍ଗନବାଡ଼ି ଓ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଆଦି ପଦକ୍ଷେପ ଯୋଗୁଁ ଏହି ଅଭିଯାନରେ ଅଧିକ ପ୍ରଗତି ସମ୍ଭବ ହୋଇଛି।

କୌଣସି ପ୍ରକାରର ପରିବର୍ତ୍ତନ ଆଣିବା ପାଇଁ ଯୁବଗୋଷ୍ଠୀ ହେଉଛନ୍ତି ଅଗ୍ରଦୂତ। ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଏହା ଅଧିନରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଏହି ଯୁବଗୋଷ୍ଠୀଙ୍କୁ ନେଇ ଏକ ସ୍ୱଚ୍ଛତା ସଂସ୍କୃତି ବିକଶିତ କରିବାକୁ ଆଗଭର ହୋଇଛି। ଅନ୍ୟ ମନ୍ତ୍ରଣାଳୟ ଯଥା; ରେଳ ମନ୍ତ୍ରଣାଳୟ, ପେଟ୍ରୋଲିୟମ୍ ମନ୍ତ୍ରଣାଳୟ, ଗୃହନିର୍ମାଣ ଓ ସହରୀ ବିକାଶ ମନ୍ତ୍ରଣାଳୟ ଆଦି ଯଥାକ୍ରମେ ଟ୍ରେନ୍ ଓ ରେଳଷ୍ଟେସନ, ପେଟ୍ରୋଲ୍ ପମ୍ପ ଓ ସ୍ମାର୍ଟ ସିଟି/ଗ୍ରାମ ମାଧ୍ୟମରେ ଜଳଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ଭିତ୍ତିଭୂମି ସଂରକ୍ଷଣ ଆଦି କାର୍ଯ୍ୟ ହାତକୁ ନେଇ ଏହି ଅଭିଯାନଟିକୁ ଆହୁରି ସକ୍ରିୟ କରାଇଛନ୍ତି ଏବଂ ସ୍ୱଚ୍ଛତାକୁ ଜୀବନଧାରଣର ଏକ ପଥ ଭାବରେ ସାବ୍ୟସ୍ତ କରିବା ପାଇଁ ଏହି ଅଭିଯାନ ନିଜ ପଥରେ ଅଗ୍ରସର ହୋଇସାରିଛି।

# ଏକ ଜନ ଆନ୍ଦୋଳନ

ଅରୁଣ ଜେଟ୍‌ଲୀ




ଅତୀତରେ ସରକାରୀ ଯୋଜନାଗୁଡ଼ିକ ପ୍ରତି ଏକ ଜନ ଅବିଶ୍ୱାସ ରହିଥିଲା। ଏହାର ପ୍ରମୁଖ କାରଣ ହେଉଛି ଯେ, ଏଗୁଡ଼ିକର ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚୁନଥିଲା କିମ୍ବା ଏହି ଯୋଜନାଗୁଡ଼ିକର ଲକ୍ଷ୍ୟ ସାଧିତ ହେଉନଥିଲା। ତେବେ ଏମିତି କେତେକ ଯୋଜନା ଅଛି, ଯେଉଁଗୁଡ଼ିକ ଭିନ୍ନ ଧରଣର। ସେଗୁଡ଼ିକ ମଧ୍ୟରୁ ସ୍ୱଚ୍ଛ ଭାରତ ଅଭିଯାନ ହେଉଛି ଯୁକ୍ତିଯୁକ୍ତ ଭାବରେ ଏକ ସଫଳ କାର୍ଯ୍ୟକ୍ରମ।

**ସ୍ୱଚ୍ଛ ଭାରତ ଅଭିଯାନ**

୨୦୧୪ ମସିହା ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବାବେଳେ ଭାରତର ପ୍ରଧାନମନ୍ତ୍ରୀ ଯେତେବେଳେ ସ୍ୱଚ୍ଛତା ଅଭିଯାନ କଥା ଘୋଷଣା କଲେ, ସେତେବେଳେ କେତେଜଣ ଭାବୁଥିଲେ ଯେ ଏହା କେବଳ ଏକ ଫଟୋ ସମ୍ବଳିତ ଯୋଜନା ହୋଇ ରହିଯିବ ଓ ବେଶିକିଛି ହାସଲ କରିପାରିବ ନାହିଁ। ସ୍ୱାଧୀନ ଭାରତର ଇତିହାସରେ ଏହା ଏଭଳି ଏକ ଯୋଜନା, ଯାହାର କର୍ଣ୍ଣଧାର ସରକାର ନୁହଁନ୍ତି ବରଂ ଜନସାଧାରଣ ନିଜେ ସାଜିଲେ ଓ ଏହାକୁ ଏକ 'ଜନ ଆନ୍ଦୋଳନ'ରେ ପରିଣତ କଲେ। ଏହି ଯୋଜନା ଘୋଷଣା ହେବାବେଳେ ଭାରତର ଗ୍ରାମୀଣ ସ୍ୱଚ୍ଛତା ପରିବ୍ୟାପ୍ତି ୩୯% ଥିଲା। ୨୦୧୯ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସୁଦ୍ଧା ଦେଶକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ନିର୍ଦ୍ଧାରିତ କଲେ। ପ୍ରତିକାତ୍ମକ ଭାବେ ଏହା ଯୁକ୍ତିସଂଗତ ଥିଲା, କାରଣ ଗାନ୍ଧୀଜୀ ସ୍ୱଚ୍ଛତା ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନାର ୪ ବର୍ଷ କାର୍ଯ୍ୟାନ୍ୱୟନ ପରେ ଗ୍ରାମ୍ୟ ସ୍ୱଚ୍ଛତା ପରିବ୍ୟାପ୍ତି ୩୯%ରୁ ଉଲ୍ଲେଖନୀୟ ଭାବେ ୯୨%କୁ ବୃଦ୍ଧିପାଇଛି। ଏଥିରେ ଜନସାଧାରଣଙ୍କ ଅଭ୍ୟାସ ପରିବର୍ତ୍ତନ ହୋଇଛି। ଗ୍ରାମାଞ୍ଚଳର ଅନେକ ଲୋକ ଅବଶ୍ୟ ଏଥିପାଇଁ ପ୍ରଥମେ ପ୍ରଥମେ ଅମଙ୍ଗ ହେଉଥିଲେ।

ତେବେ ଏହି ଜନଆନ୍ଦୋଳନ ଆଜି ଏକ ମହିଳା ଆନ୍ଦୋଳନର ରୂପ ନେଇଛି। ଗ୍ରାମାଞ୍ଚଳର ମହିଳାମାନେ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ଆମେ ସମସ୍ତେ ଜାଣୁ ଯେ ନାରୀ ସମ୍ମାନ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶୌଚାଳୟ ଆବଶ୍ୟକ। ସେଥିପାଇଁ ଆଜି ମହିଳାମାନେ ଏହି ଯୋଜନାର କେବଳ ହିତାଧିକାରୀ ହେବାରେ ନିଜକୁ ସୀମିତ ନରଖି ଏହାର ନେତୃତ୍ୱ ମଧ୍ୟ ନେଉଛନ୍ତି। ଉଦାହରଣ ସ୍ୱରୂପ ଶୌଚାଳୟ ନିର୍ମାଣ ସାଧାରଣତଃ ଏକ ପୁରୁଷକୈନ୍ଦ୍ରିକ କାର୍ଯ୍ୟ ଥିଲା। ଅନେକ ରାଜ୍ୟରେ ହଜାର ହଜାର ଗ୍ରାମୀଣ ମହିଳା ରାଣୀମିସ୍ତ୍ରୀ ଭାବେ ପ୍ରଶିକ୍ଷଣ ନେଉଛନ୍ତି ଏବଂ ସ୍ୱୟଂସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ରାଜ୍ୟଗୁଡ଼ିକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ କରିବା ପାଇଁ ଅଗ୍ରଣୀ ଭୂମିକା ନିଭାଉଛନ୍ତି। ଏତଦ୍‌ବ୍ୟତୀତ ଶୌଚାଳୟ ନିର୍ମାଣ ମାଧ୍ୟମରେ ମହିଳାମାନେ ନିଜ ପରିବାରର ଆୟର ପରିମାଣ ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇପାରିଛନ୍ତି।

ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଶୌଚାଳୟ ବ୍ୟବହାର ଏକ ରୋଗ ପ୍ରତିକାର ବ୍ୟବସ୍ଥା। ଏହି ବିଷୟରେ ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ ୨୦୧୯ ମସିହା ସୁଦ୍ଧା ଭାରତ ନିଜକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତି ଦେବାବେଳକୁ, ସ୍ୱଚ୍ଛ ଭାରତ ଅଭିଯାନ ଯୋଗୁଁ ଦେଶର ୩ ଲକ୍ଷରୁ ଊର୍ଦ୍ଧ୍ୱ ଜୀବନ ବଞ୍ଚାଯାଇପାରିଥିବ। ଦେଶର ଅନେକ ଅଞ୍ଚଳରେ ଶୌଚାଳୟଗୁଡ଼ିକୁ 'ଇଜ୍ଜତ ଘର' ଭାବରେ ମଧ୍ୟ ଅଭିହିତ କରାଯାଉଛି। ଦେଶରେ ପ୍ରଥମଥର ପାଇଁ ଏହା ସମ୍ଭବ ହୋଇଛି। ଶୌଚାଳୟ ନିର୍ମାଣ କାର୍ଯ୍ୟକୁ ଜାତୀୟ କାର୍ଯ୍ୟସୂଚୀରେ ପ୍ରାଥମିକତା ପ୍ରଦାନ କରାଯାଇଛି। ଏହା ଗଣ ଆଲୋଚନାର ବିଷୟ ପାଲଟିଛି। ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଭାରତ ସରକାର ଆବଶ୍ୟକୀୟ ସମସ୍ତ ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଭାରତର ଗ୍ରାମାଞ୍ଚଳର ଜନସାଧାରଣ, ବିଶେଷ ଭାବେ ମହିଳାଙ୍କ ଜୀବନର ମାନରେ ଉନ୍ନତି ଆଣିବାରେ ଏହି ଯୋଜନା ଯଥେଷ୍ଟ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି।

ଗ୍ରାମ୍ୟ ସଡ଼କ, ଗ୍ରାମୀଣ ବିଦ୍ୟୁତ୍‌କରଣ, ଗ୍ରାମୀଣ ଆବାସ ଯୋଜନା, ଶୌଚାଳୟ, ରନ୍ଧନ ଗ୍ୟାସ୍ ସଂଯୋଗ ଓ ଶସ୍ତା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ପାଇଁ ଭାରତର ଗରିବ ଗ୍ରାମୀଣ ଜନଜୀବନରେ ଯଥେଷ୍ଟ ଉନ୍ନତି ସମ୍ଭବ ହୋଇପାରିଛି। ଏତଦ୍‌ବ୍ୟତୀତ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସା ସେବା ପାଇବା ପାଇଁ ବାର୍ଷିକ ପରିବାର




ପିଛା ୫ ଲକ୍ଷ ଟଙ୍କା ସହାୟତା ପାଇବାର ବ୍ୟବସ୍ଥା ଥିବ। ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଯେତେବେଳେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ, ସେତେବେଳେ ଗ୍ରାମୀଣ ଜନଜୀବନର ମାନରେ ପରିବର୍ତ୍ତନ ଘଟିବ।

ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀମାନଙ୍କୁ ପ୍ରଦାନ କରାଯାଉଥିବା ମାନଦେୟରେ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଜାତୀୟ ପୋଷଣ ଅଭିଯାନରେ ଅଙ୍ଗନବାଡ଼ି କର୍ମୀମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ୧୨.୯ ଲକ୍ଷ ଅଙ୍ଗନବାଡ଼ି କର୍ମୀ ଓ ୧୧.୬ ଲକ୍ଷ ଅଙ୍ଗନବାଡ଼ି ସହାୟିକା କାର୍ଯ୍ୟ କରୁଛନ୍ତି। ତେଣୁ ୨୪.୯ ଲକ୍ଷ ଅଙ୍ଗନବାଡ଼ି କାର୍ଯ୍ୟକର୍ତ୍ତା ଓ ସେମାନଙ୍କ ପରିବାରକୁ ଏହି ସୁବିଧା ମିଳିବ।

ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ମାସିକ ୩ ହଜାର ଟଙ୍କାରୁ ୪୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ମାସିକ ୨୨୫୦ ଟଙ୍କା ପାଉଥିବା କେତେକ ଅଙ୍ଗନବାଡ଼ି କର୍ମୀ ଏଣିକି ମାସିକ ୩୫୦୦ ଟଙ୍କା ପାଇବେ। ସେହିପରି ଅଙ୍ଗନବାଡ଼ି ସହାୟିକାଙ୍କ ପାରିଶ୍ରମିକ ମାସିକ ୨୨୫୦ଙ୍କା କରିଦିଆଯାଇଛି। ପୂର୍ବରୁ ଏହା ୧୫୦୦ ଟଙ୍କା ଥିଲା। ସେମାନେ ଆଉ ମଧ୍ୟ ନିଜ ସମୟବଦ୍ଧ କାର୍ଯ୍ୟଦକ୍ଷତା ପ୍ରଦର୍ଶନ ପାଇଁ ମାସିକ ଯଥାକ୍ରମେ ୫୦୦ ଟଙ୍କା ଓ ୨୫୦ ଟଙ୍କା ପ୍ରୋତ୍ସାହନ ରାଶି ପାଇବେ। ଏହା ପୂର୍ବରୁ ଉଭୟ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା' ଓ ଅପପୁଷ୍ଟିର ଶିକାର ପିଲାଙ୍କ ଯତ୍ନ ସକାଶେ ଉଦ୍ଦିଷ୍ଟ ଆର୍ଥିକ ସହାୟତା ରାଶିରେ ସରକାର ଉଲ୍ଲେଖନୀୟ ବୃଦ୍ଧି କରିପାରିଛନ୍ତି।

ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ନିଜର ପାରିଶ୍ରମିକରେ ବୃଦ୍ଧି ଘଟାଇବାକୁ ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି। ପୂର୍ବର ସରକାର ବ୍ୟୟ ଭାର ଆଶଙ୍କାରେ ଏହି ୨୫ ନିୟୁତ କାର୍ଯ୍ୟକର୍ତ୍ତାଙ୍କୁ ଏଭଳି ଆର୍ଥିକ ସୁବିଧା ଦେବାରେ ଅନିଚ୍ଛା ପ୍ରକାଶ କରିଥିଲେ। ତେବେ ବ୍ୟୟ ଭାର ସତ୍ତ୍ୱେ ବର୍ତ୍ତମାନର ସରକାର ସେମାନଙ୍କ ପାରିଶ୍ରମିକରେ ସିଧାସଳଖ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଏହି କର୍ମୀମାନେ ବିଶେଷ ଭାବେ ଉପକୃତ ହେବେ।

**ସଫଳ କାହାଣୀ:**

### ଓଡିଏଫ୍ ବା ଶୌଚାଳୟ ବ୍ୟବହାର ପ୍ରକ୍ରିୟାକୁ ନିରନ୍ତର କରିବା ପାଇଁ ପଞ୍ଜାବରେ ମୋବାଇଲ୍ ଆପ୍‌ର ଶୁଭାରମ୍ଭ

ଖୋଲାରେ ଶୌଚ ନକରିବା ପାଇଁ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନକୁ ବଜାୟ ରଖିବା ସକାଶେ ଦେଶର ପ୍ରଥମ ରାଜ୍ୟ ଭାବରେ ପଞ୍ଜାବ 'ମୋ ଗାଁ ମୋ ସ୍ୱାଭିମାନ' ନାମରେ ଏକ ଦ୍ୱିଭାଷୀ ମୋବାଇଲ୍ ଆପ୍ ଆରମ୍ଭ କରିଛନ୍ତି। ଏଥିରେ ଓଡିଏଫ୍‌କୁ ଧାରଣକ୍ଷମ କରିବା ପାଇଁ ଓ ସ୍ୱଚ୍ଛତା ସମ୍ପର୍କିତ ଅନ୍ୟାନ୍ୟ ନିୟମ ପାଳନ କରିବା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ଅଛି, ଯାହା ଏଧରଣର ସର୍ବପ୍ରଥମ ମୋବାଇଲ୍ ଆପ୍। ଏଥିରେ ଥିବା ବ୍ୟବସ୍ଥାଗୁଡ଼ିକ ହେଉଛି-

- ଏଥିରେ ଅନ୍‌ଲାଇନ୍ ମାଧ୍ୟମରେ ଖୋଲାରେ ଶୌଚ କରିବା ସମ୍ପର୍କିତ ଅଭିଯୋଗ କରିହେବ। ତେଣୁ ଏହାଦ୍ୱାରା ଖୋଲାରେ ମଳତ୍ୟାଗ କରିବା ପ୍ରବୃତ୍ତିକୁ ପ୍ରତିହତ କରି ଶୌଚାଳୟ ବ୍ୟବହାର ପାଇଁ ଲୋକଙ୍କ ଅଭ୍ୟାସକୁ ତଦାରଖ କରିହେବ।
- ଏଭଳି ଅଭିଯୋଗର ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅଭିଯୋଗକାରୀ ଜାଣିପାରିବେ।
- ଘରେ ଶୌଚାଳୟ ନଥିବା କୌଣସି ବ୍ୟକ୍ତି ଏଥିପାଇଁ ଉଦ୍ଦିଷ୍ଟ ଆବେଦନପତ୍ର ମଧ୍ୟ ଏହି ଆପ୍‌ରୁ ପାଇପାରିବେ।
- ଏଥିରେ ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ମଧ୍ୟ ସଂଲଗ୍ନ କରାଯାଇଛି ଓ ଏକ ସ୍ୱଚ୍ଛତା ଗ୍ୟାଲେରୀ ରହିଛି, ଯେଉଁଠି ପରିଚ୍ଛନ୍ନତା ସମ୍ପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ ତଥ୍ୟ ମିଳିବ।

'ମୋ ଗାଁ ମୋ ସ୍ୱାଭିମାନ' ଅଭିଯାନରେ ଓଡିଏଫ୍ ସଚେତନତା ଓ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ଆଦି ବିଷୟ ଉପରେ ଅନ୍ତଃଗ୍ରାମ ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଏଥିରେ କୃତି ପ୍ରତିଯୋଗୀଙ୍କୁ ରାଜ୍ୟ, ଜିଲ୍ଲା ଓ ବ୍ଲକ୍‌ସ୍ତରରେ ପୁରସ୍କୃତ କରାଯିବ।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଅର୍ଥମନ୍ତ୍ରୀ। E-mail: fmo@nic.dot.in

MINISTRY OF DRINKING WATER AND SANITATION


# ସ୍ୱଚ୍ଛ ଭାରତ ଅଭିଯାନ (ଗ୍ରାମୀଣ)

## ସ୍ୱଚ୍ଛତା ଆଡ଼କୁ ପାଦଟିଏ

### ଏପର୍ଯ୍ୟନ୍ତ ହୋଇଥିବା ପ୍ରଗତି

ଗ୍ରାମୀଣ ଭାରତର ୯୦ ପ୍ରତିଶତ ଅଞ୍ଚଳରେ ପରିମଳ ପରିଚାଳନା ବ୍ୟବସ୍ଥା ହୋଇସାରିଛି। ୨୦୧୪ ମସିହାରେ ଏହି ଅଭିଯାନ ଆରମ୍ଭ ହେବା ପରଠାରୁ ୮.୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ୪.୨ ଲକ୍ଷ ଗ୍ରାମ, ୪୩୪ଟି ଜିଲ୍ଲା ଓ ୧୯ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ ଘୋଷଣା କରାଯାଇଛି।


## ସ୍ୱଚ୍ଛତା ପ୍ରଭାବ



### ଆର୍ଥିକ ପ୍ରଭାବ

କୌଣସି ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ ଗ୍ରାମରେ ପ୍ରତ୍ୟେକ ପରିବାର ଡାକ୍ତରୀ ଖର୍ଚ୍ଚ, ସମୟ ଅପଚୟ ଓ ଜୀବନ ବଞ୍ଚାଇବା ବାବଦ ଖର୍ଚ୍ଚ ଏଡାଇ ପାରିବା ଯୋଗୁଁ ବାର୍ଷିକ ୫୦ ହଜାର ଟଙ୍କା ସଞ୍ଚୟ କରନ୍ତି।

*- ୟୁନିସେଫ୍ ଅଧ୍ୟୟନ-୨୦୧୭*



### ଜୀବନ ଉପରେ ପ୍ରଭାବ

ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ ଉନ୍ନତ ପରିମଳ ବ୍ୟବସ୍ଥା ଯୋଗୁଁ ୨୦୧୯ ସୁଦ୍ଧା ୩ ଲକ୍ଷ ଜୀବନ ବଞ୍ଚାଯାଇ ପାରିଥିବ।


*- ଡବ୍ଲ୍ୟୁଏଚ୍ଓ ଅଧ୍ୟୟନ-୨୦୧୮*



### ସ୍ୱାସ୍ଥ୍ୟ ଉପରେ ପ୍ରଭାବ

ଯେଉଁ ଅଞ୍ଚଳ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ ନୁହଁ, ସେହି ଅଞ୍ଚଳରେ ପିଲାଙ୍କ ଠାରେ ୪୬ ପ୍ରତିଶତ ଅଧିକ ଝାଡ଼ାବାନ୍ତି ରୋଗ ଦେଖାଦିଏ।

*- ବିଲ୍ ଓ ମେଲିଣ୍ଡାଗେଟ୍ସ ପ୍ରତିଷ୍ଠାନ ଦ୍ୱାରା ଅଧ୍ୟୟନ-୨୦୧୭*




### ଲିଙ୍ଗଗତ ପ୍ରଭାବ

୨୦୧୭-୧୮ରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ପ୍ରକାଶ କରିଥିବା ରିପୋର୍ଟ

- ସନ୍ତାନ ଯତ୍ନ ଓ ଘରୋଇ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ମହିଳାମାନେ ୧୦ ପ୍ରତିଶତ ସମୟ ସଞ୍ଚୟ କରନ୍ତି।
- ଶ୍ରମ ଶକ୍ତିରେ ମହିଳାଙ୍କ ଅନୁପାତରେ ୧.୫ ପ୍ରତିଶତ ବୃଦ୍ଧି।

**ଅଗଷ୍ଟ ୨୭, ୨୦୧୮ ସୁଦ୍ଧା**



# ସ୍ୱଚ୍ଛ ଭାରତର ସ୍ୱପ୍ନ

**ନିତିନ ଗଡ଼କରୀ**

୨୦୧୪ ମସିହା ଅକ୍ଟୋବର ୨ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ପାଇଁ ଆହ୍ୱାନ ଦେଲେ। ସେତେବେଳେ ସେ ଜାଣିଥିଲେ ଯେ ଆଗକୁ ରହିଛି ଏକ କଠିନ କାର୍ଯ୍ୟ। ଦେଶର ପରିମଳ ଭିତ୍ତିଭୂମି ପର୍ଯ୍ୟାପ୍ତ ନଥିଲା, ଲକ୍ଷ ଲକ୍ଷ ଲୋକ ଖୋଲାରେ ମଳତ୍ୟାଗ କରୁଥିଲେ, ବର୍ଜ୍ୟବସ୍ତୁ ପରିଚାଳନାକୁ ଏକ ବିଦେଶୀ ଚିନ୍ତାଧାରା ବୋଲି ଧରି ନିଆଯାଇଥିଲା ଓ ସ୍ୱଚ୍ଛତାକୁ ନେଇ ସାମାଜିକ ସ୍ତରରେ ଅଳ୍ପ ବା ଆଦୌ କୌଣସି ଗୁରୁତ୍ୱ ଦିଆଯାଉ ନଥିଲା। ୧୨୫ କୋଟି ଜନସାଧାରଣଙ୍କ ପାଇଁ ପରିମଳ ଭିତ୍ତିଭୂମି ଯୋଗାଣ ଏକ ଆହ୍ୱାନ ତ ଥିଲା ତେବେ ଏହାଠାରୁ ଅଧିକ କଠିନ କାର୍ଯ୍ୟ ଥିଲା, ସେମାନଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା। ତେବେ ଏକ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ଭାରତକୁ ନେଇ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ରହିଛି। ଏହା ସହିତ ଏକ ନୂତନ ଭାରତର ନିର୍ମାଣ ପାଇଁ ଏହା ହେଉଛି ଆମ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ଗତ ଚାରିବର୍ଷ ଧରି ଆମ ସରକାର ଏ ଦିଗରେ ଲଗାତାର କାମ କରୁଛି ଓ ଫଳସ୍ୱରୂପ ଶୌଚାଳୟ ପରି ପରିମଳ ଭିତ୍ତିଭୂମି ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ସୃଷ୍ଟି ହୋଇପାରିଛି। ଏତଦ୍‌ବ୍ୟତୀତ ସ୍ୱଚ୍ଛତାକୁ ଜୀବନର ଏକ ଧ୍ୟେୟ ଭାବେ ବିଚାର କରିବାକୁ ସଚେତନତା ସୃଷ୍ଟି ମାଧ୍ୟମରେ ଜନସାଧାରଣଙ୍କୁ ପ୍ରେରିତ କରାଯାଇଛି।

ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସ୍ୱଚ୍ଛତାକୁ ନେଇ ମୋ' ପାଇଁ ଏକ ବଡ଼ ଆହ୍ୱାନ ହେଉଛି ଗଙ୍ଗା ନଦୀକୁ ପରିଷ୍କାର କରାଯାଇ ଏହାର ନିରନ୍ତରତା ଓ ପବିତ୍ରତା ସୁନିଶ୍ଚିତ କରିବା। ବିଗତ ସରକାରଗୁଡ଼ିକ ଦ୍ୱାରା ନାନାବିଧ ଉପାୟ ସତ୍ତ୍ୱେ ଏହି ସମସ୍ୟା ଆହୁରି ଉତ୍କଟ ହୋଇଛି। ଗଙ୍ଗାନଦୀ ପ୍ରଦୂଷଣର ବହୁ ପ୍ରକାର କାରଣ ରହିଛି। ପ୍ରତ୍ୟେକ ଦିନ ଗଙ୍ଗା ତଟବର୍ତ୍ତୀ ୯୭ଟି ସହରର ୨୯୫୩ ଲିଟର ଆବର୍ଜନାମୟ ପାଣି ଗଙ୍ଗା ନଦୀରେ ମିଶିଥାଏ। ଏସବୁ ସହରଗୁଡ଼ିକର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। କେତେକ ସ୍ଥାନରେ ଏଭଳି ସୁବିଧା ଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ କାମ କରୁନାହିଁ। ଏହି ସହରଗୁଡ଼ିକର ଜନସଂଖ୍ୟା ବଢ଼ିବା ସହ ଆବର୍ଜନା ବଢ଼ିବ ଓ ଏହି ସମସ୍ୟା ଅଧିକ ବିଷମ ହେବ। ଏହାଛଡ଼ା ବିଭିନ୍ନ ଉଦ୍ୟୋଗରୁ ଛଡ଼ାଯାଉଥିବା ପ୍ରଦୂଷିତ ପାଣି ତଟବର୍ତ୍ତୀ ସହର ଓ ଗାଁ ଗୁଡ଼ିକର କଠିନ ବର୍ଜ୍ୟବସ୍ତୁ କୃଷି ସମ୍ବନ୍ଧୀୟ ବର୍ଜ୍ୟବସ୍ତୁ ମଳମୂତ୍ର ଓ ପ୍ରଦୂଷିତ ଉପନଦୀ ଓ ନାଳର ପାଣି ଆଦି ମିଶିବା ଦ୍ୱାରା ଗଙ୍ଗାନଦୀର ଜଳ ଅଧିକ ପ୍ରଦୂଷିତ ହେଉଛି। ତେଣୁ ଏହାର ସାମଗ୍ରିକ ସଫେଇ ପାଇଁ ସେହି ପ୍ରତ୍ୟେକଟି ପ୍ରଦୂଷିତ ଉତ୍ସରୁ ଗଙ୍ଗାରେ ମିଶୁଥିବା ପ୍ରଦୂଷିତ ପାଣି ଓ ପଦାର୍ଥକୁ ମୂଳରୁ ହିଁ ରୋକିବାକୁ ପଡ଼ିବ। ଏଥିପାଇଁ ଉପଯୁକ୍ତ ବ୍ୟବସ୍ଥା ଓ ବ୍ୟବହାରିକ ଦୃଷ୍ଟିଭଙ୍ଗୀ ମଧ୍ୟ ଆବଶ୍ୟକ। ଏ ଦିଗରେ ସଫଳତା

ପାଇଁ କେନ୍ଦ୍ର, ରାଜ୍ୟ ସରକାର ଏବଂ ବେସରକାରୀ ଉଦ୍ୟମ ଓ ଜନ ସହଯୋଗକୁ ସମନ୍ୱିତ କରି ବିଧିବଦ୍ଧ ଉଦ୍ୟମ କରିବାକୁ ପଡ଼ିବ।

ପୂର୍ବର ସରକାରଙ୍କ ଦ୍ୱାରା ଗଙ୍ଗା ସଫେଇ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଶେଷ ସଫଳ ହୋଇନଥିବା ବେଳେ ୨୦୧୫ରେ ଆରମ୍ଭ ହୋଇଥିବା 'ନମାମି ଗଙ୍ଗେ' କାର୍ଯ୍ୟକ୍ରମ କିନ୍ତୁ ଭଲ ଫଳ ପ୍ରଦାନ କରିଛି। ୨୦୧୪ ମସିହାରେ ପ୍ରଥମଥର ପାଇଁ ଗଙ୍ଗା ପୁନରୁଦ୍ଧାର ସକାଶେ ଏକ ପୃଥକ ମନ୍ତ୍ରଣାଳୟ ଗଠନ କରାଗଲା। ୨୦୧୫ ମସିହାରେ ୨୦ ହଜାର କୋଟି ଟଙ୍କା ପାଣ୍ଠି ସହିତ ନମାମି ଗଙ୍ଗେ କାର୍ଯ୍ୟକ୍ରମକୁ ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ ଭାବେ ଅନୁମୋଦନ ମିଳିଲା। ଏହି କାର୍ଯ୍ୟକ୍ରମଟିକୁ କ୍ରିୟାନ୍ୱୟନ କରୁଥିବା ସ୍ୱଚ୍ଛ ଗଙ୍ଗା ଜାତୀୟ ଅଭିଯାନକୁ ୧୯୮୬ ମସିହା ପରିବେଶ ସୁରକ୍ଷା ଅଧିନିୟମ ଅଧିନରେ ଏକ 'କର୍ତ୍ତୃପକ୍ଷ' ଭାବେ ଘୋଷଣା କରାଗଲା। ଏହାଦ୍ୱାରା ଏହି ସଂସ୍ଥାକୁ ୨୦୧୬ ମସିହାରେ ଅଧିକ କ୍ଷମତା ମିଳିଲା ଓ ୨୦୧୭ ମସିହାରେ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଗଙ୍ଗା କମିଟିମାନ ଗଠନ କରାଗଲା।

ଏହି କାର୍ଯ୍ୟକ୍ରମ ଅଧିନରେ ୨୦୧୫-୨୦ ପାଇଁ ୨୦ ହଜାର କୋଟି ଟଙ୍କା ଆବଣ୍ଟିତ ହେଲା। ଗଙ୍ଗା ସଫେଇ ପାଇଁ ଏହା ହେଉଛି ଆଜି ପର୍ଯ୍ୟନ୍ତ ସର୍ବାଧିକ ଆବଣ୍ଟିତ ଅର୍ଥ। ଏଯାବତ୍ ଏହା ଅଧିନରେ ୨୨୨୩୮ କୋଟି ଟଙ୍କା ସମ୍ବଳିତ ୨୪୦ଟି ପ୍ରକଳ୍ପ ଅନୁମୋଦିତ ହୋଇସାରିଛି। ଏଥିରେ ଭିତ୍ତିଭୂମି, ଘାଟ, ଶ୍ମଶାନ, ନଦୀତଟ ବିକାଶ, ନଦୀ ସଫେଇ, ଅନୁଷ୍ଠାନ ବିକାଶ, ଜୈବ ବିବିଧତା ସଂରକ୍ଷଣ, ବନୀକରଣ ଓ ଗ୍ରାମ୍ୟ ପରିମଳ ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ। ଏଥିରୁ ୬୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି ଓ ଅନ୍ୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅବ୍ୟାହତ ରହିଛି। ୨୦୩୫ ମସିହାବେଳକୁ ୩୬୦୩ ଏମ୍ଏଲ୍‌ଡି ଆବର୍ଜନା ସୃଷ୍ଟି କରିବାକୁ ଥିବା ଗଙ୍ଗା ତଟବର୍ତ୍ତୀ ୯୭ଟି ସହର ଚିହ୍ନିତ ହୋଇଛି। ଏହି ସହରଗୁଡ଼ିକର ଆବର୍ଜନା ପରିଚାଳନା ପାଇଁ ବର୍ତ୍ତମାନର କ୍ଷମତା ହେଉଛି ୧୬୫୧ ଏମ୍ଏଲ୍‌ଡି। ହେଲେ ବର୍ତ୍ତମାନର କାର୍ଯ୍ୟକ୍ରମ ଦ୍ୱାରା ଏହି କ୍ଷମତା ବୃଦ୍ଧି ହେବ। ଏହି ୯୭ଟି ସହର ମଧ୍ୟରେ ହରିଦ୍ୱାର, କାନପୁର, ଆହ୍ଲାବାଦ୍, ଫାରୁକାବାଦ୍, ବାରଣାସୀ, ପାଟ୍‌ନା, ଭାଗଲପୁର, କୋଲ୍‌କାତା, ହାୱଡ଼ା ଓ ବାଲି ଆଦି ସହର ଅନ୍ତର୍ଭୁକ୍ତ।

ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆମେ କେତେକ ଅଭିନବତା ଆଣିଛୁ। ଏହା ଅଧିନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ବେସରକାରୀ ପରିଚାଳକଙ୍କୁ ନିଯୁକ୍ତି ଦିଆଯାଇଛି। ମଥୁରାରେ ଚାଲିଥିବା ପ୍ରକଳ୍ପ ଏକ ଅଭିନବ ପ୍ରକଳ୍ପ। ଏହି ପ୍ରକଳ୍ପଟିକୁ 'ଗୋଟିଏ ସହର ଗୋଟିଏ ପ୍ରକଳ୍ପ' ମଡେଲ୍ ଭାବରେ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପ କାର୍ଯ୍ୟାଦେଶ ପାଇଥିବା ସମ୍ପୃକ୍ତ ବେସରକାରୀ ପରିଚାଳକଙ୍କ ଦ୍ୱାରା ୩୦ ଏମ୍ଏଲ୍‌ଡି କ୍ଷମତାଯୁକ୍ତ ଗୋଟିଏ ନୂଆ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ୍ ନିର୍ମାଣ କରାଯିବ। ଏହାସହିତ ୩୮ ଏମ୍ଏଲ୍‌ଡି କ୍ଷମତା ବିଶିଷ୍ଟ ତିନୋଟି ପୁରୁଣା ପ୍ଲାଣ୍ଟ୍‌ର ଆଧୁନିକୀକରଣ କରାଯିବ ଓ ସମସ୍ତ ପ୍ଲାଣ୍ଟ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ଏହି ବେସରକାରୀ ସଂସ୍ଥା ପାଖରେ ରହିବ। ଏଥିରୁ ନିର୍ଗତ ବର୍ଜ୍ୟ ଜଳକୁ ଲିଟର ପିଛା ୮ ଟଙ୍କା ୭୦

ଟୋଲ୍ ପ୍ଲାଜାଗୁଡ଼ିକରେ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା କରିବାକୁ ଭାରତୀୟ ଜାତୀୟ ରାଜମାର୍ଗ କର୍ତ୍ତୃପକ୍ଷ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ଏଥିରେ ମାର୍ଚ୍ଚ ୨୦୧୯ ସୁଦ୍ଧା ସମସ୍ତ ୩୭୨ଟି ଟୋଲ୍ ପ୍ଲାଜାକୁ ଅନ୍ତର୍ଭୁକ୍ତ କରାଯିବ। ପରିଷ୍କାର ପରିଚ୍ଛନ୍ନତା ପାଇଁ ଏହି ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ହୋର୍ଡିଂ ଓ ଆବର୍ଜନା କୁଣ୍ଡମାନ ସ୍ଥାପିତ କରାଯାଉଛି। ସଡ଼କ ନିର୍ମାଣରେ କମ୍ ପାଣି ଖର୍ଚ୍ଚ କରିବାକୁ ଓ ଫ୍ଲାଇଆସ୍, ପ୍ଲାଷ୍ଟିକ, ତୈଳ ବିଶୋଧନ ପ୍ରକ୍ରିୟାରେ ନିର୍ଗତ ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ନଗରନିଗମ ଆବର୍ଜନା ଆଦି ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଉଛି। ଜାହାଜ ଚଳାଚଳ ମନ୍ତ୍ରଣାଳୟ ତରଫରୁ କୋଠରୀ ଓ ଶୌଚାଳୟ ପୁନଃନିର୍ମାଣ, ଆଶ୍ରୟସ୍ଥଳୀ ସଫେଇ, ଅଣ ଉପଯୋଗୀ ପଦାର୍ଥ ଓ ସାମଗ୍ରୀଗୁଡ଼ିକର ନିଲାମ, ପାର୍କ ସଫେଇ ଓ ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ହାତକୁ ନିଆଯାଇଛି। ସ୍ୱଚ୍ଛତା ସଚେତନତା ସୃଷ୍ଟି ପାଇଁ କର୍ମଚାରୀମାନଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯାଉଛି।



ପଇସା ଦରରେ ମଥୁରାସ୍ଥିତ ଆଇଓସିଏଲ୍ କ୍ରୟ କରିବ। ଏହାଦ୍ୱାରା ଆଇଓସିଏଲ୍ ଦ୍ୱାରା ପୂର୍ବରୁ ଉପଯୋଗ କରାଯାଉଥିବା ଯମୁନା ନଦୀର ଦୁଇକୋଟି ଲିଟର ଜଳ ସଂରକ୍ଷିତ ହୋଇ ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ।

ଏତଦ୍‌ବ୍ୟତୀତ ଗଙ୍ଗା ନଦୀର ଉପନଦୀଗୁଡ଼ିକରେ ୧୬ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିରେ ଯମୁନା (ହରିଆଣାର ସୋନେପତ୍ ଓ ପାନିପତ୍, ଦିଲ୍ଲୀ ଓ ଉତ୍ତର ପ୍ରଦେଶର ମଥୁରା ଓ ବୃନ୍ଦାବନ), ରାମଗଙ୍ଗା (ଉତ୍ତରପ୍ରଦେଶର ମୁରାଦାବାଦ୍) ସରଜୁ (ଉତ୍ତର ପ୍ରଦେଶର ଅଯୋଧ୍ୟା) ଏବଂ କୋସି (ବିହାରର ନୌଗାଠିଆ) ନଦୀ ଆଦି ଅନ୍ତର୍ଭୁକ୍ତ। ଏହିସବୁ ପ୍ରକଳ୍ପ ଦ୍ୱାରା ୩୦୨୮ କୋଟି ଟଙ୍କା ବ୍ୟୟରେ ୧୩୫୩ ଏମ୍ଏଲ୍‌ଡି ବର୍ଜ୍ୟବସ୍ତୁ ପରିଚାଳନା କ୍ଷମତା ସୃଷ୍ଟି କରାଯିବ। ଗଙ୍ଗା ନଦୀର ଅନ୍ୟାନ୍ୟ ଉପନଦୀଗୁଡ଼ିକରେ ୬୮ଟି ସହରରେ ଆହୁରି ଅନେକ ପ୍ରକଳ୍ପ ହାତକୁ ନିଆଯିବ।

ଏହି ଶତପ୍ରତିଶତ କେନ୍ଦ୍ରୀୟ କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି, ଏହା ସାମଗ୍ରିକ, ଯାହା ଅଧିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ମିଳିମିଶି କାର୍ଯ୍ୟ କରୁଛନ୍ତି ଓ ଗୋଟିଏ କାର୍ଯ୍ୟକ୍ରମ ଭିତରେ ଗଙ୍ଗା ଓ ଏହାର ଉପନଦୀଗୁଡ଼ିକୁ ସାମିଲ୍ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୫ ବର୍ଷ ସକାଶେ ପାଣ୍ଠି ଆବଣ୍ଟନ କରାଯାଇଛି ଓ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି।

ଗଙ୍ଗା ନଦୀକୁ ପରିଷ୍କାର କରିବା ପାଇଁ ବିଭିନ୍ନ ନଦୀ ଘାଟ ଓ ଶ୍ମଶାନର ମରାମତି ପାଇଁ ଏବଂ ବନୀକରଣ ପାଇଁ ଅନେକ ବେସରକାରୀ ଉଦ୍ୟୋଗ ମଧ୍ୟ ନିଜ ନିଜ ଔଦ୍ୟୋଗିକ ସାମାଜିକ ଦାୟିତ୍ୱ ଅଧିନରେ କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟ ପାଇଁ ଅନେକ ବ୍ୟକ୍ତିଗତ ସ୍ତରରେ ମଧ୍ୟ କାମ କରିବାକୁ ଆଗେଇ ଆସୁଛନ୍ତି। ଗଙ୍ଗା ପ୍ରହରୀ ଭାବେ ଜଣାଶୁଣା ଏହି ବ୍ୟକ୍ତିମାନେ ନଦୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଉଛନ୍ତି।

ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସ୍ୱଚ୍ଛତାକୁ ନେଇ ମୋ' ପାଇଁ ଏକ ବଡ଼ ଆହ୍ୱାନ ହେଉଛି ଗଙ୍ଗା ନଦୀକୁ ପରିଷ୍କାର କରାଯାଇ ଏହାର ନିରନ୍ତରତା ଓ ପବିତ୍ରତା ସୁନିଶ୍ଚିତ କରିବା। ବିଗତ ସରକାରଗୁଡ଼ିକ ଦ୍ୱାରା ନାନାବିଧ ଉପାୟ ସତ୍ତ୍ୱେ ଏହି ସମସ୍ୟା ଆହୁରି ଉତ୍କଟ ହୋଇଛି। ଗଙ୍ଗାନଦୀ ପ୍ରଦୂଷଣର ବହୁ ପ୍ରକାର କାରଣ ରହିଛି। ପ୍ରତ୍ୟେକ ଦିନ ଗଙ୍ଗା ତଟବର୍ତ୍ତୀ ୯୭ଟି ସହରର ୨୯୫୩ ଲିଟର ଆବର୍ଜନାମୟ ପାଣି ଗଙ୍ଗା ନଦୀରେ ମିଶିଥାଏ। ଏସବୁ ସହରଗୁଡ଼ିକର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। କେତେକ ସ୍ଥାନରେ ଏଭଳି ସୁବିଧା ଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ କାମ କରୁନାହିଁ। ଏହି ସହରଗୁଡ଼ିକର ଜନସଂଖ୍ୟା ବଢ଼ିବା ସହ ଆବର୍ଜନା ବଢ଼ିବ ଓ ଏହି ସମସ୍ୟା ଅଧିକ ବିଷମ ହେବ। ଏହାଛଡ଼ା ବିଭିନ୍ନ ଉଦ୍ୟୋଗରୁ ଛଡ଼ାଯାଉଥିବା ପ୍ରଦୂଷିତ ପାଣି ତଟବର୍ତ୍ତୀ ସହର ଓ ଗାଁ ଗୁଡ଼ିକର କଠିନ ବର୍ଜ୍ୟବସ୍ତୁ କୃଷି ସମ୍ବନ୍ଧୀୟ ବର୍ଜ୍ୟବସ୍ତୁ ମଳମୂତ୍ର ଓ ପ୍ରଦୂଷିତ ଉପନଦୀ ଓ ନାଳର ପାଣି ଆଦି ମିଶିବା ଦ୍ୱାରା ଗଙ୍ଗାନଦୀର ଜଳ ଅଧିକ ପ୍ରଦୂଷିତ ହେଉଛି। ତେଣୁ ଏହାର ସାମଗ୍ରିକ ସଫେଇ ପାଇଁ ସେହି ପ୍ରତ୍ୟେକଟି ପ୍ରଦୂଷିତ ଉତ୍ସରୁ ଗଙ୍ଗାରେ ମିଶୁଥିବା ପ୍ରଦୂଷିତ ପାଣି ଓ ପଦାର୍ଥକୁ ମୂଳରୁ ହିଁ ରୋକିବାକୁ ପଡ଼ିବ। ଏଥିପାଇଁ ଉପଯୁକ୍ତ ବ୍ୟବସ୍ଥା ଓ ବ୍ୟବହାରିକ ଦୃଷ୍ଟିଭଙ୍ଗୀ ମଧ୍ୟ ଆବଶ୍ୟକ। ଏ ଦିଗରେ ସଫଳତା ପାଇଁ କେନ୍ଦ୍ର, ରାଜ୍ୟ ସରକାର ଏବଂ ବେସରକାରୀ ଉଦ୍ୟମ ଓ ଜନ ସହଯୋଗକୁ ସମନ୍ୱିତ କରି ବିଧିବଦ୍ଧ ଉଦ୍ୟମ କରିବାକୁ ପଡ଼ିବ।

ଯେତେସବୁ କାମ ହୋଇସାରିଛି ଓ ଆଉ ଯାହା କାମ ହାତକୁ ନିଆଯାଇଛି, ସେଥିରୁ ଏକଥା ସ୍ପଷ୍ଟ ଯେ ମାର୍ଚ୍ଚ ୨୦୧୯ ସୁଦ୍ଧା ଗଙ୍ଗା ନଦୀର ୭୦/୮୦ ପ୍ରତିଶତ ସଫେଇ କାମ ସରିବ ଓ ୨୦୨୦ ସୁଦ୍ଧା ଏହା ସମ୍ପୂର୍ଣ୍ଣ ଭାବେ ପରିଷ୍କାର ହେବ।

ମୋର ଅନ୍ୟ ଦୁଇଟି ମନ୍ତ୍ରଣାଳୟ- ସଡ଼କ ପରିବହନ ଓ ରାଷ୍ଟ୍ରୀୟ ରାଜମାର୍ଗ ଏବଂ ଜାହାଜ ଚଳାଚଳରେ ମଧ୍ୟ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି। ସଂସ୍ଥା ଓ ପରିବେଶ ଅନୁକୂଳ ଜଳମାର୍ଗକୁ ପ୍ରୋତ୍ସାହିତ କରାଯାଉଛି। ୧୧୧ଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ଭାବେ ଘୋଷଣା କରାଯାଇଛି ଏବଂ ପରିବହନ ପାଇଁ ଏଗୁଡ଼ିକୁ ବିକଶିତ କରାଯାଉଛି। ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ସମେତ ଦଶଟି ଜଳମାର୍ଗ ବିକାଶ କାର୍ଯ୍ୟ ହାତକୁ ନିଆଯାଇସାରିଛି। ଏତଦ୍‌ବ୍ୟତୀତ ପରିବହନ କ୍ଷେତ୍ରରେ ପେଟ୍ରୋଲ୍ ଓ ଡିଜେଲ୍ ବଦଳରେ ଇଥାନଲ୍, ମିଥାନଲ୍, ବାୟୋ ଡିଜେଲ୍, ବାୟୋ ସିଏନ୍‌ଜି ଓ ବିଦ୍ୟୁତ୍ ଶକ୍ତି ଉପଯୋଗକୁ ପ୍ରୋତ୍ସାହନ ଦେବା ପାଇଁ ମୁଁ ଚେଷ୍ଟା କରୁଛି।

ଟୋଲ୍ ପ୍ଲାଜାଗୁଡ଼ିକରେ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା କରିବାକୁ ଭାରତୀୟ ଜାତୀୟ ରାଜମାର୍ଗ କର୍ତ୍ତୃପକ୍ଷ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ଏଥିରେ ମାର୍ଚ୍ଚ ୨୦୧୯ ସୁଦ୍ଧା ସମସ୍ତ ୩୭୨ଟି ଟୋଲ୍ ପ୍ଲାଜାକୁ ଅନ୍ତର୍ଭୁକ୍ତ କରାଯିବ। ପରିଷ୍କାର ପରିଚ୍ଛନ୍ନତା ପାଇଁ ଏହି ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ହୋର୍ଡିଂ ଓ ଆବର୍ଜନା କୁଣ୍ଡମାନ ସ୍ଥାପିତ କରାଯାଉଛି। ସଡ଼କ ନିର୍ମାଣରେ କମ୍ ପାଣି ଖର୍ଚ୍ଚ କରିବାକୁ ଓ ଫ୍ଲାଇଆସ୍, ପ୍ଲାଷ୍ଟିକ୍, ତୈଳ ବିଶୋଧନ ପ୍ରକ୍ରିୟାରେ ନିର୍ଗତ ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ନଗରନିଗମ ଆବର୍ଜନା ଆଦି ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଉଛି। ଜାହାଜ ଚଳାଚଳ ମନ୍ତ୍ରଣାଳୟ ତରଫରୁ କୋଠରୀ ଓ ଶୌଚାଳୟ ପୁନଃନିର୍ମାଣ, ଆଶ୍ରୟସ୍ଥଳୀ ସଫେଇ, ଅଣ ଉପଯୋଗୀ ପଦାର୍ଥ ଓ ସାମଗ୍ରୀଗୁଡ଼ିକର ନିଲାମ, ପାର୍କ ସଫେଇ ଓ ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ହାତକୁ ନିଆଯାଇଛି। ସ୍ୱଚ୍ଛତା ସଚେତନତା ସୃଷ୍ଟି ପାଇଁ କର୍ମଚାରୀମାନଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯାଉଛି।

ଦୀର୍ଘମିଆଦୀ ଧାରଣକ୍ଷମ ପରିବେଶ ଅନୁକୂଳ ବନ୍ଦର ବିକାଶ ପାଇଁ 'ସବୁଜ ବନ୍ଦର' ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି। ନିକଟ ଅତୀତରେ

ଭାରତୀୟ ସବୁଜ ଶକ୍ତି ସଂଘ ଦ୍ୱାରା ସେବା କ୍ଷେତ୍ରରେ ଉଲ୍ଲେଖନୀୟ ନବୀକରଣୀୟ ଶକ୍ତି ବ୍ୟବହାରକାରୀ ଭାବେ ବିଶାଖାପାଟଣା ବନ୍ଦର କର୍ତ୍ତୃପକ୍ଷଙ୍କୁ ବିଜେତା ଘୋଷିତ କରାଯାଇଛି । ଏହି ବନ୍ଦରରେ ବାର୍ଷିକ ୧.୨ ନିୟୁତି ୟୁନିଟ୍ ଶକ୍ତି ଉପଯୋଗ କରାଯାଉଥିବା ବେଳେ ଏହି ଶକ୍ତିର ଶତପ୍ରତିଶତ ଉତ୍ସ ହେଉଛି ସବୁଜ ଶକ୍ତି ।

ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ ଆମ ପ୍ରୟାସର ଉତ୍ସାଜନକ ଫଳାଫଳ ପଛରେ ରହିଛି ବିଭିନ୍ନ ସଂସ୍ଥା ମଧ୍ୟରେ ଉପଯୁକ୍ତ ସମନ୍ୱୟ- ସେ କେନ୍ଦ୍ର ବା ରାଜ୍ୟ ସରକାର ହୁଅନ୍ତୁ, ଅଥବା ବେସରକାରୀ ସଂସ୍ଥା କିମ୍ବା ସ୍ୱଚ୍ଛ ଭାରତର ସ୍ୱପ୍ନ ସାକାର କରିବାକୁ ଉଦ୍ୟତ ଏ ଦେଶର ଜନସାଧାରଣ । ୨୦୧୪ ମସିହାରେ ଆମେ ଆରମ୍ଭ କରିଥିବା ସ୍ୱଚ୍ଛ ଭାରତ ଅଭିଯାନ ଏକ କଷ୍ଟକର କାର୍ଯ୍ୟ ଥିଲା । କିନ୍ତୁ ଏହାର ୪ ବର୍ଷ ପରେ ଆମେ ସମସ୍ତ ଦେଶବାସୀ ସାମଗ୍ରିକ ଭାବେ ଗର୍ବ ଅନୁଭବ କରିପାରିବା ଯେ ଆମେ ଏ ଦିଗରେ ଅନେକ ବାଟ ଆଗେଇ ଆସିପାରିଛୁ ଏବଂ ଆହୁରି ସକାରାତ୍ମକ ଫଳ ମିଳିବାକୁ ଯାଉଛି ।



ସଫଳ କାହାଣୀ

## ଭାଇଭଉଣୀର ପବିତ୍ର ସମ୍ପର୍କର ଏକ ପ୍ରତୀକ ହେଉଛି ରକ୍ଷାବନ୍ଧନ

ଝାଡ଼ଖଣ୍ଡ ରାଜ୍ୟର ଗୋଡା ଜିଲ୍ଲା ଅନ୍ତର୍ଗତ ଏକ ନିର୍ଦ୍ଦିଷ୍ଟ ଗ୍ରାମରେ ଏହି ପର୍ବକୁ ସ୍ୱଚ୍ଛ ବନ୍ଧନ ପର୍ବ ଭାବେ ପାଳନ କରାଯାଇଥିଲା । ଜିଲ୍ଲାର ପାହାଡ଼ପୁର ଗ୍ରାମ ପଞ୍ଚାୟତ ଅଧିନରେ ଥିବା ରାମପୁର ଗ୍ରାମରେ ଏଭଳି କରାଯାଇଥିଲା । ଏହି ଗ୍ରାମଟି ଦୂରବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ । ଏହି ଗ୍ରାମର ପିଲାମାନେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ପ୍ରଥମରୁ ଅବଗତ ନଥିଲେ କିମ୍ବା ସେମାନେ ହାତ ଧୋଇବାର ମହତ୍ୱ ମଧ୍ୟ ବୁଝିନଥିଲେ । ବିଶେଷ ଭାବେ ଖାଇବା ପୂର୍ବରୁ ଏବଂ ଶୌଚ ହେଲା ପରେ ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ । ଏତଦ୍‌ବ୍ୟତୀତ ସେମାନେ କେହି କେବେ ପୂର୍ବରୁ ରକ୍ଷାବନ୍ଧନ ମଧ୍ୟ ପାଳନ କରିନଥିଲେ । ସେଠାରେ ସ୍ଥିତ ଏକ ଆବାସିକ ଆଦିବାସୀ ମାଧ୍ୟମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ସେଠାକାର ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା, ପରିମଳ, ହାତ ଧୋଇବା କାର୍ଯ୍ୟ ଏବଂ ପରିବେଶର ସ୍ୱଚ୍ଛତାକୁ ନେଇ ସଚେତନ କରାଯାଇଥିଲା । ସେମାନଙ୍କୁ କୁହାଯାଇଥିଲା ଯେ ସ୍ୱଚ୍ଛ ବନ୍ଧନ କେବଳ ଭଉଣୀ ଏବଂ ଭାଇମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ।

ଏଭଳି ସଚେତନ କରାଇସାରିଲା ପରେ ସ୍ୱଚ୍ଛ ବନ୍ଧନର ପ୍ରତୀକ ଥିବା ରାକ୍ଷୀକୁ ସେମାନେ ପରସ୍ପର ମଧ୍ୟରେ ବିନିମୟ କରିଥିଲେ । ସେମାନେ ଆଉ ମଧ୍ୟ ନିଜର ପରିସରକୁ ସଫାସୁତରା ରଖିବା ପାଇଁ ସ୍ୱଚ୍ଛତା ଶପଥ ନେଇଥିଲେ । ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ନିଜେ ନିବୃତ୍ତ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ସକାଶେ ସେମାନେ ନିଜର ସହମତି ପ୍ରକାଶ କରିଥିଲେ ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ, ଜାହାଜ ଚଳାଚଳ ଓ ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟର ମନ୍ତ୍ରୀ । E-mail:nitin.gadkari @nic.in**

# ସ୍ୱଚ୍ଛ ଓ ସୁସ୍ଥ ଭାରତ ପାଇଁ ଅଙ୍ଗୀକୃତ

ଧର୍ମେନ୍ଦ୍ର ପ୍ରଧାନ

> "ଏକ ଶହ ମହାତ୍ମା ଗାନ୍ଧୀ କିମ୍ବା ଏକହଜାର ଶ୍ରୀ ନରେନ୍ଦ୍ର ମୋଦି, ଏପରିକି ସବୁ ମୁଖ୍ୟମନ୍ତ୍ରୀ ଓ ସରକାର ଏକାଠି ହେଲେ ମଧ୍ୟ ସ୍ୱଚ୍ଛତା ହାସଲ କରିପାରିବେ ନାହିଁ; କିନ୍ତୁ ୧୨୫ କୋଟି ଭାରତୀୟ ଯଦି ଏକାଠି ମିଶି ଏ କ୍ଷେତ୍ରରେ କାମ କରନ୍ତି, ସେହି ସ୍ୱପ୍ନ ସହଜରେ ସାକାର ହୋଇପାରିବ।"
>
> ■ ଶ୍ରୀ ନରେନ୍ଦ୍ର ମୋଦି, ମାନ୍ୟବର ପ୍ରଧାନମନ୍ତ୍ରୀ, ଭାରତ

୨୦୧୪ ଅକ୍ଟୋବର ୨ ତାରିଖ ଗାନ୍ଧୀଜୟନ୍ତୀର ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯେତେବେଳେ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କଲେ, ସେତେବେଳେ ସେ ବୋଧହୁଏ ଲିଖିତ ଇତିହାସର ଅନ୍ୟତମ ଶ୍ରେଷ୍ଠ ସାମାଜିକ ଅଭିଯାନ ଆରମ୍ଭ କରିଥିଲେ। ଏହା ପୂର୍ବରୁ ଏକଶହ କୋଟି ଲୋକ ଏକ ସାଧାରଣ ଲକ୍ଷ୍ୟ ହାସଲରେ ଏତେ କମ୍ ସମୟରେ କେବେ ଏକଜୁଟ ହୋଇ ନ ଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଏକ ପରିକଳ୍ପନାରୁ ପରିବର୍ତ୍ତନର ଏକ ବିରାଟ ଜନଆନ୍ଦୋଳନରେ ପରିଣତ ହେବାର ଚାରିବର୍ଷ ବିତିଗଲାଣି। ସ୍ୱଚ୍ଛତା କ୍ଷେତ୍ରରେ ଆମେ ଏକଦା ବହୁ ପଛରେ ପଡ଼ିଥିଲେ। ଏହି ଅଭିଯାନ ଆରମ୍ଭ ହେବା ପରେ ଦେଶର ବିଭିନ୍ନ ଅଞ୍ଚଳରେ ପରିଷ୍କାର, ପରିଚ୍ଛନ୍ନତା ବଢ଼ିଛି। ଏକ ସରକାରୀ ତଥ୍ୟ ଅନୁସାରେ ୨୦୧୪ରେ ଦେଶର ପରିଚ୍ଛନ୍ନତା ହାର ୩୮ ଶତାଂଶ ଥିବାବେଳେ ୨୦୧୮ରେ ଏହା ୯୦ ଶତାଂଶକୁ ବୃଦ୍ଧି ପାଇଛି। ଏହି ଚାରି ବର୍ଷ ମଧ୍ୟରେ ୯କୋଟିରୁ ଅଧିକ ଶୌଚାଳୟ ନିର୍ମିତ ହୋଇଛି ଏବଂ ୪.୫ ଲକ୍ଷ ରୁ ଅଧିକ ଗାଁକୁ ବାହ୍ୟ ମଳତ୍ୟାଗ ମୁକ୍ତ (ଓଡିଏଫ୍) ଘୋଷଣା କରାଯାଇଛି। କୋଟି କୋଟି ଲୋକ ଏବେ ଶୌଚ ପାଇଁ ବାହାରକୁ ନଯାଇ ଶୌଚାଳୟର ସୁବିଧା ପାଇଛନ୍ତି। ଶୌଚାଳୟ, ସ୍ୱଚ୍ଛ ପାନୀୟ ଜଳ ଓ ପରିଚ୍ଛନ୍ନ ପରିବେଶ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟକର ବାତାବରଣ ଯୋଗାଇ ଦେଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତ୍ୟତମ ତଥ୍ୟ ଅନୁସାରେ ସ୍ୱଚ୍ଛଭାରତ ଅଭିଯାନ ୨୦୧୪ରୁ ୨୦୧୯ ମଧ୍ୟରେ ଭାରତରେ ତିନି ଲକ୍ଷରୁ ଅଧିକ ଲୋକଙ୍କ ଅକାଳ ମୃତ୍ୟୁକୁ ରୋକିବାରେ ସହାୟକ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ସ୍ୱଚ୍ଛଭାରତ ବ୍ୟକ୍ତିଗତ ସ୍ୱଚ୍ଛତା ଓ ସ୍ୱସ୍ଥତା ଆଣିବା ସହ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ବାହକରେ ପରିଣତ ହୋଇଛି।




ମୁଁ ବ୍ୟକ୍ତିଗତ ଭାବେ ଓ ଭାରତ ସରକାରଙ୍କ ତୈଳ, ପ୍ରାକୃତିକ ବାଷ୍ପ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସ୍ୱଚ୍ଛ ଭାରତ ଅଭିଯାନର ଲକ୍ଷ୍ୟ ପୂରଣ ପାଇଁ ଅଙ୍ଗୀକୃତ। ଏହି ଦୁଇ ମନ୍ତ୍ରଣାଳୟ ଏହି ଅଭିଯାନର ସଫତା ପାଇଁ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରୁଛି ଏବଂ ଆବଶ୍ୟକ ସମ୍ବଳ ଯୋଗାଇ ଦେବାରେ ଲାଗିଛି। ନୀତିରେ ଯୁଗାନ୍ତକାରୀ ପରିବର୍ତ୍ତନ ଏବଂ ପ୍ରତିବଦ୍ଧ ପ୍ରୟାସ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭାରତର ଆଧାରଶୀଳା ସ୍ଥାପନ କରିଛି। ସ୍ୱଚ୍ଛ ଭାରତ ପାଇଁ ଯେଉଁ ଆନ୍ତଃ ମନ୍ତ୍ରଣାଳୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି ତାହା ଏହି କାର୍ଯ୍ୟକ୍ରମ ପାଇଁ ସମ୍ବଳ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିଥାଏ। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଚତୁର୍ଥ ସର୍ବାଧିକ ଅର୍ଥ ଯୋଗାଇ ଦେଉଛି। ୨୦୧୭-୧୮ରେ ମନ୍ତ୍ରଣାଳୟକୁ ଏବାବଦରେ ୩୩୫.୬୮

ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ଲକ୍ଷ୍ୟ ଥିବାବେଳେ ୪୦୨ କୋଟି ଟଙ୍କା ବ୍ୟୟ କରାଯାଇ ୧୨୦ ଶତାଂଶ ସଫଳତା ହାସଲ କରାଯାଇଛି।

ତୈଳ ଓ ଗ୍ୟାସ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମୂହ ଏବଂ ସେମାନଙ୍କର ମିଳିତ ସହଯୋଗରେ ଚାଲୁଥିବା ପ୍ରତିଷ୍ଠାନ ମାନ ନିଜର କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମରେ ସ୍ୱଚ୍ଛଭାରତ ଅଭିଯାନରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହି ଅଭିଯାନକୁ ଏକ ସାମାଜିକ ଓ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ସେମାନେ ମଧ୍ୟ ନାନାବିଧ ପଦକ୍ଷେପ ନେଉଛନ୍ତି। ୨୦୧୪ରୁ ଏ ପର୍ଯ୍ୟନ୍ତ ଏ କ୍ଷେତ୍ରରେ ଆମେ କେତେକ ପ୍ରଗତି କରିଛୁ ସେ ସମ୍ପର୍କରେ ଆପଣଙ୍କ ସହ ଭାଗୀଦାର ହେବାକୁ ମୁଁ ଏହାକୁ ଏକ ସୁଯୋଗ ମନେ କରୁଛି। ଏହା ଅଦମ୍ୟ ଇଚ୍ଛାଶକ୍ତି, ଅଭିନବତା ଓ ଧୈର୍ଯ୍ୟର ଏକ କାହାଣୀ ଯାହା ଏହି ଦୁଇ ମନ୍ତ୍ରଣାଳୟର କର୍ମଚାରୀ ପ୍ରଦର୍ଶନ କରି ସ୍ୱଚ୍ଛ ଭାରତ ଓ ସ୍ୱସ୍ଥ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଆଗେଇ ଆସିଛନ୍ତି।

> ମୁଁ ବ୍ୟକ୍ତିଗତ ଭାବେ ଓ ଭାରତ ସରକାରଙ୍କ ତୈଳ, ପ୍ରାକୃତିକ ବାଷ୍ପ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସ୍ୱଚ୍ଛ ଭାରତ ଅଭିଯାନର ଲକ୍ଷ୍ୟ ପୂରଣ ପାଇଁ ଅଙ୍ଗୀକୃତ। ଏହି ଦୁଇ ମନ୍ତ୍ରଣାଳୟ ଏହି ଅଭିଯାନର ସଫତା ପାଇଁ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରୁଛି ଏବଂ ଆବଶ୍ୟକ ସମ୍ବଳ ଯୋଗାଇ ଦେବାରେ ଲାଗିଛି। ନୀତିରେ ଯୁଗାନ୍ତକାରୀ ପରିବର୍ତ୍ତନ ଏବଂ ପ୍ରତିବଦ୍ଧ ପ୍ରୟାସ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭାରତର ଆଧାରଶୀଳା ସ୍ଥାପନ କରିଛି। ସ୍ୱଚ୍ଛ ଭାରତ ପାଇଁ ଯେଉଁ ଆନ୍ତଃ ମନ୍ତ୍ରଣାଳୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି ତାହା ଏହି କାର୍ଯ୍ୟକ୍ରମ ପାଇଁ ସମ୍ବଳ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିଥାଏ।




ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକର ପେଟ୍ରୋଲ ପମ୍ପ ଦେଶର କୋଣ ଅନୁକୋଣରେ ବିସ୍ତାରିତ ହୋଇରହିଛି। ଏହା ତୈଳ ବିତରଣ କ୍ଷେତ୍ରରେ ଦେଶର ସବୁଠୁ ଗହନ ନେଟୱାର୍କ। ପ୍ରତିଦିନ ଅଗଣିତ ଭାରତୀୟ ଇନ୍ଧନ ପାଇଁ ଏସବୁ ପମ୍ପରେ ନିଜର ଗାଡ଼ି ଲଗାଇଥାନ୍ତି। ଅତଏବ ପେଟ୍ରୋଲ ପମ୍ପଗୁଡ଼ିକରେ ଆବଶ୍ୟକ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଅଗଣିତ ଲୋକଙ୍କ କଲ୍ୟାଣ ସାଧନ କରିପାରିବ। ତାହାକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଭାରତ ଯୋଜନାରେ ପେଟ୍ରୋଲ ପମ୍ପରେ ପରିଷ୍କାର ଶୌଚାଳୟ, ସ୍ୱଚ୍ଛ ପାନୀୟଜଳ ଯୋଗାଣ ଓ ବର୍ଜ୍ୟବସ୍ତୁ ପକାଇବାର ବ୍ୟବସ୍ଥା କରାଯାଇଛି। ଏହି ଲେଖା ଲେଖିବା ବେଳକୁ ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ଦ୍ୱାରା ପରିଚାଳିତ ମୋଟ ୫୬,୬୦୧ ପେଟ୍ରୋଲ ପମ୍ପ ମଧ୍ୟରୁ ୫୫,୭୮୪ଟିରେ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମହିଳା ଓ ଶିଶୁଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା କରାଯାଇଛି ଓ ୨୦୧୮ ସେପ୍ଟେମ୍ବର ସୁଦ୍ଧା ଜାତୀୟ ଓ ରାଜ୍ୟରାଜପଥରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକ ମଧ୍ୟରୁ ୯୦ ଭାଗରେ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟମାନ ଖୋଲାଯାଇଛି। ଦେଶର ପେଟ୍ରୋଲ ପମ୍ପଗୁଡ଼ିକର ପରିଚ୍ଛନ୍ନତା ଓ ପରିବେଶ ଜାଣିବା ପାଇଁ swachhta@petrolpump ନାମରେ ଏକ ଆପ୍ ପ୍ରବର୍ତ୍ତନ କରାଯାଇଛି। ଏହା ବ୍ୟବହାର କରିବାକୁ ସହଜ ଏବଂ ଏଥିରୁ ଲୋକେ ପେଟ୍ରୋଲ ପମ୍ପର ସ୍ୱଚ୍ଛତା ସମ୍ପର୍କରେ ଆବଶ୍ୟକ ତଥ୍ୟ ପାଇପାରିବେ।

ଅନାଦି କାଳରୁ ମହିଳାମାନେ ଏ ଦେଶରେ ଖାଦ୍ୟ ପ୍ରସ୍ତୁତି ପାଇଁ ଧୂଆଁ ଭର୍ତ୍ତି ରୋଷେଇ ଘରେ ନିଜକୁ ଅଣନିଶ୍ୱାସୀ କରିବାକୁ ବାଧ୍ୟ ହେଉଥିଲେ। କାଠ, ଘସି ଓ କୁଟାକାଠି ଜଳେଣିରୁ ନିର୍ଗତ ଧୂଆଁ ଯୋଗୁଁ ସେମାନେ ଅସୁସ୍ଥ ହେବା ସହିତ ଘରର ପରିବେଶ ମଧ୍ୟ ଦୂଷିତ ହେଉଥିଲା। ଏହାର କୁପ୍ରଭାବ ଅଧିକ ପଡୁଥିଲା ମହିଳା ଓ ଶିଶୁମାନଙ୍କ ଉପରେ। ଜାଳେଣି ପାଇଁ କାଠର ବ୍ୟବହାର କେବଳ ଜଙ୍ଗଲ ସମ୍ପଦ ଉପରେ ଚାପ ବଢ଼ାଉ ନ ଥିଲା, ରୋଷେଇ ପାଇଁ ଦୀର୍ଘ ସମୟ ଚୁଲି ପାଖରେ ଏକ ପ୍ରକାର ବନ୍ଧା ପଡୁଥିବା ମହିଳାମାନେ ରୋଜଗାର ପାଇଁ ବାହାରକୁ ଗୋଡ଼ କାଢ଼ିବାକୁ ସମୟ ପାଉ ନ ଥିଲେ। ଏହା ଫଳରେ ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି କ୍ଷୁଣ୍ଣ ହେଉଥିଲା। ମହିଳାମାନଙ୍କର ଏସବୁ ଦୁଃସ୍ଥିତ ଅନୁଭବ କରି ଏହାର ଅବସାନ ପାଇଁ ପ୍ରଧାନମନ୍ତ୍ରୀ ଦେଶର ଗରିବ ଓ ଅନଗ୍ରସର ବର୍ଗର ଲୋକଙ୍କୁ ରନ୍ଧନ ଗ୍ୟାସ୍ ସଂଯୋଗ ଯୋଗାଇ ଦେବାର ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହା ଦେଶରେ 'ନୀଳ ଜ୍ୟୋତି' ଆନ୍ଦୋଳନର ଅୟମାରମ୍ଭ କରିଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ପରିଚିତ ଏହି କାର୍ଯ୍ୟକ୍ରମ ୨୦୧୬ ମଇ

ପହିଲାରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଏହି ଯୋଜନାରେ ଗରିବ, ଅନଗ୍ରସର, ତଫସିଲଭୁକ୍ତ ଜାତି, ଉପଜାତି ବର୍ଗର ୫.୫୧ କୋଟିରୁ ଅଧିକ ମହିଳାଙ୍କୁ ମାଗଣା ଗ୍ୟାସ୍ ଓ ଚୁଲା ଯୋଗାଇ ଦିଆଗଲାଣି। ଏହି ଯୋଜନା ଦ୍ୱାରା ସଂପୃକ୍ତ ପରିବାରଙ୍କ ଉନ୍ନତିର ସଫଳ କାହାଣୀରେ ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୦ ସୁଦ୍ଧା ଆଉ ଆଠକୋଟି ଏଭଳି ଦରିଦ୍ର ଓ ବଞ୍ଚିତ ପରିବାରଙ୍କୁ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସ୍ୱାଧୀନତାଠାରୁ ୨୦୧୪ ଯାଏ ଦେଶରେ ଗ୍ୟାସ୍ ଚୁଲା ବ୍ୟବହାର କରୁଥିବା ପରିବାରଙ୍କ ହାର ୫୪ ଶତାଂଶ ଥିଲା। ୨୦୧୮ରେ ଏହି ଲେଖା ଲେଖିବା ବେଳକୁ ଏହି ହାର ୮୮ ଶତାଂଶରେ ପହଞ୍ଚିଛି। ପରିବେଶ ସୁରକ୍ଷା କ୍ଷେତ୍ରରେ ଏହି ଯୋଜନା କେତେ ସହାୟକ ହେବ ଏଥିରୁ ତାହା ସହଜେ ଅନୁମେୟ।

ଭାରତର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେଉଥିବାରୁ ପରିବହନ ପାଇଁ ମୁଖ୍ୟତଃ ବ୍ୟବହୃତ ହେଉଥିବା ପେଟ୍ରୋଲିୟମ ବାୟୁ ପ୍ରଦୂଷଣକୁ ବଢ଼ାଇଛି। ପ୍ୟାରିସ ଜଳବାୟୁ ଚୁକ୍ତି (ସିଓପି ୨୧)ରେ ଭାରତ ସ୍ୱାକ୍ଷର କରିଥିବାରୁ ଏହାର ସର୍ତ୍ତରକ୍ଷା କରି ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହ ତୈଳର ଇନ୍ଧନ ଦକ୍ଷତା ବୃଦ୍ଧି ପାଇଁ ଅଙ୍ଗୀକୃତ। ଏହାକୁ ଦୃଷ୍ଟିରେ ରଖି ଭାରତ ତରଳ ଇନ୍ଧନର ମାନ ବୃଦ୍ଧି କରିବା ସହ ମୋଟର ଗାଡ଼ିରେ ବ୍ୟବହୃତ ଇଞ୍ଜିନ୍‌ର ଉନ୍ନତିକରଣ ସହ ପ୍ରଦୂଷଣ ମାତ୍ରା କମାଉଛି। ଏହି ପ୍ରକ୍ରିୟା ଭାରତ ଷ୍ଟେଜ୍ (ବିଏସ୍) ନାମରେ ପରିଚିତ। ତଦନୁସାରେ ୨୦୧୭ ଏପ୍ରିଲରୁ ଦେଶର ସବୁ ପେଟ୍ରୋଲ ପମ୍ପରେ ଚତୁର୍ଥ ପର୍ଯ୍ୟାୟ ବିଏସ୍ (ବିଏସ୍ IV) ନିୟମ ଲାଗୁ ହୋଇଛି। ଏହା ସହିତ ଇନ୍ଧନ ନୀତିରେ ପରିବର୍ତ୍ତନ ଆଣି ଅଧିକ ଦକ୍ଷ ଓ କମ୍ ପ୍ରଦୂଷଣକାରୀ ପେଟ୍ରୋଲିୟମ୍ ସାମଗ୍ରୀ ଯୋଗାଇ ସରକାର ଦୁଇ ପାଦ ଆଗକୁ ବଢ଼ି ବିଏସ୍ VI ବା ଭାରତ ଷ୍ଟେଜ୍ ଷଷ୍ଠ ପର୍ଯ୍ୟାୟକୁ ଲମ୍ଫ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଏସ୍ VI ଇନ୍ଧନ ବର୍ତ୍ତମାନର ଇନ୍ଧନଠାରୁ କମ୍ ପ୍ରଦୂଷଣକାରୀ ଏବଂ ଏହା ବୈଶ୍ୱିକ ମାନ ୟୁରୋ VI ସହ ସମାନ। ପରୀକ୍ଷାମୂଳକ ଭାବେ ଦିଲ୍ଲୀରେ ୨୦୧୮ ଏପ୍ରିଲରୁ ବିଏସ୍ VI ମାନର ଇନ୍ଧନ ଯୋଗାଣ ଆରମ୍ଭ ହୋଇଛି। ୨୦୨୦ ଏପ୍ରିଲରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେବ।

ତୈଳ ଓ ଗ୍ୟାସ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମୂହ ଏବଂ ସେମାନଙ୍କର ମିଳିତ ସହଯୋଗରେ ଚାଲୁଥିବା ପ୍ରତିଷ୍ଠାନ ମାନ ନିଜର କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମରେ ସ୍ୱଚ୍ଛଭାରତ ଅଭିଯାନରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହି ଅଭିଯାନକୁ ଏକ ସାମାଜିକ ଓ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ସେମାନେ ମଧ୍ୟ ନାନାବିଧ ପଦକ୍ଷେପ ନେଉଛନ୍ତି। ୨୦୧୪ରୁ ଏ ପର୍ଯ୍ୟନ୍ତ ଏ କ୍ଷେତ୍ରରେ ଆମେ କେତେକ ପ୍ରଗତି କରିଛୁ ସେ ସମ୍ପର୍କରେ ଆପଣଙ୍କ ସହ ଭାଗୀଦାର ହେବାକୁ ମୁଁ ଏହାକୁ ଏକ ସୁଯୋଗ ମନେ କରୁଛି। ଏହା ଅଦମ୍ୟ ଇଚ୍ଛାଶକ୍ତି, ଅଭିନବତା ଓ ଧୈର୍ଯ୍ୟର ଏକ କାହାଣୀ ଯାହା ଏହି ଦୁଇ ମନ୍ତ୍ରଣାଳୟର କର୍ମଚାରୀ ପ୍ରଦର୍ଶନ କରି ସ୍ୱଚ୍ଛ ଭାରତ ଓ ସ୍ୱସ୍ଥ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଆଗେଇ ଆସିଛନ୍ତି।

ଦେଶର ଦ୍ରୁତ ଅର୍ଥନୈତିକ ବିକାଶ ଓ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ଭାରସାମ୍ୟ ରକ୍ଷା କରିବାକୁ ହେଲେ ଜୈବ ଇନ୍ଧନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିବ। ଏବେ ଆମେ କୃଷି ଭିତ୍ତିକ ଅର୍ଥନୀତିକୁ ଅତିକ୍ରମ କରିଥିଲେ ହେଁ ନିୟୁତ ନିୟୁତ ଲୋକ ତଥାପି ଜୀବିକାର୍ଜନ ପାଇଁ ଆଜି ମଧ୍ୟ କୃଷି ଉପରେ ନିର୍ଭରଶୀଳ। ଅନେକ ପାଠକ ଦେଶର ଉତ୍ତରାଞ୍ଚଳରେ ଫସଲ ଅବଶେଷରେ ଚାଷୀ ନିଆଁ ଲଗାଇ ପୋଡ଼ିବା ଘଟଣା ବିଷୟରେ ଅବଗତ ଥିବେ। ନଡ଼ା, କୁଟା, ଛଣ ଓ ଘାସ ଆଦିକୁ ଚାଷୀ ଫସଲ ଅମଳପରେ ଜମିରେ ପୋଡ଼ିବା ଦ୍ୱାରା ତାହାର ଧୂଆଁ ଯୋଗୁଁ ବ୍ୟାପକ ଅଞ୍ଚଳରେ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଫସଲର ଅବଶେଷ ପୋଡ଼ିବା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ସହ ଚାଷୀଙ୍କୁ



ଏ କ୍ଷେତ୍ରରେ କିଛି ଅତିରିକ୍ତ ରୋଜଗାର ଦେବା ପାଇଁ ଭାରତ ସରକାର ୨୦୧୮ରେ ଜାତୀୟ ଜୈବ ଇନ୍ଧନ ନୀତିକୁ ଅନୁମୋଦନ କରିଛନ୍ତି। ଏହି ନୀତି ଅନୁସାରେ ଦେଶରେ ୧୨ଟି ଦ୍ୱିତୀୟ ପିଢ଼ିର ଜୈବ ବିଶୋଧନାଗାର ପ୍ରତିଷ୍ଠା କରାଯାଇ ଫସଲ ଅବଶେଷରୁ ଜୈବ-ଇଥାନଲ୍ ଉତ୍ପାଦନ କରାଯିବ। ଏପର୍ଯ୍ୟନ୍ତ ଆମେ ପେଟ୍ରୋଲରେ ୪ ଶତାଂଶ ଇଥାନଲ ମିଶାଇବାରେ ସଫଳ ହୋଇଛୁ। ଏହା ଫଳରେ ୭.୮ ନିୟୁତ ଟନ୍ କ୍ଷତିକାରକ ଗ୍ରୀନ୍‌ହାଉସ୍ ଗ୍ୟାସ୍ ଉତ୍ପାଦନ କମ୍ ହୋଇଛି। ପେଟ୍ରୋଲରେ ଇଥାନଲ ମିଶ୍ରଣ ଫଳରେ ତୈଳ ଆମଦାନୀ ବାବଦରେ ଭାରତ ୧୫୨୦ ନିୟୁତ ଡଲାର ବୈଦେଶିକ ବିନିମୟ ମୁଦ୍ରା ବଞ୍ଚାଇବାରେ ସଫଳ ହୋଇଛି। ଆମେ ପେଟ୍ରୋଲରେ ୧୦ଶତାଂଶ ଇଥାନଲ ମିଶାଇବାର ଲକ୍ଷ୍ୟ ରଖି ସେ ଦିଗରେ କାର୍ଯ୍ୟ କରୁଛୁ। ସେହିଭଳି ବ୍ୟବହୃତ ଖାଇବା ତେଲକୁ ବାୟୋଡିଜେଲର ଏକ ସମ୍ଭାବ୍ୟ କଞ୍ଚାମାଲ୍ ଭାବେ ବ୍ୟବହାର କରିବାର ଅପାର ସୁଯୋଗ ରହିଛି। ଏହାଦ୍ୱାରା ଇନ୍ଧନ ଉତ୍ପାଦନ ବଢ଼ିବା ସହ ଖାଦ୍ୟ ଶିଳ୍ପରେ ଏହି ବ୍ୟବହୃତ ଖାଇବା ତେଲର ଅପବ୍ୟବହାରକୁ ରୋକିହେବ। ଏହି ବ୍ୟବସ୍ଥା ମଧ୍ୟ ନୂଆ ନିଯୁକ୍ତି ସୃଷ୍ଟିରେ ଅବଦାନ ଯୋଗାଇବ। ୨୦୧୪ରୁ ପେଟ୍ରୋଲିୟମ ଓ ଗ୍ୟାସ୍ ମନ୍ତ୍ରଣାଳୟ ସୌର ଏବଂ ପବନ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ କେତେକ ଯୋଜନା ଜୋରସୋର୍‌ରେ ଚଳାଇଛି। ଏହି ମନ୍ତ୍ରଣାଳୟ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ପବନ ଶକ୍ତି ଉତ୍ପାଦନ ଦକ୍ଷତା ୨୦୧୦ରୁ ୧୪ ମଧ୍ୟରେ ୨୯୯.୬୦ ମେଗାୱାଟ ଥିଲା। ୨୦୧୪ ରୁ ୧୮ ମଧ୍ୟରେ ଏହା ୩୬୯.୮୦ ମେଗାୱାଟରେ ପହଞ୍ଚିଛି। ସେହିଭଳି ଏହି ସମୟରେ ଏସବୁ ସଂସ୍ଥାଙ୍କ ସୌରଶକ୍ତି ଉତ୍ପାଦନ କ୍ଷମତା ୧୫.୬୩ ମେଗାୱାଟରୁ ୭୦.୮୭ ମେଗାୱାଟ ହୋଇଛି।

ତୈଳ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରାୟତ୍ତ ସଂସ୍ଥା ସମୂହ ଦେଶର ସବୁଠୁ ଲାଭକାରୀ ନିଗମ। ଏହିସବୁ ନିଗମ ନିଜର ସିଏସ୍ଆର୍ ପାଣ୍ଠିରୁ ୩୩ଶତାଂଶ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ବ୍ୟୟ କରିବାକୁ ସଂକଳ୍ପବଦ୍ଧ। ସେସବୁ ସଂସ୍ଥା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ନିମନ୍ତେ ଆର୍ଥିକ ସହାୟତା ଯୋଗାଇବା ସହ ଏହାର କାର୍ଯ୍ୟକାରିତାରେ ସହଭାଗୀ ହୋଇଛନ୍ତି। ସ୍ୱଚ୍ଛଭାରତ ଅଭିଯାନର ଉପଯୋଜନା, ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନରେ ଏସବୁ ନିଗମ ୨୧,୭୫୦ ସ୍କୁଲରେ ଶୌଚାଳୟ ନିର୍ମାଣ କରିଛନ୍ତି। ସେଥିମଧ୍ୟରୁ ୯୫ ଶତାଂଶ ଗ୍ରାମାଞ୍ଚଳରେ ଅବସ୍ଥିତ। ପାଞ୍ଚଲକ୍ଷରୁ ଅଧିକ ବାଳିକା ଏସବୁ ଶୌଚାଳୟ ବ୍ୟବହାର କରୁଛନ୍ତି। ସ୍କୁଲରେ ସ୍ୱଚ୍ଛ ବାତାବରଣ ଯୋଗୁଁ ପିଲାଙ୍କ ଅଧାରୁ ପାଠ ଛାଡ଼ିବା (ଡ୍ରପ୍ ଆଉଟ୍) ହାର କମିଛି। ଅତଏବ ସ୍ୱଚ୍ଛଭାରତ ସଶକ୍ତୀକରଣ ଓ ଶିକ୍ଷାର ରାସ୍ତା ଖୋଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ଇତିହାସ ଏହାର କୀର୍ତ୍ତିରାଜୀ ସମୂହରେ ଗୌରବାନ୍ୱିତ ହୋଇ ସଂରକ୍ଷିତ। ତେବେ ଏସବୁ କୀର୍ତ୍ତିରାଜୀ ଓ ଐତିହ୍ୟସ୍ଥଳକୁ ପ୍ରତିଦିନ ବହୁ ଦର୍ଶକ ଆସିବାରୁ ସେସବୁ ଆବର୍ଜନାମୟ ଓ ଅପରିଷ୍କାର। ଏକଥା ଆମେ ଦେଖି ଆସୁଛୁ। ତେଣୁ ଏସବୁ ସ୍ଥଳର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ଆମ ମନ୍ତ୍ରଣାଳୟ ଏଭଳି ୧୦ଟି ଐତିହାସିକ, ଧାର୍ମିକ ଓ ଐତିହ୍ୟସ୍ଥଳକୁ ଚିହ୍ନଟ କରି ତାହାର ପରିଚ୍ଛନ୍ନତା ଓ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି। ସେସବୁ ହେଲା ତିରୁମଳା ତିରୁପତି ଦେବସ୍ଥାନ, କାମାଖ୍ୟା ମନ୍ଦିର, ତାଜମହଲ, ବୈଷ୍ଣୋଦେବୀ ମନ୍ଦିର, ମୀନାକ୍ଷୀ ମନ୍ଦିର, ସ୍ୱର୍ଣ୍ଣମନ୍ଦିର, ଗଙ୍ଗୋତ୍ରୀ, ଯମୁନୋତ୍ରୀ, ଗୟା ଓ କଲାଡ଼ି।

ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ମଧ୍ୟରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ତାଞ୍ଜାବୁରର ବଣ୍ଡିକୁଟରେ କାର୍ଯ୍ୟକାରୀ ହେଉଥିବା ରୋବୋଟିକ ମ୍ୟାନ୍‌ହୋଲ୍ କ୍ଲିନ୍‌ର ବ୍ୟବସ୍ଥା ସବୁଠୁ ସ୍ୱତନ୍ତ୍ର ଓ ଉଲ୍ଲେଖନୀୟ। ଏକ ଅଭିନବ ଉପାୟରେ ଯନ୍ତ୍ରମାନବ ଓ ରୋବୋର୍ଟ ସାହାଯ୍ୟରେ ମାଟି ତଳେ ଥିବା ନର୍ଦ୍ଦମା, ମଇଳା ନାଳକୁ ସଫା କରାଯାଉଛି। ପୂର୍ବରୁ ମଣିଷ ମ୍ୟାନ୍‌ହୋଲ୍ ଦେଇ ଏହି ନଳା ଭିତରକୁ ପଶି ଏହାକୁ ସଫା କରୁଥିଲା। ସେହିଭଳି ଓଏନ୍‌ଜିସି

ଭାରତର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେଉଥିବାରୁ ପରିବହନ ପାଇଁ ମୁଖ୍ୟତଃ ବ୍ୟବହୃତ ହେଉଥିବା ପେଟ୍ରୋଲିୟମ ବାୟୁ ପ୍ରଦୂଷଣକୁ ବଢ଼ାଇଛି। ପ୍ୟାରିସ ଜଳବାୟୁ ଚୁକ୍ତି (ସିଓପି ୨୧)ରେ ଭାରତ ସ୍ୱାକ୍ଷର କରିଥିବାରୁ ଏହାର ସର୍ତ୍ତରକ୍ଷା କରି ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହ ତୈଳର ଇନ୍ଧନ ଦକ୍ଷତା ବୃଦ୍ଧି ପାଇଁ ଅଙ୍ଗୀକୃତ। ଏହାକୁ ଦୃଷ୍ଟିରେ ରଖି ଭାରତ ତରଳ ଇନ୍ଧନର ମାନ ବୃଦ୍ଧି କରିବା ସହ ମୋଟର ଗାଡ଼ିରେ ବ୍ୟବହୃତ ଇଞ୍ଜିନ୍‌ର ଉନ୍ନତିକରଣ ସହ ପ୍ରଦୂଷଣ ମାତ୍ରା କମାଉଛି। ଏହି ପ୍ରକ୍ରିୟା ଭାରତ ଷ୍ଟେଜ୍ (ବିଏସ୍) ନାମରେ ପରିଚିତ। ତଦନୁସାରେ ୨୦୧୭ ଏପ୍ରିଲରୁ ଦେଶର ସବୁ ପେଟ୍ରୋଲ ପମ୍ପରେ ଚତୁର୍ଥ ପର୍ଯ୍ୟାୟ ବିଏସ୍ (ବିଏସ୍ ଓ୦) ନିୟମ ଲାଗୁ ହୋଇଛି। ଏହା ସହିତ ଇନ୍ଧନ ନୀତିରେ ପରିବର୍ତ୍ତନ ଆଣି ଅଧିକ ଦକ୍ଷ ଓ କମ୍ ପ୍ରଦୂଷଣକାରୀ ପେଟ୍ରୋଲିୟମ୍ ସାମଗ୍ରୀ ଯୋଗାଇ ସରକାର ଦୁଇ ପାଦ ଆଗକୁ ବଢ଼ି ବିଏସ୍ ୦ଓ ବା ଭାରତ ଷ୍ଟେଜ୍ ଷଷ୍ଠ ପର୍ଯ୍ୟାୟକୁ ଲମ୍ଫ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଏସ୍ ୦ଓ ଇନ୍ଧନ ବର୍ତ୍ତମାନର ଇନ୍ଧନଠାରୁ କମ୍ ପ୍ରଦୂଷଣକାରୀ ଏବଂ ଏହା ବୈଶ୍ୱିକ ମାନ ୟୁରୋ ୦ଓ ସହ ସମାନ। ପରୀକ୍ଷାମୂଳକ ଭାବେ ଦିଲ୍ଲୀରେ ୨୦୧୮ ଏପ୍ରିଲରୁ ବିଏସ୍ ୦ଓ ମାନର ଇନ୍ଧନ ଯୋଗାଣ ଆରମ୍ଭ ହୋଇଛି। ୨୦୨୦ ଏପ୍ରିଲରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେବ।

ପକ୍ଷରୁ ରାଜସ୍ଥାନ ଓ ଗୁଜରାଟରେ କେତେକ ଇନ୍‌ସାଇନେରଟର ସ୍ଥାପନ କରାଯାଇଛି। ଏହି ଯନ୍ତ୍ର ମହିଳାଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ସାନିଟାରୀ ନାପ୍‌କିନ୍ ସବୁକୁ ସଂଗ୍ରହ କରିବା ସହ ଏହାକୁ ଜୈବିକ ଉପାୟରେ ନଷ୍ଟ କରୁଛି। ଏହାଛଡ଼ା ଓଏନ୍‌ଜିସି ପକ୍ଷରୁ ଆସାମ, ଝାଡ଼ଖଣ୍ଡ ଓ ତ୍ରିପୁରାରେ ତିନିଟି ପାଣି ଏଟିଏମ୍ ଓ ଆର୍‌ଓ ଜଳ ବିଶୋଧକ ଲଗାଯାଇଛି। ଏହା ଫଳରେ ଏକ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି। ଭାରତ ପେଟ୍ରୋଲିୟମ କର୍ପୋରେସନ ପକ୍ଷରୁ ତାମିଲନାଡୁର ଅୱାଡ଼ି ଏବଂ ପୁନାମାଲିଠାରେ ୩୩ଟି କ୍ଷୁଦ୍ର କମ୍ପୋଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହା ସାହାଯ୍ୟରେ ଦୈନିକ ୧୭୪ ମେଟ୍ରିକଟନ୍ ବର୍ଜ୍ୟବସ୍ତୁରୁ କମ୍ପୋଷ୍ଟ ସାର ଉତ୍ପାଦିତ ହେଉଛି। ଟାଟା ଟ୍ରଷ୍ଟ ସହଯୋଗରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ୍ ୩୦୦ ସ୍କୁଲରେ ୫୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ସଫେଇ (ୱାଶିଂ) ଯନ୍ତ୍ର ସ୍ଥାପନ ବ୍ୟବସ୍ଥା କରୁଛି। ଏହାଛଡ଼ା ଦୁଇ ଗାତ ବିଶିଷ୍ଟ ଶୌଚାଳୟ ନିର୍ମାଣ ପାଇଁ ୫୦ ହଜାରରୁ ଅଧିକ ରାଜମିସ୍ତ୍ରିଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିବାକୁ ଦକ୍ଷତା ବିକାଶ ମନ୍ତ୍ରଣାଳୟ ମଧ୍ୟ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ସହ ଚୁକ୍ତିବଦ୍ଧ ହୋଇଛି। ବର୍ଜ୍ୟବସ୍ତୁ ପରିଚାଳନାରେ ଲୋକଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ତାଲିମ ଦେବାକୁ ଦକ୍ଷତା ବିକାଶ ମନ୍ତ୍ରଣାଳୟ ସବୁ ପ୍ରକାର ସାହାଯ୍ୟ ସହଯୋଗ କରୁଛି।

ସ୍ୱଚ୍ଛତାକୁ କେବଳ ଏକ ସରକାରୀ ଯୋଜନା ଭିତରେ ସୀମିତ ନ'ରଖି ଏହାକୁ ଲୋକଙ୍କ ଅଭ୍ୟାସରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସ୍ୱଚ୍ଛତା ପକ୍ଷ, ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛ ଭାରତ ଅଭିଯାନର ସଫଳତାକୁ ପ୍ରଦର୍ଶନ କରାଯାଉଛି। ଏସବୁ କାର୍ଯ୍ୟକ୍ରମରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପୂର୍ଣ୍ଣ ପ୍ରାଣରେ ସାମିଲ ହୋଇଛି।

ଅନାଦି କାଳରୁ ମହିଳାମାନେ ଏ ଦେଶରେ ଖାଦ୍ୟ ପ୍ରସ୍ତୁତି ପାଇଁ ଧୂଆଁ ଭର୍ତ୍ତି ରୋଷେଇ ଘରେ ନିଜକୁ ଅଣନିଶ୍ୱାସୀ କରିବାକୁ ବାଧ୍ୟ ହେଉଥିଲେ। କାଠ, ଘସି ଓ କୁଟାକାଠି ଜଳେଣିରୁ ନିର୍ଗତ ଧୂଆଁ ଯୋଗୁଁ ସେମାନେ ଅସୁସ୍ଥ ହେବା ସହିତ ଘରର ପରିବେଶ ମଧ୍ୟ ଦୂଷିତ ହେଉଥିଲା। ଏହାର କୁପ୍ରଭାବ ଅଧିକ ପଡୁଥିଲା ମହିଳା ଓ ଶିଶୁମାନଙ୍କ ଉପରେ। ଜାଳେଣି ପାଇଁ କାଠର ବ୍ୟବହାର କେବଳ ଜଙ୍ଗଲ ସମ୍ପଦ ଉପରେ ଚାପ ବଢ଼ାଉ ନ ଥିଲା, ରୋଷେଇ ପାଇଁ ଦୀର୍ଘ ସମୟ ଚୁଲି ପାଖରେ ଏକ ପ୍ରକାର ବନ୍ଧା ପଡୁଥିବା ମହିଳାମାନେ ରୋଜଗାର ପାଇଁ ବାହାରକୁ ଗୋଡ଼ କାଢ଼ିବାକୁ ସମୟ ପାଉ ନ ଥିଲେ। ଏହା ଫଳରେ ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି କ୍ଷୁଣ୍ଣ ହେଉଥିଲା। ମହିଳାମାନଙ୍କର ଏସବୁ ଦୁଃସ୍ଥିତ ଅନୁଭବ କରି ଏହାର ଅବସାନ ପାଇଁ ପ୍ରଧାନମନ୍ତ୍ରୀ ଦେଶର ଗରିବ ଓ ଅନଗ୍ରସର ବର୍ଗର ଲୋକଙ୍କୁ ରନ୍ଧନ ଗ୍ୟାସ୍ ସଂଯୋଗ ଯୋଗାଇ ଦେବାର ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହା ଦେଶରେ 'ନୀଳ ଜ୍ୟୋତି' ଆନ୍ଦୋଳନର ଅୟମାରମ୍ଭ କରିଛି।

ଦୁଇ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଶ୍ରମଦାନ, ୱାକାଥନ ଓ ସାଇକଲ ର୍‍ୟାଲିମାନ ନିୟମିତ ଆୟୋଜିତ ହୋଇ ସଚେତନତା ସୃଷ୍ଟି କରାଯାଉଛି। ୨୦୧୭ରେ ଆମ ମନ୍ତ୍ରଣାଳୟ ଏହାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱଚ୍ଛ ଭାରତ ଆନ୍ତଃ ମନ୍ତ୍ରଣାଳୟ ପୁରସ୍କାର ଲାଭ କରିଥିଲା। ସେଥିପାଇଁ ମୁଁ ଗର୍ବିତ। ବାସ୍ତବରେ ସ୍ୱଚ୍ଛଭାରତ ଅଭିଯାନ ଇତିମଧ୍ୟରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏଥିରେ ବିପୁଳ ସଂଖ୍ୟାରେ ଲୋକଙ୍କ ଯୋଗଦାନ ପ୍ରମାଣ କରୁଛି ଯେ ଜନସାଧାରଣ ଓ ସମାଜ ନିଜର ଦାୟିତ୍ୱ ଘେନି ସଚେତନ ହୋଇଛନ୍ତି। ତଥାପି ଏ କ୍ଷେତ୍ରରେ ଆମକୁ ଆହୁରି ଅନେକ ପଥ ଯିବାକୁ ଅଛି। ଆସନ୍ତା ବର୍ଷ ୨୦୧୯ ଅକ୍ଟୋବର ୨ ତାରିଖରେ ଆମେ ମହାତ୍ମା ଗାନ୍ଧୀଙ୍କ ଜନ୍ମର ଦେଢ଼ଶହ ବର୍ଷ ପୂର୍ତ୍ତି ପାଳନ କରିବା। ସେହି ସମୟ ସୁଦ୍ଧା ସାରା ଭାରତ ଯଦି ଶତପ୍ରତିଶତ ବାହ୍ୟ ମଳତ୍ୟାଗରୁ ମୁକ୍ତ ହୋଇ ପାରିବ ତାହା ଜାତିର ଜନକଙ୍କ ପ୍ରତି ହେବ ଯଥାର୍ଥ ଶ୍ରଦ୍ଧାଞ୍ଜଳି। ଏକ ପରିଷ୍କାର, ସବୁଜ, ପରିଚ୍ଛନ୍ନ, ସୁସ୍ଥ, ନିରନ୍ତର ବିକଶିତ ଓ ସମାବେଶୀ ଭାରତ ଗଠନ ପାଇଁ ଯେଉଁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି ମୁଁ ମୋର ମନ୍ତ୍ରଣାଳୟ ପକ୍ଷରୁ ଏବଂ ବ୍ୟକ୍ତିଗତ ଭାବେ ଏହାର ସଫଳତା ପାଇଁ ଅଙ୍ଗୀକୃତ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଅଭିଯାନକୁ ସଫଳ କରିବାକୁ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ମୁଁ ଆପଣମାନଙ୍କୁ ନିବେଦନ କରୁଛି। ଆସନ୍ତୁ ସମସ୍ତେ ମିଳିମିଶି ବାପୁଜୀଙ୍କ ସ୍ୱପ୍ନ - ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ ସାକାର କରିବା ଦିଗରେ କାର୍ଯ୍ୟ କରିବା।

ମହାତ୍ମା ଗାନ୍ଧୀ କହିଥିଲେ, "ଯେ ପର୍ଯ୍ୟନ୍ତ ତୁମେ ଝାଡୁ ଓ ଝୁଡ଼ି ନ ଧରିଛ, ସେ ପର୍ଯ୍ୟନ୍ତ ତୁମେ ତୁମର ସହର, ନଗରକୁ ସଫା ରଖି ପାରିବ ନାହିଁ।"

ଜୟ ହିନ୍ଦ୍ !

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରୀ।**

**E-mail: min.png@nic.in**

ଫୋକସ୍





# ସ୍ୱଚ୍ଛ ଓ ସୁସ୍ଥ ଗ୍ରାମ

**ନରେନ୍ଦ୍ର ସିଂ ତୋମର**

ଆମ ଦେଶ ଗାଁରେ ବସବାସ କରେ। ତେଣୁ ଦେଶର ସାମଗ୍ରିକ ଓ ସମାବେଶୀ ବିକାଶ ପାଇଁ ଗାଁଗୁଡ଼ିକର ବିକାଶ ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଚଉତରଫା ଗ୍ରାମୀଣ ବିକାଶ ପାଇଁ ପ୍ରତିବଦ୍ଧ। ତେବେ ଗ୍ରାମ୍ୟ ସ୍ୱଚ୍ଛତା ବିନା ବିକାଶର ଏହି ସ୍ୱପ୍ନ ସାକାର ହୋଇପାରିବ ନାହିଁ। ଗାଁଗୁଡ଼ିକର ବ୍ୟାପକ ବିକାଶ ପାଇଁ ସରକାର ସବିଶେଷ ପ୍ରୟାସ କରୁଛନ୍ତି ଏବଂ ଏହି ପ୍ରୟାସର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ୱଚ୍ଛତା। ସ୍ୱଚ୍ଛତା ବିନା ଗ୍ରାମଗୁଡ଼ିକର ବିକାଶ ଅଧୁରା ରହିଯିବ। ଅନେକଗୁଡ଼ିଏ ଅଭିନବ ପଦକ୍ଷେପ ଯୋଗୁଁ ଗ୍ରାମ୍ୟ ଜନଜୀବନରେ ବ୍ୟାପକ ପରିବର୍ତ୍ତନ ଆସିଛି ଓ ଆସୁଛି ମଧ୍ୟ। ଏହି ପରିବର୍ତ୍ତନର ଅଗ୍ରଦୂତ ହେଉଛି ସ୍ୱଚ୍ଛ ଭାରତ ଅଭିଯାନ।

ଅକ୍ଟୋବର ୨ ତାରିଖ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନର ଉଦ୍ଦେଶ୍ୟ ହେଉଛି, ମାନବ ଜୀବନକୁ ଅଧିକ ସ୍ୱଚ୍ଛ, ସୁସ୍ଥ ଓ ସମ୍ମାନାସ୍ପଦ କରିବା। ସ୍ୱଚ୍ଛତା କେବଳ ଏକ ପ୍ରାଣ ଶକ୍ତି ନୁହଁ ବରଂ ମାନବ ବିକାଶର ମୂଳମନ୍ତ୍ର। ସ୍ୱଚ୍ଛତା ବିନା କୌଣସି ଗୋଷ୍ଠୀ ବା ସମାଜ ବିକଶିତ ହୋଇପାରିବ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ, ମାନବ ବିକାଶ ଆଦି ଲକ୍ଷ୍ୟ ସ୍ୱଚ୍ଛତା ବିନା ସାଧିତ ହୋଇପାରିବ ନାହିଁ।

ଦେଶର ଅର୍ଥନୈତିକ ବିକାଶରେ ସ୍ୱଚ୍ଛତାର ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏକ ସ୍ୱଚ୍ଛ ଭାରତର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଭାଷଣରେ ଲାଲ୍‌କିଲ୍ଲା ଉପରୁ ଆହ୍ୱାନ ଦେଇଥିଲେ। ସ୍ୱଚ୍ଛତାକୁ ସେ ଜାତୀୟ ସ୍ତରରେ ପ୍ରାଥମିକତା ଦେଇଥିଲେ। ନୂଆଦିଲ୍ଲୀଠାରେ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ କଲାବେଳେ ସେ କହିଥିଲେ ଯେ, ଦେଶର ନାଗରିକ ଭାବରେ ଆମର ସାମାଜିକ ଦାୟିତ୍ୱ ହେଉଛି ସ୍ୱଚ୍ଛ ଭାରତକୁ ନେଇ ଗାନ୍ଧୀଜୀଙ୍କ ସ୍ୱପ୍ନକୁ ତାଙ୍କ ୧୫୦ତମ ଜନ୍ମବାର୍ଷିକୀ ୨୦୧୯ ସୁଦ୍ଧା ସାକାର କରିବାକୁ ହେବ। ଆଜି ସମଗ୍ର ଦେଶ ସେହି ଆହ୍ୱାନକୁ ଗ୍ରହଣ କରିଛି। ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଏହି ଜନ ଆନ୍ଦୋଳନରେ ଯୋଗ ଦେଇଛନ୍ତି ଓ ଏହି ଅଭିଯାନଟି ସମ୍ପୂର୍ଣ୍ଣ ଉତ୍ସାହର ସହ ଜାରି ରହିଛି। ପ୍ରତ୍ୟେକ ଦିନ କୋଟି କୋଟି ଭାରତୀୟ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ୍ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ୨୨ଟି ରାଜ୍ୟ, ୪୬୮ଟି ଜିଲ୍ଲା ଓ ୪ ଲକ୍ଷ ୬୮ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ ହୋଇଛନ୍ତି। ୨୦୧୪ ଅକ୍ଟୋବର ୨ ତାରିଖ ପରଠାରୁ ୮.୫୯ ଲକ୍ଷ ଶୌଚାଳୟ ନିର୍ମାଣ କରାଯାଇଛି। ସେତେବେଳେ ଦେଶର ସ୍ୱଚ୍ଛତା ପ୍ରତିଶତ ୩୮.୭୦ ଥିବାବେଳେ ବର୍ତ୍ତମାନ ତାହା ୯୩.୯୦ ପ୍ରତିଶତରେ ପହଞ୍ଚିଛି। ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏତେ ବିଶାଳ ପରିବର୍ତ୍ତନ ବିଶ୍ୱର ଅନ୍ୟତ୍ର କେବେ ଦେଖାଯାଇନଥିଲା। ସମଗ୍ର ବିଶ୍ୱକୁ ଭାରତ ଦେଖାଇ ଦେଇପାରିଲା ଯେ କୌଣସି ସାମାଜିକ ଉଦ୍ଦେଶ୍ୟ ପୂରଣ ପାଇଁ କେମିତି ଭାବେ ଉତ୍ସାହିତ କରାଯାଇପାରେ। ଏହି ଅଭିଯାନର ସଫଳତାରୁ ପ୍ରେରଣା ପାଇ ବିଶ୍ୱର ଅନେକ ଦେଶ ନିଜ ନିଜ ପରିମଳ ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଯୋଜନା କରୁଛନ୍ତି।

### ଗ୍ରାମ୍ୟଗୁଡ଼ିକର ଭାଗ୍ୟ ପରିବର୍ତ୍ତନ

ସ୍ୱଚ୍ଛ ଭାରତ ଅଭିଯାନ ଆଜି ଗାଁଗୁଡ଼ିକର ଚେହେରା ଓ ଭାଗ୍ୟ ପରିବର୍ତ୍ତନ କରିଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ ଗ୍ରାମର ପ୍ରତ୍ୟେକ ପରିବାର ନିଜ ଡାକ୍ତରୀ ଖର୍ଚ୍ଚ ବାବଦକୁ ବାର୍ଷିକ ୫୦ ହଜାର ଟଙ୍କା ସଞ୍ଚୟ କରିପାରନ୍ତି। ଏହି ବଳକା ଅର୍ଥରେ ସେହି ଗ୍ରାମୀଣ




ପରିବାରଗୁଡ଼ିକ ନିଜ ପିଲାଙ୍କ ଶିକ୍ଷା ପାଇଁ, ନୂଆ ନୂଆ ସୁଖ ସ୍ୱାଚ୍ଛନ୍ଦ୍ୟ ଉପକରଣ କ୍ରୟ ପାଇଁ ଓ ନିଜ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ସକ୍ଷମ ହେଉଛନ୍ତି। ଲୋକଙ୍କ ଡାକ୍ତରୀ ଖର୍ଚ୍ଚ କମିଯାଇଥିବାରୁ ସେମାନେ ଅଧିକ ଦିନ ଶ୍ରମ କରିପାରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଅଧ୍ୟୟନ ଅନୁଯାୟୀ ସ୍ୱଚ୍ଛ ଭାରତ ଅଭିଯାନ ଯୋଗୁଁ ଗ୍ରାମୀଣ ଅଞ୍ଚଳର ଶିଶୁମାନଙ୍କୁ ନାନା ପ୍ରକାରର ମାରାତ୍ମକ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରାଯାଇପାରିଛି ଓ ଏହି ପରିସ୍ଥିତିରେ ଆହୁରି ଉନ୍ନତି ହେଉଛି।

**ଅନନ୍ୟ ପ୍ରୟାସ**

ସ୍ୱଚ୍ଛ ଭାରତ ଯୋଗୁଁ ଗ୍ରାମୀଣ ଭାରତରେ ପୂର୍ବରୁ ଅଜଣା ଥିବା ଅନେକ ପଦକ୍ଷେପମାନ ନିଆଯାଉଛି। ସ୍ୱଚ୍ଛତା ଅଭିଯାନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ନିଜର ଯୋଗଦାନ ଦେଉଛନ୍ତି। ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟରେ ସେମାନେ ନିଜର ସଞ୍ଚୟ ପୁଞ୍ଜିକୁ ନିବେଶ କରୁଛନ୍ତି ଓ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଅନେକ ପରିବାରର ଆର୍ଥିକ ସଙ୍କଟ ସମୟରେ ସହାୟତା କରୁଛନ୍ତି। ପାରସ୍ପାରିକ ସହଯୋଗ ଭିତ୍ତିରେ ସେମାନେ ସାମାଜିକ ସୌହାର୍ଦ୍ଦ୍ୟ ବଜାୟ ରଖିପାରୁଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ଆମ ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ପ୍ରଶଂସନୀୟ ରୁଚି ପ୍ରଦର୍ଶନ କରିଛନ୍ତି। ନିଜ ନିଜ ପଞ୍ଚାୟତକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତି ଦେବା ପାଇଁ ସେମାନେ ନାନାବିଧ ପଦକ୍ଷେପ ନେଇଛନ୍ତି ଓ ଏହି ଅଭିଯାନକୁ ଆଗକୁ ନେଉଛନ୍ତି। ଏହି ଅଭିଯାନ ମାଧ୍ୟମରେ ସେମାନେ କେବଳ ଯେ, ଜନସାଧାରଣଙ୍କ ସହ ସମ୍ପର୍କ ବଜାୟ ରଖୁଛନ୍ତି କିମ୍ବା ନିଜ ନିଜ ଗ୍ରାମପଞ୍ଚାୟତକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତି ଦେଉଛନ୍ତି ସେକଥା ନୁହଁ, ବରଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଅନେକ କାର୍ଯ୍ୟକ୍ରମ ଦ୍ୱାରା ନିଜ ନିଜ ପରିବେଶକୁ ସ୍ୱଚ୍ଛ ମଧ୍ୟ ରଖିପାରୁଛନ୍ତି।

ବର୍ତ୍ତମାନ ସ୍ୱଚ୍ଛ ଭାରତ ଅଭିଯାନ ଏକ ଗଣଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ଆହୁରି ଆଗକୁ ନେବା ପାଇଁ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ନିଜର ମହତ୍ୱାକାଂକ୍ଷୀ ମନରେଗା ବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାରର ପଦକ୍ଷେପ ନେଇଛି। ପଞ୍ଚାୟତଗୁଡ଼ିକୁ ଗ୍ରାମୀଣ ଅଞ୍ଚଳରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସଚେତନ କରାଇବା ଓ ଜୀବନ ଜୀବିକା ସୃଷ୍ଟି ପାଇଁ ଗ୍ରାମୀଣ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଏଥିରେ ଅନ୍ତର୍ଭୁକ୍ତ। ମନ୍ତ୍ରଣାଳୟ ତରଫରୁ ବ୍ୟକ୍ତିଗତ ଶୌଚାଳୟ, ସୋକ୍‌ପିଟ୍ ନିର୍ମାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, କମ୍ପୋଷ୍ଟ ବ୍ୟବସ୍ଥା, ନାଳ ନର୍ଦ୍ଦମା ବ୍ୟବସ୍ଥା, ଜଳ ସଂରକ୍ଷଣ ପୋଖରୀ,



ଘରୋଇ ଶୌଚାଳୟ ନିର୍ମାଣ ବ୍ୟତିରେକ ଗ୍ରାମପଞ୍ଚାୟତଗୁଡ଼ିକ ଭର୍ମି କମ୍ପୋଷ୍ଟିଂ ପିଟ୍ ଆଦି ନିର୍ମାଣ କରି କଠିନ ବର୍ଜବ୍ୟସ୍ତୁ ପରିଚାଳନା କାର୍ଯ୍ୟ ପାଇଁ ପଦକ୍ଷେପ ନେଉଛନ୍ତି। ମନରେଗା ଅଧିନରେ ବିଭିନ୍ନ ପଦକ୍ଷେପ ଦ୍ୱାରା ସେମାନେ ଗ୍ରାମ୍ୟ ପରିବେଶକୁ ସ୍ୱଚ୍ଛ ରଖିପାରୁଛନ୍ତି। ତେବେ ଆମ ଦେଶର ବିଶାଳ ବିବିଧତା ଦୃଷ୍ଟିରୁ ଆମକୁ ମନେରଖିବାକୁ ହେବ ଯେ, ଦେଶର ସମସ୍ତ ୨୩୮୬୧୭ଟି ଗ୍ରାମପଞ୍ଚାୟତ ପାଇଁ ଏକ ନିର୍ଦ୍ଦିଷ୍ଟ ମଡେଲ୍‌କୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ସ୍ୱଳ୍ପ ଖର୍ଚ୍ଚରେ ଓ ସୁବିଧାଜନକ ବ୍ୟବସ୍ଥାକୁ ଆପଣେଇବାକୁ ହେବ। ଗ୍ରାମ୍ୟ ଭାରତକୁ ସ୍ୱଚ୍ଛ ରଖିବା ପାଇଁ ମନରେଗା ଅଧିନରେ ନିଆଯାଉଥିବା ବୈପ୍ଳବିକ ପଦକ୍ଷେପ ଓ ବର୍ତ୍ତମାନର ସରକାରଙ୍କ ଦ୍ୱାରା ଏହାର ସଫଳ ରୂପାୟନ ଯୋଗୁଁ ଗଠନମୂଳକ ଫଳାଫଳ ମିଳିବା ଆରମ୍ଭ ହୋଇଛି।

ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ନିର୍ମାଣ ଓ ଅପରିଷ୍କାର ଜଳର ବ୍ୟବହାର ପାଇଁ ବ୍ୟବସ୍ଥା ଆଦି କାର୍ଯ୍ୟ ହାତକୁ ନିଆଯାଇଛି । ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ସ୍ୱଚ୍ଛ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି ।

**ବର୍ଜ୍ୟ ଜଳ ପରିଚାଳନା**

ସମଗ୍ର ବିଶ୍ୱ ପାଇଁ ବର୍ଜ୍ୟ ଜଳ ପରିଚାଳନା ଏକ ବଡ଼ ଆହ୍ୱାନ ଭାବେ ଦେଖାଦେଇଛି । ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ, ଯୋଜନା ଓ ଭିତ୍ତିଭୂମିର ଅଭାବ ଯୋଗୁଁ ବର୍ଜ୍ୟ ଜଳ ପରିଚାଳନା ବାଧାପ୍ରାପ୍ତ ହୋଇ ପରିବେଶ ଅପରିଚ୍ଛନ୍ନ ହେଉଛି । ଏହାଦ୍ୱାରା ରୋଗବ୍ୟାଧି ବ୍ୟାପୁଛି । ତେବେ ଖୁସିର କଥା ଯେ, ତେଲେଙ୍ଗାନାରେ ମନରେଗା ମାଧ୍ୟମରେ ପାରିବାରିକ ଓ ଗୋଷ୍ଠୀଗତ ସ୍ତରରେ ସୋକ୍‌ପିଟ୍ ନିର୍ମାଣ କରାଯାଉଛି । ଅନୁରୂପ ପ୍ରୟାସ ମହାରାଷ୍ଟ୍ରର ନାନ୍ଦେଡ ଜିଲ୍ଲାରେ ମଧ୍ୟ କରାଯାଇଛି । ଯାହାଫଳରେ ସେ ଅଞ୍ଚଳର ଗ୍ରାମଗୁଡ଼ିକରେ ମଶା ଉପଦ୍ରବ ହ୍ରାସ ପାଇଛି । ପାଖାପାଖି ୩୦ଟି ଗ୍ରାମରେ ଏଭଳି ପଦକ୍ଷେପ ନିଆଯାଇଛି । ଏମାନେ ସମସ୍ତ ମିଶି ଏହି କଥାଟିକୁ ସୁନିଶ୍ଚିତ କଲେ ଯେ ସୋକ୍‌ପିଟ୍ ନିର୍ମାଣ ଦ୍ୱାରା ମଶା ଉପଦ୍ରବ କମିବ ଓ ଲୋକମାନେ ଶାନ୍ତିରେ ଶୋଇପାରିବେ ଏବଂ ମଶାବାହିତ ରୋଗବ୍ୟାଧିରୁ ରକ୍ଷା ପାଇବେ । ମିଜୋରାମ୍‌ର ଆଇଜଲ୍ ଜିଲ୍ଲା ଅଧିନସ୍ଥ ତେଲଙ୍ଗମ୍ ଆରଜି ବ୍ଲକ୍‌ର ଲିଙ୍ଗ୍‌ପୁଇ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଏକ ଅଭିନବ ପ୍ରକଳ୍ପ ଭାବେ ମନରେଗା ଅଧିନରେ ହାତକୁ ନିଆଗଲା । ଆଇଜଲ୍ ଜିଲ୍ଲାରେ ବିମାନବନ୍ଦରକୁ ଯାଇଥିବା ରାସ୍ତା କଡ଼ରେ ଏହି ପାଣି ଟାଙ୍କିଟିକୁ ଏକ ଉଡ଼ାଜାହାଜ ଢାଞ୍ଚାରେ ନିର୍ମାଣ କରାଗଲା । ଏଥିରୁ ଜନସାଧାରଣ ଟ୍ୟାପ୍ ମାଧ୍ୟମରେ ପାନୀୟଜଳ ପାଇପାରୁଛନ୍ତି । ଏହାର ପାଖ ପରିସରରେ ଶୌଚାଳୟ ନିର୍ମାଣ କରାଯାଇଛି । ଯାହାକୁ ନିର୍ଦ୍ଧାରିତ ଫି' ଦେଇ ଯେକୌଣସି ବ୍ୟକ୍ତି ବ୍ୟବହାର କରିପାରିବେ । ଏଭଳି ସୁବିଧା ଯୋଗୁଁ ଏହି ପାଣିଟାଙ୍କିଟି ଏକ ବହୁ ଉଦ୍ଦେଶ୍ୟୀୟ ସମ୍ପତ୍ତି ହୋଇପାରିଛି । ଏଥିରୁ ଗ୍ରାମ ପଞ୍ଚାୟତ ମଧ୍ୟ ଆୟ କରୁଛି ।



ଗ୍ରାମାଞ୍ଚଳରେ ବର୍ଜ୍ୟଜଳ ସ୍ଥିରୀକରଣ ପାଇଁ ହରିଆଣା ସରକାର ମନରେଗା ଅଧିନରେ ୫ ପୋଖରୀ ବ୍ୟବସ୍ଥା ବିକଶିତ କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବର୍ଜ୍ୟଜଳର ଉପଯୁକ୍ତ ପରିଚାଳନା ଦ୍ୱାରା ପରିବେଶକୁ ସ୍ୱଚ୍ଛ ରଖିବା । କେରଳର ତ୍ରିଶୂର ଜିଲ୍ଲା ଅନ୍ତର୍ଗତ ମାର୍ଟିଲକମ୍ ବ୍ଲକ୍‌ର ଆରିଆଡ୍ ଗ୍ରାମପଞ୍ଚାୟତ ଦ୍ୱାରା ନିର୍ମାଣ ସାମଗ୍ରୀ ଉତ୍ପାଦନ ପାଇଁ ଏକ ପ୍ରକଳ୍ପ କାମ କରୁଛି । ଏହି ପ୍ରକଳ୍ପରୁ ଉତ୍ପାଦିତ ସିମେଣ୍ଟ ଚଟାଣଗୁଡ଼ିକୁ ମନରେଗା ଅଧିନରେ ନିର୍ମାଣ ହେଉଥିବା ଶୌଚାଳୟ ପାଇଁ ଉପଯୋଗ କରାଯାଉଛି । ମନରେଗା ଅଧିନରେ ଭର୍ମି କମ୍ପୋଷ୍ଟିଂ (ଜିଆ ଚାଷ) ମଧ୍ୟ କରାଯାଉଛି ।

**ବ୍ୟକ୍ତିଗତ ସ୍ୱଚ୍ଛତା**

ଗ୍ରାମ୍ୟ ପରିମଳ ପାଇଁ ମନରେଗା ଅଧିନରେ ଯଥେଷ୍ଟ ଟଙ୍କା ଖର୍ଚ୍ଚ କରାଯାଉଛି ଓ ଏହାର ଆଶାନୁରୂପ ଫଳ ମଧ୍ୟ ମିଳୁଛି । ୨୦୧୪-୧୫ ଆର୍ଥିକ ବର୍ଷରେ ୯୨୪୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବ୍ୟକ୍ତିଗତ ଉପଯୋଗ ପାଇଁ ଅନେକ ଶୌଚାଳୟ ନିର୍ମାଣ କରାଯାଇଛି । ଗତ ଆର୍ଥିକ ବର୍ଷରେ ଏହା ୧୩୯୩୫ ଲକ୍ଷ ଟଙ୍କାରୁ ଅଧିକ ଥିଲା । ସୋକ୍‌ପିଟ୍ ନିର୍ମାଣ ପାଇଁ ଗତବର୍ଷ ୧୫୫୯୮ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ବେଳେ ୨୦୧୪-୧୫ରେ ୨୯୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ସେହିଭଳି ୨୦୧୪-୧୫ ଆର୍ଥିକ ବର୍ଷରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୧୬୭୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ଓ ଏଥିରେ ଭର୍ମି କମ୍ପୋଷ୍ଟ ଖାତ ଆଦି ନିର୍ମାଣ କରାଯାଇଥିଲା । ଗତବର୍ଷ ଏଥିପାଇଁ ୫୪୮୫୩ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ୨୦୧୪-୧୫ ଆର୍ଥିକ ବର୍ଷରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୪୯୫୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନାଳ ନର୍ଦ୍ଦମା, ତରଳ ଜୈବ ସାର, ରିଚାର୍ଜ ପିଟ୍, ବିଦ୍ୟାଳୟ ଓ ଅଙ୍ଗନବାଡ଼ି ପାଇଁ ଶୌଚାଳୟ, ସୋକ୍‌ପିଟ୍ ଚ୍ୟାନେଲ୍, ଗ୍ରାମ୍ୟ ନାଳ ଓ ଜଳ ସ୍ଥିରୀକରଣ ପୋଖରୀ ଆଦି ନିର୍ମାଣ କରାଯାଇଥିଲା । ତୁଳନାତ୍ମକ ଭାବେ ୨୦୧୭-୧୮ରେ ଏହିସବୁ କାର୍ଯ୍ୟ ପାଇଁ ୮୫୨୨୧ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ୨୦୧୪-୧୫ରେ ୪୭୧୨୩୦ ଲକ୍ଷ ଟଙ୍କା ଜଳ ସଂରକ୍ଷଣ ବ୍ୟବସ୍ଥା ପାଇଁ ବ୍ୟୟ କରାଯାଇଥିଲା । ୨୦୧୭-୧୮ରେ କିନ୍ତୁ ଏଥିପାଇଁ ୬୯୨୨୧୬ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ସ୍ୱଚ୍ଛତା ସମ୍ପର୍କିତ ସମସ୍ତ

କାର୍ଯ୍ୟ ପାଇଁ ୨୦୧୪-୧୫ରେ ୬୧୭୭୯୨ ଲକ୍ଷ, ୨୦୧୫-୧୬ରେ ୬୯୮୩୫୭ ଲକ୍ଷ ଓ ୨୦୧୭-୧୮ରେ ୯୮୭୮୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୫୯୩୦୭୦ ଲକ୍ଷ ଟଙ୍କା ବ୍ୟୟ କରାଯାଇସାରିଛି ଓ ଏଥିରେ ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟ କରାଯାଉଛି। ଏହିଭଳି ଭାବରେ ଗ୍ରାମ୍ୟ ସ୍ୱଚ୍ଛତା ପାଇଁ ମନରେଗା ଅଧିନରେ ପର୍ଯ୍ୟାପ୍ତ ଟଙ୍କା ବ୍ୟୟ କରାଯାଉଛି।

**ବାସ୍ତବିକ ସଫଳତା**

ମନରେଗା ଅଧିନରେ ଗ୍ରାମ୍ୟ ପରିଚ୍ଛନ୍ନତା ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରେ ୧୩.୮୮ ଲକ୍ଷ ଘରୋଇ ଶୌଚାଳୟ ନିର୍ମାଣ କରାଯାଇଛି। ମନରେଗା ପାଣ୍ଠିରେ ୨୦୧୫-୧୬ ଆର୍ଥିକ ବର୍ଷରେ ୭ ଲକ୍ଷ, ୨୦୧୬-୧୭ରେ ୭.୫ ଲକ୍ଷ ଓ ୨୦୧୬-୧୭ରେ ପ୍ରାୟ ୯ ଲକ୍ଷ ଶୌଚାଳୟ ନିର୍ମାଣ କରାଯାଇଛି। ୨୦୧୬-୧୭ରେ ସୋକ୍‌ପିଟ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ୨୦୧୫-୧୬ରେ ୩୭ ହଜାର ସୋକ୍‌ପିଟ୍ ନିର୍ମାଣ କରାଯାଇଥିବା ବେଳେ ୨୦୧୬-୧୭ରେ ୪୨୧୫୫୩ଟି ସୋକ୍‌ପିଟ୍ ନିର୍ମିତ ହୋଇଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ୨୧୯୦୦୦ରୁ ଊର୍ଦ୍ଧ୍ୱ ସୋକ୍‌ପିଟ୍ ନିର୍ମାଣ କରାଯାଇଛି। ଭର୍ମି କମ୍ପୋଷ୍ଟିଂ ଖାତ ଆଦି ନିର୍ମାଣ କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି। ୨୦୧୪-୧୫ରେ ୫ ହଜାର ସୋକ୍‌ପିଟ୍ ନିର୍ମାଣ କାର୍ଯ୍ୟ କରାଯାଇଥିବା ବେଳେ ୨୦୧୬-୧୭ରେ ୧୮୨୦୦୦ ଓ ୨୦୧୭-୧୮ରେ ୨୫୪୦୦୦ଟି ପିଟ୍ ନିର୍ମାଣ କରାଯାଇଛି। ନାଳ ନର୍ଦ୍ଦମା, ତରଳ ଜୈବସାର, ରିଚାର୍ଜ ପିଟ୍, ବିଦ୍ୟାଳୟ ଓ ଅଙ୍ଗନବାଡ଼ିରେ ଶୌଚାଳୟ, ଗ୍ରାମ୍ୟ ନାଳ ଓ ଜଳ ସ୍ଥିରୀକରଣ ପୋଖରୀ ଆଦି ନିର୍ମାଣ କରି କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଛି। ୨୦୧୫-୧୬ରେ ଏଭଳି ୮୨୫୬୪ଟି କାର୍ଯ୍ୟ କରାଯାଇଥିବା ବେଳେ ୨୦୧୬-୧୭ରେ ୩୮୨୭୨୫ଟି ଓ ୨୦୧୭-୧୮ରେ ୧୮୩୦୦୦ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜଳ ସଂରକ୍ଷଣ ପାଇଁ ମଧ୍ୟ ମନରେଗା ପାଣ୍ଠି ଉପଯୋଗ କରାଯାଉଛି। ଏଥିରେ ମଧ୍ୟ ଭଲ ଫଳାଫଳ ମିଳୁଛି। ଜଳ ସଂରକ୍ଷଣ ସକାଶେ ଭିତ୍ତିଭୂମି ନିର୍ମାଣ ପାଇଁ ୨୦୧୪-୧୫ରେ ୨୭୬୦୦୦ଟି, ୨୦୧୫-୧୬ରେ ୨୭୭୦୦୦ଟି ଓ ୨୦୧୬-୧୭ରେ ୬ ଲକ୍ଷ କାର୍ଯ୍ୟ କରାଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷ ଏପର୍ଯ୍ୟନ୍ତ ୩୮୪୦୦୦ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

**ଆହ୍ୱାନ ଓ ସମାଧାନ**

ଏସବୁ ତଥ୍ୟରୁ ପ୍ରମାଣିତ ଯେ ଗ୍ରାମ୍ୟ ପରିମଳ ଓ ପରିଚ୍ଛନ୍ନତା ପାଇଁ ତଥା ଗ୍ରାମୀଣ ବିକାଶ ପାଇଁ ସରକାର ବଦ୍ଧ ପରିକର। ଦେଶର ପ୍ରାଣଶକ୍ତି ଗାଁଗୁଡ଼ିକର ସ୍ୱଚ୍ଛତା ସକାଶେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସଘନ ପଦକ୍ଷେପଗୁଡ଼ିକ ନେଇଛନ୍ତି। ଏହି ସତ୍ୟଟିକୁ ଅଣଦେଖା କରାଯାଇପାରିବ ନାହିଁ। ଏହି ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦେଶର ସର୍ବାଧିକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ମନରେଗାର ସଫଳ କାହାଣୀରୁ ସ୍ପଷ୍ଟ ପ୍ରମାଣିତ ଯେ, ଗ୍ରାମ୍ୟ ଜନଜୀବନରେ ସ୍ୱଚ୍ଛତାର ମୂଲ୍ୟକୁ ସେମାନେ ବୁଝିପାରିଛନ୍ତି ଓ ଗ୍ରାମ୍ୟ ସ୍ୱଚ୍ଛତା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି।

ଘରୋଇ ଶୌଚାଳୟ ନିର୍ମାଣ ବ୍ୟତିରେକ ଗ୍ରାମପଞ୍ଚାୟତଗୁଡ଼ିକ ଭର୍ମି କମ୍ପୋଷ୍ଟିଂ ପିଟ୍ ଆଦି ନିର୍ମାଣ କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ପାଇଁ ପଦକ୍ଷେପ ନେଉଛନ୍ତି। ମନରେଗା ଅଧିନରେ ବିଭିନ୍ନ ପଦକ୍ଷେପ ଦ୍ୱାରା ସେମାନେ ଗ୍ରାମ୍ୟ ପରିବେଶକୁ ସ୍ୱଚ୍ଛ ରଖିପାରୁଛନ୍ତି। ତେବେ ଆମ ଦେଶର ବିଶାଳ ବିବିଧତା ଦୃଷ୍ଟିରୁ ଆମକୁ ମନେରଖିବାକୁ ହେବ ଯେ, ଦେଶର ସମସ୍ତ ୨୩୮୬୧୭ଟି ଗ୍ରାମପଞ୍ଚାୟତ ପାଇଁ ଏକ ନିର୍ଦ୍ଦିଷ୍ଟ ମଡେଲ୍‌କୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ସ୍ୱଳ୍ପ ଖର୍ଚ୍ଚରେ ଓ ସୁବିଧାଜନକ ବ୍ୟବସ୍ଥାକୁ ଆପଣେଇବାକୁ ହେବ। ଗ୍ରାମ୍ୟ ଭାରତକୁ ସ୍ୱଚ୍ଛ ରଖିବା ପାଇଁ ମନରେଗା ଅଧିନରେ ନିଆଯାଉଥିବା ବୈପ୍ଳବିକ ପଦକ୍ଷେପ ଓ ବର୍ତ୍ତମାନର ସରକାରଙ୍କ ଦ୍ୱାରା ଏହାର ସଫଳ ରୂପାୟନ ଯୋଗୁଁ ଗଠନମୂଳକ

ଦେଶର ଅର୍ଥନୈତିକ ବିକାଶରେ ସ୍ୱଚ୍ଛତାର ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏକ ସ୍ୱଚ୍ଛ ଭାରତର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଭାଷଣରେ ଲାଲ୍‌କିଲ୍ଲା ଉପରୁ ଆହ୍ୱାନ ଦେଇଥିଲେ। ସ୍ୱଚ୍ଛତାକୁ ସେ ଜାତୀୟ ସ୍ତରରେ ପ୍ରାଥମିକତା ଦେଇଥିଲେ। ନୂଆଦିଲ୍ଲୀଠାରେ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ କଲାବେଳେ ସେ କହିଥିଲେ ଯେ, ଦେଶର ନାଗରିକ ଭାବରେ ଆମର ସାମାଜିକ ଦାୟିତ୍ୱ ହେଉଛି ସ୍ୱଚ୍ଛ ଭାରତକୁ ନେଇ ଗାନ୍ଧୀଜୀଙ୍କ ସ୍ୱପ୍ନକୁ ତାଙ୍କ ୧୫୦ତମ ଜନ୍ମବାର୍ଷିକୀ ୨୦୧୯ ସୁଦ୍ଧା ସାକାର କରିବାକୁ ହେବ। ଆଜି ସମଗ୍ର ଦେଶ ସେହି ଆହ୍ୱାନକୁ ଗ୍ରହଣ କରିଛି। ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଏହି ଜନ ଆନ୍ଦୋଳନରେ ଯୋଗ ଦେଇଛନ୍ତି ଓ ଏହି ଅଭିଯାନଟି ସମ୍ପୂର୍ଣ୍ଣ ଉତ୍ସାହର ସହ ଜାରି ରହିଛି। ପ୍ରତ୍ୟେକ ଦିନ କୋଟି କୋଟି ଭାରତୀୟ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ୍ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ୨୨ଟି ରାଜ୍ୟ, ୪୬୮ଟି ଜିଲ୍ଲା ଓ ୪ ଲକ୍ଷ ୬୮ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ ହୋଇଛନ୍ତି। ୨୦୧୪ ଅକ୍ଟୋବର ୨ ତାରିଖ ପରଠାରୁ ୮.୫୯ ଲକ୍ଷ ଶୌଚାଳୟ ନିର୍ମାଣ କରାଯାଇଛି। ସେତେବେଳେ ଦେଶର ସ୍ୱଚ୍ଛତା ପ୍ରତିଶତ ୩୮.୭୦ ଥିବାବେଳେ ବର୍ତ୍ତମାନ ତାହା ୯୩.୯୦ ପ୍ରତିଶତରେ ପହଞ୍ଚିଛି। ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏତେ ବିଶାଳ ପରିବର୍ତ୍ତନ ବିଶ୍ୱର ଅନ୍ୟତ୍ର କେବେ ଦେଖାଯାଇନଥିଲା। ସମଗ୍ର ବିଶ୍ୱକୁ ଭାରତ ଦେଖାଇ ଦେଇପାରିଲା ଯେ କୌଣସି ସାମାଜିକ ଉଦ୍ଦେଶ୍ୟ ପୂରଣ ପାଇଁ କେମିତି ଭାବେ ଉତ୍ସାହିତ କରାଯାଇପାରେ। ଏହି ଅଭିଯାନର ସଫଳତାରୁ ପ୍ରେରଣା ପାଇ ବିଶ୍ୱର ଅନେକ ଦେଶ ନିଜ ନିଜ ପରିମଳ ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଯୋଜନା କରୁଛନ୍ତି।

ଫଳାଫଳ ମିଳିବା ଆରମ୍ଭ ହୋଇଛି । ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟର ଏଭଳି ପଦକ୍ଷେପ ଯୋଗୁଁ ପରିବେଶଗତ ଭାରସାମ୍ୟ ରକ୍ଷା କରାଯାଇପାରୁଛି ଓ ଗ୍ରାମ୍ୟ ଜନଜୀବନ ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ନିର୍ମାଣ କରାଯାଇପାରୁଛି । ସେପ୍ଟେମ୍ବର ୧୫, ୨୦୧୮ରୁ ଅକ୍ଟୋବର ୨, ୨୦୧୮ ପର୍ଯ୍ୟନ୍ତ ଆମ ପ୍ରଧାନମନ୍ତ୍ରୀ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି । ଏଥିରେ ଜନସାଧାରଣ ଆଗ୍ରହର ସହ ଭାଗ ନେଉଛନ୍ତି । ଏହି ଅବସରରେ ମୁଁ ସମସ୍ତ ଗ୍ରାମ୍ୟ ଭାଇଭଉଣୀଙ୍କୁ ଅନୁରୋଧ କରୁଛି ଯେ ସେମାନେ ଏହି କାର୍ଯ୍ୟକୁ କେବଳ ଅକ୍ଟୋବର ମାସ ମଧ୍ୟରେ ସୀମିତ ନରଖି ଏହାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ ଓ ଜୀବନର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରି ଦୈନନ୍ଦୀନ ଭାବରେ ନିଜ ଗାଁ, ଗଳି, ପରିବେଶ ଆଦି ସଫାସୁତରା ଓ ସ୍ୱଚ୍ଛ ରଖନ୍ତୁ ଏବଂ ଗ୍ରାମ୍ୟ ଜୀବନର ପ୍ରଗତିକୁ ଆଗକୁ ବଢ଼ାନ୍ତୁ । ବାସ୍ତବିକ ଏକ ନୂଆ ଭାରତ ନିର୍ମାଣ ପାଇଁ ଏହା ହିଁ ହେବ ସେମାନଙ୍କର ଅନନ୍ୟ ଅବଦାନ ।

**ସଫଳ କାହାଣୀ:**

## ପ୍ଲାଷ୍ଟିକ୍‌ମୁକ୍ତ ସୀତାମାଢ଼ି

୨୦୧୮ ମସିହା ଜୁଲାଇ ୧୭ ତାରିଖ ଦିନ ବିହାରର ସୀତାମାଢ଼ି ଜିଲ୍ଲାକୁ ରାଜ୍ୟର ପ୍ରଥମ ଖୋଲାରେ ମଳତ୍ୟାଗ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରାଯାଇଥିଲା । ଏହି ସଫଳତା ପରେ ଏହି ଜିଲ୍ଲାରେ ବର୍ତ୍ତମାନ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଅଧିନରେ ଆୟୋଜିତ କରାଯାଇ 'ସ୍ୱଚ୍ଛ ସୀତାମାଢ଼ି, ସୁନ୍ଦର ସୀତାମାଢ଼ି' ସ୍ୱପ୍ନ ସାକାର କରିବା ପାଇଁ ପର୍ଯ୍ୟାୟ ଭିତ୍ତିରେ ପ୍ରଚେଷ୍ଟା ଚାଲିଛି ।

ଏହି କାର୍ଯ୍ୟକ୍ରମ ଅଧିନରେ ସମସ୍ତ ପ୍ରକାରର ପ୍ଲାଷ୍ଟିକ୍ ବ୍ୟାଗ୍‌ଗୁଡ଼ିକୁ ସୀତାମାଢ଼ି ଜିଲ୍ଲାରେ ନିଷେଧ କରାଯାଇଛି । କେବଳ ପ୍ଲାଷ୍ଟିକ୍ ବ୍ୟାଗ୍ ନୁହଁ ବରଂ ପ୍ଲାଷ୍ଟିକ୍ ଏବଂ ଥର୍ମୋକୁଲ୍ ନିର୍ମିତ ବିଭିନ୍ନ ଦୈନନ୍ଦୀନ ଉପକରଣ ଯଥା- ଚାମଚ, ପ୍ଲେଟ୍, ପ୍ୟାକେଟ୍ ଏବଂ ବୋତଲ ଆଦିକୁ ମଧ୍ୟ ନିଷେଧ କରାଯାଇଛି ।

ପ୍ଲାଷ୍ଟିକ୍ ବଦଳରେ ଜିଲ୍ଲାର ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ କଟନ୍ ବ୍ୟାଗ୍ ଉପଯୋଗ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏହି ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଠାରୁ ୧୦ ଲକ୍ଷ କଟନ୍ ବ୍ୟାଗ୍ କ୍ରୟ କରାଯାଇସାରିଛି । ପ୍ଲାଷ୍ଟିକ୍‌ମୁକ୍ତ ସୀତାମାଢ଼ି ଅଭିଯାନ ମାଧ୍ୟମରେ ବିଭିନ୍ନ ଖାଦ୍ୟ ପଦାର୍ଥକୁ ପ୍ଲାଷ୍ଟିକ୍‌ମୁକ୍ତ କରାଯିବା ସହିତ ପରୋକ୍ଷରେ ଏହା ଜିଲ୍ଲାର ମହିଳା ଉଦ୍ୟୋଗୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବ । ଏହିପରି ଭାବରେ ଏହି କାର୍ଯ୍ୟକ୍ରମ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଲକ୍ଷ୍ୟ ହାସଲ କରାଯାଇପାରିବ ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ଖଣି ମନ୍ତ୍ରୀ ।**

**E-mail: ns.tomar@sansad.nic.in**

## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

ବିଶେଷ ପ୍ରସଙ୍ଗ



# ସ୍ୱଚ୍ଛତା ବିପ୍ଳବ: ବ୍ୟାପକ ଭାବେ କ୍ରିୟାଶୀଳ

ପରମେଶ୍ୱରନ୍ ଆୟର

ଏକ ଦେଶ ଭାବରେ ଭାରତର ବିଶାଳ ବିବିଧତାକୁ ଏହି ତଥ୍ୟରୁ ଭଲଭାବେ ହୃଦୟଙ୍ଗମ କରାଯାଇପାରେ ଯେ ଏହି ଦେଶରେ ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଥିବାବେଳେ ଏହା ହେଉଛି ୧୩୦ କୋଟି ବ୍ୟକ୍ତିଙ୍କ ଦେଶ। ଏହାର ୭୦ ପ୍ରତିଶତ ଲୋକ ୭୦୦ଟି ଜିଲ୍ଲାର ୬ ଲକ୍ଷ ଗ୍ରାମରେ ବସବାସ କରନ୍ତି। ତେବେ ୨୦୧୪ ପର୍ଯ୍ୟନ୍ତ ଏହି ଜନସଂଖ୍ୟାର ୬୦ କୋଟି ବ୍ୟକ୍ତି (ବିଶ୍ୱର ଖୋଲାରେ ମଳତ୍ୟାଗ କରୁଥିବା ବ୍ୟକ୍ତିଙ୍କ ପ୍ରାୟ ୬୦ ପ୍ରତିଶତ) ଖୋଲାରେ ମଳତ୍ୟାଗ କରୁଥିଲେ। ଏଥିରୁ କଳ୍ପନା କରାଯାଇପାରେ ଯେ ଏହାଦ୍ୱାରା ରୋଗ ସଂକ୍ରମଣ, ଉତ୍ପାଦନକ୍ଷମ ସମୟ ଅପଚୟ, ମହିଳା ଓ ଶିଶୁଙ୍କ ଉପରେ ପ୍ରଭାବ ଏବଂ ଶିକ୍ଷା ଓ ସର୍ବନିମ୍ନ ମାନବୀୟ ସମ୍ମାନ ହାନିର ପରିମାଣ କେତେ ବେଶୀ।

ତେବେ ୧୫ ଅଗଷ୍ଟ ୨୦୧୪ରେ ସବୁକିଛି ବଦଳିଗଲା, ଯେତେବେଳେ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ସମ୍ଭାଷଣରେ ଲାଲ୍‌କିଲ୍ଲା ଉପରୁ ଦେଶବାସୀଙ୍କୁ ଏକ ଐତିହାସିକ ଯାତ୍ରା ପାଇଁ ଆହ୍ୱାନ ଦେଇଥିଲେ- ସେ ଯାତ୍ରା ଥିଲା ଦେଶକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ କରିବାର ଯାତ୍ରା- ଏକ ସ୍ୱଚ୍ଛ ଭାରତ ପାଇଁ ଯାତ୍ରା।

ଏହା ପୂର୍ବରୁ କେବେ ବି କୌଣସି ପ୍ରଧାନମନ୍ତ୍ରୀ ସ୍ୱଚ୍ଛତାକୁ ଜାତୀୟ ବିକାଶ କାର୍ଯ୍ୟସୂଚୀରେ ଏତେ ଅଗ୍ରାଧିକାର ଦେଇନଥିଲେ। ଦେଶର ୬୦ କୋଟି ଜନସାଧାରଣଙ୍କ ଖୋଲାରେ ଶୌଚ କରିବା ବାଧ୍ୟବାଧକତା ଥିଲା ସମଗ୍ର ବିଶ୍ୱ ପାଇଁ ଏକ ପରିମଳ ସମ୍ପର୍କିତ ସଙ୍କଟ। ତେବେ ବର୍ତ୍ତମାନ ଏମାନଙ୍କ ମଧ୍ୟରୁ ୫୦ କୋଟି ବ୍ୟକ୍ତିଙ୍କ ପାଖରେ ଶୌଚାଳୟ ସୁବିଧା ହୋଇସାରିଛି। ଏହା ସମ୍ଭବ ହୋଇପାରିଛି କେବଳ ଗତ ଚାରିବର୍ଷ ଭିତରେ ହୋଇଥିବା ସ୍ୱଚ୍ଛତା ଆନ୍ଦୋଳନ ପାଇଁ। ଆଜିକା ଦିନରେ ଦେଶର ଗ୍ରାମ୍ୟ ପରିମଳ ବ୍ୟବସ୍ଥା ୯୫ ପ୍ରତିଶତ ହୋଇପାରିଛି- ଏହା ଚାରିବର୍ଷ ପୂର୍ବରୁ ଅକଳ୍ପନୀୟ ଥିଲା। ୮୭ ନିୟୁତ ଘରୋଇ ଶୌଚାଳୟ ନିର୍ମାଣ ସହ ୫.୧ ଲକ୍ଷ ଗ୍ରାମ, ୫୨୯ଟି ଜିଲ୍ଲା ଏବଂ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ କରାଯାଇପାରିଛି। ପୁନଶ୍ଚ, ନିକଟରେ ବିଶ୍ୱବ୍ୟାଙ୍କ୍ ସମର୍ଥିତ ଏକ ବୃହତ୍ ସର୍ଭେ ପ୍ରକଳ୍ପରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପରିବାରଗୁଡ଼ିକ ମଧ୍ୟରୁ ୯୩ ପ୍ରତିଶତ ପରିବାର ଶୌଚାଳୟ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନର ବ୍ୟବହାର ପରିବର୍ତ୍ତନକାରୀ ଆଭିମୁଖ୍ୟର ସଫଳତା ପ୍ରମାଣିତ ହେଉଛି।

ଦେଶକୁ ସ୍ୱଚ୍ଛ ଓ ସବୁଜ କରି ଗଢ଼ିତୋଳିବାର ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ନାଗରିକ ସମାଜ- ଏ ସମସ୍ତଙ୍କ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଏକ ପରିଚିତ ନାମ ହୋଇପାରିଛି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଅଭିଯାନର ଫଳ ସ୍ୱରୂପ ବୟସ, ଜାତି, ଲିଙ୍ଗ, ଧର୍ମ ଓ ଶାରିରୀକ ଦକ୍ଷତା ନିର୍ବିଶେଷରେ ବିକାଶ ପ୍ରକ୍ରିୟାରେ ସମସ୍ତଙ୍କ ଅନ୍ତର୍ଭୁକ୍ତୀକରଣ ସମ୍ଭବ ହୋଇପାରିଛି।

ତେବେ ପ୍ରଶ୍ନଉଠେ ଯେ ଏତେ ସଂଖ୍ୟକ ଲୋକ, ଯେଉଁମାନେ ଖୋଲାରେ ମଳତ୍ୟାଗ କରୁଥିଲେ ସେମାନଙ୍କ ବ୍ୟବହାରରେ ଏତବଡ଼ ପରିବର୍ତ୍ତନ ଆସିଲା କେମିତି ? ପରିମଳ ସଂକ୍ରାନ୍ତୀୟ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ ମତରେ ପରିମଳ ପରିଚ୍ଛନ୍ନତାକୁ ନେଇ ବ୍ୟବହାର ପରିବର୍ତ୍ତନ ପାଇଁ ଗୋଷ୍ଠୀଗତ ଦୃଷ୍ଟିଭଙ୍ଗୀ ଅପରିହାର୍ଯ୍ୟ। ତେବେ ୨୦୧୪ ମସିହାରେ କେବଳ ଏହି ଦୃଷ୍ଟିଭଙ୍ଗୀ ସହ ଏତେବଡ଼ ସମସ୍ୟାର ସମାଧାନ ସମ୍ଭବପର ହୋଇପାରିବା ଭଳି ଲାଗୁନଥିଲା।

ତେଣୁ ସ୍ୱଚ୍ଛ ଭାରତ ଅଭିଯାନରେ ଏହି ରଣନୀତିକୁ ପରବର୍ତ୍ତନ କରାଗଲା ଓ ଚାରୋଟି ମୁଖ୍ୟ ଦିଗ ଉପରେ ଗୁରୁତ୍ୱ ଦିଆଗଲା।

**ବ୍ୟାପକତା**

୬୦ କୋଟି ଜନସାଧାରଣଙ୍କ ବ୍ୟବହାର ପରିବର୍ତ୍ତନ ପାଇଁ ଏକ ସମର୍ପିତ ସ୍ୱଚ୍ଛ ଭାରତ ଦଳର ଆବଶ୍ୟକତା ଅନୁଭୂତ ହେଲା। ଆଜି ଏହି ଦଳରେ ୧୨ କୋଟି ଛାତ୍ରଛାତ୍ରୀ, ୧୦ ଲକ୍ଷ ରାଜମିସ୍ତ୍ରୀ (ଯେଉଁମାନଙ୍କ ମଧ୍ୟରୁ ୧ ଲକ୍ଷ ହେଉଛନ୍ତି ମହିଳା), ୫ ଲକ୍ଷ




ସ୍ୱଚ୍ଛାଗ୍ରହୀ, ୨ ଲକ୍ଷ ୫୦ ହଜାର ସରପଞ୍ଚ, ୭୦୦ ଜିଲ୍ଲାର ଜିଲ୍ଲାପାଳ, ୪୦୦ ଜିଲ୍ଲା ସ୍ୱଚ୍ଛ ଭାରତ ପ୍ରୋତ୍ସାହନକାରୀ, ୨୦ ଜଣ ବରିଷ୍ଠ ଅଗ୍ରଦୂତ ଓ ଏ ସମସ୍ତଙ୍କ ନେତୃତ୍ୱ ନେଉଥିବା ଭାରତର ପ୍ରଧାନମନ୍ତ୍ରୀ।

**ବେଗ**

ଏହି ଅଭିଯାନର ସଫଳତା ପାଇଁ ଏକ ତ୍ୱରିତ ବେଗ ନିର୍ଦ୍ଧାରିତ କରିବା ଆବଶ୍ୟକ ଥିଲା। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ପ୍ରଧାନମନ୍ତ୍ରୀ ଅକ୍ଟୋବର ୨ ତାରିଖ ୨୦୧୯କୁ ତିଥି ଧାର୍ଯ୍ୟ କରି କାଳକ୍ଷେପଣ ଆଶଙ୍କାକୁ ଦୂରୀଭୂତ କଲେ। ଏହାସହିତ ଏହି ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଉଦ୍ଦିଷ୍ଟ ଦଳକୁ ମଧ୍ୟ ତ୍ୱରିତ ବେଗରେ ତିଆରି କରିବା ଆବଶ୍ୟକ ଥିଲା। ଏହା ପୂର୍ବରୁ ଆବଶ୍ୟକ ଥିଲା ଏହି ଦଳର ପ୍ରତ୍ୟେକ ସଦସ୍ୟଙ୍କ ସ୍ୱଚ୍ଛତା ପ୍ରତି ଅଙ୍ଗୀକାରବଦ୍ଧ ସୁନିଶ୍ଚିତ କରିବା। ସ୍ୱଚ୍ଛତାକୁ ନେଇ ବ୍ୟବହାର ପରିବର୍ତ୍ତନ ପାଇଁ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ, ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଗ୍ରାମ୍ୟସ୍ତରରେ ଗ୍ରାମ୍ୟ ଉତ୍ସାହବର୍ଦ୍ଧନକାରୀମାନେ ନେତୃତ୍ୱ ନେଲେ।

**କାହାଣୀ ଓ କଳଙ୍କ**

ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ଗୋଷ୍ଠୀଗତ ବିଶ୍ୱାସ/ ଅନ୍ଧବିଶ୍ୱାସର ନିରାକରଣ ବିନା ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରାଯାଇ ପାରିନଥାନ୍ତା। ଏହିସବୁ ଗ୍ରାମୀଣ ଅବଧାରଣାରେ ଅନ୍ତର୍ଭୁକ୍ତ ଥିଲା- କେବଳ ମହିଳା ଓ ଶିଶୁମାନେ ଶୌଚାଳୟ ବ୍ୟବହାର କରିବା ଉଚିତ୍, ଘର ପରିସରରେ ଶୌଚାଳୟ ନିର୍ମାଣ କରିବା ଏକ ଅପବିତ୍ର କାର୍ଯ୍ୟ, ଶୌଚାଳୟ ସଫା କରିବା ନିଜ କାମ ନୁହଁ ଓ ଆହୁରି ଅନେକ କିଛି। ଏସବୁ ଅନ୍ଧବିଶ୍ୱାସର ଦୂରୀକରଣ

**୧୫ ଅଗଷ୍ଟ ୨୦୧୪ରେ ସବୁକିଛି ବଦଳିଗଲା, ଯେତେବେଳେ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ସମ୍ଭାଷଣରେ ଲାଲ୍‌କିଲ୍ଲା ଉପରୁ ଦେଶବାସୀଙ୍କୁ ଏକ ଐତିହାସିକ ଯାତ୍ରା ପାଇଁ ଆହ୍ୱାନ ଦେଇଥିଲେ- ସେ ଯାତ୍ରା ଥିଲା ଦେଶକୁ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ କରିବାର ଯାତ୍ରା- ଏକ ସ୍ୱଚ୍ଛ ଭାରତ ପାଇଁ ଯାତ୍ରା।**

ପାଇଁ ଗ୍ରାମ୍ୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଗଲା ଓ ରାଷ୍ଟ୍ରୀୟ ସ୍ତରରେ ଗଣମାଧ୍ୟମ ସାହାଯ୍ୟରେ ଏକ ସଚେତନତା ଅଭିଯାନ ମଧ୍ୟ ହାତକୁ ନିଆଗଲା। ଏହିଭଳି ଏକ ଅଭିଯାନ ଥିଲା 'ଦରୱାଜା ବନ୍ଦ' ଅଭିଯାନ। ଏଥିରେ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଓ ଅନୁଷ୍କା ଶର୍ମା ଅଭିନୟ ମାଧ୍ୟମରେ ଜନସାଧାରଣଙ୍କୁ ଏହି ବାର୍ତ୍ତା ଦେଇ ପ୍ରେରିତ କଲେ ଯେ ଶୌଚାଳୟ କେବଳ ଶିଶୁ ଓ ମହିଳା ନୁହଁ, ବରଂ ପରିବାରର ପ୍ରତ୍ୟେକ ସଦସ୍ୟ ଉପଯୋଗ କରିବା ଉଚିତ୍। ଏହି ଗଣମାଧ୍ୟମ ପ୍ରାୟୋଜିତ ଶୌଚାଳୟ ବ୍ୟବହାର ସମ୍ପର୍କିତ ବାର୍ତ୍ତା ଆହୁରି ମଜବୁତ୍ ହେଲା, ସେ ସମୟରେ ମୁକ୍ତିଲାଭ କରିଥିବା ଅକ୍ଷୟ କୁମାର ଅଭିନୀତ 'ଟଏଲେଟ: ଏକ୍ ପ୍ରେମ୍ କଥା' ଚଳଚ୍ଚିତ୍ର ଯୋଗୁଁ। ଏଥିରେ ଶୌଚାଳୟ ନଥିବା ଯୋଗୁଁ ମହିଳାମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଦର୍ଶାଯାଇଥିଲା।

**ଧାରଣ କ୍ଷମତା**

ସ୍ୱଚ୍ଛତା ଅଭିଯାନର ବେଗ ଓ ଜନଆନ୍ଦୋଳନର ତୀବ୍ରତାକୁ ଧରିରଖିବା ପାଇଁ ମଧ୍ୟ ପ୍ରୟାସ କରାଗଲା। ଏଥିପାଇଁ ରଣନୀତିଗୁଡ଼ିକ ହେଲା:

- **ଓଡ଼ିଏଫ୍-କ୍ୟୁ:** ଏହି ବ୍ୟବସ୍ଥା ଅଧିନରେ ପ୍ରତ୍ୟେକ ଶୌଚାଳୟକୁ ଜିଓ ଟ୍ୟାଗ୍ କରାଗଲା। ଶୌଚାଳୟ ବ୍ୟବହାରକୁ ନେଇ ପ୍ରତ୍ୟେକ ଗ୍ରାମର ବାସ୍ତବିକ ସ୍ଥିତିକୁ ଦୁଇ ପ୍ରକାରର ଯାଞ୍ଚ ଅନ୍ତର୍ଭୁକ୍ତ କରାଗଲା। ଗୋଟିଏ ଥିରେ ବ୍ୟବହାରକାରୀଙ୍କ ନିଜସ୍ୱ ଘୋଷଣା ଓ ଅନ୍ୟଟିରେ କୌଣସି ତୃତୀୟ ପକ୍ଷଙ୍କ ଦ୍ୱାରା ସତ୍ୟାସତ୍ୟ ଯାଞ୍ଚ ବ୍ୟବସ୍ଥା କରାଗଲା। ଏଥିରେ କୌଣସି ପ୍ରକାରର ଗୁଣବତ୍ତା ସମ୍ପର୍କିତ ତ୍ରୁଟି ନିରାକରଣ ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଗଲା।
- **ଓଡ଼ିଏଫ୍-ଏସ୍:** ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ସମ୍ପର୍କିତ ବ୍ୟବହାର ପରିବର୍ତ୍ତନକୁ ବଜାୟ ରଖିବା ପାଇଁ ପ୍ରୟାସ ଅନ୍ତର୍ଭୁକ୍ତ। ଏଥିପାଇଁ ସଂସ୍ଥାଗତ ଓ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଗଲା। ଏତଦ୍ବ୍ୟତୀତ ଏହି ଅଭିଯାନର ସଫଳତାକୁ ଧାରଣକ୍ଷମ କରିବା ପାଇଁ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ତରଫରୁ ଏକ ଦଶବର୍ଷିଆ ପରିମଳ ରଣନୀତି ପ୍ରସ୍ତୁତ କରାଗଲା।

ଏକ ଦେଶ ଭାବରେ ଭାରତର ବିଶାଳ ବିବିଧତାକୁ ଏହି ତଥ୍ୟରୁ ଭଲଭାବେ ହୃଦୟଙ୍ଗମ କରାଯାଇପାରେ ଯେ ଏହି ଦେଶରେ ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଥିବାବେଳେ ଏହା ହେଉଛି ୧୩୦ କୋଟି ବ୍ୟକ୍ତିଙ୍କ ଦେଶ। ଏହାର ୭୦ ପ୍ରତିଶତ ଲୋକ ୭୦୦ଟି ଜିଲ୍ଲାର ୬ ଲକ୍ଷ ଗ୍ରାମରେ ବସବାସ କରନ୍ତି। ତେବେ ୨୦୧୪ ପର୍ଯ୍ୟନ୍ତ ଏହି ଜନସଂଖ୍ୟାର ୬୦ କୋଟି ବ୍ୟକ୍ତି (ବିଶ୍ୱର ଖୋଲାରେ ମଳତ୍ୟାଗ କରୁଥିବା ବ୍ୟକ୍ତିଙ୍କ ପ୍ରାୟ ୬୦ ପ୍ରତିଶତ) ଖୋଲାରେ ମଳତ୍ୟାଗ କରୁଥିଲେ। ଏଥିରୁ କଳ୍ପନା କରାଯାଇପାରେ ଯେ ଏହାଦ୍ୱାରା ରୋଗ ସଂକ୍ରମଣ, ଉତ୍ପାଦନକ୍ଷମ ସମୟ ଅପଚୟ, ମହିଳା ଓ ଶିଶୁଙ୍କ ଉପରେ ପ୍ରଭାବ ଏବଂ ଶିକ୍ଷା ଓ ସର୍ବନିମ୍ନ ମାନବୀୟ ସମ୍ମାନ ହାନିର ପରିମାଣ କେତେ ବେଶୀ।



● **ଓଡିଏଫ୍-ଆଇ:** ସ୍ୱଚ୍ଛ ଭାରତ ଅଭିଯାନକୁ କେବଳ ଶୌଚାଳୟ ପର୍ଯ୍ୟନ୍ତ ସୀମିତ ନରଖି ଗ୍ରାମ୍ୟ ପରିମଳ ଓ ପରିଚ୍ଛନତାକୁ ମଧ୍ୟ ସାମିଲ୍ କରାଗଲା। ସେହିଭଳି ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ ସହ ସମନ୍ୱୟ ସ୍ଥାପନ କରି ଗ୍ରାମୀଣ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରାଗଲା। ସ୍ୱଚ୍ଛତା ଅଭିଯାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଂଶ୍ଲିଷ୍ଟ କରିବା ପାଇଁ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ, ବିଭିନ୍ନ ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଉଦ୍ୟୋଗ ଜଗତ, ଧର୍ମୀୟ ସଂଗଠନ ଓ ଗଣମାଧ୍ୟମ ସହ ମିଶି କାର୍ଯ୍ୟ କରିଆସୁଛି। ଏ ସମ୍ପର୍କରେ କେତେକ ବିଶେଷ କାର୍ଯ୍ୟକ୍ରମ ଓ ପ୍ରକଳ୍ପ ହାତକୁ ନିଆଯାଇଛି। ସ୍ୱଚ୍ଛତା ପକ୍ଷ ପାଳନ (ଯେଉଁଥିରେ ସମସ୍ତ କେନ୍ଦ୍ର ମନ୍ତ୍ରଣାଳୟ / ବିଭାଗ ୧୫ ଦିନ ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଅନ୍ତି), ସ୍ୱଚ୍ଛ ସ୍ୱତନ୍ତ୍ର ସ୍ଥାନ (ବହୁ ପକ୍ଷଙ୍କ ମିଳିତ ଉଦ୍ୟମରେ ଐତିହ୍ୟ/ଧାର୍ମିକ/ସାଂସ୍କୃତିକ ବିଶେଷତ୍ୱ ବହନ କରୁଥିବା ୧୦୦ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସ୍ୱଚ୍ଛ ରଖିବା), ସ୍ୱଚ୍ଛତା କାର୍ଯ୍ୟ ଯୋଜନା (ଯେଉଁଥିରେ ୭୬ଟି ମନ୍ତ୍ରଣାଳୟ/ବିଭାଗ ନିଜ ନିଜ ସ୍ୱଚ୍ଛତା କାର୍ଯ୍ୟ ପାଇଁ ୫୨୪୮ କୋଟି ଟଙ୍କା ଅନୁମୋଦିତ କରିଛନ୍ତି) ଏବଂ ଗଙ୍ଗା ନଦୀକୂଳ ଗ୍ରାମଗୁଡ଼ିକୁ ଖୋଲାରେ ମଳତ୍ୟାଗ କରିବା ପ୍ରବୃତ୍ତିରୁ ମୁକ୍ତ କରିବା ଆଦି ପଦକ୍ଷେପ ନେଇଛନ୍ତି। ସଦ୍ୟତମ ଏଭଳି ପଦକ୍ଷେପ ହେଉଛି ସ୍ୱଚ୍ଛ ସର୍ବେକ୍ଷଣ (ଗ୍ରାମୀଣ-୨୦୧୮), ଯାହା ଅଧିନରେ ଦେଶର ୬୯୮ଟି ଜିଲ୍ଲାର ୬୯୮୦ ଗ୍ରାମରେ ପରିମଳ ସର୍ବେକ୍ଷଣ କରାଯାଇଛି।

ଏହି ଅଭିଯାନ ବିଶ୍ୱର ସର୍ବବୃହତ୍ ସ୍ୱଚ୍ଛତା ଅଭିଯାନ ଭାବରେ ପରିଣତ ହେବାରେ କୌଣସି ଅତିଶୟୋକ୍ତି ନାହିଁ। ବାସ୍ତବରେ ଏଥିରେ ସବୁ ବର୍ଗର ବ୍ୟକ୍ତି ସମ୍ପୃକ୍ତ ହୋଇ ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିଛନ୍ତି। କହିବା ବାହୁଲ୍ୟ, ଏହି ଅଭିଯାନରେ ମହିଳମାନଙ୍କ ଉଲ୍ଲେଖନୀୟ ଭୂମିକା ରହିଆସିଛି- ଏଥିପାଇଁ ନୁହଁ ଯେ ଏହି ଅଭିଯାନ କେବଳ ସେମାନଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ହୋଇଛି ବରଂ ଏଥିପାଇଁ ମଧ୍ୟ ଯେ ଏହାଦ୍ୱାରା ସେମାନଙ୍କ ପାରିବାରିକ ଓ ସର୍ବୋପରି ସେମାନଙ୍କ ଗୋଷ୍ଠୀଗତ ମଙ୍ଗଳ କାର୍ଯ୍ୟ ସାଧିତ ହେଉଛି। ଏହି ବିଶ୍ୱାସର ସହିତ ମହିଳାମାନେ ନିଜ ବଳକା ସମୟ ଦେଇ ଶୌଚାଳୟ ନିର୍ମାଣ ସହିତ ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସ୍ୱଚ୍ଛତା ଅଭିଯାନରେ ଆମ ପାଇଁ ସର୍ବାଧିକ ଉତ୍ସାହପ୍ରଦ ଶବ୍ଦଟି ହେଉଛି ଜନସାଧାରଣଙ୍କ ଅଭ୍ୟାସରେ ପରିବର୍ତ୍ତନ। ଏ ସମ୍ପର୍କିତ କେତେକ ଉଦାହରଣ-

● ମହିଳାମାନଙ୍କୁ ରାଜମିସ୍ତ୍ରୀ ପ୍ରଶିକ୍ଷଣ ଦିଆଯାଉଥିବାବେଳେ ସୁନୀତା ଦେବୀ ନାମ୍ନୀ ଜଣେ ମହିଳା ଏଥିରେ ଅଂଶଗ୍ରହଣ କଲେ ଓ ଦୁଇଟି ଖାତ ବିଶିଷ୍ଟ ଶୌଚାଳୟ ନିର୍ମାଣ କରିବା ଶିଖିଗଲେ। ତାଙ୍କ କୌଶଳରେ ଖୁସିହୋଇ ଜିଲ୍ଲା ପ୍ରଶାସନ ତାଙ୍କୁ ଅନ୍ୟମାନଙ୍କୁ ମିସ୍ତ୍ରୀ ପ୍ରଶିକ୍ଷଣ ଦେବା ପାଇଁ ପ୍ରଶିକ୍ଷକ ଭାବେ ନିଯୁକ୍ତ କଲେ। ଏପର୍ଯ୍ୟନ୍ତ ସେ ୧୬୦୦ ରାଣୀ ମିସ୍ତ୍ରୀଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି।

● ୮ ଜଣ ସଦସ୍ୟ ସମ୍ବଳିତ ପରିବାରର ଦାୟିତ୍ୱ ସତ୍ତ୍ୱେ ରାଜସ୍ଥାନର ବନ୍ତୱାଡ଼ା ଜିଲ୍ଲା ଅନ୍ତର୍ଗତ କାର୍ଜୀ ପଞ୍ଚାୟତର ଶଙ୍କରୀ ମାଭି ଜଣେ ରାଣୀ ମିସ୍ତ୍ରୀ ହେଲେ ଓ ନିଜେ ଶ୍ରମଦାନ କରି ନିଜ ଶୌଚାଳୟ ନିର୍ମାଣ



ଦେଶକୁ ସ୍ୱଚ୍ଛ ଓ ସବୁଜ କରି ଗଢ଼ିତୋଳିବାର ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ନାଗରିକ ସମାଜ- ଏ ସମସ୍ତଙ୍କ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଏକ ପରିଚିତ ନାମ ହୋଇପାରିଛି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଅଭିଯାନର ଫଳ ସ୍ୱରୂପ ବୟସ, ଜାତି, ଲିଙ୍ଗ, ଧର୍ମ ଓ ଶାରିରୀକ ଦକ୍ଷତା ନିର୍ବିଶେଷରେ ବିକାଶ ପ୍ରକ୍ରିୟାରେ ସମସ୍ତଙ୍କ ଅନ୍ତର୍ଭୁକ୍ତୀକରଣ ସମ୍ଭବ ହୋଇପାରିଛି।

ତେବେ ପ୍ରଶ୍ନଉଠେ ଯେ ଏତେ ସଂଖ୍ୟକ ଲୋକ, ଯେଉଁମାନେ ଖୋଲାରେ ମଳତ୍ୟାଗ କରୁଥିଲେ ସେମାନଙ୍କ ବ୍ୟବହାରରେ ଏତବଡ଼ ପରିବର୍ତ୍ତନ ଆସିଲା କେମିତି ? ପରିମଳ ସଂକ୍ରାନ୍ତୀୟ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ ମତରେ ପରିମଳ ପରିଚ୍ଛନ୍ନତାକୁ ନେଇ ବ୍ୟବହାର ପରିବର୍ତ୍ତନ ପାଇଁ ଗୋଷ୍ଠୀଗତ ଦୃଷ୍ଟିଭଙ୍ଗୀ ଅପରିହାର୍ଯ୍ୟ। ତେବେ ୨୦୧୪ ମସିହାରେ କେବଳ ଏହି ଦୃଷ୍ଟିଭଙ୍ଗୀ ସହ ଏତେବଡ଼ ସମସ୍ୟାର ସମାଧାନ ସମ୍ଭବପର ହୋଇପାରିବା ଭଳି ଲାଗୁନଥିଲା।

କଲେ। ଅନ୍ୟମାନଙ୍କ ବିନା ସାହାଯ୍ୟରେ ସେ ଦିନରାତି କାମ କଲେ। ରାତିରେ ସେ ନିଜ ମୋବାଇଲ୍‌ର ଲାଇଟ୍‌ରେ କାମ କରୁଥିଲେ ଓ ଦିନବେଳା କୃଷି କାର୍ଯ୍ୟ ସମ୍ଭାଳୁଥିଲେ। ଏହିପରି ଭାବରେ ସେ ନିଜ ଦୈନନ୍ଦୀନ କୃଷି କାର୍ଯ୍ୟ ଓ ଘରୋଇ ସ୍ୱଚ୍ଛତା- ଉଭୟ ପ୍ରତି ଧ୍ୟାନ ଦେଇ ସଫଳ ହେଲେ।

- ସ୍ୱଚ୍ଛ ଭାରତ ଅଭିଯାନର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ସମସାଲ ବେଗମ୍‌ଙ୍କ ବିବାହ ଅନୁଷ୍ଠିତ ହେବାର ଥିଲା। ତୌଶେଫ୍ ରେଜା ଅହମ୍ମଦ ନାମକ ଜଣେ ମୋବାଇଲ୍ ଦୋକାନୀଙ୍କ ଠାରୁ ବିବାହ ପ୍ରସ୍ତାବ ପାଇଲା ପରେ ସେ ସର୍ତ୍ତ ରଖିଲେ ଯେ ବରପାତ୍ର ତାଙ୍କ ମୁର୍ସିଦାବାଦସ୍ଥିତ ଘରେ ବିବାହ ପୂର୍ବରୁ ଶୌଚାଳୟ ନିର୍ମାଣ କରିବେ।

ଖୁସିର କଥା ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସ୍ୱଚ୍ଛ ଭାରତ ଅଭିଯାନ ଯୋଗୁଁ ୨୦୧୪ରୁ ୨୦୧୯ ଅକ୍ଟୋବର ମାସ ମଧ୍ୟରେ ଝାଡ଼ାବାନ୍ତି ଓ ପ୍ରୋଟିନ୍ ଅପପୁଷ୍ଟିଜନିତ ୩ ଲକ୍ଷ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରେ ପରିବର୍ତ୍ତନ ଓ

ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ଗୋଷ୍ଠୀଗତ ବିଶ୍ୱାସ/ଅନ୍ଧବିଶ୍ୱାସର ନିରାକରଣ ବିନା ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରାଯାଇ ପାରିନଥାନ୍ତା। ଏହିସବୁ ଗ୍ରାମୀଣ ଅବଧାରଣାରେ ଅନ୍ତର୍ଭୁକ୍ତ ଥିଲା- କେବଳ ମହିଳା ଓ ଶିଶୁମାନେ ଶୌଚାଳୟ ବ୍ୟବହାର କରିବା ଉଚିତ୍, ଘର ପରିସରରେ ଶୌଚାଳୟ ନିର୍ମାଣ କରିବା ଏକ ଅପବିତ୍ର କାର୍ଯ୍ୟ, ଶୌଚାଳୟ ସଫା କରିବା ନିଜ କାମ ନୁହଁ ଓ ଆହୁରି ଅନେକ କିଛି। ଏସବୁ ଅନ୍ଧବିଶ୍ୱାସର ଦୂରୀକରଣ ପାଇଁ ଗ୍ରାମ୍ୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଗଲା ଓ ରାଷ୍ଟ୍ରୀୟ ସ୍ତରରେ ଗଣମାଧ୍ୟମ ସାହାଯ୍ୟରେ ଏକ ସଚେତନତା ଅଭିଯାନ ମଧ୍ୟ ହାତକୁ ନିଆଗଲା। ଏହିଭଳି ଏକ ଅଭିଯାନ ଥିଲା 'ଦରୱାଜା ବନ୍ଦ' ଅଭିଯାନ। ଏଥିରେ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଓ ଅନୁଷ୍କା ଶର୍ମା ଅଭିନୟ ମାଧ୍ୟମରେ ଜନସାଧାରଣଙ୍କୁ ଏହି ବାର୍ତ୍ତା ଦେଇ ପ୍ରେରିତ କଲେ ଯେ ଶୌଚାଳୟ କେବଳ ଶିଶୁ ଓ ମହିଳା ନୁହଁ, ବରଂ ପରିବାରର ପ୍ରତ୍ୟେକ ସଦସ୍ୟ ଉପଯୋଗ କରିବା ଉଚିତ୍। ଏହି ଗଣମାଧ୍ୟମ ପ୍ରାୟୋଜିତ ଶୌଚାଳୟ ବ୍ୟବହାର ସମ୍ପର୍କିତ ବାର୍ତ୍ତା ଆହୁରି ମଜବୁତ୍ ହେଲା, ସେ ସମୟରେ ମୁକ୍ତିଲାଭ କରିଥିବା ଅକ୍ଷୟ କୁମାର ଅଭିନୀତ 'ଟଏଲେଟ: ଏକ୍ ପ୍ରେମ୍ କଥା' ଚଳଚ୍ଚିତ୍ର ଯୋଗୁଁ। ଏଥିରେ ଶୌଚାଳୟ ନଥିବା ଯୋଗୁଁ ମହିଳାମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଦର୍ଶାଯାଇଥିଲା।



ଘରେ ଘରେ ଶୌଚାଳୟ ନିର୍ମାଣ ଯୋଗୁଁ ଏହା ସମ୍ଭବ ହେବ ଇତିମଧ୍ୟରେ ୟୁନିସେଫ୍‌ର ଏକ ଅଧ୍ୟୟନ ଅନୁଯାୟୀ ଖୋଲାରେ ଶୌଚ କରିବା ଅଭ୍ୟାସ ମୁକ୍ତ କୌଣସି ଗୋଷ୍ଠୀର ପ୍ରତ୍ୟେକ ପରିବାର ବାର୍ଷିକ ୫୦ ହଜାର ଟଙ୍କା ସଞ୍ଚୟ କରିଥାନ୍ତି। ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟୟ ହ୍ରାସ, ଶୌଚାଳୟ ଯୋଗୁଁ ସଞ୍ଚୟ ହୋଇପାରୁଥିବା ସମୟର ମୂଲ୍ୟ ଓ ମୃତ୍ୟୁକୁ ଏଡ଼ାଇଦେଇ ହେଉଥିବା ପ୍ରୟାସର ମୂଲ୍ୟକୁ ଯୋଡ଼ି ଏହି ଆକଳନ କରାଯାଇଛି।

ଏହାର ନିଜସ୍ୱ ପ୍ରଭାବ ବ୍ୟତିରେକ ସ୍ୱଚ୍ଛ ଭାରତ ଅଭିଯାନରୁ ଅନ୍ୟାନ୍ୟ ବୃହତ୍ ଅର୍ଥାତ୍ ପରିବର୍ତ୍ତନକାରୀ ସଦସ୍ୟଙ୍କ ପାଇଁ ମଧ୍ୟ ଅନୁଭୂତି ମିଳିଛି। ସେଗୁଡ଼ିକ ହେଉଛି:

- **ରାଜନୈତିକ ନେତୃତ୍ୱ:** ଉଚ୍ଚ ରାଜନୀତି ଇଚ୍ଛାଶକ୍ତି ଓ ନେତୃତ୍ୱର ଗୁରୁତ୍ୱ
- **ପବ୍ଲିକ୍ ଫଣ୍ଡିଂ:** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସ୍ୱଚ୍ଛ ଭାରତ ଅଭିଯାନକୁ ପାଣି ଅଭାବରୁ ମୁକ୍ତ ରଖିବା ପାଇଁ ଏକ ଲକ୍ଷ କୋଟି ଟଙ୍କା ଅନୁଦାନ ଦେଇଛନ୍ତି।
- **ମିଳିତ ଉଦ୍ୟମ:** ବିକାଶ ସହଭାଗୀ, ବେସରକାରୀ ସଂସ୍ଥା, ବେସରକାରୀ କ୍ଷେତ୍ର, ନାଗରିକ ସମାଜ ଓ ଗଣମାଧ୍ୟମ ଆଦିଙ୍କ ମିଳିତ ପ୍ରୟାସ।
- **ଜନ ସହଯୋଗ:** ସ୍ୱଚ୍ଛତା ଏକ ସରକାରୀ କାର୍ଯ୍ୟକ୍ରମ ନୁହଁ, ବରଂ ଏକ ଜନଆନ୍ଦୋଳନ।

ନିଜ ପରିଚ୍ଛନ୍ନତା ଓ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରି ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଏକ ସ୍ୱଚ୍ଛ ଭାରତର ସ୍ୱପ୍ନ ସାକାର କରିବାକୁ ଗ୍ରାମୀଣ ଭାରତ ପ୍ରସ୍ତୁତ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନ ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି। ଏହାସହିତ ମିଳିତ ଜାତିସଂଘର ୬ନଂ ଧାରଣକ୍ଷମ ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଅଭ୍ୟାସ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରାଯାଇଛି। ୨୦୧୮ ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୨ ତାରିଖ ଭିତରେ ନୂଆଦିଲ୍ଲୀରେ ମହାତ୍ମାଗାନ୍ଧୀ ଆନ୍ତର୍ଜାତିକ ସ୍ୱଚ୍ଛତା ବୈଠକରେ ଅଂଶଗ୍ରହଣ କରିଥିବା ବିଶ୍ୱର ବିଭିନ୍ନ ଦେଶର ପରିମଳ ବିଭାଗର ୫୯ଜଣ ମନ୍ତ୍ରୀ ଏହି କଥାକୁ ସ୍ୱୀକାର କରିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ ପାଲଟିଛି ଓ ଏକ ଜନଆନ୍ଦୋଳନର ରୂପ ନେଇ ସମଗ୍ର ବିଶ୍ୱରେ ନିଜର ପ୍ରଭାବ ଛାଡ଼ିଯାଉଛି।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟର ସଚିବ।**
**E-mail: param.iyer@gov.in**

- ବିଭିନ୍ନ ପେଟ୍ରୋଲ୍ ପମ୍ପ ଏବଂ ସେବା କେନ୍ଦ୍ରଗୁଡ଼ିକରେ ନିଆଯାଉଥିବା ସ୍ୱଚ୍ଛତା ପଦକ୍ଷେପ ତଦାରଖ କରିବା ପାଇଁ ଏବଂ ସେଗୁଡ଼ିକରେ ସ୍ୱଚ୍ଛତାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ତରଫରୁ Swachta@PertolPump ନାମରେ ଆପ୍ ବିକଶିତ କରାଯାଇଛି।
- ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ତରଫରୁ ସମସ୍ତ ବିଦ୍ୟାଳୟରେ ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା କରାଯାଇଛି।
- ବେସାମରିକ ଜାହାଜ ଚଳାଚଳ, ଶକ୍ତି ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ଜଳ ସଂରକ୍ଷଣ, ଜୈବ ଇନ୍ଧନ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ଆଦି ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇଛି।
- ଅକ୍ଟୋବର ୨୦୧୯ ସୁଦ୍ଧା ଟ୍ରେନ୍‌ଗୁଡ଼ିକରେ ବାୟୋ-ଡିଜାଷ୍ଟର ଟଏଲେଟ୍ ବ୍ୟବସ୍ଥା କରିବା ପାଇଁ ରେଳ ମନ୍ତ୍ରଣାଳୟ ପ୍ରତିବଦ୍ଧ।
- ପାନୀୟଜଳ ଓ ପରିମଳ ବିଭାଗ ସହଯୋଗରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛ ସ୍ୱାସ୍ଥ୍ୟ ସର୍ବତ୍ର ଅଭିଯାନ ଅଧିନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପଦକ୍ଷେପ ନେଇଛି।

# ସ୍ୱଚ୍ଛତା: ଏକ ଶୁଦ୍ଧିକରଣ ପ୍ରକ୍ରିୟା

ସୁଦର୍ଶନ ଆୟେଙ୍ଗାର

ଚାରିବର୍ଷ ପୂର୍ବେ ୨୦୧୪ ଅଗଷ୍ଟ ୧୫ରେ ତାଙ୍କ ଭାଷଣ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଦେଶର ପଞ୍ଚଦଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଲାଲ୍‌କିଲ୍ଲା ପ୍ରାଚୀର ଉପରୁ ଯାହା କହିଥିଲେ ତାହା ନିମ୍ନରେ ପ୍ରଦାନ କରାଯାଇଛି।

"ଭାଇ ଓ ଭଉଣୀମାନେ ୨୦୧୯ରେ ଆମେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବା। ..... ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଗାନ୍ଧିଜୀଙ୍କରଅତି ପ୍ରିୟ ଥିଲା। ତେଣୁ ଚଳିତ ବର୍ଷ ଅକ୍ଟୋବର ୨ ତାରିଖରୁ ସମଗ୍ର ଦେଶରେ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କରାଯିବ ଏବଂ ଏହା ଚାରିବର୍ଷ ପର୍ଯ୍ୟନ୍ତ ଚାଲିବ। ଆଜିଠାରୁ ମଧ୍ୟ ମୁଁ ଏ ଦିଗରେ କିଛି ଆରମ୍ଭ କରିବାକୁ ଚାହୁଁଛି। ତଦନୁସାରେ ଦେଶର ସବୁ ସ୍କୁଲରେ ଶୌଚାଳୟ ତିଆରି କରାଯିବ ଏବଂ ଉଭୟ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ବ୍ୟବସ୍ଥା କରାଯିବ। ଏହା ଫଳରେ ଆମ ଝିଅମାନେ ଶୌଚାଳୟ ସୁବିଧା ଅଭାବରୁ ବାଧ ହୋଇ ଅଧାରୁ ଆଉ ପାଠ ଛାଡ଼ିବେ ନାହିଁ।"

୧୯୫୦ ଜାନୁୟାରୀ ୨୬ରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ଦେଶବାସୀ ଯେଉଁ ସମ୍ବିଧାନ ପାଇଥିଲେ ସେଥିରେ ଥିବା ମୁଖବନ୍ଧରେ ଯାହା ସବୁ ଉଲ୍ଲେଖ ରହିଛି ସେହି କର୍ତ୍ତବ୍ୟ ପାଳନରେ ଆମେ ଭାରତବାସୀ ଏଯାଏ ସଫଳ ହୋଇପାରିନାହୁଁ। ସମ୍ବିଧାନମତେ ପ୍ରତ୍ୟେକ ଭାରତବାସୀ ନ୍ୟାୟ, ମୁକ୍ତି, ସାମ୍ୟ ଓ ଭ୍ରାତୃଭାବ ପାଇବାକୁ ହକ୍‌ଦାର। ତଦନୁସାରେ ସବୁ ନାଗରିକ ସମାନ ସୁଖସୁବିଧା ପାଇବାକୁ ହକ୍‌ଦାର୍। ପ୍ରତ୍ୟେକ ନାଗରିକକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ସମସ୍ତଙ୍କୁ ଉପଯୁକ୍ତ ପରିମଳ ସୁବିଧା ଯୋଗାଇଦେବାକୁ ରାଷ୍ଟ୍ର ଅଙ୍ଗୀକୃତ। ନାଗରିକ ଏହି ସୁବିଧାରୁ ବଞ୍ଚିତ ହେବା ଏକ ଅନ୍ୟାୟ। ଏହାର ଅଭାବରେ ଏକ ନ୍ୟାୟୋଚିତ ସମାଜ ଗଠନ ସମ୍ଭବ ନୁହେଁ। ଜଳ ଓ ପରିମଳ (ୱାର୍ଟର ଓ ସାନିଟେସନ୍) ଯାହା ଇଂରାଜୀରେ ୱାଟ୍‌ସନ୍ ନାମରେ ସଂକ୍ଷେପରେ ପରଚିତ ତାହା ସୁବ ଭାରତୀୟଙ୍କ ହକ୍। ଏହାକୁ ହାସଲ କରିବା ପାଇଁ ସବୁ ଭାରତୀୟ ମିଳିତ ଭାବେ ଉଦ୍ୟମ କରିବାର ଆବଶ୍ୟକତା ରହିଛି।

**ଗାନ୍ଧିଜୀଙ୍କ ସ୍ୱଚ୍ଛଭାରତ ବିଚାର:**

ବାପୁଜୀ ଏକ ସ୍ୱଚ୍ଛ, ପରିଷ୍କୃତ ଭାରତ ଚାହୁଁଥିଲେ। ସେଥିରେ ଅପରିଚ୍ଛନ୍ନତା ଓ ଆବର୍ଜନାର ସ୍ଥାନ ନ ଥିଲା। ଶରୀର ଓ ଆତ୍ମା ଉଭୟ ସ୍ୱଚ୍ଛ ପବିତ୍ର ହେବା ଭଳି ସାରା ଭାରତ ପରିଚ୍ଛନ୍ନ ହେଉ ତାହା ସେ ଚାହୁଁଥିଲେ। ଆମେ ବଞ୍ଚୁଥିବା ପୂତିଗନ୍ଧମୟ ପରିବେଶ, ଅପରିଚ୍ଛନ୍ନ, ମଇଳା ଗାଁ ସହରକୁ ସେ ପସନ୍ଦ କରୁ ନ ଥିଲେ।



୧୯୫୦ ଜାନୁୟାରୀ ୨୬ରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ଦେଶବାସୀ ଯେଉଁ ସମ୍ବିଧାନ ପାଇଥିଲେ ସେଥିରେ ଥିବା ମୁଖବନ୍ଧରେ ଯାହା ସବୁ ଉଲ୍ଲେଖ ରହିଛି ସେହି କର୍ତ୍ତବ୍ୟ ପାଳନରେ ଆମେ ଭାରତବାସୀ ଏଯାଏ ସଫଳ ହୋଇପାରିନାହୁଁ। ସମ୍ବିଧାନମତେ ପ୍ରତ୍ୟେକ ଭାରତବାସୀ ନ୍ୟାୟ, ମୁକ୍ତି, ସାମ୍ୟ ଓ ଭ୍ରାତୃଭାବ ପାଇବାକୁ ହକ୍‌ଦାର। ତଦନୁସାରେ ସବୁ ନାଗରିକ ସମାନ ସୁଖସୁବିଧା ପାଇବାକୁ ହକ୍‌ଦାର୍‌। ପ୍ରତ୍ୟେକ ନାଗରିକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ସମସ୍ତଙ୍କୁ ଉପଯୁକ୍ତ ପରିମଳ ସୁବିଧା ଯୋଗାଇଦେବାକୁ ରାଷ୍ଟ୍ର ଅଙ୍ଗୀକୃତ। ନାଗରିକ ଏହି ସୁବିଧାରୁ ବଞ୍ଚିତ ହେବା ଏକ ଅନ୍ୟାୟ। ଏହାର ଅଭାବରେ ଏକ ନ୍ୟାୟୋଚିତ ସମାଜ ଗଠନ ସମ୍ଭବ ନୁହେଁ। ଜଳ ଓ ପରିମଳ (ୱାଟର ଓ ସାନିଟେସନ୍‌) ଯାହା ଇଂରାଜୀରେ ୱାଟ୍‌ସନ୍ ନାମରେ ସଂକ୍ଷେପରେ ପରଚିତ ତାହା ସବୁ ଭାରତୀୟଙ୍କ ହକ୍‌। ଏହାକୁ ହାସଲ କରିବା ପାଇଁ ସବୁ ଭାରତୀୟ ମିଳିତ ଭାବେ ଉଦ୍ୟମ କରିବାର ଆବଶ୍ୟକତା ରହିଛି।

ଏସବୁର ପରିଚ୍ଛନ୍ନତା ରକ୍ଷାରେ ମଣିଷମାନେ ଯେଉଁ ଉଦାସୀନତା ପ୍ରଦର୍ଶନ କରୁଥିଲେ ତାହା ତାଙ୍କୁ ବ୍ୟଥିତ କରିଥିଲା। ହାତରେ ମଇଳା ସଫା କରୁଥିବା ସଂପ୍ରଦାୟଙ୍କର ସ୍ଥିତିରେ ଗାନ୍ଧିଜୀ ଯେତିକି ମର୍ମାହତ ହେଉଥିଲେ, ଖୋଲାରେ ନିର୍ବିକାରରେ ମଳତ୍ୟାଗ କରି ପରିବେଶକୁ ଲୋକ ଦୂଷିତ କରିବାରେ ସେ ସେତିକି ଆହତ ହେଉଥିଲେ। ସ୍ୱଚ୍ଛତା ପ୍ରତି ଭାରତୀୟଙ୍କର ବିଜ୍ଞାନଭିତ୍ତିକ ବିଚାର ନ ଥିବା ସେ ଅନୁଭବ କରୁଥିଲେ। ସେଥିପାଇଁ ସେ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନିଜ ହାତରେ ଝାଡୁ ଧରି ଘର, ଆଶ୍ରମ, ରାସ୍ତା, ଶୌଚାଳୟ, ସାଧାରଣ ସ୍ଥାନ ଓ ଘର ଚତୁଃପାର୍ଶ୍ୱ ନିଜେ ସଫା କରୁଥିଲେ। ଅତଏବ ଗାନ୍ଧିଜୀଙ୍କ ସ୍ୱଚ୍ଛତା ବିଚାର କେବଳ ଶୌଚାଳୟ ନିର୍ମାଣ ଓ ଖୋଲାରେ ମଳତ୍ୟାଗ ବନ୍ଦ କରିବା ଭିତରେ ସୀମିତ ନ ଥିଲା। ସେ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସହିତ ସଫେଇ କାର୍ଯ୍ୟରେ ସଂପୃକ୍ତ ସମୁଦାୟ ଓ ବର୍ଗ, ଯେଉଁମାନଙ୍କୁ ସମାଜ ଘୃଣା ଚକ୍ଷୁରେ ଦେଖେ ସେମାନଙ୍କର ଉନ୍ନତି ଏବଂ ମର୍ଯ୍ୟାଦାପୂର୍ଣ୍ଣ ଥଇଥାନକୁ ଯୋଡ଼ି କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଥିଲେ। ଝାଡୁ କେବଳ ଶାରୀରିକ ସଫେଇର ଏକ ଚିହ୍ନ ନ ଥିଲା, ସେ ଏହାକୁ ଅନ୍ତ୍ୟୋଦୟର ଚିହ୍ନ ଭାବେ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ। ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇ ସେ ଦେଶର ବିଭିନ୍ନ ସହର ବୁଲି ସେଠାକାର ଅପରିଷ୍କାର, ଅପରିଚ୍ଛନ୍ନ ଅଞ୍ଚଳ ବସ୍ତି ବୁଲି ଦେଖିବା ସହ ତାହାର ନିରାକରଣ ପାଇଁ ଉଦ୍ୟମ କରିଥିଲେ। ବିଭିନ୍ନ ମହଲା ଓ ଗଳିରେ ବୁଲି ପରିମଳ ବ୍ୟବସ୍ଥା ଅନୁଧ୍ୟାନ କଲାବେଳେ ପାଖ ଘରର ଉପର ମହଲାରୁ ଛେପ ଖଙ୍କାର ରାସ୍ତାକୁ ପଡ଼ିବା, ଲୋକେ ମନଇଚ୍ଛା ଯିଏ ଯେଉଁଠି ରାସ୍ତା କଡ଼ରେ ମଳମୂତ୍ର ତ୍ୟାଗ କରିବା ସାଧାରଣ ଦୃଶ୍ୟ ଥିଲା। ଲୋକଙ୍କର ଭଦ୍ରାମୀ, ଶିଷ୍ଟାଚାର ନ ଥିଲା ଏବଂ ସେମାନେ ନାଗରିକ ନିୟମ ଖୋଲା ଉଲ୍ଲଙ୍ଘନ କରୁଥିଲେ। ମାଡ୍ରାସ ସହରରେ ସେ ଉଚ୍ଚବର୍ଗର ଲୋକଙ୍କ ସଫେଇ କର୍ମଚାରୀ ଓ ସେହିବର୍ଗ ପ୍ରତି ଥିବା ଅନୁଚିତ ଅହଙ୍କାର ଭାବ ନିଜ ଆଖିରେ ଦେଖିଥିଲେ। ଗୟା ସହରରେ ଗାନ୍ଧିଜୀ ସବୁଠୁ ଅସ୍ୱାସ୍ଥ୍ୟକର ଓ ଅପରିଚ୍ଛନ୍ନ ପରିବେଶ ଦେଖିଥିଲେ।

ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ କାର୍ଯ୍ୟକ୍ରମ ଯଥା ସମ୍ମେଳନରେ ଗାନ୍ଧିଜୀ ପ୍ରଥମ ଥର ପାଇଁ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ସେ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିବା ପରେ ଯୋଗଦେଇଥିବା ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ସଭା ନିମନ୍ତେ ସେ ପ୍ରଥମେ ପରିମଳ କମିଟି ଗଠନର ବ୍ୟବସ୍ଥା କରିଥିଲେ। ସେହି ସଭା ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ପ୍ରତ୍ୟେକ ନେତା ଦୈନନ୍ଦିନ ପରିଚ୍ଛନ୍ନତା କାର୍ଯ୍ୟ ତଦାରଖ କରିବା ସହ ସ୍ୱେଚ୍ଛାକୃତ ଭାବେ ଅସ୍ଥାୟୀ ଶୌଚାଳୟକୁ ପରିଷ୍କାର କରୁଥିଲେ। ଏହା ପରେ କଂଗ୍ରେସ ଅଧିବେଶନରେ ଏହା ଏକ ପ୍ରଥାରେ ପରିଣତ ହେଲା। ଗାନ୍ଧିଜୀ ଯୋଗ ଦିଅନ୍ତୁ ବା ନ ଦିଅନ୍ତୁ ପ୍ରତ୍ୟେକ କଂଗ୍ରେସ ଅଧିବେଶନରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ ଅଗ୍ରାଧିକାରୀ ପ୍ରଦାନ କରାଗଲା। ସେହିଭଳି ଗାନ୍ଧିଜୀଙ୍କ ପ୍ରେରଣାରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପିଲାମାନେ ଦୈନିକ ସଫେଇକୁ ଏକ ଧରାବନ୍ଧା କାମ ଭାବେ ଗ୍ରହଣ କଲେ।

**ପରିଚ୍ଛନ୍ନତା ରକ୍ଷାରେ ଗାନ୍ଧିଜୀ:**

ଗାନ୍ଧିଜୀ ତାଙ୍କ ଆଶ୍ରମରେ ପରିଚ୍ଛନ୍ନତା ରକ୍ଷାରେ ଉପଯୁକ୍ତ ବିଜ୍ଞାନ ଓ ଉପଯୋଗୀ ପ୍ରଯୁକ୍ତି କୌଶଳର ଉପଯୋଗ କରୁଥିଲେ। ଆଶ୍ରମବାସୀ ମଧ୍ୟ ତାହାକୁ ଆଦରି ନେଇଥିଲେ। ଅହମ୍ମଦାବାଦର ନିଜ ଆଶ୍ରମରେ ଗାନ୍ଧିଜୀ ଏ ନେଇ କେତେକ ନୀତି ପ୍ରବର୍ତ୍ତନ କରିଥିଲେ। ଯେଉଁ ପରିଚ୍ଛନ୍ନତା କାର୍ଯ୍ୟକୁ ବୃହତ୍ତର ସମାଜ ଘୃଣା ଚକ୍ଷୁରେ ଦେଖୁଥିଲା ତାହାକୁ ଆଶ୍ରମବାସୀ ଆଦରର ସହ ଗ୍ରହଣ କରିନେଇଥିଲେ। ଫଳରେ ଆଶ୍ରମର ପରିଚ୍ଛନ୍ନତା ଓ ପରିମଳ ରକ୍ଷାରେ ବାହାରର କୌଣସି ଲୋକ ବା ଶ୍ରମିକଙ୍କୁ ନିୟୋଜିତ କରାଯାଉ ନ ଥିଲା। ଆଶ୍ରମରେ ନୂଆ କରି ଯୋଗଦେଉଥିବା ଲୋକଙ୍କୁ ପ୍ରଥମେ ଏହି ପରିଚ୍ଛନ୍ନତା ଦାୟିତ୍ୱରେ ରଖାଯାଉଥିଲା। ଗାନ୍ଧିଜୀ ଅତ୍ୟନ୍ତ ବ୍ୟସ୍ତ ମଣିଷ ଥିଲେ। ଏହା ସତ୍ତ୍ୱେ ସେ ତାଙ୍କର ସବୁ କାମର ମିନିଟ୍ ମିନିଟ୍ ହିସାବ ରଖୁଥିଲେ ଏବଂ ତା'ଭିତରୁ ସମୟ ବାହାର କରି ସ୍ୱଚ୍ଛତା କାର୍ଯ୍ୟରେ ସହଯୋଗ କରୁଥିଲେ। ଏଥିରୁ ଆମକୁ ଅନେକ କିଛି ଶିଖିବାକୁ ମିଳେ। ତେଣୁ ଆମେ କେବଳ ସ୍ୱଚ୍ଛତା ରକ୍ଷା କାମରେ ପ୍ରତୀକାତ୍ମକ ଯୋଗଦାନ ନ'କରି ଏହାକୁ ଏକ ସ୍ଥାୟୀ ନିରନ୍ତର ପ୍ରକ୍ରିୟାରେ ପରିଣତ କରିବାକୁ ଉଦ୍ୟମ କରିବା ଉଚିତ।

୧୯୩୦ ଦଶକରେ, ୱାର୍ଦ୍ଧାର ସେବାଗ୍ରାମ ଆଶ୍ରମରେ ସ୍ୱଚ୍ଛତା ପ୍ରତି ଗାନ୍ଧିଜୀଙ୍କର ନିଷ୍ଠା ଓ ଆଗ୍ରହରେ ହ୍ରାସ ଘଟି ନ ଥିଲା। ସେଠାରେ ପରିଚ୍ଛନ୍ନତା ରକ୍ଷା ପାଇଁ ସେ ଯାହା ଉଲ୍ଲେଖ କରିଥିଲେ ତାହା ନିମ୍ନରେ ପ୍ରଦାନ କରାଯାଇଛି।

"ପ୍ରତ୍ୟେକ ଆଶ୍ରମବାସୀ ନିଜ ନିଜର ଅଇଁଠାବାସନ



ଭଲ ଭାବେ ମାଜି ସଫା କରିବେ ଓ ସେସବୁକୁ ଉପଯୁକ୍ତ ସ୍ଥାନରେ ରଖିବେ। ଅତିଥି ଓ ପରିଦର୍ଶକ ଆଶ୍ରମକୁ ଆସିବାବେଳେ ନିଜନିଜର ବାସନ, ପାଣି ପିଇବା ଗ୍ଲାସ୍, ଗିନା, ଚାମୁଚ, ଲଣ୍ଠନ, ବିଛଣା, ମଶାରୀ, ଲୁଗାପଟା ଧରିଆସିବେ।.... ସବୁ ଜିନିଷକୁ ଠିକଣା ସ୍ଥାନରେ ରଖିବାକୁ ହେବ। ସବୁ ଅଳିଆକୁ ଅଳିଆକୁଣ୍ଡରେ ପକାଇବାକୁ ପଡ଼ିବ। ପାଣିର ଅପଚୟ କରାଯିବ ନାହିଁ। ସମସ୍ତେ ସିଝା ପାଣି ପିଇବେ। ବାସନକୁସନ ଓ ରୋଷେଇ ପାତ୍ର ଆଦି ସଫା କରିବା ପରେ ଶେଷରେ ଗରମ ପାଣିରେ ଧୋଇ ରଖିବାକୁ ହେବ। ଆଶ୍ରମର କୁଅ ପାଣିକୁ ନ'ଶିଝାଇ ପିଇବା ନିରାପଦ ନୁହେଁ। ରାସ୍ତାରେ କିମ୍ବା ଲୋକ ଗତାଗତ କରୁଥିବା ସ୍ଥାନରେ ଛେପ, ଖଙ୍କାର ଓ ସିଂଘାଣି ପକାଇବା ମଧ୍ୟ ନିଷିଦ୍ଧ। ନିର୍ଦ୍ଧାରିତ ସ୍ଥାନରେ ମଳମୂତ୍ର ତ୍ୟାଗ କରିବାକୁ ହେବ। ଝାଡ଼ା ପରିସ୍ରା ପରେ ଉପଯୁକ୍ତ ଭାବେ ସମସ୍ତଙ୍କୁ ଶୌଚ ହେବାକୁ ପଡ଼ିବ। ଶୌଚାଳୟର ପାତ୍ର ତରଳ ଓ କଠିଣ ବର୍ଜ୍ୟ ପାଇଁ ସର୍ବଦା ଭିନ୍ନଭିନ୍ନ ହେବା ଆବଶ୍ୟକ। ଶୌଚ ପରେ ନିରୋଳା ମାଟିରେ ହାତକୁ ଘସି ପରିଷ୍କାର ପାଣିରେ ଧୋଇ ସଫା ଗାମୁଛାରେ ପୋଛିବା ଉଚିତ। ମଳକୁ ମାଟି ଦ୍ୱାରା ଘୋଡ଼ାଇବାକୁ ପଡ଼ିବ, ଯଦ୍ୱାରା ମାଛିଙ୍କୁ ଦୂରେଇ ଦେଇହେବ। ପାଇଖାନା ବ୍ୟବହାର କରିବାବେଳେ ଠିକ୍‌ଭାବେ ବସିବାକୁ ହେବ। ପାଇଖାନାର ଉପରିଭାଗ ଯେପରି ମଳମୂତ୍ରଦ୍ୱାରା ଅପରିଚ୍ଛନ୍ନ ନ'ହୁଏ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ। ଅନ୍ଧାରରେ ଶୌଚାଳୟକୁ ଯିବାବେଳେ ସାଙ୍ଗରେ ଲଣ୍ଠନ ନେବାକୁ ହେବ। ମାଛିଙ୍କୁ ଆକୃଷ୍ଟ କରୁଥିବା ଯେକୌଣସି ପଦାର୍ଥକୁ ଭଲଭାବେ ଘୋଡ଼ାଇ ରଖିବାକୁ ପଡ଼ିବ।"

**ଦେଶରେ ପରିମଳର ସ୍ଥିତି:**

ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ ହେବା ପରେ ସାରା ଦେଶରେ ଶୌଚାଳୟ ନିର୍ମାଣ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ପ୍ରଧାନମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ୨୦୧୪ରେ ଦେଶରେ ଶୌଚାଳୟ ସଂଖ୍ୟା ୪୦% ଥିବାବେଳେ ଏବେ ଏହା ୯୦ ଶତାଂଶରୁ ଅଧିକ ହୋଇଛି। ଏ ପର୍ଯ୍ୟନ୍ତ ୪.୫ଲକ୍ଷ ଗାଁରେ ସମସ୍ତଙ୍କର ଶୌଚାଳୟ ରହିଛି। ଏହା ନିଶ୍ଚୟ ଏକ ଉତ୍ସାହଜନକ କଥା। ତେବେ ଏଥିରେ ପ୍ରଥମ ଆବଶ୍ୟକତା ହେଲା ସ୍ୱଚ୍ଛତା ଓ ପରିଚ୍ଛନ୍ନତା। ସାରା ଦେଶର ସବୁ ଶିକ୍ଷାନୁଷ୍ଠାନ, ପରିବାରରେ ଶୌଚାଳୟ ତିଆରି ହେଲେ ମଧ୍ୟ ଏହାର ବ୍ୟବହାର ଯଦି ନ'ହୁଏ ଓ ଏସବୁକୁ ପରିଷ୍କାର ପରିଚ୍ଛନ୍ନ ରଖା ନ ଯାଏ, ତାହେଲେ ସ୍ୱଚ୍ଛତା ରକ୍ଷା କରାଯାଇପାରିବ ନାହିଁ।

ସ୍ୱଚ୍ଛତା ଅଭିଯାନରେ ରାଜ୍ୟମାନଙ୍କର ବିଶେଷ ଭୂମିକା ରହିଛି। ଭାରତରେ ମଣିଷଦ୍ୱାରା ମଳ ସଫେଇ ବ୍ୟବସ୍ଥା ନିଷିଦ୍ଧ ହେବା ସତ୍ତ୍ୱେ କେତେକ ସ୍ଥାନରେ ଏହା ଏବେ ମଧ୍ୟ ଚାଲିଛି। ୨୦୧୭ରେ ୩୦୦ ମଇଳା ସଫା କରୁଥିବା ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବାର ଖବର ମିଳିଥିଲା। ଏକ ଆନ୍ତଃମନ୍ତ୍ରିସ୍ତରୀୟ ଟାସ୍କଫୋର୍ସ ଦେଶର ୫୩,୨୩୬ ଜଣ ସଫେଇବାଲାଙ୍କୁ ଚିହ୍ନଟ କରିଛନ୍ତି ଯେଉଁମାନେ ହାତରେ ମଇଳା ସଫା କରୁଥିଲେ। ୨୦୧୭ରେ ଏମାନଙ୍କ ସଂଖ୍ୟା ଥିଲା ୧୩ ହଜାର। ଏମାନଙ୍କ ସଂଖ୍ୟା ୪ଗୁଣ ବଢ଼ିବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ରେଳବାଇର ସେପ୍ଟିଟ୍ୟାଙ୍କ ସଫେଇରେ ବହୁ ସଂଖ୍ୟକ ଲୋକ ନିଯୁକ୍ତ। ସେମାନଙ୍କ ସଂଖ୍ୟା ଉପରୋକ୍ତ ହିସାବରେ

ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ କାର୍ଯ୍ୟକ୍ରମ ଯଥା ସମ୍ମେଳନରେ ଗାନ୍ଧିଜୀ ପ୍ରଥମ ଥର ପାଇଁ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିବା ପରେ ଯୋଗଦେଇଥିବା ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ସଭା ନିମନ୍ତେ ସେ ପ୍ରଥମେ ପରିମଳ କମିଟି ଗଠନର ବ୍ୟବସ୍ଥା କରିଥିଲେ। ସେହି ସଭା ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ପ୍ରତ୍ୟେକ ନେତା ଦୈନନ୍ଦିନ ପରିଚ୍ଛନ୍ନତା କାର୍ଯ୍ୟ ତଦାରଖ କରିବା ସହ ସ୍ୱେଚ୍ଛାକୃତ ଭାବେ ଅସ୍ଥାୟୀ ଶୌଚାଳୟକୁ ପରିଷ୍କାର କରୁଥିଲେ। ଏହା ପରେ କଂଗ୍ରେସ ଅଧିବେଶନରେ ଏହା ଏକ ପ୍ରଥାରେ ପରିଣତ ହେଲା। ଗାନ୍ଧିଜୀ ଯୋଗ ଦିଅନ୍ତୁ ବା ନ ଦିଅନ୍ତୁ ପ୍ରତ୍ୟେକ କଂଗ୍ରେସ ଅଧିବେଶନରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ ଅଗ୍ରାଧିକାରୀ ପ୍ରଦାନ କରାଗଲା। ସେହିଭଳି ଗାନ୍ଧିଜୀଙ୍କ ପ୍ରେରଣାରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପିଲାମାନେ ଦୈନିକ ସଫେଇକୁ ଏକ ଧରାବନ୍ଧା କାମ ଭାବେ ଗ୍ରହଣ କଲେ।

ଗାନ୍ଧିଜୀ ତାଙ୍କ ଆଶ୍ରମରେ ପରିଚ୍ଛନ୍ନତା ରକ୍ଷାରେ ଉପଯୁକ୍ତ ବିଜ୍ଞାନ ଓ ଉପଯୋଗୀ ପ୍ରଯୁକ୍ତି କୌଶଳର ଉପଯୋଗ କରୁଥିଲେ। ଆଶ୍ରମବାସୀ ମଧ୍ୟ ତାହାକୁ ଆଦରି ନେଇଥିଲେ। ଅହମ୍ମଦାବାଦର ନିଜ ଆଶ୍ରମରେ ଗାନ୍ଧିଜୀ ଏ ନେଇ କେତେକ ନୀତି ପ୍ରବର୍ତ୍ତନ କରିଥିଲେ। ଯେଉଁ ପରିଚ୍ଛନ୍ନତା କାର୍ଯ୍ୟକୁ ବୃହତ୍ତର ସମାଜ ଘୃଣା ଚକ୍ଷୁରେ ଦେଖୁଥିଲା ତାହାକୁ ଆଶ୍ରମବାସୀ ଆଦରର ସହ ଗ୍ରହଣ କରିନେଇଥିଲେ। ଫଳରେ ଆଶ୍ରମର ପରିଚ୍ଛନ୍ନତା ଓ ପରିମଳ ରକ୍ଷାରେ ବାହାରର କୌଣସି ଲୋକ ବା ଶ୍ରମିକଙ୍କୁ ନିୟୋଜିତ କରାଯାଉ ନ ଥିଲା। ଆଶ୍ରମରେ ନୂଆ କରି ଯୋଗଦେଉଥିବା ଲୋକଙ୍କୁ ପ୍ରଥମେ ଏହି ପରିଚ୍ଛନ୍ନତା ଦାୟିତ୍ୱରେ ରଖାଯାଉଥିଲା। ଗାନ୍ଧିଜୀ ଅତ୍ୟନ୍ତ ବ୍ୟସ୍ତ ମଣିଷ ଥିଲେ। ଏହା ସତ୍ତ୍ୱେ ସେ ତାଙ୍କର ସବୁ କାମର ମିନିଟ୍ ମିନିଟ୍ ହିସାବ ରଖୁଥିଲେ ଏବଂ ତା'ଭିତରୁ ସମୟ ବାହାର କରି ସ୍ୱଚ୍ଛତା କାର୍ଯ୍ୟରେ ସହଯୋଗ କରୁଥିଲେ। ଏଥିରୁ ଆମକୁ ଅନେକ କିଛି ଶିଖିବାକୁ ମିଳେ। ତେଣୁ ଆମେ କେବଳ ସ୍ୱଚ୍ଛତା ରକ୍ଷା କାମରେ ପ୍ରତୀକାତ୍ମକ ଯୋଗାଦାନ ନ'କରି ଏହାକୁ ଏକ ସ୍ଥାୟୀ ନିରନ୍ତର ପ୍ରକ୍ରିୟାରେ ପରିଣତ କରିବାକୁ ଉଦ୍ୟମ କରିବା ଉଚିତ।

ମିଶିନାହିଁ। ସ୍ୱଚ୍ଛଭାରତ ଅଭିଯାନ ସହିତ ଏଭଳି ମଇଳା ସଫା କରୁଥିବା ଲୋକଙ୍କୁ ମୁକ୍ତ କରି ଥଇଥାନ କରିବା ପାଇଁ ରାଜ୍ୟ ସରକାରମାନେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଆବଶ୍ୟକ।

**ଆତ୍ମ ନିରୀକ୍ଷଣ:**

ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ଉନ୍ନତି ଏବଂ ଦେଶରୁ ଅସ୍ପୃଶ୍ୟତାର ଦୂରୀକରଣ ପାଇଁ ଗାନ୍ଧିଜୀଙ୍କ ଅଭିଯାନ ସତ୍ୟାଗ୍ରହର ଅତ୍ୟାବଶ୍ୟକ ଅଂଶ ଥିଲା। ଏଥିରେ ମଣିଷ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ସଂପୃକ୍ତ ହେଉଥିଲା। ସତ୍ୟାଗ୍ରହ ଆତ୍ମଶୁଦ୍ଧି ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଏ। ତୀର୍ଥଯାତ୍ରାଠାରୁ ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ଗାନ୍ଧିଜୀ ଅଗ୍ରାଧିକାର ଦେଉଥିଲେ। ସତ୍ୟର ସନ୍ଧାନ ତାଙ୍କୁ ଏହା ବୁଝାଇବାରେ ସମର୍ଥ ହୋଇଥିଲା ଯେ ଅନ୍ତିମ ସତ୍ୟ, ଯାହାକୁ ସେ ଈଶ୍ୱର ବୋଲି ବିଚାର କରୁଥିଲେ, ସେଇ ଈଶ୍ୱରଙ୍କ ନିକଟରେ ସବୁ ମଣିଷ ଏବଂ ସମସ୍ତ ଜୀବସତ୍ତା ସମାନ। ନିଜକୁ ଓ ପରିବେଶକୁ ପରିଷ୍କାର, ପରିଚ୍ଛନ୍ନ ରଖିବା ଗାନ୍ଧିଜୀଙ୍କ ଆତ୍ମଶୁଦ୍ଧିର ପ୍ରଥମ ପଦକ୍ଷେପ ଥିଲା। ଆତ୍ମଶୁଦ୍ଧିର ଦ୍ୱିତୀୟ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଦଳିତଙ୍କ ବିରୋଧରେ ଥିବା ପ୍ରାଚୀନ ପକ୍ଷପାତ ବିଚାରର ଅବସାନ ଘଟାଇବା। ସେମାନେ ଏହି ପକ୍ଷପାତ ଓ ଭେଦଭାବକୁ ନିରବରେ ସହି ଆସୁଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ହାତରେ ମଇଳା ସଫା କରୁଥିବା ବର୍ଗ। ଗାନ୍ଧିଜୀ ଚାହୁଁଥିଲେ ପ୍ରତ୍ୟେକ ଉଚ୍ଚବର୍ଣ୍ଣର ହିନ୍ଦୁ ଦଳିତମାନଙ୍କ ପ୍ରତି ଶତାବ୍ଦୀ ଶତାବ୍ଦୀ ଧରି ହେଉଥିବା ଗୁରୁତର ଅନ୍ୟାୟକୁ ପ୍ରଥମେ ହୃଦୟଙ୍ଗମ କରିବା ଉଚିତ। ଏହାପରେ ସେମାନେ ଏଥିପାଇଁ ଅନୁତାପ କରିବାର ଆବଶ୍ୟକତା ରହିଛି। ତୃତୀୟରେ ପ୍ରତ୍ୟେକ ସବର୍ଣ୍ଣ ହିନ୍ଦୁ ଅସ୍ପୃଶ୍ୟତାର ଅବସାନ ଦିଗରେ କାର୍ଯ୍ୟ କରିବା ସହ ଦଳିତବର୍ଗଙ୍କ ସାମୂହିକ ଉତ୍‌ଥାନ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଗାନ୍ଧିଜୀ ବିଚାର କରୁଥିଲେ।

ଗାନ୍ଧିଜୀ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା, ସହର ଓ ଗାଁ ପରିମଳକୁ ଏକ ରଚନାତ୍ମକ କାର୍ଯ୍ୟଭାବେ ଆରମ୍ଭ କରିଥିଲେ। ଅସ୍ପୃଶ୍ୟତାର ଦୂରୀକରଣ ଉଭୟ ଏକ ରଚନାତ୍ମକ କାର୍ଯ୍ୟ ଓ ଏକାଦଶ ବ୍ରତ ମଧ୍ୟରୁ ଗୋଟିଏ ଥିଲା ଯାହାକୁ ପ୍ରତ୍ୟେକ ସତ୍ୟାଗ୍ରହୀ ପାଳନ କରିବା ସେ ଚାହୁଁଥିଲେ। ଭାରତର ପ୍ରଚଳିତ ସ୍ୱାସ୍ଥ୍ୟରକ୍ଷା ଓ ପରିମଳ ସ୍ଥିତିରେ ବଡ଼ଧରଣର ଉନ୍ନତି ଓ ସଂସ୍କାରର

**ସଫଳ କାହାଣୀ**

## ପୁଣେ ଗ୍ରାମ୍ୟ ସମ୍ପ୍ରଦାୟ ୱାରୀ ତୀର୍ଥଯାତ୍ରୀଙ୍କୁ ନିଜ ଘରୋଇ ଶୌଚାଳୟ ବ୍ୟବହାର ପାଇଁ ସୁଯୋଗ ଦେଲେ

ମହାରାଷ୍ଟ୍ରର ପୁଣେ ଅଞ୍ଚଳରେ ପ୍ରତିବର୍ଷ ୧୫ ଦିନିଆ ୱାରୀ ଶୋଭାଯାତ୍ରାରେ ତୀର୍ଥଯାତ୍ରୀମାନେ ବହୁସଂଖ୍ୟାରେ ଯୋଗ ଦିଅନ୍ତି। ଏହି ୩୩୩ ବର୍ଷର ପରମ୍ପରାରେ ଯାତ୍ରୀମାନେ ପଣ୍ଢାରପୁରସ୍ଥିତ ପ୍ରଖ୍ୟାତ ୱିଠୋବା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି। ଏହି ତୀର୍ଥଯାତ୍ରୀମାନଙ୍କ ପାଇଁ ଶୌଚାଳୟର ବିଶେଷ ସୁବିଧା ନ ଥିବାରୁ ସେମାନେ ରାସ୍ତାଘାଟ ଅପରିଷ୍କାର କରିଥାନ୍ତେ। ଏହାକୁ ନଜରରେ ରଖି ୱାରୀ ଅଞ୍ଚଳର ଲୋକମାନେ ନିଜର ଘରୋଇ ଶୌଚାଳୟକୁ ତୀର୍ଥଯାତ୍ରୀଙ୍କ ବ୍ୟବହାର ପାଇଁ ଉନ୍ମୁକ୍ତ କରିଛନ୍ତି। ଗ୍ରାମୀଣ ସ୍ୱଚ୍ଛଭାରତ ମିଶନ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ପୁଣେ ଗ୍ରାମ୍ୟ ସଂପ୍ରଦାୟର ସଦସ୍ୟମାନେ ଏହି କାର୍ଯ୍ୟ କରୁଛନ୍ତି। ଉଭୟ ସ୍ୱଚ୍ଛ ଭାରତ ମିଶନ ଓ ଗ୍ରାମ୍ୟ ସଂପ୍ରଦାୟର ସହଯୋଗରେ ତୀର୍ଥଯାତ୍ରୀ ମାନେ ଶୌଚାଳୟର ସୁବିଧା ପାଇବା ଫଳରେ ଏହି ଯାତ୍ରାବେଳେ ସେ ଅଞ୍ଚଳରେ ପରିଚ୍ଛନ୍ନତା ରକ୍ଷା ହୋଇପାରିଛି। ଏହି ଶୌଚାଳୟ ବ୍ୟବହାର ପାଇଁ ତୀର୍ଥଯାତ୍ରୀଙ୍କୁ କୌଣସି ଦେୟ ଦେବାକୁ ପଡୁନାହିଁ। ଗରିବ ଲୋକମାନେ ମଧ୍ୟ ଏହି ମହତ୍ କାର୍ଯ୍ୟରେ ଉଲ୍ଲେଖନୀୟ ସହଯୋଗ କରୁଛନ୍ତି।

ଆବଶ୍ୟକତା ରହିଛି । ଏହି ପ୍ରସଙ୍ଗରେ ଆମେ ଏଯାଏ ଗାନ୍ଧିଜୀଙ୍କ ଆଶା ଆକାଙ୍‌କ୍ଷାର ଅନୁରୂପ ହୋଇପାରିନାହୁଁ । ଗାନ୍ଧିଜୀ ସମାଜତତ୍ତ୍ୱକୁ ଭଲଭାବେ ବୁଝିଥିଲେ ଏବଂ ସ୍ୱଚ୍ଛତା ରକ୍ଷାକୁ ମର୍ଯ୍ୟାଦାବନ୍ତ କରିବାକୁ ଉଦ୍ୟମ କରିଥିଲେ । ତାଙ୍କର ଲକ୍ଷ୍ୟ ଥିଲା ପାରମ୍ପରିକ ସଫେଇ କର୍ମଚାରୀଙ୍କୁ ସମାଜ ଯେଉଁ ହୀନ ଦୃଷ୍ଟିରୁ ଦେଖୁଛି ତାହାର ଅବସାନ ପାଇଁ ସ୍ୱଚ୍ଛତାକୁ ମର୍ଯ୍ୟାଦାଜନକ କାର୍ଯ୍ୟଭାବେ ସମସ୍ତେ ଗ୍ରହଣ କଲେ ସେ ବିଚାର ଆଉ ରହିବ ନାହିଁ । ସ୍ୱାଧୀନତା ପରେ ଆମେ ବ୍ୟକ୍ତି ଓ ବ୍ୟକ୍ତିଗତ ଶିକ୍ଷା ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିବାକୁ ଭୁଲିଗଲୁ । ଏହାକୁ ଭୁଲି ରାଷ୍ଟ୍ର ସବୁ ଦାୟିତ୍ୱ ନିଜ ଉପରକୁ ନେଲା ଓ ଏହି ଅଭିଯାନକୁ ଏକ ଯୋଜନା ବା କାର୍ଯ୍ୟକ୍ରମରେ ପରିଣତ କଲା । ଏବେ ସେସବୁ ଯୋଜନା/ କାର୍ଯ୍ୟକ୍ରମ ଏବେ ଲକ୍ଷ୍ୟ ପୂରଣ, ଢାଞ୍ଚା ଓ ସଂଖ୍ୟା ସ୍ତରକୁ ହ୍ରାସ ପାଇଛି । ଗାନ୍ଧିଜୀ ପରିଚ୍ଛନ୍ନତା ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ଏବେ ଆମେ ଅଧିକାଂଶ ଭାରତୀୟ ଶୌଚାଳୟ ତାଲିମ, ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ଓ ପରିମଳ ଶିକ୍ଷା ଆବଶ୍ୟକ କରୁଛୁ । ଦେଶର ନାଗରିକ ଭାବେ ଏବେ ମଧ୍ୟ ଆମେ ଦାୟିତ୍ୱ ସମ୍ପନ୍ନ ହୋଇପାରିନୁ । ଲୋକେ ଏବେ ମଧ୍ୟ ଅଜ୍ଞତା, ଅହଙ୍କାର ଓ ଦାୟିତ୍ୱହୀନତା ମଧ୍ୟରେ ରହିଛନ୍ତ । ଆମ ବିଚାରଧାରାରେ ପ୍ରଗତି ଆସିନାହିଁ । ଆମ ଆଚାରବିଚାରରେ ଅପରିଚ୍ଛନ୍ନତା, ଅଶୋଭନୀୟତା ଭରି ରହିଛି । ଆମେ ଆମ ଶୌଚାଳୟକୁ ଅପରିଷ୍କାର ରଖୁ, ପରିବେଶ ଓ ପାରିପାର୍ଶ୍ୱକୁ ପୂତିଗନ୍ଧମୟ କରୁ । ବସ, ଟ୍ରେନ୍, ଜାହାଜ, ସାଧାରଣ ସ୍ଥାନ ଓ ରାସ୍ତାଘାଟକୁ ଅପରିଷ୍କାର ଓ ଅପରିଚ୍ଛନ୍ନ କରିଆସୁଛୁ । ସ୍ୱଚ୍ଛ ହିନ୍ଦୁସ୍ଥାନ ଏବେ ମଧ୍ୟ ଆମ ପାଇଁ ଏକ ସ୍ୱପ୍ନ ହୋଇ ରହିଛି । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ କଠୋର ପରିଶ୍ରମ କରିବାକୁ ପଡ଼ିବ ।

ଏକ ସମାଜ ହିସାବରେ ଏବେ ମଧ୍ୟ ଅସ୍ପୃଶ୍ୟତାକୁ ଆମେ ଅତି ସୂକ୍ଷ୍ମଭାବେ ପାଳନ କରୁଛୁ । ଜାତିଆଣ ଅଭିଶାପ ଏବେ ମଧ୍ୟ ବଳବତ୍ତର ରହିଛି । ଆମ ଆଭ୍ୟନ୍ତର ଏବେ ମଧ୍ୟ ନିର୍ମଳ ହୋଇନାହିଁ । ଆତ୍ମ ନିୟନ୍ତ୍ରଣ ଓ ଅନୁଶାସନକୁ ଆମେ ଏଯାଏ ସମ୍ପୂର୍ଣ୍ଣଭାବେ ବୁଝିପାରିନାହୁଁ । ସର୍ବସାଧାରଣ କ୍ଷେତ୍ର ଓ ରାଜନୀତିରେ ଥିବା ଲୋକମାନେ ଏଯାଏ ସ୍ୱଚ୍ଛ ହୋଇନାହାନ୍ତି । ଏବେ ଆତ୍ମ ଅନୁଶୀଳନ ଓ ଚିନ୍ତନର ସମୟ ଆସିଛି । ଗାନ୍ଧିଜୀଙ୍କୁ ଯଥାର୍ଥ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ନିଜକୁ ନିଜେ ଓ ସମାଜକୁ ଦାୟିତ୍ୱବାନ୍ ହେବାର ସମୟ ଆସିଛି ।

ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ଉନ୍ନତି ଏବଂ ଦେଶରୁ ଅସ୍ପୃଶ୍ୟତାର ଦୂରୀକରଣ ପାଇଁ ଗାନ୍ଧିଜୀଙ୍କ ଅଭିଯାନ ସତ୍ୟାଗ୍ରହର ଅତ୍ୟାବଶ୍ୟକ ଅଂଶ ଥିଲା । ଏଥିରେ ମଣିଷ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ସଂପୃକ୍ତ ହେଉଥିଲା । ସତ୍ୟାଗ୍ରହ ଆତ୍ମଶୁଦ୍ଧି ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଏ । ତୀର୍ଥଯାତ୍ରାଠାରୁ ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ଗାନ୍ଧିଜୀ ଅଗ୍ରାଧିକାର ଦେଉଥିଲେ । ସତ୍ୟର ସନ୍ଧାନ ତାଙ୍କୁ ଏହା ବୁଝାଇବାରେ ସମର୍ଥ ହୋଇଥିଲା ଯେ ଅନ୍ତିମ ସତ୍ୟ, ଯାହାକୁ ସେ ଈଶ୍ୱର ବୋଲି ବିଚାର କରୁଥିଲେ, ସେଇ ଈଶ୍ୱରଙ୍କ ନିକଟରେ ସବୁ ମଣିଷ ଏବଂ ସମସ୍ତ ଜୀବସତ୍ତା ସମାନ । ନିଜକୁ ଓ ପରିବେଶକୁ ପରିଷ୍କାର, ପରିଚ୍ଛନ୍ନ ରଖିବା ଗାନ୍ଧିଜୀଙ୍କ ଆତ୍ମଶୁଦ୍ଧିର ପ୍ରଥମ ପଦକ୍ଷେପ ଥିଲା । ଆତ୍ମଶୁଦ୍ଧିର ଦ୍ୱିତୀୟ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଦଳିତଙ୍କ ବିରୋଧରେ ଥିବା ପ୍ରାଚୀନ ପକ୍ଷପାତ ବିଚାରର ଅବସାନ ଘଟାଇବା । ସେମାନେ ଏହି ପକ୍ଷପାତ ଓ ଭେଦଭାବକୁ ନିରବରେ ସହି ଆସୁଥିଲେ । ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ହାତରେ ମଇଳା ସଫା କରୁଥିବା ବର୍ଗ । ଗାନ୍ଧିଜୀ ଚାହୁଁଥିଲେ ପ୍ରତ୍ୟେକ ଉଚ୍ଚବର୍ଣ୍ଣର ହିନ୍ଦୁ ଦଳିତମାନଙ୍କ ପ୍ରତି ଶତାବ୍ଦୀ ଶତାବ୍ଦୀ ଧରି ହେଉଥିବା ଗୁରୁତର ଅନ୍ୟାୟକୁ ପ୍ରଥମେ ହୃଦୟଙ୍ଗମ କରିବା ଉଚିତ । ଏହାପରେ ସେମାନେ ଏଥିପାଇଁ ଅନୁତାପ କରିବାର ଆବଶ୍ୟକତା ରହିଛି । ତୃତୀୟରେ ପ୍ରତ୍ୟେକ ସବର୍ଣ୍ଣ ହିନ୍ଦୁ ଅସ୍ପୃଶ୍ୟତାର ଅବସାନ ଦିଗରେ କାର୍ଯ୍ୟ କରିବା ସହ ଦଳିତବର୍ଗଙ୍କ ସାମୁହିକ ଉତ୍‌ଥାନ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଗାନ୍ଧିଜୀ ବିଚାର କରୁଥିଲେ ।

**ଲେଖକ ହେଉଛନ୍ତି ଅହମଦାବାଦସ୍ଥିତ ଗୁଜରାଟ ବିଦ୍ୟାପୀଠର ପୂର୍ବତନ କୁଳପତି ଏବଂ ଗାନ୍ଧୀ ଐତିହ୍ୟ ମିଶନର ଜଣେ ସଦସ୍ୟ ।**
**E-mail: sudarshan54@gmail.com**

ଯୋଜନା
ଆଗାମୀ ସଂଖ୍ୟା
ଡିଜିଟାଲ୍ ଭାରତ

# ସ୍ୱରାଜକୁ ସିଡି: ଗାନ୍ଧୀ ଓ ସ୍ୱଚ୍ଛତା

ଡକ୍ଟର ଜନ୍ ଚେଲ୍ଲାଦୁରାଇ

ଭାରତୀୟ ଲୋକସେବା ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ କେନ୍ଦ୍ରୀୟ ମହାରାଷ୍ଟ୍ରର ଜଣେ ଯୁବକ ଗାନ୍ଧୀଜୀଙ୍କ ଆଶୀର୍ବାଦ ଭିକ୍ଷା ପାଇଁ ତାଙ୍କର ସେବାଗ୍ରାମ ଆଶ୍ରମକୁ ଯାଇଥିଲେ। ଗାନ୍ଧୀଜୀ ତାଙ୍କୁ ପଚାରିଲେ- "ଭାରତୀୟ ଲୋକସେବା (ଚାକିରି) କରିବାକୁ ତୁମେ କାହିଁକି ଚାହୁଁଛ ?" "ଦେଶର ସେବା କରିବାକୁ"- ଯୁବକଜଣକ ଉତ୍ତର ଦେଲେ। "ଗାଁକୁ ଯାଇ ସ୍ୱଚ୍ଛତା କାର୍ଯ୍ୟ କରିବା" ହିଁ ହେଉଛି ସର୍ବୋତ୍କୃଷ୍ଟ ଦେଶସେବା- ଗାନ୍ଧୀଜୀ ଯୁବକଜଣଙ୍କୁ ପରାମର୍ଶ ଦେଲେ। ସମ୍ପୃକ୍ତ ଯୁବକ ଆପ୍ପା ହର୍ଷବର୍ଦ୍ଧନ ପରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହେଲେ ଓ ପରିଚ୍ଛନ୍ନତାର ଜଣେ ବିଶେଷଜ୍ଞ ପାଲଟିଗଲେ।

ସ୍ୱାଧୀନତା ସଂଗ୍ରାମ ରୂପ ବିଦ୍ୟାଳୟରେ 'ସ୍ୱଚ୍ଛତା' ଥିଲା ସ୍ନାତକ ଉପାଧି ପାଇଁ ଏକ ପରୀକ୍ଷା। ସ୍ୱାଧୀନତା ପ୍ରାପ୍ତି ପାଇଁ ସ୍ୱଚ୍ଛତାର ବାଟ ବାଛି ନେଇଥିଲେ ବିନୋବା ଭାବେ, ଠକ୍କର ବାପ୍ପା, ଜେ.ଏସି କୁପାରପ୍ପା ଓ ଅନ୍ୟାନ୍ୟ ଅନେକ ଉଦୀୟମାନ ଯୁବକ।




ସତ୍ୟର ଗବେଷକ ଗାନ୍ଧୀଜୀଙ୍କ ଜୀବନଚର୍ଯ୍ୟା ଅତନ୍ତ୍ୟ ସାଧାରଣ କିନ୍ତୁ କଠିନ ଥିଲା ଓ ସେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଉଥିଲେ। ଦେଶର ଜନକ ଭାବେ ସେ ରାଷ୍ଟ୍ର ନିର୍ମାଣରେ ପରିଚ୍ଛନ୍ନତାର ଅବିଚ୍ଛେଦ୍ୟ ସମ୍ପର୍କକୁ ବେଶ୍ ଭାବେ ହୃଦୟଙ୍ଗମ କରିଥିଲେ ଓ କହୁଥିଲେ, ସ୍ୱଚ୍ଛତା ହେଉଛି ଦେବତ୍ୱର ନିକଟବର୍ତ୍ତୀ।

## ବିକାଶ ପାଇଁ ଜରୁରୀ

ବିକାଶ ହେଉଛି ମାନବ ସଭ୍ୟତାର ସହଯାତ୍ରୀ। ପ୍ରାକ୍ ଐତିହାସିକ ଯୁଗର ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ଭୂମିକାରୁ ଆମେ ଆଜି ପରିମାର୍ଜିତ ମାନବ ଭାବେ ନିଜକୁ ଗଢ଼ି ତୋଳିପାରିଛୁ। ମାନବ ଜୀବନର ଯେକୌଣସି ଦିଗରେ ଅଭିନବତା ଦ୍ୱାରା ଉନ୍ନତି ଅଣାଯାଇପାରିଲେ ତାକୁ ବିକାଶ କୁହାଯାଏ। ମାନବ ବିକାଶ ଅର୍ଥ ମାନବର ସର୍ବାଙ୍ଗୀନ କଲ୍ୟାଣ ସାଧନ- ଖାଦ୍ୟ ସୁରକ୍ଷା, ନିର୍ମଳ ଓ ତାଜା ବାୟୁ, ନିରାପଦ ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ସୁବିଧା ସୁଯୋଗ, ଗୁଣାତ୍ମକ ଶିକ୍ଷା ଓ ଚୟନ କରିବାର ଅଧିକାର। ଆବ୍ରାହମ୍ ମାଥ୍ଲୋଙ୍କ ଭାଷାରେ ଏଥିରୁ ଅଧିକାଂଶ ହେଉଛି ଦୈହିକ ଆବଶ୍ୟକତା ପୂରଣ। ବିକାଶର ରାସ୍ତାରେ ଆମେ ଆମର 'ଯୋଗାଣ' ଦିଗ ଉପରେ ଅଧିକ ଧ୍ୟାନ ଦେଇଛୁ। କିନ୍ତୁ ପରିମଳ ପରିଚାଳନାକୁ ଅବହେଳା କରିଛୁ। ବିକାଶର କାର୍ଯ୍ୟସୂଚୀରେ ପରିମଳ ପରିଚାଳନା କେବେ ହେଲେ ସ୍ଥାନ ପାଇନଥିଲା।

କୁହାଯାଏ ଯେ ଭଲଭାବେ ଆରମ୍ଭ କରାଯାଇଥିବା କାର୍ଯ୍ୟକୁ ଅଧା ସମ୍ପୂର୍ଣ୍ଣ ହେଲା ବୋଲି ମନେ କରାଯାଏ। ଆହୁରି କୁହାଯାଏ ଯେ କାର୍ଯ୍ୟଟିର ଆରମ୍ଭ ଅପେକ୍ଷା ଶେଷକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କୁହାଯାଏ। ତେଣୁ ବିଭିନ୍ନ କାର୍ଯ୍ୟରେ ଆମେ ଦକ୍ଷତା ହାସଲ କରିଥିଲେ ମଧ୍ୟ ସେହିସବୁ କାର୍ଯ୍ୟଗୁଡ଼ିକରୁ ଉତ୍ପନ୍ନ ଅଦରକାରୀ ଦ୍ରବ୍ୟ ଓ ପଦାର୍ଥଗୁଡ଼ିକର ସଠିକ୍ ପରିଚାଳନା ପାଇଁ ଆମେ ତତ୍ପରତା ପ୍ରକାଶ କରିନଥାଉ। ଉଦାହରଣ ସ୍ୱରୂପ ମଳମୂତ୍ର, ଔଦ୍ୟୋଗିକ ନିର୍ଗମନ, ଉପଯୋଗ ପରବର୍ତ୍ତୀ ଅଳିଆ ଆବର୍ଜନା, ବିକାଶ ପ୍ରକ୍ରିୟାରେ ନିର୍ଗତ ଆବର୍ଜନା ଆଦି ପରିଚାଳନା ପାଇଁ ଆମେ କେବେ ସେତେ ଅଧିକ ସଚେତନ ନୋହୁଁ।

## ନାଗରିକ ସଚେତନତା

ନାଗରିକ ସଚେତନତାର ଅଭାବ ଯୋଗୁଁ ଆଜି ଆମର ବସ୍ଷ୍ଟାଣ୍ଡ, ରେଳଷ୍ଟେସନ, ବଜାର ଏପରିକି ମନ୍ଦିର ପ୍ରାଙ୍ଗଣ ମଧ୍ୟ ମଶା, ମାଛି, ସରୀସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଗୁଡ଼ିକୁ ଦୁର୍ଗନ୍ଧଯୁକ୍ତ ପେଣ୍ଠ ବୋଲି ଗାନ୍ଧୀଜୀ କହୁଥିଲେ। ଆମେ ଏପରିକି ପବିତ୍ର ଗଙ୍ଗାନଦୀକୁ ମଧ୍ୟ ଏକ ବିରାଟ ଆବର୍ଜନା ନିଷ୍କାସନ କରୁଥିବା ନାଳ ଭାବେ ପରିବର୍ତ୍ତିତ କରିସାରିଛୁ।

ଜନସ୍ୱାସ୍ଥ୍ୟ ପ୍ରତି ସହରବାସୀଙ୍କ ଉଦାସୀନତାକୁ ଲକ୍ଷ୍ୟକରି ଗାନ୍ଧୀଜୀ କହିଥିଲେ- "ଏକଥା ଆଦୌ ସମୀଚିନ ନୁହଁ ଯେ ଭାରତୀୟ ବମ୍ୱେର ରାସ୍ତା ଉପରେ ଚାଲୁଥିବା ବେଳେ ପଥଚାରୀମାନେ ସବୁବେଳେ ବଡ଼ ବଡ଼ କୋଠାରେ ରହୁଥିବା ବ୍ୟକ୍ତିମାନଙ୍କ ଛେପ ତାଙ୍କ ଉପରେ ପଡ଼ିଯିବା ଆଶଙ୍କାରେ ରହୁଥିବା।" ଖୋଲାରେ ମଳତ୍ୟାଗ କରିବା ପ୍ରବୃତ୍ତିକୁ ସେ କୁସଂସ୍କାର ବୋଲି ଭାବୁଥିଲେ ଓ କହୁଥିଲେ ଯେ ଏପରି କରୁଥିବା ବ୍ୟକ୍ତିଙ୍କୁ ଦେଖିଲେ ଆମେ ଆଖି ବୁଜେଇ ଦେଇଥାଉ।



**ସତ୍ୟର ଅନୁଭବ**

ଗାନ୍ଧୀଜୀଙ୍କ ପାଇଁ ପରିଚ୍ଛନ୍ନତା କେବଳ ଏକ ଶାରିରୀକ ଆବଶ୍ୟକତା ନଥିଲା- ବରଂ ଏହା ଥିଲା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଓ ସତ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପରିଚ୍ଛନ୍ନତାକୁ ଚିରନ୍ତନ ସତ୍ୟର ଏକ ପରିପ୍ରକାଶ ବୋଲି ଗାନ୍ଧିଜୀ ବୁଝିଥିଲେ। ସତ୍ୟକୁ ଈଶ୍ୱର ବୋଲି ପୂଜା କରୁଥିବା ଗାନ୍ଧୀଜୀଙ୍କ ପାଇଁ ସତ୍ୟ ହେଉଛି ପରିଷ୍କାର ଓ ପବିତ୍ର ଏବଂ ସେଥିପାଇଁ ଈଶ୍ୱର ଓ ପରିଚ୍ଛନ୍ନତା ସମାନୁବାଚକ। ସ୍ୱାଧୀନତା ହାସଲ କରିବା ପାଇଁ ଉଦ୍ଦିଷ୍ଟ ୧୮ଟି ଗଠନମୂଳକ କାର୍ଯ୍ୟକ୍ରମରେ ଗାନ୍ଧିଜୀ ସ୍ୱଚ୍ଛତାକୁ ସାମିଲ୍ କରିଥିଲେ। ସେ ଜୀବନକୁ ସତ୍ୟର ନିକଟତମ ପରିପ୍ରକାଶ ବୋଲି ଭାବୁଥିଲେ ଓ ସେଥିପାଇଁ ସତ୍ୟ ଓ ଈଶ୍ୱରଙ୍କୁ ଜୀବନ ସହ ତୁଳନା କରୁଥିଲେ। ସତ୍ୟକୁ ହୃଦୟଙ୍ଗମ କରିବା ପାଇଁ ଜୀବନର ପ୍ରତ୍ୟେକ ପ୍ରକ୍ରିୟାକୁ ସାମିଲ୍ କରିବା ଆବଶ୍ୟକ। ଏ ଦୃଷ୍ଟିରୁ ଗାନ୍ଧୀଜୀ ବିଶ୍ୱାସ କରୁଥିଲେ ଯେ, ନିଜ ଭିତର ବାହାରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ହେଉଛି ଈଶ୍ୱର ଉପଲବ୍ଧିର ଏକ ଉତ୍ତମ ମାର୍ଗ। "ଅପରିଷ୍କାର ଶରୀର ଓ ମନ ଦ୍ୱାରା ଆମେ ଈଶ୍ୱର କୃପା ହାସଲ କରିପାରିବା ନାହିଁ। ଏକ ସଫାସୁତରା ଶରୀର ଏକ ଅପରିଷ୍କାର ସହରରେ ବାସ କରିପାରିବ ନାହିଁ।"

**ସ୍ୱରାଜ**

ଭାରତର ସ୍ୱାଧୀନତାକୁ ନେଇ ଗାନ୍ଧୀଜୀଙ୍କ ସାମଗ୍ରିକ ଦୃଷ୍ଟିଭଙ୍ଗୀରେ ପରିଚ୍ଛନ୍ନତା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ସ୍ୱାୟତ୍ତଶାସନକୁ ନେଇ ବାଲ୍ ଗଙ୍ଗାଧର ତିଲକ୍ ଗର୍ଜନ କଲେ- "ସ୍ୱରାଜ ହେଉଛି ମୋ'ର ଜନ୍ମଗତ ଅଧିକାର।" ତେବେ ଗାନ୍ଧୀଜୀଙ୍କ ପାଇଁ ସ୍ୱରାଜର ଅର୍ଥ ଆହୁରି ବ୍ୟାପକ ଥିଲା। 'ୟଙ୍ଗ୍ ଇଣ୍ଡିଆ'ରେ ସେ ଲେଖିଥିଲେ- "ସ୍ୱରାଜ ଏକ ପବିତ୍ର ଶବ୍ଦ, ଏକ ବୈଦିକ ଶବ୍ଦ। ଯାହାର ଅର୍ଥ ସ୍ୱାୟତ୍ତଶାସନ / ଆତ୍ମନିୟନ୍ତ୍ରଣ। କିନ୍ତୁ ସ୍ୱାଧୀନତା ଭଳି ଏହାର ଅର୍ଥ ନୁହଁ, ସମସ୍ତ ପ୍ରକାରର ପ୍ରତିବନ୍ଧନରୁ ମୁକ୍ତି।" ବିଳାସବ୍ୟସନରେ ଆତ୍ମ ନିୟନ୍ତ୍ରଣ ଓ ସାର୍ବଜନୀନ ସ୍ଥାନଗୁଡ଼ିକୁ ଅପରିଷ୍କାର କରିବାରୁ କ୍ଷାନ୍ତ ରହିବା ପାଇଁ ଆତ୍ମସଂଯମ। ସେ ଆହୁରି କହୁଥିଲେ- "ମୋ ସ୍ୱପ୍ନର ସ୍ୱରାଜ ହେଉଛି ଗରିବ ଲୋକର ସ୍ୱରାଜ।" ଏବଂ ଶେଷ ବ୍ୟକ୍ତିଟି ଭିତରେ ମଧ୍ୟ ଆତ୍ମ ନିୟନ୍ତ୍ରଣ ରହିବା ଜରୁରୀ।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେବାବେଳେ ଗାନ୍ଧୀଜୀ ସେହି ପବିତ୍ର ନଗରୀର ଆବର୍ଜନା ଦ୍ୱାରା କଣ୍ଠରୁଦ୍ଧ ହେଉଥିବା କଥା ଉପରେ ଗୁରୁତ୍ୱାରୋପ କରିଥିଲେ। "କେବଳ ଭାଷଣ ଦ୍ୱାରା ଆମେ ସ୍ୱରାଜ ପାଇଁ ଯୋଗ୍ୟ ହୋଇପାରିବା ନାହିଁ। କେବଳ ଆମ ଆଚରଣ ଦ୍ୱାରା ହିଁ ଆମେ ଏଥିପାଇଁ

ବିକାଶ ହେଉଛି ମାନବ ସଭ୍ୟତାର ସହଯାତ୍ରୀ। ପ୍ରାକ୍ ଐତିହାସିକ ଯୁଗର ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ଭୂମିକାରୁ ଆମେ ଆଜି ପରିମାର୍ଜିତ ମାନବ ଭାବେ ନିଜକୁ ଗଢ଼ି ତୋଳିପାରିଛୁ। ମାନବ ଜୀବନର ଯେକୌଣସି ଦିଗରେ ଅଭିନବତା ଦ୍ୱାରା ଉନ୍ନତି ଅଣାଯାଇପାରିଲେ ତାକୁ ବିକାଶ କୁହାଯାଏ। ମାନବ ବିକାଶ ଅର୍ଥ ମାନବର ସର୍ବାଙ୍ଗୀନ କଲ୍ୟାଣ ସାଧନ- ଖାଦ୍ୟ ସୁରକ୍ଷା, ନିର୍ମଳ ଓ ତାଜା ବାୟୁ, ନିରାପଦ ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ସୁବିଧା ସୁଯୋଗ, ଗୁଣାତ୍ମକ ଶିକ୍ଷା ଓ ଚୟନ କରିବାର ଅଧିକାର। ଆବ୍ରାହମ୍ ମାଥ୍‌ଲୋଙ୍କ ଭାଷାରେ ଏଥିରୁ ଅଧିକାଂଶ ହେଉଛି ଦୈହିକ ଆବଶ୍ୟକତା ପୂରଣ। ବିକାଶର ରାସ୍ତାରେ ଆମେ ଆମର 'ଯୋଗାଣ' ଦିଗ ଉପରେ ଅଧିକ ଧ୍ୟାନ ଦେଇଛୁ। କିନ୍ତୁ ପରିମଳ ପରିଚାଳନାକୁ ଅବହେଳା କରିଛୁ। ବିକାଶର କାର୍ଯ୍ୟସୂଚୀରେ ପରିମଳ ପରିଚାଳନା କେବେ ହେଲେ ସ୍ଥାନ ପାଇନଥିଲା।

ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିପାରିବା।" ତାଙ୍କ ପାଇଁ ସ୍ୱଚ୍ଛତା ଥିଲା ଏକ ସ୍ୱରାଜ୍ୟ ଯଜ୍ଞ। ଉଭୟ ଶାରିରୀକ ଓ ବୈଚାରିକ ସ୍ତରରେ ଆତ୍ମ ନିୟନ୍ତ୍ରଣ ପାଇଁ ସେ ଆହ୍ୱାନ ଦେଉଥିଲେ। ପରିଚାଳନାଗତ ବ୍ୟବସ୍ଥା ସମ୍ପର୍କରେ ଗାନ୍ଧୀଜୀ କହୁଥିଲେ- "ସ୍ୱରାଜ, ପୂର୍ଣ୍ଣ ସ୍ୱରାଜ ନୁହଁ, ସେ ପର୍ଯ୍ୟନ୍ତ ହାସଲ କରାଯାଇପାରିବନି, ଯେତେବେଳ ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତିଙ୍କ ପାଇଁ ଜୀବନର ସାଧାରଣ ସୁଖ, ସ୍ୱାଚ୍ଛନ୍ଦ୍ୟ ସୁନିଶ୍ଚିତ କରାନଯାଏ।"

**ସ୍ୱଚ୍ଛତା: ରାଷ୍ଟ୍ର ନିର୍ମାଣର ଏକ କାର୍ଯ୍ୟ**

ସ୍ୱାଧୀନତା ଆନ୍ଦୋଳନର ପୁରୋଧା ଭାବରେ ଗାନ୍ଧୀଜୀ ସ୍ୱାଧୀନତାର ବିଭିନ୍ନ ଦିଗ ଉପରେ ଜନସାଧାରଣଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ ଓ 'ସ୍ୱଚ୍ଛ ବ୍ୟବହାର' ଉପରେ ଗୁରୁତ୍ୱ ଦେଉଥିଲେ। ଏ ପରିପ୍ରେକ୍ଷୀରେ ସେ କହୁଥିଲେ- "ସ୍ୱରାଜ ସମ୍ପର୍କରେ ଚିନ୍ତା କରିବା ପୂର୍ବରୁ ଆମକୁ ଅଳିଆ ଗୋଟାଇବାକୁ ପଡ଼ିବ।"

ସ୍ୱାସ୍ଥ୍ୟ ଦୃଷ୍ଟିରୁ ଗାଁ ଗହଳିର ସ୍ଥିତିକୁ ଗାନ୍ଧୀଜୀ ଦୟନୀୟ ବୋଲି ବର୍ଣ୍ଣନା କରୁଥିଲେ। "ଦାରିଦ୍ର୍ୟର ଏକ ପ୍ରମୁଖ କାରଣ ହେଉଛି, ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଆବଶ୍ୟକ ସଚେତନତାର ଅଭାବ।" ଏ ଦୃଷ୍ଟିରୁ ସେ କହୁଥିଲେ ଯେ ଭାରତର ସ୍ୱାଧୀନତାର ମାନେ କେବଳ ଇଂରେଜ ଶାସନରୁ ମୁକ୍ତି ନୁହେଁ, ବରଂ ସମସ୍ତ ପ୍ରକାରର ବୋଝରୁ ମୁକ୍ତି। ଅନ୍ୟଏକ ପରିପ୍ରେକ୍ଷୀରେ ସେ କହିଥିଲେ ଯେ ନିରନ୍ତର ଶ୍ରମର ଫଳ ହେଉଛି ସ୍ୱରାଜ।

> ଜନସ୍ୱାସ୍ଥ୍ୟ ପ୍ରତି ସହରବାସୀଙ୍କ ଉଦାସୀନତାକୁ ଲକ୍ଷ୍ୟକରି ଗାନ୍ଧୀଜୀ କହିଥିଲେ- "ଏକଥା ଆଦୌ ସମୀଚିନ ନୁହଁ ଯେ ଭାରତୀୟ ବମ୍ବେର ରାସ୍ତା ଉପରେ ଚାଲୁଥିବା ବେଳେ ପଥଚାରୀମାନେ ସବୁବେଳେ ବଡ଼ ବଡ଼ କୋଠାରେ ରହୁଥିବା ବ୍ୟକ୍ତିମାନଙ୍କ ଛେପ ତାଙ୍କ ଉପରେ ପଡ଼ିଯିବା ଆଶଙ୍କାରେ ରହୁଥିବ।" ଖୋଲାରେ ମଳତ୍ୟାଗ କରିବା ପ୍ରବୃତ୍ତିକୁ ସେ କୁସଂସ୍କାର ବୋଲି ଭାବୁଥିଲେ ଓ କହୁଥିଲେ ଯେ ଏପରି କରୁଥିବା ବ୍ୟକ୍ତିଙ୍କୁ ଦେଖିଲେ ଆମେ ଆଖି ବୁଜେଇ ଦେଇଥାଉ।

**ସ୍ୱଚ୍ଛତା: ଏକ ଆନନ୍ଦମୟ ଅନୁଭୂତି**

ଅହିଂସାକୁ ଗାନ୍ଧୀଜୀ ଜୀବନଚର୍ଯ୍ୟାର ଏକ ଉପକରଣ ବୋଲି ବିବେଚନା କରୁଥିଲେ। ଜୀବନଯାପନ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ କାର୍ଯ୍ୟକୁ ସେ ଈଶ୍ୱର ପ୍ରାପ୍ତିର ଏକ ମାର୍ଗ ବୋଲି ଭାବୁଥିଲେ। ଏ ସମ୍ପର୍କରେ ଗାନ୍ଧୀଜୀଙ୍କ ସଚିବ ପ୍ୟାରେ ଲାଲ୍ ଏକ ରୁଚିକର କଥାର ବର୍ଣ୍ଣନା କରିଛନ୍ତି। ସେ ସମୟରେ ହିନ୍ଦୁ, ମୁସ୍‌ଲିମ୍ ସୌହାର୍ଦ୍ଦ୍ୟ ପାଇଁ ଗାନ୍ଧୀଜୀ ନୂଆଖାଲିରୁ ସବୁଆଡ଼କୁ ଯାଉଥିଲେ। "ଏପରିକି ନୂଆଖାଲି ପାଇଁ ମଧ୍ୟ ସେହି ରାତ୍ରି ଥିଲା ଶିଶିର ଭରା। ୧୯ ଜାନୁଆରୀ ୧୯୪୭ ଦିନ ସକାଳେ ବାଦଲ କୋଟ୍‌ରୁ ଅଟାକାରା ଯିବାର ଗଳି ରାସ୍ତାଟି ମଧ୍ୟ ଅତି ଖସାଣିଆ ହୋଇଥିଲା। କଠିନ ପଦଯାତ୍ରାରେ ଅଭ୍ୟସ୍ତ କର୍ଣ୍ଣେଲ୍ ଜୀବନ ସିଂ ଗୋଡ଼ ଖସିଯିବାରୁ ଦୁଇ ଦୁଇଥର କଚାଡ଼ି ହୋଇ ପଡ଼ିଲେ। ଖସାଣିଆ ରାସ୍ତାରେ ଉଠି ଠିଆ ହେବାକୁ ଗାନ୍ଧୀଜୀ ହସି ହସି ତାଙ୍କ ଆଡ଼କୁ ନିଜର ଆଶାବାଡ଼ିର ଗୋଟିଏ ମୁଣ୍ଡକୁ ବଢ଼ାଇଦେଲେ। ରାସ୍ତାଟି ଅଣଓସାରିଆ ହୋଇଥିବାରୁ ସେମାନେ ସମସ୍ତେ ଧାଡ଼ି ହୋଇ ଚାଲୁଥାନ୍ତି। ହଠାତ୍ ସମସ୍ତେ ଅଟକିଗଲେ। କିଛି ଶୁଖିଲା ପତ୍ର ସାହାଯ୍ୟରେ ଗାନ୍ଧୀଜୀ ରାସ୍ତାରେ ପଡ଼ିଥିବା ମଳ ସଫା କରୁଥାନ୍ତି।" ମନୁ ପଚାରିଲେ- "ଏହି କାର୍ଯ୍ୟ କରିବା ପାଇଁ ଆମକୁ ନ କହି ଆପଣ ନିଜେ ସେହି କାର୍ଯ୍ୟ କରୁଛନ୍ତି କାହିଁକି ? ଆମକୁ ନିନ୍ଦିତ କରୁଛନ୍ତି କାହିଁକି ?" ଗାନ୍ଧୀଜୀ ହସି କହିଲେ- "ଏପରି କାର୍ଯ୍ୟରେ ମୁଁ ଯେଉଁ ଆନନ୍ଦ ପାଏ ସେକଥା ତୁମେ ବୁଝିପାରିବ ନାହିଁ।"



**ରାମରାଜ୍ୟ**

ଜୀବନଧାରଣ ପାଇଁ ଗ୍ରାମ ହେଉଛି ସମସ୍ତ ପ୍ରାଥମିକ ଉତ୍ପାଦନର କେନ୍ଦ୍ର ଓ ଭାରତର ହୃଦୟସ୍ଥଳୀ। ଗାନ୍ଧୀଜୀ ବିଶ୍ୱାସ କରୁଥିଲେ ଯେ ଗ୍ରାମରେ ହିଁ ଭାରତର ଜୀବନ ରହିଛି। ଏଥିପାଇଁ ସେ ହିଁ ସ୍ୱରାଜକୁ ରାମରାଜ୍ୟ ସହ ତୁଳନା କରୁଥିଲେ।

ସ୍ୱାଧୀନ ଭାରତର ଗ୍ରାମଗୁଡ଼ିକ ସମ୍ପର୍କରେ ଗାନ୍ଧୀଜୀ କହୁଥିଲେ- "ସେହି ଗ୍ରାମକୁ ଏକ ସଂସ୍କାର ଗ୍ରାମ ବୋଲି କୁହାଯିବ, ଯେଉଁ ଗ୍ରାମରେ ନିଜର ଆବଶ୍ୟକତା ପୂରଣ ପାଇଁ ସବୁ ପ୍ରକାରର ଗ୍ରାମ୍ୟ ଉଦ୍ୟୋଗ ଥିବ, କେହି ଅଶିକ୍ଷିତ ନଥିବେ, ଯେଉଁଠି ରାସ୍ତାଗୁଡ଼ିକ ପରିଷ୍କାର ଥିବ, ପରିମଳ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଥିବ ଓ କୂଅଗୁଡ଼ିକ ପରିଚ୍ଛନ୍ନ ଥିବ..."

ଗାନ୍ଧୀଜୀ କହୁଥିଲେ- "ଏକ ଆଦର୍ଶ ଗ୍ରାମ ଏପରି ହେବା କଥା, ଯେମିତିକି ସେଠାରେ ଉପଯୁକ୍ତ

ପରିଚାଳନା ବ୍ୟବସ୍ଥା ଥିବ।" ସେଠିକାର ଘରଗୁଡ଼ିକରେ ଯଥେଷ୍ଟ ଆଲୋକ ଥିବ ଓ ପବନ ଯାତାୟାତ କରୁଥିବ ଏବଂ ୫ କିଲୋମିଟର ପରିଧି ମଧ୍ୟରେ ଉପଲବ୍ଧ ସାମଗ୍ରୀ ଦ୍ୱାରା ସେହି ଘରଟି ନିର୍ମିତ ହୋଇଥିବ।

ତତ୍କାଳୀନ ଗ୍ରାମଗୁଡ଼ିକର ଦୁରବସ୍ଥାକୁ ନେଇ ସେ ଲେଖିଥିଲେ- "ଯଦି ଗ୍ରାମଗୁଡ଼ିକରେ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରାଯାଏ, ତେବେ ଲକ୍ଷ ଲକ୍ଷ ଟଙ୍କା ସଂଞ୍ଚୟ କରିହେବ ଏବଂ ସେହି ଅନୁପାତରେ ଲୋକଙ୍କର ଅବସ୍ଥାରେ ମଧ୍ୟ ଉନ୍ନତି ଆସିବ। ଜଣେ ରୋଗଗ୍ରସ୍ତ ଚାଷୀ ଜଣେ ସୁସ୍ଥ ଚାଷୀ ଭଳି ପରିଶ୍ରମ କରିପାରିବ ନାହିଁ।"



**ପରିମଳ ଉପରେ ପ୍ରତିକ୍ରିୟା:**

ପରିମଳକୁ ନେଇ ନିଜ ପ୍ରତିକ୍ରିୟାରେ ସେ କହିଥିଲେ- "ପ୍ରତ୍ୟେକ ଗ୍ରାମରେ ଅଳ୍ପ ଖର୍ଚ୍ଚରେ ଜଳପୁଞ୍ଜୀ ନିର୍ମିତ ହେବା ଦରକାର। ପରିମଳ ବିଷୟଟିକୁ ଆବଶ୍ୟକ ଧ୍ୟାନ ଦିଆଯାଇ ନାହିଁ। ଏହା ଅପରିଷ୍କାର ତ ନୁହଁ, ବରଂ ଏକ ସୁଦ୍ଧପୁତ୍ତ ଜୀବନ ପ୍ରଦାୟକ କାର୍ଯ୍ୟ। ଆମେ ହିଁ ତାକୁ ତିରଷ୍କାର କରୁଛୁ। ଆମକୁ ଏହାର ପ୍ରକୃତ ମର୍ଯ୍ୟାଦା ଫେରାଇ ଆଣିବାକୁ ପଡ଼ିବ।" ଗାନ୍ଧୀଜୀ କହୁଥିଲେ ଯେ ସତ୍ୟାଗ୍ରହ ଓ ଗଠନମୂଳକ କାର୍ଯ୍ୟକ୍ରମ ହେଉଛି ଗୋଟିଏ ଚଢ଼େଇର ଦୁଇଟି ଡେଣା ସଦୃଶ। ସ୍ୱଚ୍ଛତା ଓ ସ୍ୱାଧୀନତା ଭିତରେ ଗାନ୍ଧୀଜୀ ବୁଣିଥିବା ସମ୍ପର୍କର ପ୍ରଭାବ ସମଗ୍ର ଦେଶ ଉପରେ ପଡ଼ିଥିଲା। ଶୌଚାଳୟ ସଫା କରିବା ଓ 'ପରିମଳ କାର୍ଯ୍ୟ ଥିଲା ଜଣେ ସତ୍ୟାଗ୍ରହୀର ଅସଲ ପରିଚୟ'। ବ୍ରିଟିଶ୍ ସରକାର ବିରୋଧରେ ସତ୍ୟାଗ୍ରହ ଡାକରା ପାଇଁ ସଭା ସମିତି ହେଉ ବା କୌଣସି ସମାଜ ସଂସ୍କାର ପାଇଁ ବୈଠକ ହେଉ, ପ୍ରତ୍ୟେକଟି ପୂର୍ବରୁ ଗ୍ରାମ ସଫେଇ କାର୍ଯ୍ୟ ଏକ ଅଭିନ୍ନ ଅଙ୍ଗ ଥିଲା।

ସେତେବେଳେ 'ଭାଙ୍ଗି' ବା ହାତରେ ମଳ ବୋହିବା କାର୍ଯ୍ୟ କରୁଥିବା ଏକ ଗୋଷ୍ଠୀ ଥିଲେ, ଯାହାଙ୍କୁ ଏପରିକି ଅନ୍ୟ ହରିଜନମାନେ ମଧ୍ୟ ଘୃଣା କରୁଥିଲେ। ଏମାନଙ୍କ ଦୁର୍ଦ୍ଦଶାକୁ ନେଇ ଗାନ୍ଧୀଜୀ ବହୁତ ଚିନ୍ତିତ ଥିଲେ। କାରଣ ସେ ଅନୁଭବ କରିଥିଲେ ଯେ ସମାଜର ନିମ୍ନସ୍ତରରେ ଥାଇ ମଧ୍ୟ ସେମାନେ ଗୋଷ୍ଠୀ ପରିମଳ ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟଟିକୁ ସମ୍ପାଦନ କରୁଥିଲେ। "ସେ ଜଣେ ସାମାଜିକ କୁଷ୍ଠରୋଗୀ, ଯାହାଙ୍କୁ ସମାଜ ପରିତ୍ୟାଗ କରେ ତଥାପି ସେ ଏଭଳି ଗୋଟିଏ ଗୋଷ୍ଠୀର ସଦସ୍ୟ, ଯିଏ ସମାଜର ପରିମଳ ପରିଚ୍ଛନ୍ନତା ପାଇଁ ଅପରିହାର୍ଯ୍ୟ। ଅର୍ଥାତ୍ ସମାଜର ସ୍ଥିତି ପାଇଁ ମଧ୍ୟ ଅପରିହାର୍ଯ୍ୟ।" ସେମାନେ ହାତରେ ହିଁ ମଳମୂତ୍ର ସଫା କରୁଥିଲେ ଅଥଚ ନିଜକୁ ରୋଗ ଜୀବାଣୁ ଓ କୀଟାଣୁମାନଙ୍କ ଠାରୁ ରକ୍ଷା କରିବାର

ଅହିଂସାକୁ ଗାନ୍ଧୀଜୀ ଜୀବନଚର୍ଯ୍ୟାର ଏକ ଉପକରଣ ବୋଲି ବିବେଚନା କରୁଥିଲେ। ଜୀବନଯାପନ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ କାର୍ଯ୍ୟକୁ ସେ ଈଶ୍ୱର ପ୍ରାପ୍ତିର ଏକ ମାର୍ଗ ବୋଲି ଭାବୁଥିଲେ। ଏ ସମ୍ପର୍କରେ ଗାନ୍ଧୀଜୀଙ୍କ ସଚିବ ପ୍ୟାରେ ଲାଲ୍ ଏକ ରୁଚିକର କଥାର ବର୍ଣ୍ଣନା କରିଛନ୍ତି। ସେ ସମୟରେ ହିନ୍ଦୁ, ମୁସ୍‌ଲିମ୍ ସୌହାର୍ଦ୍ଦ୍ୟ ପାଇଁ ଗାନ୍ଧୀଜୀ ନୂଆଖାଲିରୁ ସବୁଆଡ଼କୁ ଯାଉଥିଲେ। "ଏପରିକି ନୂଆଖାଲି ପାଇଁ ମଧ୍ୟ ସେହି ରାତ୍ରି ଥିଲା ଶିଶିର ଭରା। ୧୯ ଜାନୁଆରୀ ୧୯୪୭ ଦିନ ସକାଳେ ବାଦଲ କୋଟ୍‌ରୁ ଅଟାକାରା ଯିବାର ଗଳି ରାସ୍ତାଟି ମଧ୍ୟ ଅତି ଖସାଣିଆ ହୋଇଥିଲା। କଠିନ ପଦଯାତ୍ରାରେ ଅଭ୍ୟସ୍ତ କର୍ଣ୍ଣେଲ୍ ଜୀବନ ସିଂ ଗୋଡ଼ ଖସିଯିବାରୁ ଦୁଇ ଦୁଇଥର କଚାଡ଼ି ହୋଇ ପଡ଼ିଲେ। ଖସାଣିଆ ରାସ୍ତାରେ ଉଠି ଠିଆ ହେବାକୁ ଗାନ୍ଧୀଜୀ ହସି ହସି ତାଙ୍କ ଆଡ଼କୁ ନିଜର ଆଶାବାଡ଼ିର ଗୋଟିଏ ମୁଣ୍ଡକୁ ବଢ଼ାଇଦେଲେ। ରାସ୍ତାଟି ଅଣଓସାରିଆ ହୋଇଥିବାରୁ ସେମାନେ ସମସ୍ତେ ଧାଡ଼ି ହୋଇ ଚାଲୁଥାନ୍ତି। ହଠାତ୍ ସମସ୍ତେ ଅଟକିଗଲେ। କିଛି ଶୁଖିଲା ପତ୍ର ସାହାଯ୍ୟରେ ଗାନ୍ଧୀଜୀ ରାସ୍ତାରେ ପଡ଼ିଥିବା ମଳ ସଫା କରୁଥାନ୍ତି।" ମନୁ ପଚାରିଲେ- "ଏହି କାର୍ଯ୍ୟ କରିବା ପାଇଁ ଆମକୁ ନ କହି ଆପଣ ନିଜେ ସେହି କାର୍ଯ୍ୟ କରୁଛନ୍ତି କାହିଁକି ? ଆମକୁ ନିନ୍ଦିତ କରୁଛନ୍ତି କାହିଁକି ?" ଗାନ୍ଧୀଜୀ ହସି କହିଲେ- "ଏପରି କାର୍ଯ୍ୟରେ ମୁଁ ଯେଉଁ ଆନନ୍ଦ ପାଏ ସେକଥା ତୁମେ ବୁଝିପାରିବ ନାହିଁ।"

କୌଣସି ଉପାୟ ନଥିଲା। ସେମାନଙ୍କୁ ଆବଶ୍ୟକ ମର୍ଯ୍ୟାଦା ଦେବା ପାଇଁ ଗାନ୍ଧୀଜୀ ପ୍ରସ୍ତାବ ଦେଲେ ଯେ ସମସ୍ତେ ନିଜ ନିଜର 'ଭାଙ୍ଗି' ହେବା ଉଚିତ୍ ଏବଂ ପ୍ରତ୍ୟେକ ଥର ଦିଲ୍ଲୀ ଗମନ ବେଳେ ସେ ନିହାତି ଭାବେ 'ଭାଙ୍ଗି' କଲୋନୀରେ ରହୁଥିଲେ ଅଥବା ସେମାନଙ୍କୁ ଭେଟିବାକୁ ଯାଉଥିଲେ।

ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ସଂଗଠନ ସଫେଇ ଅଭିଯାନ ଆରମ୍ଭ କଲେ। ଦେହୁ ରୋଡ୍‌ସ୍ଥିତ ସଫେଇ ବିଦ୍ୟାଳୟ ଓ ନାସିକ୍‌ସ୍ଥିତ ନିର୍ମଳ ଗ୍ରାମ ନିର୍ମାଣ କେନ୍ଦ୍ର ଆଦି କେତେକ ସେହିଭଳି ଅନୁଷ୍ଠାନ ଥିଲେ, ଯେଉଁମାନେ ସ୍ୱଚ୍ଛତା କାର୍ଯ୍ୟକୁ ଧର୍ମୀୟ ଭାବନା ସହ ସମ୍ପାଦନ କରୁଥିଲେ। ହାତରେ ମଇଳା ସଫା କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ କାର୍ଯ୍ୟରୁ ମୁକ୍ତିଦେବା ଉଦ୍ଦେଶ୍ୟରେ ଗୁଜରାଟ ଅହମ୍ମଦାବାଦ୍‌ସ୍ଥିତ ସାବରମତି ଗାନ୍ଧୀ ହରିଜନ ସେବକ ସଂଘ ଦ୍ୱାରା ୧୯୬୩ ମସିହାରେ ସଫେଇ ବିଦ୍ୟାଳୟ ପ୍ରତିଷ୍ଠା ହେଲା। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଝାଡୁଦାର ଓ ପରିମଳ କର୍ମଚାରୀଙ୍କ ସ୍ଥିତିରେ ଉନ୍ନତି ଆଣିବା ଏବଂ ଗ୍ରାମ୍ୟ ଓ ସହର ସ୍ୱାସ୍ଥ୍ୟ ଓ ପରିମଳ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା।

**ଉପସଂହାର:**

ଗାନ୍ଧୀଜୀ ସତ୍ୟକୁ ଈଶ୍ୱର ବୋଲି ଭାବୁଥିବା ବେଳେ ଅହିଂସାକୁ ଏକ ମାର୍ଗ ଭାବେ ବାଛି ନେଇଥିଲେ। ଏହା ଥିଲା ଜୀବନ ଜୀଇଁବାର ମାର୍ଗ। ଲକ୍ଷ୍ୟ ଓ ମାର୍ଗକୁ ନେଇ ସେ କହୁଥିଲେ ଯେ 'ମାର୍ଗ' ତାଙ୍କ ନିଜ ହାତରେ ଏବଂ ସେଥିପାଇଁ 'ମାର୍ଗ' ହେଉଛି 'ଲକ୍ଷ୍ୟ'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। "ଯଦି ତୁମେ ମାର୍ଗର ଯତ୍ନ ନିଅ ତେବେ ଲକ୍ଷ୍ୟ ନିଜେ ନିଜର ଯତ୍ନ ନେଇପାରିବ।"- ଏକଥା ଗାନ୍ଧୀଜୀ କହୁଥିଲେ। ସେହି ଦୃଷ୍ଟିରୁ ବିଶ୍ୱ ଦରବାରରେ ସଦର୍ପେ ଆଗେଇ ଯାଉଥିବା ଆମ ଦେଶ ଭାରତ ସ୍ୱଚ୍ଛତା ରୂପକ 'ମାର୍ଗ'କୁ ବାଛିନେବା ବାଞ୍ଛନୀୟ। "ଯଶ, ଖ୍ୟାତି" ରୂପକ ଲକ୍ଷ୍ୟ ଆପେ ଆପେ ଆସିଯିବ। ଗାନ୍ଧୀଜୀ କହୁଥିଲେ- "ପ୍ରତ୍ୟେକ ବୃକ୍ଷରେ ବସନ୍ତର ମହନୀୟତା ପ୍ରତିଫଳିତ ହୁଏ। ସେତେବେଳେ ସମଗ୍ର ଧରାପୃଷ୍ଠ ଯୌବନର ସତେଜତାରେ ଭରି ହୋଇଯାଏ। ତେଣୁ ଯେତେବେଳେ ସ୍ୱରାଜ ରୂପକ ଚିନ୍ତାଧାରା ସମଗ୍ର ସମାଜରେ ଚହଟି ଯାଏ ସେତେବେଳେ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଶକ୍ତି ମିଳିଥାଏ।"

## ଗୋବର-ଧନ ଯୋଜନାରେ କେରଳରେ ପ୍ରଥମ ଜୈବ ଗ୍ୟାସ୍ ପ୍ଲାଣ୍ଟ୍

ଗୋବର-ଧନ ଯୋଜନା ଅଧିନରେ ଦେଶର ସର୍ବପ୍ରଥମ ବାୟୋଗ୍ୟାସ୍ ପ୍ଲାଣ୍ଟ୍ କେରଳ ଠାରେ ସ୍ଥାପିତ ହୋଇଛି। କନୌଜ ଜିଲ୍ଲାର ପାପିନିସେରୀ ଗ୍ରାମପଞ୍ଚାୟତରେ ସ୍ଥାପିତ ଏହି ପ୍ଲାଣ୍ଟ୍ ମାଧ୍ୟମରେ ବିଭିନ୍ନ ସାର୍ବଜନୀନ ସ୍ଥାନ ଓ ବଜାର ଆଦିରୁ ସଂଗୃହୀତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଛି।

ଗୋବର-ଧନ ଯୋଜନାର ଲକ୍ଷ୍ୟ ହେଉଛି ବର୍ଜ୍ୟବସ୍ତୁରୁ ଜୈବଶକ୍ତି, ଗ୍ୟାସ୍ ଓ କମ୍ପୋଷ୍ଟ ଉତ୍ପାଦନ କରିବା। ଏହାଦ୍ୱାରା ଜନସାଧାରଣ ଉପକୃତ ହେବାସହ ଗ୍ରାମ୍ୟ ସ୍ୱଚ୍ଛତା ମଧ୍ୟ ସୁନିଶ୍ଚିତ ହୋଇପାରିବ।

କନୌଜସ୍ଥିତ ଏହି ପ୍ଲାଣ୍ଟରେ ଦୈନିକ ହଜାରେ କେଜି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କ୍ଷମତା ଅଛି। ଏଥିରେ ଭାବା ଆଣବିକ ଗବେଷଣା କେନ୍ଦ୍ର ଦ୍ୱାରା ବିକଶିତ ନିସର୍ଗୃଣ ବାୟୋଗ୍ୟାସ୍ ପ୍ରଯୁକ୍ତି ବ୍ୟବହୃତ ହୋଇଛି।

ଏହି ପ୍ରକଳ୍ପରୁ ବାୟୋଗ୍ୟାସ୍ ମଧ୍ୟ ଉତ୍ପାଦିତ ହେବ, ଯାହାକୁ ନିକଟସ୍ଥ ଏକ କୁକୁଡ଼ା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ରକଳ୍ପରେ ବଏଲର ଇନ୍ଧନ ଭାବେ ବ୍ୟବହାର କରାଯିବ।

ବାୟୋଗ୍ୟାସ୍ ହେଉଛି ଏକ ସ୍ୱଚ୍ଛ ଜୈବ ଇନ୍ଧନ। ଗାଈ-ବଳଦଙ୍କ ଖତ, କୁକୁଡ଼ା ମଳ, ଶସ୍ୟ ଅବଶିଷ୍ଟାଂଶ ଏବଂ ରୋଷେଇ ଘର ଆବର୍ଜନାରୁ ଏହା ମିଳିଥାଏ।

ଏହି ଯୋଜନାରେ ଗ୍ରାମୀଣ ବ୍ୟକ୍ତି, ବିଶେଷ ଭାବରେ ମହିଳାମାନେ ଉପକୃତ ହେବେ। କାରଣ, ଏହାଦ୍ୱାରା ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସୁନିଶ୍ଚିତ କରାଯାଇପାରିବ। ବିଭିନ୍ନ ବର୍ଜ୍ୟବସ୍ତୁକୁ ଶକ୍ତିର ଏକ ଉତ୍ସ ଭାବେ ପରିଣତ କରି ଏହି ପ୍ରକଳ୍ପ କୃଷକ ଓ ଗ୍ରାମୀଣ ପରିବାରଗୁଡ଼ିକୁ ଆର୍ଥିକ ଲାଭ ମଧ୍ୟ ପହଞ୍ଚାଇବାରେ ସକ୍ଷମ ହେବ।

ଲେଖକ ହେଉଛନ୍ତି ମହାରାଷ୍ଟ୍ର ଜଲଗାଓଁସ୍ଥିତ ଗାନ୍ଧୀ ଗବେଷଣା ପ୍ରତିଷ୍ଠାନର ଡିନ୍।

# ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତା

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପ୍ରୟାସ

ପ୍ରୀତି ସୁଦନ

ପ୍ରତ୍ୟେକ ମଣିଷ ଏକ ସ୍ୱଚ୍ଛ ଓ ଅନୁକୂଳ ପରିବେଶରେ ରହିବା ସହ କାମ କରିବାକୁ ଇଚ୍ଛା କରେ। ଏଭଳି ପରିବେଶରେ ରୋଗୀ ଓ ଆହତ ମଧ୍ୟ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ପ୍ରାଚୀନକାଳରେ ସକାଳ ସମୟରେ ନଦୀକୂଳରେ ଅସ୍ତ୍ରୋପଚାର ଆଦି କାର୍ଯ୍ୟ କରାଯାଉଥିଲା। ସ୍ୱଚ୍ଛ ପରିବେଶ, ପରିଷ୍କାର ଜଳ ଓ ବାୟୁ ଏଥିପାଇଁ ସହାୟକ ହେଉଥିଲା। ସମୟକ୍ରମେ ଆମର ପ୍ରାକୃତିକ ସଂପଦ ଉପରେ ଜନସଂଖ୍ୟା, ସହରାୟନର ଚାପ ପଡ଼ିଛି ଓ ଏହା ନିଃଶେଷ ପ୍ରାୟ। ଏହାର କୁପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥନୀତି ଉପରେ ପଡୁଛି। ଏଲ୍‌ଆଇଏକ୍ସଆରଏଲ୍ ଗ୍ରୁପ୍ କର୍ପୋରେସନ, ୱାଟର ଏୟାର ଆଣ୍ଡ ଅକ୍ସଫୋର୍ଡ ଇକନମିକ୍ସ ୨୦୧୫ରେ ଦେଇଥିବା ସେମାନଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ସ୍ୱଚ୍ଛତା, ପରିଚ୍ଛନ୍ନତାର ଅଭାବ ଯୋଗୁଁ ବିଶ୍ୱ ଅର୍ଥନୀତିର କ୍ଷତି ପ୍ରାୟ ୨୨୨.୯ ବିଲିୟନ ଡଲାର ହେବ।

ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଜନିତ ସମସ୍ୟାର ମୁକାବିଲା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛି। ଏଥିପାଇଁ ଏକାଧିକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ସରକାର ସିଧାସଳଖ ଓ ଅଂଶୀଦାରୀ ଭିତ୍ତିରେ ଏସବୁ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି।

୨୦୧୫ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କାୟାକଳ୍ପ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସ୍ୱାସ୍ଥ୍ୟ ସେବା, ପରିଚ୍ଛନ୍ନତା, ସଂକ୍ରମଣ ନିୟନ୍ତ୍ରଣ ପାଇଁ ଭିତ୍ତିଭୂମି ସୃଷ୍ଟି ଓ ସେସବୁର ବିକାଶ ଦିଗରେ ଏହା ମାଧ୍ୟମରେ କାର୍ଯ୍ୟ ଚାଲିଛି। ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେଉଛି। ଦେଶରେ ଥିବା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମୂହର ଆକଳନ କରାଯିବା ସହିତ ସେଠାରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗକୁ ହିସାବକୁ ନେଇ ଏସବୁର ମୂଲ୍ୟାୟନ କରାଯାଉଛି। ପ୍ରତିବର୍ଷ ଏସବୁର ଉନ୍ନତି ଓ କାର୍ଯ୍ୟ ଦକ୍ଷତାକୁ ବିଚାରକୁ ନେଇ ସେସବୁର ବର୍ଗୀକରଣ ଓ ର୍‍ୟାଙ୍କ ନିରୁପଣ କରାଯାଉଛି। ଏ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମୂହଙ୍କୁ କାୟାକଳ୍ପ ପୁରସ୍କାର, ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଛି। ଏହାର ଲକ୍ଷ୍ୟ ହେଲା ସ୍ୱାସ୍ଥ୍ୟସେବା ଯୋଗାଉଥିବା ସରକାରୀ ଚିକିତ୍ସାକେନ୍ଦ୍ରଗୁଡ଼ିକର ପ୍ରଦର୍ଶନରେ ଉନ୍ନତି ଆଣିବା।

କାୟାକଳ୍ପ ଯୋଜନାର ସଫଳତାରେ ଉତ୍ସାହିତ ହୋଇ ଘରୋଇ ଉଦ୍ୟୋଗ ସମୂହ ଏ କ୍ଷେତ୍ରରେ ସରକାରଙ୍କ ସହ ହାତ ମିଳାଇ କାମ କରିବାକୁ ଆଗେଇ ଆସୁଛନ୍ତି। ଘରୋଇ ହସପିଟାଲ ଓ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସଂସ୍ଥାଙ୍କ ପାଇଁ ଜାତୀୟ ଅଧିସ୍ୱୀକୃତି ପରିଷଦ (ନ୍ୟାସନାଲ ଅକ୍ରେଡିଟେସନ ବୋର୍ଡ) ଏକ ଆକଳନ ବ୍ୟବସ୍ଥା କରି କାୟାକଳ୍ପ ଢାଞ୍ଚାରେ ସେସବୁକୁ ମାନ୍ୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି।

ଏହାଛଡ଼ା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିଚ୍ଛନ୍ନତା ଓ ପୁଷ୍ଟିସାଧନ କମିଟି ଗଠନ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଏକ ମଞ୍ଚ ଭାବେ ବ୍ୟବହାର କରି ମହିଳା ଆରୋଗ୍ୟ ସମିତି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଦୁର୍ବଳ ଶ୍ରେଣୀଙ୍କ ପାଇଁ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହାକୁ ସଫଳ କରିବା ପାଇଁ ବିଭିନ୍ନ ରାଜ୍ୟ ସରକାର ମଧ୍ୟ ନୂଆ ନୂଆ ଉପାୟ ଅବଲମ୍ବନ କରି କାମ କରୁଛନ୍ତି। ଏଥିରେ 'ଆଶା' କର୍ମୀଙ୍କୁ ସାମିଲ କରି ଶୌଚାଳୟ ନିର୍ମାଣ ଓ ଏହାର ବ୍ୟବହାର ପାଇଁ ସଚେତନ, ସହଯୋଗ କରାଯାଉଛି। ମହିଳା ଆରୋଗ୍ୟ ସମିତି ପ୍ରାୟ ୧୨ ରୁ ୨୦ଜଣ ଦୁର୍ବଳ ବର୍ଗର ମହିଳାଙ୍କୁ ନେଇ ଗୋଷ୍ଠୀ ଗଠନ କରି ସହରାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଦିଗରେ କାର୍ଯ୍ୟ କରୁଛି।

ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନ୍ୟାନ୍ୟ ମନ୍ତ୍ରଣାଳୟର ସହଯୋଗରେ କାମ କରୁଛି। ପାନୀୟଜଳ ମନ୍ତ୍ରଣାଳୟର ସହଯୋଗ କ୍ରମେ 'ବାହ୍ୟ ମଳମୁକ୍ତ' ପ୍ରୟାସ ସଫଳତାର ସହ ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଛି। ବିଭିନ୍ନ ପଞ୍ଚାୟତ ଓ କାୟାକଳ୍ପ ପୁରସ୍କାର ପ୍ରାପ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି।

୨୦୧୭ରେ ଆରମ୍ଭ ହୋଇଥିବା 'ବିଶ୍ୱାସ' କାର୍ଯ୍ୟକ୍ରମରେ ଗ୍ରାମସ୍ତରରେ ସ୍ୱାସ୍ଥ୍ୟ, ଜଳ ଓ ପରିମଳ ବ୍ୟବସ୍ଥାରେ ସମନ୍ୱୟ ଆଣି କାମ ଚାଲିଛି। ଏ କ୍ଷେତ୍ରରେ ଅଭିନବତା ଆଣିବା ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକଙ୍କ ମଧ୍ୟରୁ ଉତ୍କୃଷ୍ଟ କାମ ଓ ବିଚାର ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହିତ କରାଯାଉଛି। ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ରଣକୌଶଳଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି।

(କ) ସ୍ୱାସ୍ଥ୍ୟ ସେବା ପାଇଁ କାୟାକଳ୍ପ ପ୍ରୟାସ : ଉପରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ କିଞ୍ଚିତ ସୂଚନା ପ୍ରଦାନ କରାଯାଇଛି। ଏହାର ଲକ୍ଷ୍ୟ ସରକାରୀ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ନିୟମିତ ଆକଳନ ଓ ସହକର୍ମୀ ସମୀକ୍ଷାର ସଂସ୍କୃତି ସୃଷ୍ଟି କରିବା ଓ ସେସବୁର ସ୍ୱାସ୍ଥ୍ୟକର ସ୍ଥିତି, ପରିଚ୍ଛନ୍ନତା, ପ୍ରଦର୍ଶନ, ଉନ୍ନୟନକାର୍ଯ୍ୟ ଓ ଚିକିତ୍ସାସେବାର ତଦାରଖ କରିବା।

ଏହି ଯୋଜନାରେ ସରକାରୀ ହସ୍ପିଟାଲଗୁଡ଼ିକର ଆବର୍ଜନା ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ପରିଚ୍ଛନ୍ନତା, ପାଚେରି ନିର୍ମାଣ ଆଦି କାର୍ଯ୍ୟ ଗୁରୁତ୍ୱ ପାଇଛି। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସମାଜକୁ ସଂପୃକ୍ତ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ଥିବା ମାନକ ବିଭିନ୍ନ ହସ୍ପିଟାଲ କେତେ ପୂରଣ କରୁଛନ୍ତି ତାହାର ସଂଖ୍ୟାକୁ ନେଇ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି। ଏହି ଆଧାରରେ ଜିଲ୍ଲା ସଦର ହସ୍ପିଟାଲ, ଉପଖଣ୍ଡ ସ୍ତରୀୟ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରିବାର ବ୍ୟବସ୍ଥା ରହିଛି। ବିଜେତାଙ୍କୁ ଅର୍ଥ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଉଛି। ଯେଉଁ




ହସ୍ପିଟାଲ ସବୁ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକରେ ଭଲ ପ୍ରଦର୍ଶନ କରି ୭୦% ନମ୍ବର ରଖୁଛନ୍ତି ସେମାନେ ମୁଖ୍ୟତଃ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଏ କ୍ଷେତ୍ରରେ ୨.୫ କୋଟି ଟଙ୍କାର ଅର୍ଥ ପୁରସ୍କାର ବ୍ୟବସ୍ଥା ରହିଛି। ସେହିଭଳି ଜିଲାସ୍ତରୀୟ ହସ୍ପିଟାଲ ପାଇଁ ଏହି ପୁରସ୍କାର ରାଶି ୫୦ଲକ୍ଷ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୫ଲକ୍ଷ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଛି।

୨୦୧୭-୧୮ ଆର୍ଥିକ ବର୍ଷରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା ଆରମ୍ଭ ହୋଇଛି। ମୋଟ୍ ୨୮ ହଜାର ସ୍ୱାସ୍ଥ୍ୟକେନ୍ଦ୍ର ଏହାର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୨୯୭୦ଟି କାୟାକଳ୍ପ ପୁରସ୍କାର ଲାଭ କରିଛନ୍ତି। ପୁରସ୍କୃତ ଏହି ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକ ମଧ୍ୟରୁ ମାତ୍ର ୧୧ଟି କେନ୍ଦ୍ର ସରକାରଙ୍କ ପ୍ରତିଷ୍ଠାନ। ଏହାଛଡ଼ା ୨୯୮ଟି ଜିଲ୍ଲା ହସ୍ପିଟାଲ, ୭୬୦ଟି ଉପଖଣ୍ଡ (ସବ୍‌ଡିଭିଜନ) ହସ୍ପିଟାଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୭୨୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୮୧ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ କାୟାକଳ୍ପ ପୁରସ୍କାର ପାଇଛନ୍ତି।

'କାୟାକଳ୍ପ' କାର୍ଯ୍ୟକ୍ରମଟି ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଂଶବିଶେଷ ହୋଇଥିବାରୁ ଏହା ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମରେ ପୁରସ୍କାର, ତାଲିମ, ହସ୍ପିଟାଲ ଉନ୍ନତି ଓ ବୈଷୟିକ ସହାୟତା ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଦେଉଛନ୍ତି। ରାଜ୍ୟ ସମୂହ କାୟାକଳ୍ପର ବିଭିନ୍ନ କ୍ଷେତ୍ର ପାଇଁ ତାଲିମ ଓ ପ୍ରଶିକ୍ଷକ ସୁବିଧା ଯୋଗାଇ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସାତଟି କ୍ଷେତ୍ର ଯଥା: ହସ୍ପିଟାଲ/ ସ୍ୱାସ୍ଥ୍ୟସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ବିକାଶ, ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟକର ପରିବେଶ, ବର୍ଯ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା, ପାଚେରି ନିର୍ମାଣ ଆଦି ଏହି ଯୋଜନାରେ ଗୁରୁତ୍ୱ ପାଉଛି।

କାୟାକଳ୍ପ ପ୍ରୟାସ ସଂକ୍ରାନ୍ତ ତଥ୍ୟାବଳୀ ସାମାଜିକ ଗଣମାଧ୍ୟମରେ https://www.facebook.com/pages/kayakalpa/586316831510706 ମାଧ୍ୟମରେ ଶେୟାର କରାଯାଉଛି।

**କାୟାକଳ୍ପର ପ୍ରଭାବ:**

ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ହସ୍ପିଟାଲର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟକର ବାତାବରଣ ଓ ସଂକ୍ରମଣ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହାଦ୍ୱାରା ସୃଷ୍ଟି ହୋଇଥିବା ସ୍ଥିତି ଆକଳନ ଓ ସହକର୍ମୀ ସମୀକ୍ଷା ସୁସ୍ଥ ଜୀବନଶୈଳୀ ଓ ସ୍ୱାସ୍ଥ୍ୟକର ପରିବେଶ ପାଇଁ ଏକ ନୂଆ ସଂସ୍କୃତି ସୃଷ୍ଟି କରିଛି। ସଂକ୍ଷେପରେ କହିଲେ ଏହାର ଉତ୍ତମ ପ୍ରଭାବ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସିଧାସଳଖ ପଡ଼ିଛି ।

(ଖ) ସ୍ୱଚ୍ଛ ସ୍ୱସ୍ଥ ସର୍ବତ୍ର : ସ୍ୱଚ୍ଛ ସ୍ୱସ୍ଥ ସର୍ବତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ଏକ ମିଳିତ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ତିନି ପ୍ରମୁଖ ଉଦ୍ଦେଶ୍ୟ ହେଲା –

(୧) କାୟାକଳ୍ପ ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ଗ୍ରାମ ପଞ୍ଚାୟତଗୁଡ଼ିକୁ ବାହ୍ୟ ମଳତ୍ୟାଗମୁକ୍ତ କରିବାରେ ସହାୟତା ଦେବା ।

(୨) ବାହ୍ୟ ମଳତ୍ୟାଗ ମୁକ୍ତ ଘୋଷିତ ବ୍ଲକଗୁଡ଼ିକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁଦୃଢ଼ୀକରଣ ଏବଂ କାୟାକଳ୍ପର ମାନ ଅନୁସାରେ ପରିଚ୍ଛନ୍ନତା ରକ୍ଷା । ଏଥିପାଇଁ ୧୦ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ସଂପୃକ୍ତ ବ୍ଲକ୍‌କୁ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି ।


(୩) ଜଳ, ପରିମଳ ଓ ସ୍ୱାସ୍ଥ୍ୟକର ପରିବେଶ (ୱାଶ୍) ମାଧ୍ୟମରେ ତାଲିମପ୍ରଦାନ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମୂହରୁ ପ୍ରାର୍ଥୀ ମନୋନୀତ କରିବା ।

ସ୍ୱଚ୍ଛ ଭାରତ ମିଶନ ଓ କାୟାକଳ୍ପ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ଆଣିବାକୁ ଏହା ଉଦ୍ଦିଷ୍ଟ । ଏବାବଦରେ ଆବଶ୍ୟକ ହେଉଥିବା ଅର୍ଥ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି ।

'କାୟାକଳ୍ପ' କାର୍ଯ୍ୟକ୍ରମଟି ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଂଶବିଶେଷ ହୋଇଥିବାରୁ ଏହା ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମରେ ପୁରସ୍କାର, ତାଲିମ, ହସ୍‌ପିଟାଲ ଉନ୍ନତି ଓ ବୈଷୟିକ ସହାୟତା ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଦେଉଛନ୍ତି । ରାଜ୍ୟ ସମୂହ କାୟାକଳ୍ପର ବିଭିନ୍ନ କ୍ଷେତ୍ର ପାଇଁ ତାଲିମ ଓ ପ୍ରଶିକ୍ଷକ ସୁବିଧା ଯୋଗାଇ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସାତଟି କ୍ଷେତ୍ର ଯଥା: ହସ୍ପିଟାଲ/ ସ୍ୱାସ୍ଥ୍ୟସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ବିକାଶ, ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟକର ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା, ପାଚେରି ନିର୍ମାଣ ଆଦି ଏହି ଯୋଜନାରେ ଗୁରୁତ୍ୱ ପାଉଛି ।

(ଗ) ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିଚ୍ଛନ୍ନତା ଓ ପୁଷ୍ଟିସାଧନ କମିଟି : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସର୍ବଦା ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟକର ପରିବେଶକୁ ପ୍ରୋତ୍ସାହିତ, ସମର୍ଥିତ କରିଆସିଅଛି । ଏହାକୁ ଗୋଷ୍ଠୀସ୍ତରୀୟ ସ୍ୱାସ୍ଥ୍ୟ ପ୍ରୋତ୍ସାହନ କାର୍ଯ୍ୟକ୍ରମ ସହ ମଧ୍ୟ ଯୋଡୁଛି । ୨୦୦୫ରେ ଆରମ୍ଭ କାଳରୁ ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ସବୁରାଜ୍ୟରେ ଗ୍ରାମ୍ୟ ସ୍ୱାସ୍ଥ୍ୟ କମିଟି ମାନ ଗଠନ କରି ଏ କ୍ଷେତ୍ରରେ କାର୍ଯ୍ୟ କରୁଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଲା ସ୍ୱାସ୍ଥ୍ୟ ସମ୍ପର୍କରେ ଗୋଷ୍ଠୀର କାର୍ଯ୍ୟକ୍ରମ ପାଇଁ ଗୋଟିଏ ଗୋଟିଏ ମଞ୍ଚ ତିଆରି କରିବା । ତେଣୁ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଗୋଷ୍ଠୀ ବା ସମୁଦାୟର ଭୂମିକା ଏବଂ ଅଂଶଗ୍ରହଣ ଏଥିରେ ସ୍ପଷ୍ଟ ହୋଇଯାଇଛି । ଏ କ୍ଷେତ୍ରରେ ଗୋଷ୍ଠୀଗତ ଉଦ୍ୟମରେ ହେଉଥିବା କାର୍ଯ୍ୟକ୍ରମ ପାଇଁ ବାର୍ଷିକ ୧୦ହଜାର ଅନାବନ୍ଧ ପାଣ୍ଠି ଯୋଗାଣର ବ୍ୟବସ୍ଥା କରାଯାଇଛି । ଏହି ପ୍ରୟାସର ନାମ ପରିବର୍ତ୍ତନ କରାଯାଇ ଏବେ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିଚ୍ଛନ୍ନତା ଓ ପୁଷ୍ଟିସାଧନ କମିଟି ରଖାଯାଇଛି । ଗ୍ରାମ ପଞ୍ଚାୟତ ସଭ୍ୟ ଏହାର ମୁଖ୍ୟ ଭାବେ ଅବସ୍ଥାପିତ ହେଉଛନ୍ତି । ଆଶା କର୍ମୀଙ୍କ ସହାୟତାରେ ଏହି କମିଟିର ସଦସ୍ୟମାନେ ସ୍ୱାସ୍ଥ୍ୟ, ପରିମଳ ଓ ପୁଷ୍ଟିସାଧନ କ୍ଷେତ୍ରରେ ଗ୍ରାମ ସ୍ତରରେ କାର୍ଯ୍ୟ କରୁଛନ୍ତି । କେତେକ ରାଜ୍ୟ ଏ କ୍ଷେତ୍ରରେ କିଛି ନୂଆ ଅଭିନବତା ପ୍ରଦର୍ଶନ କରିଛନ୍ତି ।

ଏବେ ସମଗ୍ର ଦେଶରେ ୫.୨ ଲକ୍ଷ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିଚ୍ଛନ୍ନତା ଓ ପୁଷ୍ଟିସାଧନ କମିଟି କାର୍ଯ୍ୟ କରୁଛି । ଏଭଳି ଯେତେ କମିଟି ଗଠନ କରାଯିବାର ଲକ୍ଷ୍ୟ ରଖାଯାଇଥିଲା ତାହାର ୯୨ଭାଗ ପୂରଣ ହୋଇଛି । ଏହି ସବୁ କମିଟି ମଧ୍ୟରୁ ୯୭ଭାଗଙ୍କର ବ୍ୟାଙ୍କ ଆକାଉଣ୍ଟ ରହିଛି । ବିଭିନ୍ନ ରାଜ୍ୟରେ ଏସବୁ କମିଟିକୁ ପଞ୍ଚାୟତ ଯୋଜନାରେ ସାମିଲ କରି ପ୍ରୋତ୍ସାହିତ କରାଯାଉଛି । ଛତିଶଗଡ଼ରେ ଆଶା କର୍ମୀଙ୍କ ସହାୟତାରେ ଏହାକୁ ପୂରା ଦମ୍‌ରେ କାର୍ଯ୍ୟକାରୀ କରାଯାଉଥିବାବେଳେ ଓଡ଼ିଶାରେ ପ୍ରତି ପଞ୍ଚାୟତରେ ପ୍ରତି ତିନି ମାସରେ ଗ୍ରାମ୍ୟ ସ୍ୱାସ୍ଥ୍ୟ




ପରିଚ୍ଛନ୍ନତା ଓ ପୁଷ୍ଟିସାଧନ କମିଟିର ବୈଠକ ଡକାଯିବାର ବ୍ୟବସ୍ଥା ହୋଇଛି। ଏଥିରେ ଏହି କମିଟିର କାର୍ଯ୍ୟ ସମୀକ୍ଷା କରାଯାଉଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ପାନୀୟଜଳ ମନ୍ତ୍ରଣାଳୟ ଆଶାକର୍ମୀଙ୍କ ସହାୟତାରେ ସ୍ୱଚ୍ଛତା ଅଭିଯାନକୁ ପ୍ରୋତ୍ସାହିତ କରୁଛନ୍ତି। ଶୌଚାଳୟ ଖୋଲିବାକୁ ଲୋକଙ୍କୁ ପ୍ରବର୍ତ୍ତାଇ ଏଥିରେ ସଫଳତା ହାସଲ କରୁଥିବା ଆଶାକର୍ମୀଙ୍କୁ ଶୌଚାଳୟ ପିଛା ୭୫ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। ଏହି ଦୁଇ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ଦକ୍ଷତା ନିର୍ମାଣ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦିଗରେ ମଧ୍ୟ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି।

(ଘ) ମହିଳା ଆରୋଗ୍ୟ ସମିତି : ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ପରିମଳ ଓ ସ୍ୱାସ୍ଥ୍ୟକର ପରିବେଶ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳ ଭଳି ସହରାଞ୍ଚଳରେ ମଧ୍ୟ ମହିଳା ଆରୋଗ୍ୟ ସମିତି ମାନ ଗଠନ କରାଯାଇଛି। ଏହି ସମିତିରେ ୧୨ରୁ ୨୦ଜଣ ମହିଳା ସଭ୍ୟା ରହିବାର ବ୍ୟବସ୍ଥା ଅଛି। ଗରିବ ଓ ଅନଗ୍ରସର ଗୋଷ୍ଠୀର ପ୍ରତିନିଧିମାନଙ୍କୁ ନେଇ ଏହି କମିଟି ଗଠନ କରାଯାଉଛି। ଏହାର ସଦସ୍ୟମାନଙ୍କୁ ତାଲିମ ଏବଂ ପ୍ରୋତ୍ସାହନ ଦିଆଯାଉଛି। ପ୍ରତ୍ୟେକ ସମିତିକୁ ବାର୍ଷିକ ୫୦ ହଜାର ଟଙ୍କାର ଅନାବନ୍ଧ ପାଣ୍ଠି ଯୋଗାଣର ବ୍ୟବସ୍ଥା କରାଯାଇଛି। ଦେଶର ବିଭିନ୍ନ ରାଜ୍ୟରେ ଏପର୍ଯ୍ୟନ୍ତ ୭୪୦୦୦ ଏଭଳି ସମିତି ଗଠିତ ହୋଇଛି। ଏହି ସମିତି ସବୁ ଅଳ୍ପ ଦିନର ହୋଇଥିଲେ ହେଁ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛନ୍ତି।

(ଙ) ବିଶ୍ୱାସ ଅଭିଯାନ : ଗ୍ରାମ ଭିତ୍ତିକ ସ୍ୱାସ୍ଥ୍ୟ, ଜଳ ଓ ପରିମଳ ସମନ୍ୱୟ ପ୍ରୟାସ ବା 'ବିଶ୍ୱାସ' ୨୦୧୭ରେ ଆରମ୍ଭ ହୋଇଥିଲା। ସଚେତନତା ସୃଷ୍ଟି, ସାମାଜିକ ସ୍ତରରେ ଜନଜାଗରଣ, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ଗୋଷ୍ଠୀ ସ୍ତରରେ ନେତୃତ୍ୱ ସୃଷ୍ଟି, ମଞ୍ଚ ବା ମାଧ୍ୟମ ସୃଷ୍ଟି କରି ଏ କ୍ଷେତ୍ରରେ ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ସ୍ୱଚ୍ଛଭାରତ ଅଭିଯାନ ସହ ୧୧ଟି ମାସିକ ଅଭିଯାନ ଦିବସ ଦାୟିତ୍ୱ ବିଶ୍ୱାସ ଉପରେ ନ୍ୟସ୍ତ କରାଯାଇଛି। ଏହି ଅଭିଯାନଗୁଡ଼ିକ ନିମ୍ନସ୍ଥ ଟେବୁଲରେ ଦିଆଯାଇଛି।

## ଗ୍ରାମୀଣ ସ୍ୱାସ୍ଥ୍ୟ ପରିମଳ ଏବଂ ପୋଷଣ କମିଟି



**ବିଶ୍ୱାସ ଅଧୀନରେ**
**୧୧ଟି ମାସିକ ଅଭିଯାନ ଦିବସ**

୧) ସ୍ୱଚ୍ଛତା ଅଭିଯାନ ପାଇଁ ବାର୍ଷିକ ଯୋଜନା ଦିବସ

୨) ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ ଦିବସ

୩) ଗ୍ରାମାଞ୍ଚଳ ମୁକ୍ତ ମଳତ୍ୟାଗ ଦିବସ

୪) ହାତଧୁଆ ଦିବସ

୫) ସ୍କୁଲ ଓ ଅଙ୍ଗନବାଡ଼ି ପରିଚ୍ଛନ୍ନତା ଦିବସ

୬) ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିବସ

୭) ବ୍ୟକ୍ତିଗତ ଓ ଘର ପରିଚ୍ଛନ୍ନତା ଦିବସ (ନିରାପଦ ପାନୀୟଜଳ ଓ ଖାଦ୍ୟ ବ୍ୟବହାର ବିଧି)

୮) ସ୍ୱାସ୍ଥ୍ୟ ସଚେତନତା ଦିବସ / ସୁସ୍ଥ ଜୀବନଶୈଳୀ ଦିବସ

୯) ଭେକ୍ଟର (ଭୂତାଣୁ) ନିୟନ୍ତ୍ରଣ ଦିବସ

୧୦) ସ୍ୱଚ୍ଛତା ଚମ୍ପିଆନ ପାଳନ ଦିବସ

୧୧) ପରିମଳ ଓ ସ୍ୱଚ୍ଛତା ସଂକ୍ରାନ୍ତ ଗ୍ରାମସଭା ଦିବସ



ବିଶ୍ୱାସ ଅଭିଯାନର ଢାଞ୍ଚା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ରାଜ୍ୟମାନଙ୍କ ସହଯୋଗରେ ୨୦୧୭ଜୁଲାଇରୁ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ତାଲିମଦାତାଙ୍କ ଜାତୀୟ ତାଲିମ ଶିବିର ନୂଆଦିଲ୍ଲୀ ଓ ଗୌହାଟୀରେ ଯଥାକ୍ରମେ ୨୦୧୭ଜୁନ୍ ଓ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱାସ ଢାଞ୍ଚାକୁ ମଧ୍ୟ ଗ୍ରାମ ଉନ୍ନୟନ ବିଭାଗ ସହିତ ସଂପୃକ୍ତ କରାଯାଇଛି। ୨୦୧୭ ଅକ୍ଟୋବରରେ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଜାତୀୟ ସମ୍ମିଳନୀରେ ୫୦୦୦ ପ୍ରତିନିଧିଙ୍କୁ ଏହି ଢାଞ୍ଚାର ପ୍ରତିଲିପି ଦିଆଯାଇଛି। ଓଡ଼ିଶା, ଛତିଶଗଡ଼, ପଞ୍ଜାବ, ତେଲଙ୍ଗାନା, ଗୋଆ, ମହାରାଷ୍ଟ୍ର ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମୂହ ନିଜର ଜିଲା ଓ ବ୍ଲକ୍ ସ୍ତରୀୟ ତାଲିମଦାତାମାନଙ୍କର ତାଲିମ ଶିବିର ମଧ୍ୟ ଆୟୋଜନ କରିଛନ୍ତି। ଓଡ଼ିଶା ଓ ଛତିଶଗଡ଼ ଭଳି ରାଜ୍ୟ ଗ୍ରାମସ୍ତରରେ ମଧ୍ୟ ତାଲିମଦାତାଙ୍କୁ ତାଲିମ ପ୍ରଦାନ କରି ଏ କ୍ଷେତ୍ରରେ କେଇ ପାଦ ଆଗେଇ ଯାଇଛନ୍ତି। ଉତ୍ତରପ୍ରଦେଶର ବାରାଣସୀ, ଗୋରଖପୁର, ଝାନ୍ସୀ, ଲକ୍ଷ୍ନୌ ଓ କାନପୁରରେ ବିଶ୍ୱାସ ଅଭିଯାନ ସଫଳତାର ସହ ଚାଲିଛି।

(ଚ) ସ୍ୱଚ୍ଛତା ହିଁ ସେବା-ଅଭିଯାନ-୨୦୧୭ : ଭାରତ ସରକାର ୨୦୧୭ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ କରିଥିଲେ। ଏହି ଅବସରରେ ଦେଶର ସବୁ ରାଜ୍ୟରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପରିମଳ ଉପରେ କର୍ମଶାଳା, ଆଲୋଚନାଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟ ସରକାରଙ୍କ ସହଯୋଗରେ ଏ ପର୍ଯ୍ୟନ୍ତ ସମଗ୍ର ଦେଶରେ ୧.୨ଲକ୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଛି। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶର ସବୁ ମନ୍ତ୍ରଣାଳୟଠାରୁ ଆଗରେ ରହିଛି। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଏବେ ସମଗ୍ର ଦେଶରେ ଚାଲିଛି।

(ଛ) ସ୍ୱଚ୍ଛତା ପକ୍ଷ: ସ୍ୱଚ୍ଛତା ପକ୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏକ ପ୍ରୟାସ। ଏହା ଗୋଷ୍ଠୀ ସ୍ତରରେ ସାଧାରଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ପରିଚ୍ଛନ୍ନତା ପାଇଁ ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛି। ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ ସରକାରୀ ଭାବେ ଧାର୍ଯ୍ୟ

ଏହି ଯୋଜନାରେ ସରକାରୀ ହସ୍‌ପିଟାଲଗୁଡ଼ିକର ଆବର୍ଜନା ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ପରିଚ୍ଛନ୍ନତା, ପାଚେରି ନିର୍ମାଣ ଆଦି କାର୍ଯ୍ୟ ଗୁରୁତ୍ୱ ପାଇଛି। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସମାଜକୁ ସଂପୃକ୍ତ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ଥିବା ମାନକ ବିଭିନ୍ନ ହସ୍‌ପିଟାଲ କେତେ ପୂରଣ କରୁଛନ୍ତି ତାହାର ସଂଖ୍ୟାକୁ ନେଇ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି। ଏହି ଆଧାରରେ ଜିଲ୍ଲା ସଦର ହସ୍‌ପିଟାଲ, ଉପଖଣ୍ଡ ସ୍ତରୀୟ ହସ୍‌ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରିବାର ବ୍ୟବସ୍ଥା ରହିଛି। ବିଜେତାଙ୍କୁ ଅର୍ଥ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଉଛି। ଯେଉଁ ହସ୍‌ପିଟାଲ ସବୁ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକରେ ଭଲ ପ୍ରଦର୍ଶନ କରି ୭୦% ନମ୍ବର ରଖୁଛନ୍ତି ସେମାନେ ମୁଖ୍ୟତଃ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଏ କ୍ଷେତ୍ରରେ ୨.୫ କୋଟି ଟଙ୍କାର ଅର୍ଥ ପୁରସ୍କାର ବ୍ୟବସ୍ଥା ରହିଛି।

### ସଫଳ କାହାଣୀ

## ସ୍ୱଚ୍ଛ ସ୍ୱାଧୀନତା ଦିବସ

# ସ୍ୱଚ୍ଛ ସର୍ବେକ୍ଷଣ ୨୦୧୮

ସ୍ୱଚ୍ଛତାକୁ ଜୀବନର ଏକ ରାସ୍ତା ଭାବେ ଗ୍ରହଣ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କର୍ଣ୍ଣାଟକର କାଲାଗୁରଗୀ ଜିଲ୍ଲା ପଞ୍ଚାୟତ ଠାରେ ୫ ହଜାର ଲୋକଙ୍କୁ ହାତ ଧୋଇବା ଶୈଳୀ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଏହା ସ୍ୱାଧୀନତା ଦିବସ ପାଳନ ଉତ୍ସବ ସମୟରେ ସ୍ଥାନୀୟ ପୁଲିସ୍ ପରେଡ୍ ଗ୍ରାଉଣ୍ଡରେ ଆୟୋଜିତ ହୋଇଥିଲା।

ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହାତ ଧୋଇବାର ଉନ୍ନତ ଶୈଳୀ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ନିଜ ନିଜ ଅଭିଜ୍ଞତା ବାଣ୍ଟିଥିଲେ।

ଏହି କାର୍ଯ୍ୟକ୍ରମଟି ଏକ ଅନନ୍ୟ କାର୍ଯ୍ୟକ୍ରମ ଥିଲା, କାରଣ ଏହା ଗାନ୍ଧିଜୀଙ୍କ ସ୍ୱଚ୍ଛତା ଡାକରା ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିଲା। ଏଥିରେ ବିଷୟ ରଖାଯାଇଥିଲା 'ସ୍ୱଚ୍ଛମେବ ଜୟତେ' ଏବଂ ଏଥିରେ ସ୍ୱଚ୍ଛ ସର୍ବେକ୍ଷଣର ଏକ ଲୋଗୋ ମଧ୍ୟ ବ୍ୟବହୃତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବା ପୂର୍ବରୁ ନିଜ ନିଜର ହାତ ଧୋଇବା ପାଇଁ ପ୍ରେରିତ କରାଯାଇଥିଲା। ଏହି ଛାତ୍ରଛାତ୍ରୀମାନେ ସେଠାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ହାତ ଧୋଇବାର ୮ଟି ବିଭିନ୍ନ ପର୍ଯ୍ୟାୟ ପ୍ରଦର୍ଶିତ କରିଥିଲେ। ଏଥିରେ ସାବୁନରେ ହାତ ଧୋଇବା ଏବଂ ଟାୱେଲ୍‌ରେ ହାତ ପୋଛିବା ଅନ୍ତର୍ଭୁକ୍ତ ଥିଲା।

ଏହାପରେ ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସଚେତନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା, ସେମାନଙ୍କ ମଧ୍ୟରେ ସ୍ୱଚ୍ଛତାକୁ ନେଇ ଏକ ବ୍ୟବହାରିକ ପରିବର୍ତ୍ତନ ଆଣିବା।

ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛତାର ବାହକ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହାସହିତ ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଛାତ୍ରଛାତ୍ରୀମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାଣର ଉପଯୋଗୀ ଅଂଶବିଶେଷ।

୧୫ ଦିନ ପାଇଁ ସ୍ୱଚ୍ଛତା ସମ୍ପର୍କରେ ଅଭିଯାନ କାର୍ଯ୍ୟକାରୀ କରୁଛନ୍ତି। ଏ ବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ସ୍ୱଚ୍ଛତା ପଖୱାଡ଼ା ଦେଶବ୍ୟାପୀ ପାଳନ କରାଯାଇଥିଲା ଯାହା ବେଶ ସଫଳ ହୋଇଥିଲା।

**ଉପସଂହାର**

ପରିଚ୍ଛନ୍ନତା, ସ୍ୱାସ୍ଥ୍ୟକର ପରିବେଶ ଓ ସ୍ୱଚ୍ଛତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ହାତକୁ ନେଇଥିବା ବିବିଧ କାର୍ଯ୍ୟକ୍ରମର ଏକ ସଂକ୍ଷିପ୍ତ ରୂପରେଖ ଉପରେ ପ୍ରଦାନ କରାଯାଇଛି। ଏହା ଫଳରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ସାରା ଦେଶରେ ଏକ ଗଠନମୂଳକ ବାତାବରଣ ସୃଷ୍ଟି ହୋଇଛି ଏବଂ ଜନ ସଚେତନତା ବଢ଼ିଛି। କାୟାକଳ୍ପ ଏବଂ ସ୍ୱଚ୍ଛ ସ୍ୱସ୍ଥ ସର୍ବତ୍ର କାର୍ଯ୍ୟକ୍ରମ ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସ୍ଥିତି ଓ ସେବା ପ୍ରଦାନରେ ଉନ୍ନତି ଆସିଛି। ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଭାବେ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଲୋକେ ଏହି ଅଭିଯାନଦ୍ୱାରା ଉପକୃତ ହୋଇଛନ୍ତି। ଏହି ଉଦ୍ୟମ ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତ ଗଠନରେ ସହାୟକ ହେବ ବୋଲି ଆଶା କରାଯାଏ।

ଲେଖିକା ହେଉଛନ୍ତି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବ।
secyhfw@nic.in

# ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା ଅଧିନରେ ୨୦୧୮ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ହଜାର ହଜାର ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କ ବହୁଳତା ଓ ବିବିଧତା ଦୃଷ୍ଟିରୁ ଏହି ଅଭିଯାନକୁ ଯଥାର୍ଥ ଭାବେ ଏକ ଆନ୍ଦୋଳନ ବୋଲି କୁହାଗଲା। ୨୦୧୮ ଅକ୍ଟୋବର ୨ ତାରିଖ ଦିନ ସ୍ୱଚ୍ଛ ଭାରତ ଅଭିଯାନର ଚତୁର୍ଥ ବାର୍ଷିକୀ ଉପଲକ୍ଷେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା–

- ସ୍ୱଚ୍ଛ ଭାରତ ଜନଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା।
- ସ୍ୱଚ୍ଛ ଭାରତ ଅଭିଯାନର ଶେଷ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା।
- "ସ୍ୱଚ୍ଛତା ସମସ୍ତଙ୍କ ଦାୟିତ୍ୱ"– ଏହି ଧାରଣାକୁ ମଜବୁତ୍ କରିବା।



ମହାବୁବାଦ୍ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ

ଏଥିରେ ପ୍ରାୟ ୨୦ କୋଟି ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସେହି ସମୟ ମଧ୍ୟରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ନେତୃବୃନ୍ଦ, ଉଦ୍ୟୋଗୀ, ସରକାରୀ କର୍ମଚାରୀ, ଜିଲ୍ଲାପାଳ ଓ ସରପଞ୍ଚମାନେ ଅଂଶଗ୍ରହଣ କରି ସାର୍ବଜନୀନ ସ୍ଥାନ ସଫା କରିବା, କଠିନ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ପୃଥକ କରିବା, ଘରକୁ ଘର ବୁଲି ସ୍ୱଚ୍ଛତା ସଚେତନତା ସୃଷ୍ଟି କରିବା, ପଥପ୍ରାନ୍ତ ନାଟକ ଓ ଲୋକଗୀତ, ସ୍ୱଚ୍ଛତା ଶୋଭାଯାତ୍ରା, କାର୍ଟୁନ ଚିତ୍ର, ଶୌଚାଳୟ ନିର୍ମାଣ, ଖାତ ସଫେଇ ଓ କମ୍ପୋଷ୍ଟ ଖାତ ନିର୍ମାଣ ଆଦି କାର୍ଯ୍ୟ କରିଥିଲେ।

ତେଲେଙ୍ଗାନାର ମେହେବୁବାବାଗ୍ ଜିଲ୍ଲାରେ ସମସ୍ତ ପଞ୍ଚାୟତ ତରଫରୁ ଶ୍ରମଦାନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ସ୍ୱଚ୍ଛତା ହିଁ ସେବା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଓ ଅଟୋରେ ଏ ସମ୍ପର୍କିତ ପୋଷ୍ଟର ଲଗାଇବା କାର୍ଯ୍ୟ କରାଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ସଂକଳ୍ପ ନେଇ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟ କରିଥିଲେ।



ମଦୁରାଇର ଛାତ୍ରଛାତ୍ରୀ

ତାମିଲନାଡୁ ମଦୁରାଇ ପୂର୍ବ ବ୍ଲକ୍‌ରେ ଓଠାକଦାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରୋତ୍ସାହନକାରୀ ସେଲ୍‌ଭୀଙ୍କ ଦ୍ୱାରା ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା ଓ ସମସ୍ତେ ମିଶି ଶ୍ରେଣୀଗୃହ ଓ ବିଦ୍ୟାଳୟ ପରିସରକୁ ସଫାସୁତରା କରିଥିଲେ ଏବଂ ପ୍ରତ୍ୟେକ ଶ୍ରେଣୀ କକ୍ଷରେ ଡଷ୍ଟବିନ୍ ବ୍ୟବସ୍ଥା କରିଥିଲେ। ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀଙ୍କ ପରିଚ୍ଛନ୍ନତା ଯାଞ୍ଚ କରାଯାଇଥିଲା ଓ ଖାଇବା ବେଳେ ସମସ୍ତେ ଧାଡ଼ି ବାନ୍ଧି ହାତ ସଫା କରିଥିଲେ। ପ୍ରତ୍ୟେକ ଶୌଚାଳୟରେ ସାବୁନ୍ ଓ ଗାମୁଛା ରଖାଯାଇଥିଲା। ଇତିମଧ୍ୟରେ ପରିମଳ କାର୍ଯ୍ୟକର୍ତ୍ତା, ଡାକ୍ତରୀ କର୍ମୀ ଓ ଜନସାଧାରଣ ମଦୁରାଇର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଶପଥ ନେଲେ। ଠୁଥୁକଡ଼ିଠାରେ ଜିଲ୍ଲାପାଳ ଏକ ସ୍ୱଚ୍ଛତା ରଥକୁ ପତାକା ଦେଖାଇ ଆରମ୍ଭ କରିଥିଲେ ଏବଂ ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଏକ ଦସ୍ତଖତ ଅଭିଯାନର ମଧ୍ୟ ଶୁଭାରମ୍ଭ କରିଥିଲେ।

ସେପ୍ଟେମ୍ବର ୧୫ ତାରିଖ ଦିନ ଜମ୍ମୁ-କାଶ୍ମୀର ଠାରେ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ ରାଜ୍ୟକୁ ଖୋଲାରେ ଶୌଚ କରିବା ଅଭ୍ୟାସମୁକ୍ତ ବୋଲି ଘୋଷଣା କଲେ ଓ ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ କଲେ। ଜମ୍ମୁର ଏକ ବିଦ୍ୟାଳୟରେ ପେଣ୍ଟିଂ ପ୍ରତିଯୋଗିତା ଆୟୋଜନ କରାଯାଇ କୋମଳମତି ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ସମ୍ପର୍କରେ ନିଜ ନିଜ ସୃଜନଶୀଳତା ପ୍ରକାଶ ପାଇଁ ଉତ୍ସାହିତ କରାଯାଇଥିଲା। ରାଜ୍ୟର ଗଣ୍ଡେରବାଲ ଜିଲ୍ଲା ଅନ୍ତର୍ଗତ ମାନସବଲ ହ୍ରଦକୁ ସଫା କରାଯାଇଥିଲା। ଜମ୍ମୁ-କାଶ୍ମୀର ଗ୍ରାମୀଣ ବ୍ୟାଙ୍କ ଓ ନାବାର୍ଡ ମିଳିତ ଭାବେ ରାଜ୍ୟର ଜମ୍ମୁ, ରାଜୌରୀ, କାଠ୍ୱା, ଶାମ୍ବା, ବାନ୍ଦିକୋରା, ବାରମୁଲା ଓ କୁପୱାଡ଼ା ଆଦି ଜିଲ୍ଲାରେ ୫୬ଟି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

ଅରୁଣାଚଳ ପ୍ରଦେଶରେ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ସ୍ୱଚ୍ଛତା ହିଁ ସେବା ପନ୍ଦରଦିନିଆ ଅଭିଯାନକୁ ତୱାଙ୍ଗର ବୁଦ୍ଧ ପାର୍କଠାରେ ଶୁଭାରମ୍ଭ କରିଥିଲେ।



ଲେହରେ ଏନ୍‌ସିସି କ୍ୟାଡେଟ୍




*ମଣିପୁରରେ ଛାତ୍ରଛାତ୍ରୀ*

ଅନ୍ୟପକ୍ଷରେ ଏହି ଅଭିଯାନର ଦ୍ୱିତୀୟ ଦିବସରେ ପଶ୍ଚିମ ସିଆଙ୍ଗ ଜିଲ୍ଲାର ସରକାରୀ କର୍ମଚାରୀମାନେ ଶ୍ରମଦାନ କରିଥିଲେ।

ମଣିପୁରର ଇମ୍ଫାଲ ପଶ୍ଚିମସ୍ଥିତ ସାଭିଓ ଇଂରାଜୀ ଉଚ୍ଚବିଦ୍ୟାଳୟ ଠାରେ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ହାତ ଧୋଇବାକୁ ନେଇ ଏକ ପ୍ରଦର୍ଶନ କରିଥିଲେ। ବିଷ୍ଣୁପୁର ଜିଲ୍ଲା ଜଳ ଓ ପରିମଳ କମିଟି ତରଫରୁ ପଞ୍ଚାୟତ ସମ୍ବଳ କେନ୍ଦ୍ରଠାରେ ସେପ୍ଟେମ୍ବର ୧୭ ତାରିଖରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ମେଘାଳୟର ଦକ୍ଷିଣ-ପଶ୍ଚିମ ଖାସିହିଲ୍‌ରେ ସେପ୍ଟେମ୍ବର ୧୭ ତାରିଖ ଦିନ ଉପକମିଶନରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଲେଟ୍‌ଲସାଙ୍ଗ୍ ଠାରୁ ମତୀରଓ୍ୱାଟ୍ ପର୍ଯ୍ୟନ୍ତ ରାସ୍ତା ସଫା କରାଯାଇଥିଲା। ସ୍ୱଚ୍ଛ ଓ ସବୁଜ ଗ୍ରାମ ପାଇଁ ସ୍ୱଚ୍ଛତା ହିଁ ସେବା ଦୌଡ଼ ଆୟୋଜନ କରାଯାଇଥିଲା। ଦକ୍ଷିଣ-ପଶ୍ଚିମ ଗାରୋହିଲ୍ ଓ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ଏବଂ ତୁରା ରନର୍ସ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସେପ୍ଟେମ୍ବର ୨୨ ତାରିଖରେ ଆମ୍ପଟି ଠାରେ ଏହି ଦୌଡ଼ ଆୟୋଜିତ ହୋଇଥିଲା। ଏଥିରେ ଦୁଇଟି ବିଭାଗ ଥିଲା- ଅର୍ଦ୍ଧ ମାରାଥନ୍ ଓ ବିଶେଷ ଦୌଡ଼। ଏତଦ୍‌ବ୍ୟତୀତ ଏହି ୧୫ ଦିନ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କିତ ପଥପ୍ରାନ୍ତ ନାଟକ, ଶୌଚାଳୟ ନିର୍ମାଣ, ଆବର୍ଜନା ପରିଚାଳନା ଓ ବଜାର ଆଦିରେ ଜନ ସ୍ୱଚ୍ଛତା କାର୍ଯ୍ୟ ଆଦି ହାତକୁ ନିଆଯାଇଥିଲା।



*ୟୁପିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ*



*ଜମ୍ମୁ-କାଶ୍ମୀର ହ୍ରଦରେ ସଫେଇ କାର୍ଯ୍ୟ*

ଆସାମର କାମରୂପ ଜିଲ୍ଲା ଓକୋଠାରେ ଶନିବାର ଦିନ ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ ବେଳେ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୁନୋଓ୍ୱାଲ କହିଥିଲେ ଯେ, "ଏହି ଅଭିଯାନ କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନ ରହି ସମସ୍ତଙ୍କ ଦ୍ୱାରା ମୁକ୍ତ ସମର୍ଥନ ପାଇ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି।" ଏହି ଅବସରରେ ସେ ମିଶନ-୧୦୦ ଅଧିନରେ ଏକ ପାଇପ୍ ଜଳଯୋଗାଣ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ମଧ୍ୟ କରିଥିଲେ।

ପଞ୍ଜାବର ତୋରଙ୍ଗଲା ବ୍ଲକ୍‌ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଖୋଲାରେ ଶୌଚ କରିବା ପ୍ରକୃତି କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା ଓ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ଲାଷ୍ଟିକ୍ ବର୍ଜନ ଓ ସ୍ୱଚ୍ଛ ପାନୀୟଜଳ ସମ୍ପର୍କରେ ମଧ୍ୟ ସେମାନଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଖାଲ୍‌ସା ମହାବିଦ୍ୟାଳୟ ଠାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଅନ୍ୟାନ୍ୟ ମୁଖ୍ୟାଂଶ...**

- *ହରିଆଣାର ରେଓ୍ୱାରୀ ଜିଲ୍ଲାରେ ସ୍ୱଚ୍ଛତା ସଚେତନତା ବାର୍ତ୍ତା ପ୍ରଚାର ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ।*
- *ଉତ୍ତର ପ୍ରଦେଶର ଯୌନପୁର ଠାରେ ଜନସାଧାରଣ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଥିଲେ।*
- *ମହାରାଷ୍ଟ୍ରର ସୋଲାପୁର ଠାରେ ହାତ ସଫେଇ କାର୍ଯ୍ୟ କରାଯାଇଥିଲା।*
- *ଝାଡ଼ଖଣ୍ଡର ରାଞ୍ଚି ଠାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।*
- *ବିହାରର ମାଦେପୁର ଠାରେ ଜନସାଧାରଣ ଶ୍ରମଦାନ କରିଥିଲେ।*
- *ସମଗ୍ର ଦେଶରେ ଆର୍ଟ ଅଫ୍ ଲିଭିଙ୍ଗ୍ ସଂସ୍ଥାର ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମାନ ଆୟୋଜିତ କରିଥିଲେ।*

# ସ୍ୱଚ୍ଛତା: ବିଚାରରୁ ବାସ୍ତବତା

## ମହିଳା ସମ୍ମାନ ଓ ଶିଶୁ ସୁରକ୍ଷା ପାଇଁ ସ୍ୱଚ୍ଛ ଓ ସୁରକ୍ଷିତ ବାତାବରଣ

**ରାକେଶ ଶ୍ରୀବାସ୍ତବ**

"ସ୍ୱାଧୀନତା ଅପେକ୍ଷା କୌଣସି ସମ୍ପ୍ରଦାୟର ସ୍ୱଚ୍ଛତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମଭଳି ଏକ ସମ୍ପ୍ରଦାୟରେ ସ୍ୱଚ୍ଛତା ହେଉଛି ଏକ ସାଧାରଣ ଈଶ୍ୱରୀୟ ପ୍ରୟାସ ଓ ଏକ ସର୍ବନିମ୍ନ ମାନବୀୟ ଅଧିକାର।"-

■ ଏମ୍.କେ. ଗାନ୍ଧୀ

ମାନବ ଜାତିର ଅସ୍ତିତ୍ୱ ପାଇଁ ସ୍ୱଚ୍ଛତା ଉପରେ ଗାନ୍ଧୀଜୀଙ୍କ ଗୁରୁତ୍ୱ ପ୍ରଦାନ କରିବା ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ଅନୁମେୟ। ସ୍ୱଚ୍ଛତା ହେଉଛି ପରିଚ୍ଛନ୍ନତା ଠାରୁ ଅଧିକ ବ୍ୟାପକ। ସ୍ୱଚ୍ଛତା କହିଲେ ମାନବୀୟ ଆବର୍ଜନା ସଂଗ୍ରହ, ପ୍ରକ୍ରିୟାକରଣ, ଉପଯୁକ୍ତ ସ୍ଥାନରେ ଫୋପାଡ଼ିବା, ପୁନଃ ବ୍ୟବହାରକ୍ଷମ କରିବା ଆଦି କାର୍ଯ୍ୟକୁ ବୁଝାଇଥାଏ। ସେହିଭଳି ଜୈବ-ଅବକ୍ଷୟିଷ୍ଣୁ ଓ ଜୈବ-ଅଣଅବକ୍ଷୟିଷ୍ଣୁ ପଦାର୍ଥ ଭଳି କଠିନ ବର୍ଜ୍ୟବସ୍ତୁ ଓ ଡାକ୍ତରଖାନା ଆଦିରୁ ନିର୍ଗତ ବିଭିନ୍ନ ହାନିକାରକ ରସାୟନ, ରେଡିଓ ଆକ୍ଟିଭ୍ ପଦାର୍ଥ, ପ୍ଲାଷ୍ଟିକ୍ ଆଦିର ପରିଚାଳନ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। କୌଣସି ସମାଜର ସାଧାରଣ ସ୍ୱାସ୍ଥ୍ୟ ଓ ଉତ୍ପାଦକତାର ଏକ ପରିଣାମ ହେଉଛି ସ୍ୱଚ୍ଛତା। ସ୍ୱଚ୍ଛତା ଅଭାବରେ ଏବଂ ଅଳିଆ ଆବର୍ଜନା ତଥା ପ୍ରଦୂଷଣର ପ୍ରାବଲ୍ୟ ଯୋଗୁଁ କେବଳ ଯେ ଆର୍ଥିକ କ୍ଷତି ହୋଇଥାଏ ତା' ନୁହେଁ ବରଂ ଏଥିଯୋଗୁଁ ସାମାଜିକ ଜୀବନଧାରା ମଧ୍ୟ ବାଧାପ୍ରାପ୍ତ ହୋଇଥାଏ।

ଯଥେଷ୍ଟ ପୂର୍ବରୁ ମହାତ୍ମା ଗାନ୍ଧୀ ବୁଝିସାରିଥିଲେ ଯେ ସ୍ୱରାଜ ପ୍ରାପ୍ତି ଉପରେ ଯେତିକି ଧ୍ୟାନ ଦିଆଯାଉଛି ସେତିକି ଧ୍ୟାନ ଆଉ ମଧ୍ୟ ତତ୍କାଳୀନ ଭାରତରେ ବ୍ୟାପ୍ତ ଥିବା ଅସ୍ୱଚ୍ଛତା ଓ ବିଶେଷ ଭାବରେ ଗ୍ରାମୀଣ ଭାରତରେ ଥିବା ଶୌଚାଳୟର ଅଭାବ ଉପରେ ମଧ୍ୟ ଦେବା ଦରକାର। ତେଣୁ ସ୍ୱାଧୀନତା ପାଇଁ ସଂଗ୍ରାମ କରୁଥିବା ବେଳେ ସେ ନିଜ ଜୀବନସାରା ସ୍ୱଚ୍ଛତା ଆନ୍ଦୋଳନ ମଧ୍ୟ ପରିଚାଳନା କରିଥିଲେ। ସ୍ୱଚ୍ଛତାର ପ୍ରତ୍ୟେକ ଦିଗ- ବୈଷୟିକ, ସାମାଜିକ, ଆର୍ଥିକ, ବ୍ୟକ୍ତିଗତ, ପାରିବାରିକ ଏବଂ ଔଦ୍ୟୋଗିକ- ସହ ସେ ସମ୍ପୃକ୍ତ ଥିଲେ। ଅବଶ୍ୟ ସ୍ୱାଧୀନତା ପରେ ସ୍ୱଚ୍ଛତା ବିଷୟଟି କେବଳ କେବେ କେମିତି ସରକାରୀ ଧ୍ୟାନ ଆକର୍ଷଣ କରିପାରିଥିଲା।



ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହା ଅକ୍ଟୋବର ୨ ତାରିଖ ଦିନ ସ୍ୱଚ୍ଛ ଭାରତ ଯୋଜନାର ଶୁଭାରମ୍ଭ କଲେ। ଏହାର ଉଦ୍ଦେଶ୍ୟ ଥିଲା, ପ୍ରତ୍ୟେକ ଭାରତୀୟଙ୍କୁ ୨୦୧୯ ଅକ୍ଟୋବର ୨ ତାରିଖ ଅର୍ଥାତ୍ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସୁଦ୍ଧା ଶୌଚାଳୟ ସମେତ କଠିନ ଓ ତରଳ ବର୍ଜ୍ୟବସ୍ତ ପରିଚାଳନା ସୁବିଧା, ଗ୍ରାମ୍ୟ ପରିମଳ ସୁବିଧା ଏବଂ ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା।

ଜଳ ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ। ଯଦିଓ ଏହି ତିନୋଟି ବିଷୟ ପରସ୍ପର ଠାରୁ ପୃଥକ ତଥାପି ପ୍ରତ୍ୟେକ ଅନ୍ୟଟି ଉପରେ ନିର୍ଭରଯୋଗ୍ୟ। ଉଦାହରଣ ସ୍ୱରୂପ, ଶୌଚାଳୟ ଅଭାବରେ ଜଳ ଉତ୍ସ ପ୍ରଦୂଷିତ ହୁଏ,



ସ୍ୱଚ୍ଛ ଜଳ ବିନା ସ୍ୱାସ୍ଥ୍ୟ ରକ୍ଷା ପ୍ରୟାସ ବାଧାପ୍ରାପ୍ତ ହୁଏ। ଶିଶୁମାନଙ୍କ ବିକାଶ ପାଇଁ ସ୍ୱଚ୍ଛ ଜଳ, ଶୌଚାଳୟ ଓ ସ୍ୱାସ୍ଥ୍ୟ ରକ୍ଷା ଅତ୍ୟନ୍ତ ଆବଶ୍ୟକତା। ବର୍ତ୍ତମାନ ୨୪୦ କୋଟି ଏମିତି ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ ଉପଯୁକ୍ତ ପରିମଳ ସୁବିଧା ନାହିଁ ଓ ୬୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଅଛନ୍ତି, ଯେଉଁମାନେ ସ୍ୱଚ୍ଛ ପାନୀୟଜଳ ପାଆନ୍ତି ନାହିଁ। ଏପରି ସର୍ବନିମ୍ନ ସୁବିଧା ଅଭାବରେ ପିଲାମାନଙ୍କ ଜୀବନ ବିପଦାପନ୍ନ ହୁଏ। ୫ ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ଜଳ ଓ ପରିମଳଜନିତ ରୋଗ ହେଉଛି ମୃତ୍ୟୁର ଏକ ପ୍ରମୁଖ କାରଣ। ବିଶୁଦ୍ଧ ପାନୀୟଜଳ ଓ ପରିମଳ ସୁବିଧା ଅଭାବରୁ ଦୈନିକ ୮୦୦ ଜଣ ଶିଶୁ ମୃତ୍ୟୁମୁଖରେ ପଡ଼ିଥାନ୍ତି। ୫୬ କୋଟି ୪୦ ଲକ୍ଷ ବ୍ୟକ୍ତି- ଅର୍ଥାତ୍ ଜନସଂଖ୍ୟାର ପ୍ରାୟ ଅଧା- ଖୋଲାରେ ମଳତ୍ୟାଗ କରନ୍ତି। ଦକ୍ଷିଣ ଏସିଆର ୯୦ ପ୍ରତିଶତ ଓ ବିଶ୍ୱର ୧.୧ ବିଲିଅନ୍ ଜନସଂଖ୍ୟାର ୫୯ ପ୍ରତିଶତ ବ୍ୟକ୍ତି ହେଉଛନ୍ତି ଖୋଲାରେ ମଳତ୍ୟାଗ କରୁଥିବା ଭାରତୀୟ।

ସ୍ୱଚ୍ଛତାକୁ ପରବର୍ତ୍ତୀ ପର୍ଯ୍ୟାୟ ପର୍ଯ୍ୟନ୍ତ ଉନ୍ନୀତ କରିବାର ଗୁରୁଦାୟିତ୍ୱ ରହିଛି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଉପରେ। ସ୍ୱଚ୍ଛ ଭାରତ ଅଭିଯାନର କାର୍ଯ୍ୟକାରିତା କ୍ଷେତ୍ରରେ ଏହା ହେଉଛି ଅଗ୍ରଣୀ ମନ୍ତ୍ରଣାଳୟ, କେବଳ ଘରେ ନୁହଁ ବରଂ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ଓ ପଞ୍ଚାୟତ କୋଠା ଏବଂ ବଜାରରେ ମଧ୍ୟ ଶୌଚାଳୟ ବ୍ୟବସ୍ଥା ସୁନିଶ୍ଚିତ କରିବା ଦାୟିତ୍ୱ ହେଉଛି ଏହି ମନ୍ତ୍ରଣାଳୟର। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଭିତ୍ତିଭୂମି, ଅଭ୍ୟାସ ପରିବର୍ତ୍ତନ ଓ ବ୍ୟାପକ ସମଷ୍ଟିଗତ ପ୍ରୟାସ ଆବଶ୍ୟକ।

ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସାର୍ବଜନୀନ ସୁରକ୍ଷା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ୨୦୧୪ ନଭେମ୍ବର ୧୪ରୁ ୧୯ ମଧ୍ୟରେ 'ବାଲ୍ ସ୍ୱଚ୍ଛତା ମିଶନ', 'ସ୍ୱଚ୍ଛ ଭାରତ ମିଶନ' ଅଧିନରେ ସ୍ୱଚ୍ଛ ଶୌଚାଳୟ, ସ୍ୱଚ୍ଛ ପାନୀୟଜଳ, ସ୍ୱଚ୍ଛ ଖାଦ୍ୟ, ବ୍ୟକ୍ତିଗତ ସ୍ୱଚ୍ଛତା, ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ଖେଳପଡ଼ିଆ ଓ ସ୍ୱଚ୍ଛ ଅଙ୍ଗନବାଡ଼ି ସମ୍ପର୍କିତ କାର୍ଯ୍ୟକ୍ରମମାନ ଆୟୋଜିତ କରିବା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛ ପାନୀୟଜଳ, ସ୍ୱଚ୍ଛତା ଓ ପରିମଳ ସମ୍ପର୍କିତ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବସିତ 'ବାଲ୍ ସ୍ୱଚ୍ଛତା ମିଶନ' ସମ୍ବନ୍ଧିତ ଏକ ପୁସ୍ତିକା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯାଇଛି। ଏହା ସହିତ ୨୦୧୬ ମସିହାରେ ମନରେଗା ଅଧିନରେ ୪ ଲକ୍ଷ ଅଙ୍ଗନବାଡ଼ି କେନ୍ଦ୍ର ଓ ଶୌଚାଳୟ ନିର୍ମାଣ ପାଇଁ ମିଳିତ ଉଦ୍ୟମ କରାଯାଇଥିଲା।

୨୦୧୯ ସୁଦ୍ଧା ଭାରତକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ କରିବା ପାଇଁ ସାର୍ବଜନୀନ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ତଥା ମହିଳା ଓ ଶିଶୁମାନଙ୍କ ଠାରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି

ଦାରିଦ୍ର୍ୟ ଓ କୁପୋଷଣ ଯୋଗୁଁ ପିଲାଙ୍କ ଠାରେ ଝାଡ଼ାବାନ୍ତି ଓ ନିମୋନିଆ ଆଦି ରୋଗର ଆଶଙ୍କା ବଢ଼େ ଓ ସେମାନେ ଏପରିକି ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏହି ଆଶଙ୍କା ସ୍ୱଳ୍ପ ଓଜନ ଶିଶୁଙ୍କ ଠାରେ ଅଧିକ। ବିଭିନ୍ନ ତଥ୍ୟରୁ ପ୍ରମାଣିତ ହୋଇଛି ଯେ, ଆର୍ଥିକ ଦୁରବସ୍ଥା, ସ୍ୱଳ୍ପ ସାକ୍ଷରତା ହାର, ମହିଳାଙ୍କ ଠାରେ ସ୍ୱୟଂ ଶାସନ କ୍ଷମତାର ଅଭାବ, ମା'ମାନଙ୍କ ଠାରେ ନିମ୍ନ ପୋଷଣ ସ୍ତର, ବାଲ୍ୟ ବିବାହ, ବଡ଼ ପରିବାର ଓ ସ୍ୱାସ୍ଥ୍ୟ ସେବା ଉପଯୋଗ ଅଭାବ ଭଳି କାରଣ ଯୋଗୁଁ ଶିଶୁ ଓ ମା'ମାନଙ୍କ ଠାରେ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖାଦିଏ। ବିଭିନ୍ନ ତଥ୍ୟରୁ ଏହା ମଧ୍ୟ ପ୍ରମାଣ ମିଳିଛି ଯେ ଖୋଲାରେ ମଳତ୍ୟାଗ କରିବା କାରଣରୁ ୫ ବର୍ଷରୁ କମ୍ ବୟସ୍କ ପିଲାଙ୍କ ଠାରେ ଝାଡ଼ାବାନ୍ତି ରୋଗ ଅଧିକ ଦେଖାଦିଏ। ଏଥିଯୋଗୁଁ ମନ୍ତ୍ରଣାଳୟ ତରଫରୁ 'ପୋଷଣ' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶିଶୁ ଓ ମା'ମାନଙ୍କ ପୋଷଣ ସ୍ତର ବୃଦ୍ଧି ପାଇଁ ଚେଷ୍ଟା କରାଯାଉଛି। ଏତଦ୍‌ବ୍ୟତୀତ ଶାରିରୀକ ଅଭିବୃଦ୍ଧି ସୁନିଶ୍ଚିତ କରିବା ଓ ରକ୍ତହୀନତା ଦୂରୀକରଣ ଆଦି ପଦକ୍ଷେପମାନ ମଧ୍ୟ ନିଆଯାଉଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ପୋଷଣ ଆବଶ୍ୟକତା ସମ୍ପର୍କରେ ଗ୍ରାମ୍ୟ ସ୍ତରରେ ଅଙ୍ଗନବାଡ଼ି ଓ ଆଶାକର୍ମୀ ଏବଂ ଏଏନ୍‌ଏମ୍‌ମାନେ ସଚେତନତା ସୃଷ୍ଟି କରୁଛନ୍ତି।

ସଚେତନତା ସୃଷ୍ଟି କରିବା ସକାଶେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଗତ ୧ମାର୍ଚ୍ଚ ୨୦୧୭ରୁ ୧୫ ମାର୍ଚ୍ଚ ୨୦୧୭ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରିଥିଲା । ଏହି ଅବସରରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ସଂଲଗ୍ନ କାର୍ଯ୍ୟାଳୟଗୁଡ଼ିକର ଅଧିକାରୀ ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ ଦେଶର ବିଭନ୍ନ ଅଞ୍ଚଳ ପରିଦର୍ଶନ କରି ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଭଳି ତୃଣମୂଳର ସ୍ତରର କାର୍ଯ୍ୟକର୍ତ୍ତାଙ୍କୁ ସ୍ୱଚ୍ଛତା ସମ୍ପର୍କରେ ପରାମର୍ଶ ଦେଇଥିଲେ । ମନ୍ତ୍ରଣାଳୟ ଅଧିନସ୍ଥ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ଯତ୍ନ ସଂସ୍ଥା, ୱାନ୍ ଷ୍ଟପ୍ ସେଣ୍ଟର, କର୍ମଜୀବୀ ମହିଳା ହଷ୍ଟେଲ୍ ଆଦିରେ ସ୍ଥାନୀୟ ନିବାସୀଙ୍କ ସହାୟତାରେ ଚୂନ ଲଗାଇବା, ଫଟୋଚିତ୍ର ଆଙ୍କିବା ଓ ଅଙ୍ଗନବାଡ଼ି କେନ୍ଦ୍ର ଆଖପାଖ ଅଞ୍ଚଳକୁ ସଫାସୁତରା ରଖିବା କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଥିଲା । ଦିବ୍ୟାଙ୍ଗମାନଙ୍କ ଶୌଚାଳୟ ବ୍ୟବହାର କରିବା ଓ ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ ଶୌଚାଳୟ ନିର୍ମାଣ କାର୍ଯ୍ୟକ୍ରମ ଆଦି ମଧ୍ୟ ମନ୍ତ୍ରଣାଳୟ ଦ୍ୱାରା ତଦାରଖ କରାଯାଇଥିଲା । ସ୍ୱଚ୍ଛତା ଅଭିଯାନରେ ଔଦ୍ୟୋଗିକ, ସାମାଜିକ ଦାୟିତ୍ୱ ଅଧିନରେ ବେସରକାରୀ ଉଦ୍ୟୋଗଗୁଡ଼ିକୁ ମଧ୍ୟ ସାମିଲ୍ କରାଗଲା । ପିଲାଙ୍କୁ ସ୍ୱଚ୍ଛତା ପ୍ରତି ଆକର୍ଷିତ କରିବା ପାଇଁ ଏମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଗଲା ।

ମାନବ ଜାତିର ଅସ୍ତିତ୍ୱ ପାଇଁ ସ୍ୱଚ୍ଛତା ଉପରେ ଗାନ୍ଧୀଜୀଙ୍କ ଗୁରୁତ୍ୱ ପ୍ରଦାନ କରିବା ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ଅନୁମେୟ । ସ୍ୱଚ୍ଛତା ହେଉଛି ପରିଚ୍ଛନ୍ନତା ଠାରୁ ଅଧିକ ବ୍ୟାପକ । ସ୍ୱଚ୍ଛତା କହିଲେ ମାନବୀୟ ଆବର୍ଜନା ସଂଗ୍ରହ, ପ୍ରକ୍ରିୟାକରଣ, ଉପଯୁକ୍ତ ସ୍ଥାନରେ ଫୋପାଡ଼ିବା, ପୁନଃ ବ୍ୟବହାରକ୍ଷମ କରିବା ଆଦି କାର୍ଯ୍ୟକୁ ବୁଝାଇଥାଏ । ସେହିଭଳି ଜୈବ-ଅବକ୍ଷୟିଷ୍ଣୁ ଓ ଜୈବ-ଅଣଅବକ୍ଷୟିଷ୍ଣୁ ପଦାର୍ଥ ଭଳି କଠିନ ବର୍ଜ୍ୟବସ୍ତୁ ଓ ଡାକ୍ତରଖାନା ଆଦିରୁ ନିର୍ଗତ ବିଭିନ୍ନ ହାନିକାରକ ରସାୟନ, ରେଡିଓ ଆକ୍ଟିଭ୍ ପଦାର୍ଥ, ପ୍ଲାଷ୍ଟିକ୍ ଆଦିର ପରିଚାଳନ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । କୌଣସି ସମାଜର ସାଧାରଣ ସ୍ୱାସ୍ଥ୍ୟ ଓ ଉତ୍ପାଦକତାର ଏକ ପରିଣାମ ହେଉଛି ସ୍ୱଚ୍ଛତା । ସ୍ୱଚ୍ଛତା ଅଭାବରେ ଏବଂ ଅଳିଆ ଆବର୍ଜନା ତଥା ପ୍ରଦୂଷଣର ପ୍ରାବଲ୍ୟ ଯୋଗୁଁ କେବଳ ଯେ ଆର୍ଥିକ କ୍ଷତି ହୋଇଥାଏ ତା' ନୁହେଁ ବରଂ ଏଥିଯୋଗୁଁ ସାମାଜିକ ଜୀବନଧାରା ମଧ୍ୟ ବାଧାପ୍ରାପ୍ତ ହୋଇଥାଏ ।

ମନ୍ତ୍ରଣାଳୟ ତରଫରୁ ୧୫ ସେପ୍ଟେମ୍ବର ୨୦୧୮ରୁ ୨ ଅକ୍ଟୋବର ୨୦୧୮ ମଧ୍ୟରେ 'ସ୍ୱଚ୍ଛତା ହିଁ ସେବା ଅଭିଯାନ' ହାତକୁ ନିଆଯାଇ ସ୍ୱଚ୍ଛତା ପକ୍ଷରେ ଆୟୋଜିତ କାର୍ଯ୍ୟକ୍ରମ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଗଲା । ଏହାର ଉଦ୍ଦେଶ୍ୟ ଥିଲା ସରକାରୀ ସଂସ୍ଥା ଓ ଅନୁଷ୍ଠାନ ଆଦିରେ ସ୍ୱଚ୍ଛତାକୁ ପ୍ରୋତ୍ସାହନ ଦେବା । ଗ୍ରାମ୍ୟ ସ୍ତରରେ ଉଭୟ ଶିଶୁ ଓ ମହିଳାଙ୍କ ମିଳାମିଶାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେଉଛି ଅଙ୍ଗନବାଡ଼ି କେନ୍ଦ୍ର । ଏହି ଦୃଷ୍ଟିରୁ ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଋତୁସ୍ରାବଜନିତ ସଚେତନତା ଓ ଉପକରଣ ବାଣ୍ଟିବା କାର୍ଯ୍ୟ କରାଗଲା । ଏହି ଅଭିଯାନ ସମୟରେ ଗ୍ରାମ୍ୟ ସ୍ତରରେ ଶ୍ରମଦାନ କରିବା ପାଇଁ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହିତ କରାଗଲା । ସ୍ୱଚ୍ଛତାକୁ ସମସ୍ତଙ୍କ କାର୍ଯ୍ୟ ଭାବେ ପ୍ରତିପାଦିତ କରିବା ପାଇଁ ମନ୍ତ୍ରଣାଳୟ ତରଫରୁ ପ୍ରଚେଷ୍ଟା





କରାଯାଇଛି। ଏଥିରେ ପ୍ରତ୍ୟେକ ନାଗରିକଙ୍କ ଅବଦାନ ସୁନିଶ୍ଚିତ କରିବା ପାଇଁ ଶ୍ରମଦାନ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି କର୍ମୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରାଯାଇଛି।

ପିଲାଙ୍କ ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ପାଇଁ କଣ୍ଢେଇ ନାଚ, ପଥପ୍ରାନ୍ତ ନାଟକ ଓ ପେଣ୍ଟିଂ ଭଳି ମାଧ୍ୟମଗୁଡ଼ିକୁ ଉପଯୋଗ କରାଗଲା। ଏହିସବୁ ମନୋରଞ୍ଜନଧର୍ମୀ ହୋଇଥିବାରୁ ସ୍ୱଚ୍ଛତା ପ୍ରତି ପିଲାଙ୍କ ଆଗ୍ରହ ବଢ଼ିଲା।

ଦେଶକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ କରିବା କାର୍ଯ୍ୟରେ ସରକାରୀ ବ୍ୟକ୍ତି, ଜନ ପ୍ରତିନିଧି, ଗଣମାଧ୍ୟମ ଆଦି ପ୍ରଭାବୀ ଢଙ୍ଗରେ ଯୋଗଦାନ ଦେଇପାରିବେ। ତେଣୁ ସେମାନଙ୍କୁ ମଧ୍ୟ ଏଥିରେ ସମ୍ପୃକ୍ତ କରାଗଲା। ସ୍ୱଚ୍ଛତା ସଚେତନତାର ପରିବ୍ୟାପ୍ତି ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏକ ଉପଯୁକ୍ତ ମାଧ୍ୟମ। ଗ୍ରାମ୍ୟସ୍ତରରେ ଯେଉଁ ଅଙ୍ଗନବାଡ଼ିଗୁଡ଼ିକୁ ଭଡ଼ା ଘରେ ପରିଚାଳନା କରାଯାଉଛି, ସେଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରି ଶୌଚାଳୟ ସୁବିଧା ପ୍ରଦାନ କରାଯାଉଛି। ଏହିପରି ଭାବରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଶୌଚାଳୟ ସୁବିଧା ଯୋଗାଇ ଦିଆଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ହାତ ସଫା ରଖିବା ଭଳି ସ୍ୱଚ୍ଛତା ପଦକ୍ଷେପମାନ ଶିଶୁ ଓ ମହିଳାଙ୍କୁ ଶିଖାଯାଉଛି।

ଦାରିଦ୍ର୍ୟ ଓ କୁପୋଷଣ ଯୋଗୁଁ ପିଲାଙ୍କ ଠାରେ ଝାଡ଼ାବାନ୍ତି ଓ ନିମୋନିଆ ଆଦି ରୋଗର ଆଶଙ୍କା ବଢ଼େ ଓ ସେମାନେ ଏପରିକି ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏହି ଆଶଙ୍କା ସ୍ୱଳ୍ପ ଓଜନ ଶିଶୁଙ୍କ ଠାରେ ଅଧିକ। ବିଭିନ୍ନ ତଥ୍ୟରୁ ପ୍ରମାଣିତ ହୋଇଛି ଯେ, ଆର୍ଥିକ ଦୁରବସ୍ଥା, ସ୍ୱଳ୍ପ ସାକ୍ଷରତା ହାର, ମହିଳାଙ୍କ ଠାରେ ସ୍ୱୟଂ ଶାସନ କ୍ଷମତାର ଅଭାବ, ମା'ମାନଙ୍କ ଠାରେ ନିମ୍ନ ପୋଷଣ ସ୍ତର, ବାଲ୍ୟ ବିବାହ, ବଡ଼ ପରିବାର ଓ ସ୍ୱାସ୍ଥ୍ୟ ସେବା ଉପଯୋଗ ଅଭାବ ଭଳି କାରଣ ଯୋଗୁଁ ଶିଶୁ ଓ ମା'ମାନଙ୍କ ଠାରେ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖାଦିଏ। ବିଭିନ୍ନ ତଥ୍ୟରୁ ଏହା ମଧ୍ୟ ପ୍ରମାଣ ମିଳିଛି ଯେ ଖୋଲାରେ ମଳତ୍ୟାଗ କରିବା କାରଣରୁ ୫ ବର୍ଷରୁ କମ୍ ବୟସ୍କ ପିଲାଙ୍କ ଠାରେ ଝାଡ଼ାବାନ୍ତି ରୋଗ ଅଧିକ ଦେଖାଦିଏ। ଏଥିଯୋଗୁଁ ମନ୍ତ୍ରଣାଳୟ ତରଫରୁ 'ପୋଷଣ' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶିଶୁ ଓ ମା'ମାନଙ୍କ ପୋଷଣ ସ୍ତର ବୃଦ୍ଧି ପାଇଁ ଚେଷ୍ଟା କରାଯାଉଛି। ଏତଦ୍‌ବ୍ୟତୀତ ଶାରିରୀକ ଅଭିବୃଦ୍ଧି ସୁନିଶ୍ଚିତ କରିବା ଓ ରକ୍ତହୀନତା ଦୂରୀକରଣ ଆଦି ପଦକ୍ଷେପମାନ ମଧ୍ୟ ନିଆଯାଉଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ପୋଷଣ ଆବଶ୍ୟକତା ସମ୍ପର୍କରେ ଗ୍ରାମ୍ୟ ସ୍ତରରେ ଅଙ୍ଗନବାଡ଼ି ଓ ଆଶାକର୍ମୀ ଏବଂ ଏଏନ୍‌ଏମ୍‌ମାନେ ସଚେତନତା ସୃଷ୍ଟି କରୁଛନ୍ତି।

ସମାଜରେ ବ୍ୟବହାରିକ ପରିବର୍ତ୍ତନ ଆଣିବା ପାଇଁ ମହିଳାମାନେ ହେଉଛନ୍ତି ଉପଯୁକ୍ତ ମାଧ୍ୟମ। ପିଲାଙ୍କ ସାମାଜିକୀକରଣରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ମହିଳାଙ୍କୁ ସଂସ୍କୃତି, ପରମ୍ପରା ଓ ଇତିହାସର ବାହକ ବୋଲି କୁହାଯାଏ। ସେମାନେ ଶିଶୁ ଜନ୍ମ ସହିତ ସଂସ୍କୃତିକୁ ମଧ୍ୟ ଜନ୍ମ ଦିଅନ୍ତି। ତେଣୁ ମନ୍ତ୍ରଣାଳୟ ତରଫରୁ ଉଭୟ ମା' ଓ ଶିଶୁଙ୍କ ପାଇଁ ଏକ ଉପଯୁକ୍ତ ତଥା ସ୍ୱାସ୍ଥ୍ୟକର ବାତାବରଣ ନିର୍ମାଣ ପାଇଁ ଅନେକ କାର୍ଯ୍ୟ କରାଯାଉଛି।

ଭାରତରେ ସାଂସ୍କୃତିକ ବିବିଧତା ରହିଛି। ବିଭିନ୍ନ ବିଚାରଧାରା ଓ ସଂସ୍କୃତିର ଲୋକେ ଏଠାରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରନ୍ତି। ଭାରତର ପ୍ରତ୍ୟେକ ଅଞ୍ଚଳରେ ନାନା ପ୍ରକାରର କାହାଣୀମାନ ରହିଛି। ସର୍ବପ୍ରଥମେ ଅନ୍ଧବିଶ୍ୱାସ ଆଧାରିତ ଏଭଳି କେତେକ କାହାଣୀର ଶିକାର ହୁଅନ୍ତି ଶିଶୁ ଓ ମହିଳା। ତେଣୁ କୌଣସି ନୀତିର

୨୦୧୯ ସୁଦ୍ଧା ଭାରତକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ କରିବା ପାଇଁ ସାର୍ବଜନୀନ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ତଥା ମହିଳା ଓ ଶିଶୁମାନଙ୍କ ଠାରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ସଚେତନତା ସୃଷ୍ଟି କରିବା ସକାଶେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଗତ ୧ ମାର୍ଚ୍ଚ ୨୦୧୭ରୁ ୧୫ ମାର୍ଚ୍ଚ ୨୦୧୭ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରିଥିଲା ।

ସଫଳ କାର୍ଯ୍ୟାନ୍ୱୟନ କରିବା ଏଠି ବହୁତ କଠିନ । ଏତେ ବିଶାଳ ଜନସଂଖ୍ୟା, ସଂସ୍କୃତି ଓ ବିଚାରଧାରା ବିଶିଷ୍ଟ ଦେଶରେ ପ୍ରତ୍ୟେକ ଜନ ଓ ମନକୁ ପ୍ରଭାବିତ କରିବା ହେଉଛି ମନ୍ତ୍ରଣାଳୟ ସମ୍ମୁଖରେ ଏକ ପ୍ରକାଣ୍ଡ ଆହ୍ୱାନ । ତେବେ ମନ୍ତ୍ରଣାଳୟ ଏ ଦିଗରେ କଠିନ ପରିଶ୍ରମ କରୁଛି ଏବଂ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଦଳଗୁଡ଼ିକ ସହାୟତାରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କରିବା ସହିତ ସେମାନଙ୍କ ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣ ସୁନିଶ୍ଚିତ କରିବା ପାଇଁ ପ୍ରୟାସ ଜାରି ରଖିଛି ।

## ବ୍ୟକ୍ତିବିଶେଷଙ୍କ ସଫଳ କାହାଣୀ:

- ଚାଲାପଲ୍ଲୀ ଜିଲ୍ଲାର ଏକ ଡାକ୍ତର ଦମ୍ପତି ବର୍ଷର ପ୍ରତ୍ୟେକ ଦିନ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ କାର୍ଯ୍ୟ କରିଆସୁଛନ୍ତି ।
- ରାସ୍ତାଘାଟ ଏବଂ ନିଜ ଆଖପାଖ ଅଞ୍ଚଳକୁ ସଫାସୁତରା ରଖିବା ପାଇଁ କର୍ଣ୍ଣାଟକରେ ରାମକୃଷ୍ଣ ମିଶନର ସନ୍ନ୍ୟାସୀମାନେ ସ୍ୱଚ୍ଛତା ଅଭିଯାନ ଚଳାଇ ଆସିଛନ୍ତି । ଏଥିରେ ସ୍ଥାନୀୟ ନାଗରିକମାନେ ମଧ୍ୟ ସହଯୋଗ କରୁଛନ୍ତି ।
- ୱିଙ୍ଗ୍ କମାଣ୍ଡର ପରମ୍ବୀର ସିଂହ ଏବଂ ଅନ୍ୟ ତିନିଜଣ ସାଥୀ ମିଳିତ ଭାବେ ଗଙ୍ଗା ଆବାହନ କାର୍ଯ୍ୟକ୍ରମ ଅଧିନରେ ଦେବ ପ୍ରୟାଗ ଠାରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ୨୮୦୦ କିଲୋମିଟର ନଦୀ ଅତିକ୍ରମ କରି ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।
- ମହାରାଷ୍ଟ୍ରର ତିନିଜଣ ଉଦ୍ୟୋଗୀ ନାରୀ ନିଜ ନିଜ ଘରେ ନିଜ ପରିବାର ପାଇଁ ଶୌଚାଳୟ ନିର୍ମାଣ କରିଥିଲେ ।
- ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ ସୁବର୍ଣ୍ଣ ନାମକ ଜଣେ ମହିଳା ଶୌଚାଳୟ ନିର୍ମାଣ କରିବା ପାଇଁ ଋଣ ନେଇଥିବା ବେଳେ ନିଜ ଘରେ ଶୌଚାଳୟ ନିର୍ମାଣ ପାଇଁ ସଂଗୀତା ନାମକ ଆଉଜଣେ ମହିଳା ନିଜର ମଙ୍ଗଳସୂତ୍ର ମଧ୍ୟ ବିକ୍ରୟ କରିଦେଇଥିଲେ । ଚଇତାଳି ନାମକ ଅନ୍ୟଜଣେ ମହିଳା ନିଜ ଶାଶୁଘରେ ବାହାଘର ପୂର୍ବରୁ ଶୌଚାଳୟ ନିର୍ମାଣ ପାଇଁ ଜିଦ୍ଦି କରି ସଫଳ ମଧ୍ୟ ହୋଇଥିଲେ ।
- ଦୁର୍ଗରେ କେତେଜଣ ବ୍ୟକ୍ତିବିଶେଷ ମିଳିତ ଭାବେ ସେମାନେ ରହୁଥିବା ଅଞ୍ଚଳ ନିକଟସ୍ଥ ଉଦ୍ୟାନକୁ ପ୍ରତ୍ୟହ ସକାଳେ ସଫାସୁତରା କରିଥାନ୍ତି ।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ।

secy.wcd@nic.in



# କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଓ ସ୍ୱଚ୍ଛ ଭାରତ ଅଭିଯାନ

ସନ୍ତୋଷ କୁମାର ମଲ୍

ଭଗବତ୍ ଗୀତାର ତ୍ରୟୋଦଶ ଅଧ୍ୟାୟରେ ଶୌଚମ୍ ବା ସ୍ୱଚ୍ଛତା ସମ୍ପର୍କରେ କୁହାଯାଇଛି ଯେ ନିଜକୁ ବିକଶିତ କରିବା ପାଇଁ ଏହି ଗୁଣ ଆହରଣ କରିବା ବିଧେୟ। ସ୍ୱଚ୍ଛତା ଦ୍ୱାରା ମନ ପବିତ୍ର ହୁଏ, ଶାନ୍ତି ମିଳେ, ଇନ୍ଦ୍ରୀୟ ନିୟନ୍ତ୍ରଣ କରିହୁଏ ଓ ଆତ୍ମ ଅନୁଭୂତି ସମ୍ଭବ ହୋଇଥାଏ। ଶରୀର, ମନ ଓ ଆତ୍ମାର ଶୁଦ୍ଧିକରଣ ପାଇଁ ଆମ ସମୃଦ୍ଧ ସଂସ୍କୃତି ଓ ଆଦର୍ଶରେ ଉଭୟ ଭିତର ଓ ବାହାର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଦେବତ୍ୱ ଓ ସ୍ୱଚ୍ଛତା ମଧ୍ୟରେ ଥିବା ପ୍ରଗାଢ଼ ସମ୍ପର୍କକୁ ନେଇ ଆମେ ପ୍ରାଚୀନ କାଳରୁ ଶିଖିଆସିଛୁ। ଏକଥା ଅନସ୍ୱୀକାର୍ଯ୍ୟ ଯେ ନାଗରିକମାନଙ୍କ ସ୍ୱାସ୍ଥ୍ୟ ଉପରେ ହିଁ ଦେଶର ସ୍ୱାସ୍ଥ୍ୟ ନିର୍ଭର କରେ ଏବଂ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୁଏ ସ୍ୱଚ୍ଛତା। ତେବେ ଜନସହଯୋଗ ବିନା ସ୍ୱଚ୍ଛତା ଅଭିଯାନ ସଫଳ ହେବନାହିଁ। ୨୦୧୪ ମସିହା ଅକ୍ଟୋବର ୨ ତାରିଖ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଆହ୍ୱାନ ଆଜି ଜନମନକୁ ଛୁଇଁପାରିଛି ଓ ସଫଳ ହେବାକୁ ବସିଛି।

ଏକଥା ସତ୍ୟ ଯେ ଭାରତୀୟ ଶିକ୍ଷା ପ୍ରଣାଳୀର ଅନ୍ୟତମ ଉଦ୍ଦେଶ୍ୟ ହେଉଛି କୌଣସି ପ୍ରକାରର ନିଯୁକ୍ତି ସୁଯୋଗ ପାଇବା। ତେବେ ଏହା ସହିତ ଏହାର ଆଉ ମଧ୍ୟ ଉଦ୍ଦେଶ୍ୟ ହେଉଛି ଯେ ଛାତ୍ରଛାତ୍ରୀଙ୍କ ସମ୍ପୂର୍ଣ୍ଣ କ୍ଷମତା ବିକଶିତ କରି ସେମାନଙ୍କୁ ସମସ୍ତଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଯୋଗ୍ୟ କରିବା। ଶିକ୍ଷା ଦ୍ୱାରା ମଣିଷ କେବଳ ବର୍ତ୍ତମାନ ନୁହଁ ବରଂ ଭବିଷ୍ୟତ ସହ ମଧ୍ୟ ଖାପଖୁଆଇ ଚଳିପାରେ। ବାଲ୍ୟକାଳ ଶିକ୍ଷା ସମୟରେ ବିଦ୍ୟାର୍ଥୀମାନେ ନିଜ ସଂସ୍କୃତି ଓ ମୂଲ୍ୟବୋଧ ସହ ଯୋଡ଼ିହେବାର ସୁଯୋଗ ପାଇଥାନ୍ତି। କୁହାଯାଏ, ମୂଲ୍ୟବୋଧ ଶିଖାଯାଏ ନାହିଁ କେବଳ ଆହରଣ କରିହୁଏ। ଏହି ମୂଲ୍ୟବୋଧକୁ ନେଇ ବ୍ୟକ୍ତିବିଶେଷ ନିଜ ପରିବେଶ ସହ ସମନ୍ୱୟ ରକ୍ଷା କରିଥାନ୍ତି ଓ ସେମାନଙ୍କ ମନରେ ଏକ ସନ୍ତୁଳିତ ସାମାଜିକୀକରଣର ମନୋଭାବ ଜାଗ୍ରତ ହୁଏ।

ସମଗ୍ର ଦେଶରେ ଓ ବିଦେଶରେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୧୧୯୦ଟି ବିଦ୍ୟାଳୟ ଅଛି, ଯେଉଁଠାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇଥାଏ। ପ୍ରଥମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ସନ୍ତୁଳିତ ବିକାଶ ପାଇଁ ସମୃଦ୍ଧ ମୂଲ୍ୟବୋଧ ଶିକ୍ଷା ଦିଆଯାଇଥାଏ। ସ୍ୱଚ୍ଛତା ଓ ବ୍ୟକ୍ତିଗତ ପରିଚ୍ଛନ୍ନତା ପାଇଁ ଏହି ସଂଗଠନ ତରଫରୁ ରାଲି, ପ୍ରତିଯୋଗିତା, ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ଗୋଷ୍ଠୀ ସଚେତନତା ସୃଷ୍ଟି କରାଯାଏ। ଏଭଳି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏହାର ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତାର ଅଗ୍ରଦୂତ ଭାବେ ଗଢ଼ି ତୋଳିବାରେ ସମର୍ଥ ହୋଇଛି।

ସଂଗଠନ ତରଫରୁ ସ୍ୱଚ୍ଛତାକୁ ଶ୍ରେଣୀ ପାଠ୍ୟକ୍ରମର କେନ୍ଦ୍ରରେ ରଖାଯାଇଛି।

- ବିଦ୍ୟାଳୟର ମନ ଭିତରେ ହିଁ ସ୍ୱଚ୍ଛତା ସ୍ଥାନିତ ହୋଇଛି।
- ବିଦ୍ୟାଳୟରେ ସ୍ୱଚ୍ଛତା ଏକ ଦୈନନ୍ଦିନ କାର୍ଯ୍ୟ। ସ୍ୱଚ୍ଛତାକୁ ନେଇ ପ୍ରତିଯୋଗିତା, ଚଳଚ୍ଚିତ୍ର ପ୍ରଦର୍ଶନ ଓ ରୋଲ୍-ପ୍ଲେ ଆଦି ନାନାବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।
- ଛାତ୍ରଛାତ୍ରୀମାନେ ଏଭଳି ସ୍ୱଚ୍ଛତା ସନ୍ଦେଶକୁ ନିଜ ପରିବାର ଓ ପଡ଼ୋଶୀଙ୍କ ପାଖକୁ ନେଇଥାନ୍ତି। ବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମଗୁଡ଼ିକରେ ଗୋଷ୍ଠୀଗତ ଅଂଶଗ୍ରହଣ ସ୍ପଷ୍ଟ ରୂପେ ପରିପ୍ରକାଶ ହୋଇଥାଏ।






● ସ୍ୱଚ୍ଛତା ଅଭିଯାନରେ ଛାତ୍ରଛାତ୍ରୀମାନେ କେବଳ ନିଜ ପରିବାର ବା ପଡ଼ୋଶୀରେ ସଚେତନତା ପ୍ରଚାର କରିନଥାନ୍ତି, ବରଂ ସ୍ୱଚ୍ଛତା ଦୂତ ଭାବେ କାର୍ଯ୍ୟ କରନ୍ତି।

● ସବୁଠାରୁ ପରିଷ୍କାର ସରକାରୀ ବିଦ୍ୟାଳୟ ଭାବେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଠାରୁ ୨୦୧୬ ମସିହାରେ କେନ୍ଦ୍ରୀୟ ବିଦ୍ୟାଳୟ ଡେରାଡୁନ୍‌କୁ ରାଷ୍ଟ୍ରୀୟ ସ୍ୱଚ୍ଛତା ପୁରସ୍କାର ମିଳିଛି।

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ପ୍ରୟାସ କେବଳ ସ୍ୱଚ୍ଛତାକୁ ନେଇ ନୁହଁ, ବରଂ ବିଦ୍ୟାଳୟ ଏବଂ ଆଖପାଖରେ ସବୁଜିମା ସୃଷ୍ଟି କରି ପରିବେଶଗତ ସାକ୍ଷରତା ବୃଦ୍ଧି ପାଇଁ ମଧ୍ୟ ଉଦ୍ଦିଷ୍ଟ।

● ବିଜ୍ଞାନ ଓ ପରିବେଶ କେନ୍ଦ୍ର ଅଧିନରେ ଗ୍ରୀନ୍ ସ୍କୁଲ୍ ପ୍ରୋଗ୍ରାମ୍ ବା ସବୁଜ ବିଦ୍ୟାଳୟ କାର୍ଯ୍ୟକ୍ରମ ଏକ ଏଭଳି ଶିକ୍ଷଣୀୟ କାର୍ଯ୍ୟକ୍ରମ ଯାହାଦ୍ୱାରା ପାଠ୍ୟ ପୁସ୍ତକରୁ ବାହାରି ପ୍ରକୃତ କାମ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦିଆଯାଏ।

● ଏହି କାର୍ଯ୍ୟକ୍ରମ ଅଧିନରେ ପ୍ରାକୃତିକ ସମ୍ବଳ ବିନିଯୋଗକୁ ନେଇ ଅଡିଟ୍ କରାଯାଇଥାଏ। ପରିବେଶ ପରିଚାଳକ ଭାବେ ନିଜକୁ ଗଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଏ ଓ ଅଡିଟ୍ ଜରିଆରେ ପଦାକୁ ଆସିଥିବା ବ୍ୟବଧାନଗୁଡ଼ିକୁ ପୂରଣ କରାଯାଏ।

ଏକଥା ସତ୍ୟ ଯେ ଭାରତୀୟ ଶିକ୍ଷା ପ୍ରଣାଳୀର ଅନ୍ୟତମ ଉଦ୍ଦେଶ୍ୟ ହେଉଛି କୌଣସି ପ୍ରକାରର ନିଯୁକ୍ତି ସୁଯୋଗ ପାଇବା। ତେବେ ଏହା ସହିତ ଏହାର ଆଉ ମଧ୍ୟ ଉଦ୍ଦେଶ୍ୟ ହେଉଛି ଯେ ଛାତ୍ରଛାତ୍ରୀଙ୍କ ସମ୍ପୂର୍ଣ୍ଣ କ୍ଷମତା ବିକଶିତ କରି ସେମାନଙ୍କୁ ସମସ୍ତଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଯୋଗ୍ୟ କରିବା। ଶିକ୍ଷା ଦ୍ୱାରା ମଣିଷ କେବଳ ବର୍ତ୍ତମାନ ନୁହଁ ବରଂ ଭବିଷ୍ୟତ ସହ ମଧ୍ୟ ଖାପଖୁଆଇ ଚଳିପାରେ। ବାଲ୍ୟକାଳ ଶିକ୍ଷା ସମୟରେ ବିଦ୍ୟାର୍ଥୀମାନେ ନିଜ ସଂସ୍କୃତି ଓ ମୂଲ୍ୟବୋଧ ସହ ଯୋଡ଼ିହେବାର ସୁଯୋଗ ପାଇଥାନ୍ତି। କୁହାଯାଏ, ମୂଲ୍ୟବୋଧ ଶିଖାଯାଏ ନାହିଁ କେବଳ ଆହରଣ କରିହୁଏ। ଏହି ମୂଲ୍ୟବୋଧକୁ ନେଇ ବ୍ୟକ୍ତିବିଶେଷ ନିଜ ପରିବେଶ ସହ ସମନ୍ୱୟ ରକ୍ଷା କରିଥାନ୍ତି ଓ ସେମାନଙ୍କ ମନରେ ଏକ ସନ୍ତୁଳିତ ସାମାଜିକୀକରଣର ମନୋଭାବ ଜାଗ୍ରତ ହୁଏ।

● ଏଥିରେ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟକୁ ମୂଲ୍ୟାୟନ କରାଯାଏ।

● ୨୦୧୫ ମସିହାରେ ଅନ୍‌ଲାଇନ୍ ଅଡିଟ୍ ଆରମ୍ଭ ହେବା ପରଠାରୁ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ ଅଧିକ ସଂଖ୍ୟାରେ ଅଡିଟ୍ ପାଇଁ ପଞ୍ଜୀକୃତ ହେଉଛନ୍ତି।

✓ ୨୦୧୫ରେ ୩୨୯ଟି ବିଦ୍ୟାଳୟ, ୨୦୧୬ରେ ୭୩୬ଟି ବିଦ୍ୟାଳୟ ଓ ୨୦୧୭ରେ ୮୫୮ଟି ବିଦ୍ୟାଳୟ ପଞ୍ଜୀକୃତ ହୋଇଛନ୍ତି।

✓ ସମଗ୍ର ଦେଶର ୫୪ଟି ଗ୍ରୀନ୍ ସ୍କୁଲ୍ ମଧ୍ୟରୁ ୧୮% ହେଉଛନ୍ତି କେନ୍ଦ୍ରୀୟ ବିଦ୍ୟାଳୟ।

✓ ଗ୍ରୀନ୍ ସ୍କୁଲ୍ ପ୍ରୋଗ୍ରାମ୍ ଅଧିନରେ ପ୍ରତ୍ୟେକ ବର୍ଷ ଅନ୍ତତଃ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ପୁରସ୍କାର ପ୍ରାପ୍ତ ହୋଇଛି।

✓ ପରିବେଶ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଟ୍ଟାପଲମ ଓ ପାନ୍‌ଗୋଡ଼େ କେନ୍ଦ୍ରୀୟ ବିଦ୍ୟାଳୟକୁ ପରିବର୍ତ୍ତନକାରୀ ଶ୍ରେଣୀରେ ପୁରସ୍କୃତ କରାଯାଇଛି। (ଦେଶର ଚାରୋଟି ଏଭଳି ବିଦ୍ୟାଳୟ ମଧ୍ୟରୁ ଦୁଇଟି ହେଉଛି କେନ୍ଦ୍ରୀୟ ବିଦ୍ୟାଳୟ) ଏହି ବିଦ୍ୟାଳୟଗୁଡ଼ିକର ଅବଦାନ ସମ୍ପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି-

କେନ୍ଦ୍ରୀୟ ବିଦ୍ୟାଳୟ, ଆର୍ମି କ୍ୟାମ୍ପ, ପାନ୍‌ଗୋଡ଼େ, କେରଳ-

● **ସବୁଜିମା ସୃଷ୍ଟି-** ବିଦ୍ୟାଳୟର ୫୦%ରୁ ଅଧିକ ଅଞ୍ଚଳରେ ସବୁଜିମା ଭରି ରହିଛି।

● **ବାୟୁ-** ୭୧ ପ୍ରତିଶତ ଛାତ୍ରଛାତ୍ରୀ ଧାରଣକ୍ଷମ ପରିବହନ ମାଧ୍ୟମ ଉପରେ ନିର୍ଭର କରନ୍ତି। ୮% ଛାତ୍ରଛାତ୍ରୀ ପ୍ରଦୂଷଣରହିତ ମାଧ୍ୟମ ଯେମିତି, ସାଇକେଲ୍ ବା ଚାଲି ଚାଲି ଯାତାୟତ କରନ୍ତି।

● **ଆବର୍ଜନା-** ବିଦ୍ୟାଳୟରୁ ନିର୍ଗତ ଆବର୍ଜନାକୁ ବିଦ୍ୟାଳୟ ପରିସରରେ ସ୍ଥାପିତ ବାୟୋ ଗ୍ୟାସ୍ ପ୍ଲାଣ୍ଟରେ ବ୍ୟବହାର କରାଯାଇ ନିୟମିତ ଗ୍ୟାସ୍ ଉତ୍ପାଦନ ହୁଏ। ବିଦ୍ୟାଳୟରେ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି।

● **ଜଳ-** ଖାଲଖମାରେ ଜମୁଥିବା ବର୍ଷାଜଳକୁ ଆଣି ବିଦ୍ୟାଳୟର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପ୍ରୟାସ



କରାଯାଉଛି। ସେଥିରୁ କିଛି ଅଂଶ ବୋହିଯାଇ ସ୍ଥାନୀୟ ନଦୀରେ ମିଶୁଛି।

**କେନ୍ଦ୍ରୀୟ ବିଦ୍ୟାଳୟ, ପୋଟ୍ଟାପଲମ୍, କେରଳ-**

● **ଶକ୍ତି-** ବିଦ୍ୟାଳୟର ପ୍ରଶାସନିକ ବିଭାଗରେ ସୌରଶକ୍ତି ଉପଯୋଗ କରାଯାଉଥିବା ବେଳେ ୫୦ କେଜି କ୍ଷମତା ବିଶିଷ୍ଟ ଏକ ବାୟୋ ଗ୍ୟାସ୍ ପ୍ଲାଣ୍ଟରୁ ପ୍ରାୟ ୧୦ କେଜି ଗ୍ୟାସ୍ ଉତ୍ପାଦନ ହୁଏ।

● **ବାୟୁ-** ବିଦ୍ୟାଳୟ ଜନସଂଖ୍ୟାର କେବଳ ୧% ବ୍ୟକ୍ତି ହିଁ ବ୍ୟକ୍ତିଗତ ଗାଡ଼ି ଉପରେ ନିର୍ଭର କରନ୍ତି।

● **ଆବର୍ଜନା-** ପ୍ରାଥମିକ ଶ୍ରେଣୀରେ ଦୁଇ ପ୍ରକାରର ଆବର୍ଜନା ବାକ୍ସ ରଖାଯାଉଛି। ଦିବସର ଶେଷ ପରିୟଡ୍‌ର ଶେଷ ୫ ମିନିଟ୍ ସମୟ ଆବର୍ଜନା ସଂଗ୍ରହ ପାଇଁ ନିର୍ଦ୍ଧାରିତ କରାଯାଇଛି।

● **ଜଳ-** ବର୍ଷାଜଳ ସଂଗ୍ରହ ବ୍ୟବସ୍ଥାର ପୁନଃନିର୍ମାଣ କରାଯାଉଛି। ଭୂତଳ ଜଳ କୁଣ୍ଡରେ ବର୍ଷାଜଳ ସଂଗ୍ରହ କରାଯାଏ ଓ ବିଦ୍ୟାଳୟର ବଗିଚା, ଶୌଚାଳୟ ଆଦିରେ ଏହି ଜଳ ଉପଯୋଗ କରାଯାଏ।

**ଆଇଜିବିସି ସବୁଜ ବିଦ୍ୟାଳୟ ପ୍ରତିଯୋଗିତା-**

● ଭାରତୀୟ ସବୁଜ କୋଠା ପରିଷଦ ଦ୍ୱାରା ପରିଚାଳିତ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭାଗ ନେଇଥାଏ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବେ ଏଥିରେ ଯଥାକ୍ରମେ ୩.୫ ଲକ୍ଷ, ୨.୫ ଲକ୍ଷ ଓ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଏ।

✓ ୨୦୧୫ ମସିହାରେ କେନ୍ଦ୍ରୀୟ ବିଦ୍ୟାଳୟ ଏଏଫ୍‌ଏଫ୍ ବେଗମ୍‌ପୁଟକୁ ପ୍ରଥମ ପୁରସ୍କାର ମିଳିଥିଲା।

✓ ୨୦୧୬ ମସିହାରେ ସମଗ୍ର ଦେଶର ୩୦୭ଟି ପ୍ରତିଯୋଗୀ ବିଦ୍ୟାଳୟ ମଧ୍ୟରୁ କେନ୍ଦ୍ରୀୟ ବିଦ୍ୟାଳୟ, ଆର୍‌କେପୁରମ୍ ସେକ୍ଟର-୨ ପ୍ରଥମ ସ୍ଥାନ ଅଧିକାର କରିଥିଲା।

✓ ୨୦୧୭ ମସିହାରେ କେନ୍ଦ୍ରୀୟ ବିଦ୍ୟାଳୟ ଆଇଆଇଟି କାନପୁର ପ୍ରଥମ ହୋଇଥିଲା।

ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପରିବେଶ ପାଇଁ ବିଦ୍ୟାଳୟ ତରଫରୁ ନାନାବିଧ ପଦକ୍ଷେପ ନିଆଯାଉଛି। ସେଥିରୁ କେତେକ ହେଉଛି-

● ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଆବର୍ଜନା ପରିଚାଳନା ଶିକ୍ଷା ଦିଆଯାଏ। ବିଦ୍ୟାଳୟରୁ ନିର୍ଗତ ଆବର୍ଜନାକୁ ଖାତରେ ପକାଇ ଜୈବ ସାର ସୃଷ୍ଟି କରାଯାଏ, ଯାହା ବିଦ୍ୟାଳୟସ୍ଥିତ ବଗିଚାରେ ଉପଯୋଗ ହୁଏ।

● ଖାଦ୍ୟ ସାମଗ୍ରୀର ଦୁରୁପଯୋଗ ରୋକିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ପ୍ରୋତ୍ସାହିତ କରାଯାଏ ଓ ବଳକା ଖାଦ୍ୟ ଦ୍ରବ୍ୟକୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଫିଙ୍ଗାଯାଏ।

● ବାଳିକାମାନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯାଏ ଓ ନିୟମିତ ଭାବେ ସ୍ୱାସ୍ଥ୍ୟ ସଚେତନତା ଶ୍ରେଣୀରେ ବିଶେଷଜ୍ଞମାନଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଏ।

● ପ୍ଲାଷ୍ଟିକ୍ ବ୍ୟବହାରକୁ କେତେକ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

● ଉଚ୍ଚଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ନିମ୍ନଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ଉପହାର ଦେବା ପାଇଁ ଉତ୍ସାହିତ କରାଯାଏ। ଏହାଦ୍ୱାରା ପୁସ୍ତକଗୁଡ଼ିକର ସଠିକ୍ ରକ୍ଷଣାବେକ୍ଷଣ ହୁଏ ଓ ଅନେକ ଗଛ ମଧ୍ୟ କଟା ହେବାରୁ ବଞ୍ଚିଯାଏ।

୨୦୧୬-୧୭ ମସିହାରେ ଉଚ୍ଚ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଦ୍ୱାରା ୨୫୮୩୮୫ଟି ପୁସ୍ତକ ଉପହାର





ଦିଆଯାଇଥିଲା । ଏହାଦ୍ୱାରା ୫୧.୬୭୭ ଟନ୍ କାଗଜ ସଞ୍ଚୟ ହୋଇଥିଲା ଓ ୮୭୪ଟି ଗଛ ବଞ୍ଚିଯାଇଥିଲେ ।

✓ ସେହିଭଳି ୨୦୧୭-୧୮ ମସିହାରେ ୫୦୪୬୭୯ଟି ପୁସ୍ତକ ଦାନ କରାଯାଇଥିଲା । ଯଦ୍ଦ୍ୱାରା ୧୦୦.୯୩୫ ଟନ୍ କାଗଜ ଓ ୧୭୧୬ଟି ଗଛ ବଞ୍ଚିଯାଇଥିଲା ।

✓ ନିଜ ନିଜ ଜନ୍ମଦିନରେ ଗଛ ଲଗାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରଯାଏ । ଏହାବ୍ୟତୀତ ଅତିଥିମାନଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ବଦଳରେ ଚାରା ଗଛ ପ୍ରଦାନ କରାଯାଏ ।

● ଛାତ୍ରଛାତ୍ରୀଙ୍କ ଭିତରେ ଉତ୍ତମ ନାଗରିକ ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ ବିଦ୍ୟାଳୟରେ ଶକ୍ତି ସଞ୍ଚୟ ଅଭ୍ୟାସକୁ ଉତ୍ସାହିତ କରାଯାଇଛି ।

● ଶ୍ରେଣୀକକ୍ଷ ଉପଯୋଗ ହେଉନଥିବା ବେଳେ ଛାତ୍ରଛାତ୍ରୀମାନେ ଲାଇଟ୍ ଓ ପଙ୍ଖା ସ୍ୱିଚ୍‌କୁ ବନ୍ଦ କରିଥାନ୍ତି ।

ସମଗ୍ର ଦେଶରେ ଓ ବିଦେଶରେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୧୧୯୦ଟି ବିଦ୍ୟାଳୟ ଅଛି, ଯେଉଁଠାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇଥାଏ । ପ୍ରଥମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ସନ୍ତୁଳିତ ବିକାଶ ପାଇଁ ସମୃଦ୍ଧ ମୂଲ୍ୟବୋଧ ଶିକ୍ଷା ଦିଆଯାଇଥାଏ । ସ୍ୱଚ୍ଛତା ଓ ବ୍ୟକ୍ତିଗତ ପରିଚ୍ଛନ୍ନତା ପାଇଁ ଏହି ସଂଗଠନ ତରଫରୁ ରାଲି, ପ୍ରତିଯୋଗିତା, ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ଗୋଷ୍ଠୀ ସଚେତନତା ସୃଷ୍ଟି କରାଯାଏ । ଏଭଳି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏହାର ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତାର ଅଗ୍ରଦୂତ ଭାବେ ଗଢ଼ି ତୋଳିବାରେ ସମର୍ଥ ହୋଇଛି ।

● କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ, ବିହାର, ଆସାମ, ତ୍ରିପୁରା, କର୍ଣ୍ଣାଟକ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ଆନ୍ଧ୍ର ପ୍ରଦେଶର ୨୭୩ଟି ବିଦ୍ୟାଳୟରେ ସୌର ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପିତ କରୁଛି । ଦିଲ୍ଲୀର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆଜି ପର୍ଯ୍ୟନ୍ତ ୫୪୪୧୯ଟି ପାରମ୍ପାରିକ ବିଜୁଳି ବଲ୍ ଓ ଟ୍ୟୁବ୍ ବଦଳାଯାଇ ଏଲ୍ଇଡି ଲଗାଯାଇଛି ଓ ୯୪୮ଟି ସୌରବତୀ ମଧ୍ୟ ଲଗାଯାଇଛି ।

● ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟରେ ବର୍ଷାଜଳ ସଂଗ୍ରହ ପାଇଁ ବ୍ୟବସ୍ଥା କରାଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୭୦୦ରୁ ଉର୍ଦ୍ଧ୍ୱ ସ୍ଥାୟୀ ବିଦ୍ୟାଳୟ କୋଠା ମଧ୍ୟରୁ ୨୩୧ଟିରେ ଏହି ବ୍ୟବସ୍ଥା କରାଯାଇଛି । ଅନ୍ୟ କୋଠାଗୁଡ଼ିକରେ ମଧ୍ୟରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଉଛି ।

ଗତ ଚାରିବର୍ଷ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ତରଫରୁ ସ୍ୱଚ୍ଛତା ଅଭିଯାନ ଅଧିନରେ କରାଯାଇଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ-

✓ ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଧିକାରୀ କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛତା ଶପଥ ଗ୍ରହଣ।

✓ କ୍ୟାମ୍ପସ୍ ଓ ଆଖପାଖ ପରିବେଶ ସ୍ୱଚ୍ଛ ରଖିବା।

✓ ସ୍ୱଚ୍ଛତା ସମ୍ପର୍କରେ ଜଣାଶୁଣା ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉତ୍ସାହବର୍ଦ୍ଧକ ଭାଷଣ ପ୍ରଦାନ।

✓ ସକାଳୁଆ ସଭାରେ ବ୍ୟକ୍ତିଗତ ସ୍ୱଚ୍ଛତା ଯାଞ୍ଚ କରିବା।

✓ ବିଦ୍ୟାଳୟ, ଶୌଚାଳୟ ପରିଚ୍ଛନ୍ନତା ଓ ପାନୀୟଜଳ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ବିଶେଷ ଅଭିଯାନ।

✓ ବିଦ୍ୟାଳୟ, ଆଞ୍ଚଳିକ କାର୍ଯ୍ୟାଳୟ ଓ ମୁଖ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ।

✓ ସ୍ୱଚ୍ଛ ଓ ସବୁଜ ପରିବେଶ ସୃଷ୍ଟି ପାଇଁ ସଂଗଠନ ତରଫରୁ ଆଞ୍ଚଳିକ ସ୍ତରରେ ୨୦୧୬-୧୭ ଶିକ୍ଷାବର୍ଷ ଠାରୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଓ ସବୁଜ ବିଦ୍ୟାଳୟ ପୁରସ୍କାର ବ୍ୟବସ୍ଥା କରାଯାଇଛି।

✓ ସ୍ୱଚ୍ଛତା ଉପରେ ଜଣା ଅଜଣା ପ୍ରତିଯୋଗିତା।

✓ ପୃଥିବୀ ଦିବସ ପାଳନ / ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ।

✓ ସ୍ୱଚ୍ଛତାକୁ ନେଇ ଚିତ୍ରାଙ୍କନ/ପେଣ୍ଟିଂ ପ୍ରତିଯୋଗିତା।

✓ ସବୁଜ ଦୀପାବଳି - ସ୍ୱଚ୍ଛ ଦୀପାବଳି ଅଭିଯାନ।

✓ ୨୦୧୮ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଅଂଶଗ୍ରହଣ।

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ସ୍ୱଚ୍ଛତା ଆନ୍ଦୋଳନ ଆଗକୁ ନେଇଯିବା ପାଇଁ ସବୁ ପ୍ରକାରର ଉଦ୍ୟମ କରାଯାଉଛି। ଏହା କୌଣସି ଦିନକର କଥା ନୁହେଁ। ଏହି ଆନ୍ଦୋଳନଟିକୁ ବିଦ୍ୟାଳୟ କାର୍ଯ୍ୟ ଯୋଜନାର ଏକ ଅଂଶ ଭାବେ ଗଢ଼ାଯାଇଛି। ବିଦ୍ୟାର୍ଥୀମାନଙ୍କୁ ନାନାବିଧ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା ସଚେତନତା ପ୍ରଦାନ କରାଯାଇ ସେମାନେ ଯେପରି ଏ ଅଭିଯାନର ପ୍ରକୃତ ଦୂତ ହୋଇପାରିବେ, ସେଥିପାଇଁ ମଧ୍ୟ ପ୍ରୟାସ ଅବ୍ୟାହତ ରହିଛି।

### ଉତ୍ତର-ପୂର୍ବ ଡାଏରୀ

## ସିକିମ୍ ପାଇଁ ଉଡ଼ାଜାହାଜ ଯାତ୍ରା

୨୦୧୮ ମସିହା ସେପ୍ଟେମ୍ବର ୨୪ ତାରିଖ ହେଉଛି ସିକିମ୍ ପାଇଁ ଏକ ଗର୍ବର ଦିନ। ସେହିଦିନ ସିକିମ୍‌ର ପେକ୍ୟଙ୍ଗ୍ ଠାରେ ପ୍ରଥମଥର ପାଇଁ ଏକ ଏୟାରପୋର୍ଟର ଶୁଭାରମ୍ଭ କରାଗଲା। ଏହା ହେଉଛି ରାଜ୍ୟର ପ୍ରଥମ ବିମାନବନ୍ଦର। ଏଥିପାଇଁ ୯ ବର୍ଷ ତଳେ ୨୦୦୯ ମସିହାରେ ସେଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ସ୍ଥାନଟି ସିକିମ୍‌ର ରାଜଧାନୀ ଗ୍ୟାଙ୍ଗଟକ୍ ଠାରୁ ୩୩ କିଲୋମିଟର ଦୂରରେ ଅବସ୍ଥିତ। ୨୦୧ ଏକର ଜମି ବିଶିଷ୍ଟ ଏହି ବିମାନବନ୍ଦରଟି ଭାରତ-ଚୀନ୍ ସୀମାଠାରୁ ୬୦ କିଲୋମିଟର ଦୂରରେ ଅବସ୍ଥିତ। ସମୁଦ୍ର ସ୍ତରଠାରୁ ଏହା ୪୫୦୦ ଫୁଟ୍ ଉପରେ ଅବସ୍ଥିତ। ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଏହି ବିମାନବନ୍ଦରଟିକୁ ନିର୍ମାଣ କରାଯାଇଛି।

ଏହି ବିମାନବନ୍ଦରରେ ବିଭିନ୍ନ ଅତ୍ୟାଧୁନିକ ଥିବା ସମେତ ପ୍ରାୟ ୫୦ଟି ବାହନ ପାର୍କିଂ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ବିମାନବନ୍ଦର ନିର୍ମିତ ହେବାଦ୍ୱାରା ଏଠାକାର ଜନସାଧାରଣଙ୍କୁ ବାଗଡୋଗରା ବିମାନବନ୍ଦର ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନେ ପାହାଡ଼ିଆ ରାସ୍ତାଦେଇ ୫ ଘଣ୍ଟା ଯାତ୍ରା କରିବାଜନିତ ସମୟ ବଞ୍ଚାଇ ପାରିବେ। ପୁନଶ୍ଚ ଏହି ବିମାନବନ୍ଦର ଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବା ସହ ବିଶେଷ ଭାବେ ପର୍ଯ୍ୟଟନ କ୍ଷେତ୍ର ଉପରେ ମଧ୍ୟ ଅନୁକୂଳ ପ୍ରଭାବ ପଡ଼ିବ। ଏତଦ୍‌ବ୍ୟତୀତ ଏହା ଭାରତୀୟ ବାୟୁସେନା ପାଇଁ ମଧ୍ୟ ଉପଯୋଗୀ ସାବ୍ୟସ୍ତ ହେବ।

ଏହି ବିମାନବନ୍ଦରଟିର ନିର୍ମାଣରେ ପ୍ରାୟ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ହେଉଛି ଦେଶର ୧୦୦ତମ ବିମାନବନ୍ଦର। ଚଳିତ ବର୍ଷ ଅକ୍ଟୋବର ୪ ତାରିଖରୁ ଏହା କାର୍ଯ୍ୟକ୍ଷମ ହୋଇଛି। ଏହି ବିମାନବନ୍ଦରରୁ ପ୍ରାରମ୍ଭିକ କୋଲ୍‌କାତା ଏବଂ ଗୌହାଟୀ ପାଇଁ ପ୍ରାରମ୍ଭିକ ବିମାନ ସେବା ଆରମ୍ଭ କରାଯାଇଛି।

ଲେଖକ ହେଉଛନ୍ତି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର କମିଶନର।

E-mail: skmall1973@gmail.com

# ଭାରତୀୟ ରେଳବାଇରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଆଲୋକ କୁମାର ତିୱାରୀ

ରେଳ ହେଉଛି ଉଭୟ ଯାତ୍ରୀ ଓ ସାମଗ୍ରୀ ପରିବହନର ଏକ ଦକ୍ଷ ଓ ପରିବେଶ ଅନୁକୂଳ ମାଧ୍ୟମ। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଆଞ୍ଚଳିକ ପ୍ରଭାବ ସତ୍ତ୍ୱେ ଭାରତୀୟ ରେଳବାଇ ନିଜକୁ ସଫଳତାର ସହ ପରିଚାଳିତ କରିଆସୁଛି।

ମହାତ୍ମା ଗାନ୍ଧୀଙ୍କ ୧୪୫ତମ ଜନ୍ମବାର୍ଷିକୀ ଅକ୍ଟୋବର ୨ ତାରିଖ ୨୦୧୪ ମସିହାରେ ଭାରତ ସରକାର ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କଲେ। ଉଦ୍ଦେଶ୍ୟ ଥିଲା, ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଏକ ସ୍ୱଚ୍ଛ ଭାରତର ସ୍ୱପ୍ନକୁ ସାକାର କରିବା। ଏହି ଘୋଷଣା ପରେ ପରେ ଭାରତୀୟ ରେଳବାଇ 'ସ୍ୱଚ୍ଛ ରେଳ, ସ୍ୱଚ୍ଛ ଭାରତ' ଅଭିଯାନ ଆରମ୍ଭ କଲା। ଏହାର ଉଦ୍ଦେଶ୍ୟ ଥିଲା ଦେଶର ସମସ୍ତ ରେଳ ଓ ରେଳ ଷ୍ଟେସନ୍‌କୁ ସଫାସୁତରା ରଖିବା।

ଭାରତୀୟ ରେଳବାଇ ଅଧିନରେ ପ୍ରତ୍ୟେକ ଦିନ ପ୍ରାୟ ୧୩ ହଜାର ଟ୍ରେନ୍ ଚଳାଚଳ କରୁଥିବାବେଳେ ୮୭୦୦ଟି ରେଳ ଷ୍ଟେସନ୍ ରହିଛି। ପ୍ରବଳ ଯାତ୍ରୀ ଭିଡ଼, ମନମୁଖୀ ଚିନ୍ତାଧାରା, ରେଳ ଯାତ୍ରା ସମୟରେ ଯାତ୍ରୀମାନଙ୍କ ଆଚରଣ ଆଦି ସମସ୍ୟା ସାଥୀରେ ଏତେସବୁ ଟ୍ରେନ୍ ଓ ରେଳ ଷ୍ଟେସନ୍‌ଗୁଡ଼ିକୁ ସ୍ୱଚ୍ଛ ରଖିବା ଏକ ମସ୍ତବଡ଼ କାର୍ଯ୍ୟ।

'ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ' ଅଭିଯାନରେ ଭାରତୀୟ ରେଳବାଇ ଅନେକ ପଦକ୍ଷେପ ନେଇଛି। ସେଗୁଡ଼ିକ ମଧ୍ୟରୁ କେତେକ ହେଉଛି- ୧. ସମସ୍ତ ବୃହତ୍ ଷ୍ଟେସନ୍‌ର ସଫାସୁତରା କାର୍ଯ୍ୟକୁ ବାହାର ଠିକାଦାରଙ୍କ ଦ୍ୱାରା ସମ୍ପାଦନ, ୨. ରେଳ ପ୍ଲାଟ୍‌ଫର୍ମଗୁଡ଼ିକରେ ଉଚ୍ଚମାନର ଚଟାଣ ବିଛାଯାଇ ଯାନ୍ତ୍ରିକ ଉପାୟରେ ସ୍ୱଚ୍ଛତା କାର୍ଯ୍ୟ, ୩. ଅଲଗା ପ୍ରକାରର ବର୍ଜ୍ୟବସ୍ତୁ ପାଇଁ ପୃଥକ୍ ଡଷ୍ଟବିନ୍ ବ୍ୟବସ୍ଥା, ୪. ସ୍ୱଚ୍ଛତା ତଦାରଖ କରିବା ପାଇଁ ସିସିଟିଭି ବ୍ୟବସ୍ଥା, ୫. ଯାତ୍ରୀ କୋଚ୍‌ଗୁଡ଼ିକରେ ଜୈବ ଶୌଚାଳୟ, ୬. ଯାତ୍ରୀ ପ୍ରତିକ୍ରିୟା ଜାଣିବା ପାଇଁ ଖାଉଟି ଅଭିଯୋଗ ୱେବ୍ ପୋର୍ଟାଲ୍ / ମୋବାଇଲ୍ ଆପ୍ ବିକଶିତ, ୭. ବିଭିନ୍ନ ରେଳ ଷ୍ଟେସନ୍‌ରେ ପଇସା ଦେଇ ଶୌଚାଳୟ ଉପଯୋଗ କରିବା ବ୍ୟବସ୍ଥା, ୮. କେତେକ ଟ୍ରେନ୍‌ରେ 'କ୍ଲିନ୍ ମାଇଁ କୋଚ୍', 'କୋଚ୍ ମିତ୍ର' ସେବା ସୁବିଧା ଏବଂ ୯. ଟ୍ୱିଟର୍ ମାଧ୍ୟମରେ ପ୍ରଥମଥର ପାଇଁ ୨୪ ଘଣ୍ଟିଆ ଯାତ୍ରୀ ଅଭିଯୋଗ ନିରାକରଣ ବ୍ୟବସ୍ଥା।




ବିଭିନ୍ନ ରେଳପଥରେ କେତେକ ରେଳ ଷ୍ଟେସନ୍‌ରେ ସାମୟିକ ରହଣୀ ସମୟରେ ଟ୍ରେନ୍‌ଗୁଡ଼ିକର ଯାନ୍ତ୍ରିକ ମାଧ୍ୟମରେ ସଫେଇ ପାଇଁ କ୍ଲିନ୍ ଟ୍ରେନ୍ ଷ୍ଟେସନ୍ (ସିଟିଏଫ୍) ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ୩୯ଟି ସିଟିଏଫ୍‌କୁ କାର୍ଯ୍ୟକ୍ଷମ କରାଯାଇଛି।

ଏତଦ୍‌ବ୍ୟତୀତ ଟ୍ରେନ୍ ଓ ରେଳ ଷ୍ଟେସନ୍‌ଗୁଡ଼ିକୁ ଲଗାତର ଭାବେ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଭାରତୀୟ ରେଳବାଇ ଦ୍ୱାରା ସ୍ୱଚ୍ଛତା ଅଭିଯାନ ପାଇଁ ଯାତ୍ରୀ ସଚେତନତା ସୃଷ୍ଟି କରାଯାଉଛି। ସ୍ୱଚ୍ଛତା କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ପରୀକ୍ଷଣ ପାଇଁ ମଝିରେ ମଝିରେ ସର୍ବେକ୍ଷଣ କାର୍ଯ୍ୟ ମଧ୍ୟ କରାଯାଉଛି। ୪୦୭ଟି ବଡ଼ ବଡ଼ ରେଳ ଷ୍ଟେସନ୍‌ଗୁଡ଼ିକରେ ଏହା ଲାଗୁ କରାଯାଇଛି।

ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ସେବା ପ୍ରଦାନକାରୀ ଚୟନ ପ୍ରକ୍ରିୟାକୁ ମୁକ୍ତ, ଯୁକ୍ତିଯୁକ୍ତ ଓ ପ୍ରତିଯୋଗିତାମୂଳକ କରାଯାଇଛି। ବୃହତ୍ ରେଳ ଷ୍ଟେସନ୍‌ଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯାନ୍ତ୍ରିକ ଉପକରଣ ଓ ସାମଗ୍ରୀଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଇଣ୍ଟିଗ୍ରେଟେଡ୍ ହାଉସ୍‌କିପିଙ୍ଗ୍ କଣ୍ଟ୍ରାକ୍ଟ ବ୍ୟବସ୍ଥା କରାଯାଇଛି। ଠିକା ଆଧାରରେ ଦିଆଯାଇଥିବା ବିଭିନ୍ନ ସେବାଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ସହ ଏ ଦିଗରେ ରେଳ ବିଭାଗର ମଣ୍ଡଳସ୍ତରୀୟ କାର୍ଯ୍ୟାଳୟଗୁଡ଼ିକୁ ଦିଗ୍‌ଦର୍ଶନ ଦେବା ପାଇଁ ଜେନେରାଲ୍ କଣ୍ଡିସନ୍ ଅଫ୍ କଣ୍ଟ୍ରାକ୍ଟ (ସାଧାରଣ ଠିକା ସର୍ତ୍ତାବଳୀ) ବ୍ୟବସ୍ଥା ଲାଗୁ କରାଯାଇଛି। ପୂର୍ବରୁ ମଧ୍ୟ ୱାର୍କ କଣ୍ଟ୍ରାକ୍ଟ ବା ଠିକା କାମଗୁଡ଼ିକ ପାଇଁ ସାଧାରଣ ଠିକା ସର୍ତ୍ତାବଳୀ ଲାଗୁ ହେଉଥିଲା। କିନ୍ତୁ ଠିକା ଆଧାରିତ ସେବା ପ୍ରଦାନ କାର୍ଯ୍ୟ ପାଇଁ ଏହ ପର୍ଯ୍ୟାପ୍ତ ହେଉନଥିଲା।

ଠିକା ପ୍ରଦାନରେ ଟୁ ପ୍ୟାକେଟ୍ ଟେଣ୍ଡର ବ୍ୟବସ୍ଥା ଲାଗୁ କରାଯାଇଛି। ସର୍ବନିମ୍ନ ଯୋଗ୍ୟତା ବ୍ୟତିରେକ କେବଳ ସେହି ବିଡର୍‌ମାନଙ୍କ ଫାଇନାନ୍‌ସିଆଲ୍ ବିଡ୍‌କୁ ବିଚାରକୁ ନିଆଯାଏ, ଯେଉଁମାନଙ୍କ ବୈଷୟିକ ମୂଲ୍ୟାୟନ ପର୍ଯ୍ୟାୟରେ ଅତି କମ୍‌ରେ ୭୦ ପ୍ରତିଶତ ମୂଲ୍ୟାଙ୍କନ ହୋଇଥାଏ। ପୁନଶ୍ଚ ହାଉସ୍‌କିପିଙ୍ଗ୍ କଣ୍ଟ୍ରାକ୍ଟର ସଫଳ କାର୍ଯ୍ୟକାରିତା ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ଓ ସର୍ବନିମ୍ନ ମଜୁରୀ ପ୍ରଦାନ ଆଦି ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଏ। ମଣ୍ଡଳ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ଏହି ବ୍ୟବସ୍ଥାରେ ଟେଣ୍ଡର ଆହ୍ୱାନ କରନ୍ତି। ଠିକା ସର୍ତ୍ତବଳୀର ଉଲ୍ଲଂଘନ ହେଲେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।




'ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ' ଅଭିଯାନରେ ଭାରତୀୟ ରେଳବାଇ ଅନେକ ପଦକ୍ଷେପ ନେଇଛି। ସେଗୁଡ଼ିକ ମଧ୍ୟରୁ କେତେକ ହେଉଛି- ୧. ସମସ୍ତ ବୃହତ୍ ଷ୍ଟେସନ୍‌ର ସଫାସୁତରା କାର୍ଯ୍ୟକୁ ବାହାର ଠିକାଦାରଙ୍କ ଦ୍ୱାରା ସମ୍ପାଦନ, ୨. ରେଳ ପ୍ଲାଟ୍‌ଫର୍ମଗୁଡ଼ିକରେ ଉଚ୍ଚମାନର ଚଟାଣ ବିଛାଯାଇ ଯାନ୍ତ୍ରିକ ଉପାୟରେ ସ୍ୱଚ୍ଛତା କାର୍ଯ୍ୟ, ୩. ଅଲଗା ପ୍ରକାରର ବର୍ଜ୍ୟବସ୍ତୁ ପାଇଁ ପୃଥକ୍ ଡଷ୍ଟବିନ୍ ବ୍ୟବସ୍ଥା, ୪. ସ୍ୱଚ୍ଛତା ତଦାରଖ କରିବା ପାଇଁ ସିସିଟିଭି ବ୍ୟବସ୍ଥା, ୫. ଯାତ୍ରୀ କୋଚ୍‌ଗୁଡ଼ିକରେ ଜୈବ ଶୌଚାଳୟ, ୬. ଯାତ୍ରୀ ପ୍ରତିକ୍ରିୟା ଜାଣିବା ପାଇଁ ଖାଉଟି ଅଭିଯୋଗ ୱେବ୍ ପୋର୍ଟାଲ୍ / ମୋବାଇଲ୍ ଆପ୍ ବିକଶିତ, ୭. ବିଭିନ୍ନ ରେଳ ଷ୍ଟେସନ୍‌ରେ ପଇସା ଦେଇ ଶୌଚାଳୟ ଉପଯୋଗ କରିବା ବ୍ୟବସ୍ଥା, ୮. କେତେକ ଟ୍ରେନ୍‌ରେ 'କ୍ଲିନ୍ ମାଇଁ କୋଚ୍', 'କୋଚ୍ ମିତ୍ର' ସେବା ସୁବିଧା ଏବଂ ୯. ଟ୍ୱିଟର୍ ମାଧ୍ୟମରେ ପ୍ରଥମଥର ପାଇଁ ୨୪ ଘଣ୍ଟିଆ ଯାତ୍ରୀ ଅଭିଯୋଗ ନିରାକରଣ ବ୍ୟବସ୍ଥା।





ପଇସା ଦେଇ ଶୌଚାଳୟ ବ୍ୟବହାର କରିବା ପାଇଁ ରେଳ ଷ୍ଟେସନ୍‌ଗୁଡ଼ିକରେ ଅତିରିକ୍ତ ଶୌଚାଳୟ ନିର୍ମାଣ କରାଯାଇଛି। ରେଳ ଷ୍ଟେସନ୍‌ଗୁଡ଼ିକରେ ସ୍ୱଚ୍ଛତା ବିରୋଧି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଜରିମାନା କରାଯାଉଛି। ଏଥିପାଇଁ ୨୦୧୨ ମସିହାର ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ସ୍ୱଚ୍ଛତା ତଦାରଖ କରିବା ପାଇଁ ରେଳ ଷ୍ଟେସନ୍‌ଗୁଡ଼ିକରେ ସିସିଟିଭି କ୍ୟାମେରାଗୁଡ଼ିକୁ ସ୍ଥାପନ କରାଯାଇଛି।

ମଣ୍ଡଳ କାର୍ଯ୍ୟାଳୟଗୁଡ଼ିକ ଦ୍ୱାରା ବିଭିନ୍ନ ରେଳ ଷ୍ଟେସନ୍‌ରେ ସାପ୍ତାହିକ ସଘନ ସ୍ୱଚ୍ଛତା କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ସ୍ୱଚ୍ଛତା ସମେତ ଅନ୍ୟାନ୍ୟ ବିଷୟବସ୍ତୁ ଆଧାରିତ ଅଭିଯାନ ମଧ୍ୟ ଆୟୋଜିତ ହେଉଛି। ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟାପକ ଓ ଫଳପ୍ରଦ କରିବା ପାଇଁ ବେସରକାରୀ ଅନୁଷ୍ଠାନ ଦାତବ୍ୟ ଅନୁଷ୍ଠାନ ଓ ସାମାଜିକ ସଂଗଠନଗୁଡ଼ିକୁ ଏଥିରେ ସାମିଲ୍ କରାଯାଉଛି। ରେଳ ଉପଯୋଗକାରୀଙ୍କ ସ୍ୱଚ୍ଛତା ସଚେତନତା ବୃଦ୍ଧି ପାଇଁ ସାମାଜିକ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ ଏବଂ ରେଳ ଷ୍ଟେସନ୍‌ରେ ଉଦ୍‌ଘୋଷଣା ଆଦିକୁ ମଧ୍ୟ ଉପଯୋଗ କରାଯାଉଛି। ୨୦୧୭-୧୮ରେ ଜୈବ ଶୌଚାଳୟ ସମେତ ଅନ୍ୟାନ୍ୟ ସ୍ୱଚ୍ଛତା ପଦକ୍ଷେପ ପାଇଁ ୨୫୨୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ରେଳ ଉପଭୋକ୍ତାଙ୍କ ସହ ଅଧିକ ନିବିଡ଼ ସମ୍ପର୍କ ପାଇଁ ରେଳ ମନ୍ତ୍ରଣାଳୟର ଟ୍ୱିଟର୍ ହ୍ୟାଣ୍ଡେଲ୍ @RailMinIndia ଓ ଫେସ୍‌ବୁକ୍ ପେଜ୍ "Ministry of Railways-India" କାର୍ଯ୍ୟ କରୁଛି। ଏହା ସହିତ ଭାରତୀୟ ରେଳବାଇର ଜେନେରାଲ୍ ମ୍ୟାନେଜର ଓ ଡିଭିଜନାଲ୍ ରେଲ୍‌ୱେ ମ୍ୟାନେଜରମାନଙ୍କ ସ୍ତରରେ ମଧ୍ୟ ସାମାଜିକ ଗଣମାଧ୍ୟମକୁ ଉପଯୋଗ କରାଯାଉଛି। ଯାତ୍ରୀ ଅଭିଯୋଗର ତତ୍କାଳ ନିରାକରଣ ପାଇଁ ଏହି ବ୍ୟବସ୍ଥା ଭଲ ଫଳ ପ୍ରଦାନ କରୁଛି।




ଯାତ୍ରୀମାନେ ମଧ୍ୟ ସାମାଜିକ ଗଣମାଧ୍ୟମର ଦକ୍ଷତା ସମ୍ପର୍କରେ ସଚେତନ ହୋଇ ନିଜ ନିଜ ସମସ୍ୟାର ଆଶୁ ନିରାକରଣ ପାଇଁ ରେଳ ବିଭାଗର ଟ୍ୱିଟର୍ ଓ ଫେସ୍‌ବୁକ୍ ପେଜ୍‌କୁ ଅଧିକ ସଂଖ୍ୟାରେ ବ୍ୟବହାର କରୁଛନ୍ତି। ରେଳ ବିଭାଗ ସହ ଯେକୌଣସି ଯାତ୍ରୀ ସମୟାନୁବର୍ତ୍ତୀ ଭାବରେ ଏହି ମାଧ୍ୟମରେ ସମ୍ପର୍କ ରକ୍ଷା କରି ସହାୟତା ପାଇପାରୁଛନ୍ତି। ପୂର୍ବରୁ ଏହା ସମ୍ଭବ ହେଉନଥିଲା।

**ଏହି ବ୍ୟବସ୍ଥା କିପରି କାର୍ଯ୍ୟକାରୀ ହୁଏ:**

- ନିର୍ଦ୍ଧାରିତ କର୍ମଚାରୀ ଟ୍ୱିଟ୍ ଓ ପୋଷ୍ଟଗୁଡ଼ିକୁ ପଢ଼ିଲା ପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ (ଜୋନ୍ ମଣ୍ଡଳ ରେଳ ପରିଷଦ ନିର୍ଦ୍ଦେଶାଳୟ) ଏହା ସହିତ ଟ୍ୟାଗିଂ କରନ୍ତି।
- ଏହାପରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଯାତ୍ରୀଙ୍କ ଅଭିଯୋଗ ନିରାକରଣ ପାଇଁ ପଦକ୍ଷେପ ନିଅନ୍ତି। ସମସ୍ୟାର ନିରାକରଣ ପରେ ଅଭିଯୋଗ ନିରାକରଣ ସ୍ଥିତି ସମ୍ପର୍କରେ ମଧ୍ୟ ଟ୍ୱିଟ୍ କରାଯାଏ।

● କୋଚ୍ ଓ ଷ୍ଟେସନଗୁଡ଼ିକର ପରିଚ୍ଛନ୍ନତା / ପରିମଳ ସମ୍ପର୍କିତ ଟ୍ୱିଟ୍/ପୋଷ୍ଟଗୁଡ଼ିକୁ ସମୟାନୁବର୍ତ୍ତୀ ଭାବରେ ଧ୍ୟାନ ଦିଆଯାଏ।

● ଟ୍ୱିଟର ବ୍ୟତିରେକ କ୍ଲିନ୍ ମାଇଁ କୋଚ୍ ସମ୍ପର୍କରେ ମଧ୍ୟ ଯାତ୍ରୀମାନଙ୍କୁ ସଚେତନ କରାଯାଏ। ଏହା ଅଧିନରେ ଜଣେ ଯାତ୍ରୀ ନିଜ ସିଟ୍‌ରେ ବସି ମଧ୍ୟ ପରିଚ୍ଛନ୍ନତା ସମ୍ପର୍କିତ ଅଭିଯୋଗ ପଞ୍ଜିକରଣ ପାଇଁ ୫୮୮୮୮କୁ ନିଜର ପିଏନ୍‌ଆର୍ ନମ୍ବର ଏସ୍‌ଏମ୍‌ଏସ୍ କରିପାରିବେ।

ଏତଦ୍‌ବ୍ୟତୀତ ଅନ୍‌ଲାଇନ୍ ଅଭିଯୋଗ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଜଣାଇପାରିବେ।

ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସକୁ ନିରୁତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଭାରତ ସରକାରଙ୍କ ଅଭିଯାନକୁ ରେଳ ବିଭାଗ ସକ୍ରିୟ ଭାବରେ ସମର୍ଥନ ଜଣାଏ। ରେଳ ବିଭାଗ ଗତ ସେପ୍ଟେମ୍ବର ୨୫ ତାରିଖରେ ଅନୁଷ୍ଠିତ ଏ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା। ଭାରତୀୟ ରେଳବାଇ ଓ ଡିଆର୍‌ଡିଓ ମିଳିତ ଭାବରେ ଜୈବ ଶୌଚାଳୟ ପ୍ରଯୁକ୍ତି ବିକଶିତ କରିଛନ୍ତି। ଏହି ପରିବେଶ ଅନୁକୂଳ, ଶସ୍ତା ଓ ଦକ୍ଷ ପ୍ରଯୁକ୍ତି ସମଗ୍ର ବିଶ୍ୱର ରେଳବାଇ ଇତିହାସରେ ସର୍ବପ୍ରଥମ। ଏଥିରେ ଉପଯୋଗ କରାଯାଉଥିବା ଜୀବାଣୁମାନଙ୍କ କାର୍ଯ୍ୟ ଦକ୍ଷତାକୁ ଡିଆର୍‌ଡିଓ ଦ୍ୱାରା ସିଆଚୀନ୍ ଭଳି ଅତିଶୟ ଉତ୍କଟ ଜଳବାୟୁ ପରିସ୍ଥିତିରେ ମଧ୍ୟ ପରୀକ୍ଷଣ କରାଯାଇଛି। ଏହି ଜୀବାଣୁଗୁଡ଼ିକ ମାନବ ମଳକୁ ମୁଖ୍ୟତଃ ପାଣି ଓ ମିଥେନ୍ ଏବଂ ଅଙ୍ଗାରକାମ୍ଳ ପରି ଜୈବ ଗ୍ୟାସ୍‌ରେ ରୂପାନ୍ତରିତ କରିଥାନ୍ତି। ଏଥିରୁ ଉତ୍ପନ୍ନ ଗ୍ୟାସ୍ ବାୟୁମଣ୍ଡଳରେ ମିଶିଯାଉଥିବା ବେଳେ ପାଣିକୁ ଜୀବାଣୁ ରହିତ କରାଯାଇ ରେଳ ଟ୍ରାକ୍‌ରେ ନିଷ୍କାସନ କରାଯାଏ। ଏହିପରି ଭାବରେ ମଳ ଆଉ ରେଳ ଟ୍ରାକ୍‌ରେ ପଡ଼େ ନାହିଁ ଏବଂ ରେଳପଥ ଏବଂ ରେଳ ଷ୍ଟେସନ୍ ପରିଷ୍କାର ପରିଚ୍ଛନ୍ନ ରହେ। ଜୈବ ଶୌଚାଳୟ ବ୍ୟବହାର



ପାଇଁ ଯାତ୍ରୀମାନଙ୍କୁ ଷ୍ଟିକର, ଅଡିଓ, ଭିଡିଓ ଆଦି ମାଧ୍ୟମରେ ସଚେତନ କରାଯାଉଛି।

ଜାନୁଆରୀ ୨୦୧୧ ମସିହାରେ ଗ୍ୱାଲିୟର-ବନାରସ-ବୁନ୍ଦେଲଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍‌ରେ ଭାରତୀୟ ରେଳବାଇ-ଡିଆର୍‌ଡିଓ ଦ୍ୱାରା ବିକଶିତ ଜୈବ ଶୌଚାଳୟକୁ ପ୍ରଥମଥର ପାଇଁ ପରୀକ୍ଷା କରାଯାଇଥିଲା। ଉତ୍ତମ ଫଳାଫଳ ମିଳିବା ପରେ ଅଧିକ ପରୀକ୍ଷଣ ପାଇଁ ଅନ୍ୟାନ୍ୟ ଟ୍ରେନ୍‌ରେ ମଧ୍ୟ ଜୈବ ଶୌଚାଳୟ ସ୍ଥାପନ କରାଗଲା। ୨୦୧୪ ପରଠାରୁ ଅଧିକ ସଂଖ୍ୟାରେ ଜୈବ ଶୌଚାଳୟ ସ୍ଥାପନ କରାଯାଉଛି ଏବଂ ୨୦୧୯ ସୁଦ୍ଧା ସମସ୍ତ କୋଚ୍‌ରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଭାରତୀୟ ରେଳବାଇର ୨୭ଟି ସେକ୍ସନ୍‌ର ରେଳପଥରେ ମାନବୀୟ ମଳ ନିଷ୍କାସନ ହେଉନଥିବାରୁ ଏଗୁଡ଼ିକୁ ଗ୍ରୀନ୍ ଟ୍ରେନ୍ କରିଡର ଭାବେ ଘୋଷଣା କରାଯାଇଛି। ଏହିପଥରେ ଯାତାୟତ କରୁଥିବା ସମସ୍ତ ଟ୍ରେନ୍‌ରେ ଶତ ପ୍ରତିଶତ ଜୈବ ଶୌଚାଳୟ ବ୍ୟବସ୍ଥା କରାଯାଇଛି।

> ମହାତ୍ମା ଗାନ୍ଧୀଙ୍କ ୧୪୫ତମ ଜନ୍ମବାର୍ଷିକୀ ଅକ୍ଟୋବର ୨ ତାରିଖ ୨୦୧୪ ମସିହାରେ ଭାରତ ସରକାର ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କଲେ। ଉଦ୍ଦେଶ୍ୟ ଥିଲା, ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଏକ ସ୍ୱଚ୍ଛ ଭାରତର ସ୍ୱପ୍ନକୁ ସାକାର କରିବା। ଏହି ଘୋଷଣା ପରେ ପରେ ଭାରତୀୟ ରେଳବାଇ 'ସ୍ୱଚ୍ଛ ରେଳ, ସ୍ୱଚ୍ଛ ଭାରତ' ଅଭିଯାନ ଆରମ୍ଭ କଲା। ଏହାର ଉଦ୍ଦେଶ୍ୟ ଥିଲା ଦେଶର ସମସ୍ତ ରେଳ ଓ ରେଳ ଷ୍ଟେସନ୍‌କୁ ସଫାସୁତରା ରଖିବା।

ସ୍ୱଚ୍ଛ ଓ ଦକ୍ଷ ଶୌଚାଳୟ ସ୍ଥାପନ କରି ଜଳ ଉପଯୋଗ ହ୍ରାସ କରିବା ପାଇଁ ଭାରତୀୟ ରେଳବାଇ ବାୟୋ ଭ୍ୟାକୁମ୍ ଶୌଚାଳୟର ପରୀକ୍ଷଣ କରୁଛି। ଏଗୁଡ଼ିକ ଉଡ଼ାଜାହାଜରେ ଥିବା ଶୌଚାଳୟ ପରି କାମ କରନ୍ତି, ଯେଉଁଥିରେ ଟ୍ରେନ୍

କୋଚ୍‌ର ତଳେ ବାୟୋ ଡାଇଜେଷ୍ଟର ଟ୍ୟାଙ୍କ୍ ଲଗାଯାଇଥାଏ। ଏହି ଟ୍ୟାଙ୍କ୍‌ରେ ମାନବ ମଳ ପ୍ରକ୍ରିୟାକରଣ ହୋଇଥାଏ।

ରେଳ ଷ୍ଟେସନ୍‌ଗୁଡ଼ିକରେ ଯାନ୍ତ୍ରିକ ଉପକରଣ ମାଧ୍ୟମରେ ପରିଚ୍ଛନ୍ନତା, ୧୦୦୦ଟି ଟ୍ରେନ୍‌ରେ ହାଉସ୍‌କିପିଙ୍ଗ୍ ସର୍ଭିସ୍ ଓ ବାତାନୁକୂଳୀତ ଶ୍ରେଣୀ ଯାତ୍ରୀମାନଙ୍କୁ ସଫାସୁତରା ଚାଦର ଆଦି ପ୍ରଦାନ କରିବା ପାଇଁ ଯାନ୍ତ୍ରିକ ଲଣ୍ଡ୍ରି ଆଦି ବ୍ୟବସ୍ଥା କରାଯାଇଛି।

ରେଳବାଇ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ଏଥିପାଇଁ ଏଗୁଡ଼ିକୁ ଅଧଃପତନ ଯୋଗ୍ୟ (ତରଳ), ଅଣଅଧଃପତନ ଯୋଗ୍ୟ (କଠିନ) ଓ ବିପଦଜନକ ବର୍ଜ୍ୟବସ୍ତୁ- ଏହିପରି ୩ ଶ୍ରେଣୀରେ ବିଭକ୍ତ କରାଯାଏ। ରେଳ ଟର୍ମିନାଲ୍‌ଗୁଡ଼ିକରେ ଉତ୍ପନ୍ନ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭାରତୀୟ ରେଳବାଇ ଏକ ପାଇଲଟ୍ ପ୍ରକଳ୍ପ ହାତକୁ ନେଇଛି। ଏହାଦ୍ୱାରା ବର୍ଜ୍ୟବସ୍ତୁକୁ ଶକ୍ତିରେ ରୂପାନ୍ତରିତ କରିବା କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ବାୟୋ ମିଥେନେସନ୍ ପ୍ରକ୍ରିୟାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରାଯାଇପାରୁଥିବା ଦୁଇଟି ପାଇଲଟ୍ ପ୍ରକଳ୍ପକୁ ଜୟପୁର ଓ ନୂଆଦିଲ୍ଲୀ ଠାରେ ସ୍ଥାପନ କରାଯାଉଛି। ଏହି ପ୍ରକ୍ରିୟାରେ ଉତ୍ପାଦିତ ଶକ୍ତିକୁ ନିକଟସ୍ଥ ରେଳ ଷ୍ଟେସନ୍‌ଗୁଡ଼ିକରେ ଉପଯୋଗ କରାଯିବ।

୨୦୧୬ ମସିହାରେ ପ୍ରଥମଥର ପାଇଁ କ(୧), ଓ 'କ' ଶ୍ରେଣୀର ୪୦୭ଟି ଷ୍ଟେସନ୍‌ର ସ୍ୱଚ୍ଛତା ଅଡିଟ୍ ଏକ ନିରପେକ୍ଷ ତୃତୀୟ ପକ୍ଷ ଦ୍ୱାରା କରାଯାଇଛି। ୨୦୧୭ ଓ ୨୦୧୮ରେ ମଧ୍ୟ ଏପରି କରାଯାଇଥିଲା। ୨୧୦ଟି ଟ୍ରେନ୍‌ର ସ୍ୱଚ୍ଛତା ସର୍ବେକ୍ଷଣ ମଧ୍ୟ ସରିବା ଉପରେ ରହିଛି।

ସ୍ୱଚ୍ଛ ରେଳ-ସ୍ୱଚ୍ଛ ଭାରତ ୨୦୧୮ର ମୂଲ୍ୟାୟନରୁ ସ୍ୱଚ୍ଛତା ସମ୍ପର୍କିତ ଉତ୍ସାହବର୍ଦ୍ଧକ ଫଳ ମିଳିଛି। ରେଳ ବିଭାଗର କର୍ମଚାରୀ ଓ ଯାତ୍ରୀମାନଙ୍କ ମିଳିତ ସହଯୋଗରେ ଏହା ସମ୍ଭବ ହୋଇଛି। ଯାତ୍ରୀମାନଙ୍କ ଆଚରଣରେ ପରିବର୍ତ୍ତନ ପାଇଁ ସ୍ୱଚ୍ଛ ଭାରତର ସ୍ୱପ୍ନ ଆଡ଼କୁ ଆମେ ଅଗ୍ରସର ହୋଇପାରିଛୁ। ୨୦୧୭ ବର୍ଷ ତୁଳନାରେ ଚଳିତ ବର୍ଷ ୪୦୭ଟି କ(୧) ଓ 'କ' ଶ୍ରେଣୀର ଷ୍ଟେସନ୍‌ଗୁଡ଼ିକର ସ୍ୱଚ୍ଛତା ମୂଲ୍ୟାଙ୍କରେ ୧୭.୬ ପ୍ରତିଶତ ବୃଦ୍ଧି ଘଟିଛି। ଏହି ସ୍ୱଚ୍ଛତା ସମ୍ପର୍କିତ ସଫଳ କାହାଣୀର କେତେକ ବିନ୍ଦୁ ହେଉଛି-

୧. ବୋତଲ ନଷ୍ଟ କରାଯାଉଥିବା ମେସିନ୍ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ।

୨. ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେସିନ୍ ଦ୍ୱାରା ବ୍ୟକ୍ତିଗତ ପରିଚ୍ଛନ୍ନତା।

୩. ବୃହତ୍ ରେଳ ଷ୍ଟେସନ୍‌ରେ ବାହାର ସଂସ୍ଥା ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟ।

୪. ବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗୋଷ୍ଠୀଗତ ଅଂଶଗ୍ରହଣ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ।

ରେଳ ଯାତ୍ରୀ ଡବାଗୁଡ଼ିକୁ କୀଟାଣୁ-ଜୀବାଣୁ ରହିତ



କରିବା ପାଇଁ ଅନୁମୋଦିତ ସଂସ୍ଥା ଦ୍ୱାରା ନିମ୍ନଲିଖିତ ସମୟ ନିର୍ଘଣ୍ଟ ଅନୁଯାୟୀ ଅସରପା ନିର୍ମୂଳନ କାର୍ଯ୍ୟ ହାତକୁ ନିଆଯାଉଛି-

- ବାତାନୁକୂଳୀତ କୋଚ୍ ଓ ପେଣ୍ଟ୍ରି କାର୍‌ରେ ପ୍ରତ୍ୟେକ ୧୫ ଦିନରେ ଥରେ।
- ଅଣବାତାନୁକୂଳୀତ ସଂରକ୍ଷିତ କୋଚ୍‌ରେ ପ୍ରତ୍ୟେକ ୩୦ ଦିନରେ ଥରେ।
- ଅଣସଂରକ୍ଷିତ ଅଣବାତାନୁକୂଳୀତ କୋଚ୍‌ରେ ପ୍ରତ୍ୟେକ ୬୦ ଦିନରେ ଥରେ।

ଯୁକ୍ତିଯୁକ୍ତ ସୁରକ୍ଷା, ସ୍ୱଚ୍ଛତା ଓ ସୁସ୍ଥ ଯାତ୍ରା ପାଇଁ ଯାତ୍ରୀମାନଙ୍କ ପ୍ରତି ଭାରତୀୟ ରେଳବାଇ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନେଇ ଭଲ ଭାବେ ସଚେତନ ଅଛି। ଉପଭୋକ୍ତାଙ୍କ ସହଯୋଗ ବିନା ଏହା ସମ୍ଭବ ନୁହଁ। ରେଳ ସମ୍ପତ୍ତି ନଷ୍ଟ କରିବା ଓ ସଠିକ୍ ବ୍ୟବହାର ନ କରିବା ଭଳି କେତେକ ଦୃଷ୍ଟାନ୍ତ ଆମ ନିକଟକୁ ଆସୁଛି। ତେବେ ଏପରି ରେଳ ସୁବିଧାଗୁଡ଼ିକୁ ପୁନଃସ୍ଥାପିତ କରିବା ପାଇଁ ପ୍ରୟାସ କରାଯାଉଥିଲେ ମଧ୍ୟ ଏହା ଖର୍ଚ୍ଚ ସାପେକ୍ଷ। ଭାରତୀୟ ରେଳବାଇ ଏଥିପାଇଁ ସମସ୍ତ ପକ୍ଷଙ୍କ ସହଯୋଗ କାମନା କରୁଛି। ଯଦ୍ୱାରା ସ୍ୱଚ୍ଛ ରେଳ-ସ୍ୱଚ୍ଛ ଭାରତର ସ୍ୱପ୍ନ ସାକାର ହୋଇପାରିବ।

**ଲେଖକ ହେଉଛନ୍ତି ରେଳ ମନ୍ତ୍ରଣାଳୟ ଅନ୍ତର୍ଗତ ରେଳ ପରିଷଦର ପ୍ରମୁଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ।**
**E-mail: alok_tewari60@hotmail.com**

### ||||||||||||||||||||| ଜମ୍ମୁ ଓ କାଶ୍ମୀର ଝରକା |||||||||||||||||||||

# ଜମ୍ମୁ ଓ କାଶ୍ମୀରର ଉଦ୍ଧାମପୁରଠାରେ ନଦୀ ପ୍ରଦୂଷଣ ନିରାକରଣ ପ୍ରକଳ୍ପ

ଜାତୀୟ ନଦୀ ସଂରକ୍ଷଣ ଯୋଜନା ଅଧିନରେ ବିଭିନ୍ନ ନଦୀଗୁଡ଼ିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଜମ୍ମୁ ଓ କାଶ୍ମୀର ରାଜ୍ୟ ସରକାରଙ୍କ ଉଦ୍ୟମକୁ କେନ୍ଦ୍ର ସରକାର ସହଯୋଗ ଯୋଗାଇ ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବ୍ୟୟ ବଣ୍ଟନ ଭିତ୍ତିରେ ରାଜ୍ୟର ଉଦ୍ଧାମପୁରସ୍ଥିତ ଦେବୀକା ଓ ତାୱି ନଦୀର ପ୍ରଦୂଷଣ ସ୍ତର ହ୍ରାସ କରିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଏକ ପ୍ରକଳ୍ପ ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ ମାର୍ଚ୍ଚ ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉଭୟ ନଦୀର ପ୍ରଦୂଷଣ ସ୍ତର ହ୍ରାସ ପାଇବ ଓ ସେଗୁଡ଼ିକର ଜଳ ପରିଷ୍କାର ହେବ। ଏହି ପ୍ରକଳ୍ପ ଅଧିନରେ ସମଗ୍ର ସହରରେ ନାଳ, ନର୍ଦ୍ଦମା ବ୍ୟବସ୍ଥା କରାଯାଇ ଆବର୍ଜନାମୟ ବର୍ଜ୍ୟଜଳ ପ୍ରକ୍ରିୟାକରଣ କରାଯିବ। ଏହାଦ୍ୱାରା ଉଦ୍ଧାମପୁର ଠାରେ ସ୍ୱାସ୍ଥ୍ୟକର ଓ ସ୍ୱଚ୍ଛ ପରିବେଶ ନିର୍ମିତ ହେବ। ଏହା ହିଁ ହେଉଛି ସ୍ୱଚ୍ଛ ଭାରତ ଅଭିଯାନର ପ୍ରମୁଖ ଲକ୍ଷ୍ୟ।

ଏହି ପ୍ରକଳ୍ପ ପାଇଁ ୧୮୬.୭୪ କୋଟି ଟଙ୍କା ମଞ୍ଜୁର ହୋଇଛି ଏବଂ ଏହି ବ୍ୟୟ ଭାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୯୦:୧୦ ଭିତ୍ତିରେ ବଣ୍ଟାଯିବ। ଏଥିରେ କେନ୍ଦ୍ର ସରକାରଙ୍କ ଅଂଶ ୧୬୬.୮୬ କୋଟି ଟଙ୍କା ହେଉଥିବା ବେଳେ ରାଜ୍ୟ ସରକାରଙ୍କ ଅଂଶ ୧୮.୦୮ କୋଟି ଟଙ୍କା ହେବ। ସହରୀ ଯାନ୍ତ୍ରିକ ଓ ପରିବେଶ ବିଭାଗ ଏହି ପ୍ରକଳ୍ପକୁ ନିର୍ମାଣ କରିବେ।

ଏହି ପ୍ରକଳ୍ପ ଅଧିନରେ ଉଦ୍ଧାମପୁର ସହରରେ ୧୩୯.୨୭ କିଲୋମିଟର ଲମ୍ବ ନଳ ବିଛାଯିବ। ଏହାଛଡ଼ା ତିନୋଟି ବର୍ଜ୍ୟଜଳ ପମ୍ପିଂ କେନ୍ଦ୍ର ଓ ଦୈନିକ ୧୩.୬୦ ନିୟୁତ ଲିଟର ବର୍ଜ୍ୟଜଳ ପ୍ରକ୍ରିୟାକରଣ କରିପାରୁଥିବା ତିନୋଟି ପ୍ରକଳ୍ପ ସ୍ଥାପିତ ହେବ। ପୁନଶ୍ଚ ଏହି ପ୍ରକଳ୍ପ ମାଧ୍ୟମରେ ନଦୀ ସମ୍ମୁଖ ଭାଗ ଉନ୍ନତିକରଣ କରାଯିବ, ଯେଉଁଥିରେ ତିନୋଟି ଗାଧୁଆ ଘାଟ, ମେଳା ଘାଟ ଓ ଦୁଇଟି କାଠ ଶ୍ମଶାନର ଉନ୍ନତିକରଣ ସାମିଲ୍।

ଉଦ୍ଧାମପୁରର ଦେବୀକା ଓ ତାୱି ନଦୀ ପ୍ରଦୂଷଣର ପ୍ରମୁଖ କାରଣ ହେଉଛି ଅପ୍ରକ୍ରିୟାକୃତ ବର୍ଜ୍ୟଜଳ ନିଷ୍କାସନ। ବର୍ତ୍ତମାନ ସେଠାରେ କୌଣସି ନାଳ ନର୍ଦ୍ଦମା ବ୍ୟବସ୍ଥା କିମ୍ବା ବର୍ଜ୍ୟଜଳ ପ୍ରକ୍ରିୟାକରଣ ପ୍ରକଳ୍ପ ନାହିଁ। ମନ୍ତ୍ରଣାଳୟ ତରଫରୁ ଗତ ସେପ୍ଟେମ୍ବର ୨୮ ତାରିଖରେ ଏହି ପ୍ରକଳ୍ପ ମଞ୍ଜୁର କରାଯାଇଛି।



# ପରିଚ୍ଛନ୍ନତା ସମସ୍ତଙ୍କର ଦାୟିତ୍ୱ

**ଅକ୍ଷୟ ରାଉତ**

'ରାଜନୈତିକ ଇଚ୍ଛାଶକ୍ତି, ଲୋକନୀତି, ନିବେଶ, ସହଭାଗିତା- ଏସବୁ ମିଳିତ ଭାବେ ଏକ ସମର୍ଥ ପରିବେଶ ସୃଷ୍ଟି କରିବା ଉଚିତ ଯାହା ଜନସହଯୋଗରେ ଶକ୍ତିଶାଳୀ ହୋଇ ଦଶନ୍ଧି ଦଶନ୍ଧି ଧରି ରହିଆସିଥିବା ଅସ୍ୱଚ୍ଛତା ଓ ଅପରିଚ୍ଛନ୍ନତା ବିରୋଧରେ ଅନ୍ତିମ କାର୍ଯ୍ୟାନୁଷ୍ଠାନ ହେବ।'

ସ୍ୱଚ୍ଛତାକୁ ସାଧାରଣଭାବେ ଆମେ ଶରୀରର ସୂଚି ଓ ଆମ ଚତୁଃପାର୍ଶ୍ୱର ପରିଚ୍ଛନ୍ନତାକୁ ବୁଝୁ। କେହି କେହି ମଧ୍ୟ ଏହାକୁ ମନ ଓ ଆତ୍ମାର ସ୍ୱଚ୍ଛତା ସହ ଯୋଡ଼ନ୍ତି। ପରିଚ୍ଛନ୍ନତା ବ୍ୟକ୍ତିଗତ ବା ସାର୍ବଜନିକ, ପ୍ରତ୍ୟେକ ଲୋକର ଜୀବନକୁ ନାନାଭାବେ ସଂଯୋଗ କରିଥାଏ। ସ୍ୱଚ୍ଛତା ସହ ମଣିଷର ସ୍ୱାସ୍ଥ୍ୟ ଓ ସଂପଦ ସଂଲଗ୍ନ ବୋଲି ଅନେକ ଅନୁଧ୍ୟାନରୁ ପ୍ରମାଣିତ। ତେଣୁ ସ୍ୱଚ୍ଛତାର ମାନଦଣ୍ଡ ଧାର୍ଯ୍ୟ କରି ଏହାର ପରିପାଳନକୁ ସୁନିଶ୍ଚିତ କରିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ସମୂହର ଦାୟିତ୍ୱ। ଏହାର ସ୍ୱରୂପ, ପରିସର ଓ ପ୍ରଭାବ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଗତ ପରିପ୍ରେକ୍ଷୀରେ ଅବଶ୍ୟ ଭିନ୍ନଭିନ୍ନ ହେବ। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ ଏଥିରେ ସମସ୍ତଙ୍କୁ ସାମିଲ ହେବାକୁ ପଡ଼ିବ। ଅତଏବ ପରିଚ୍ଛନ୍ନତା ନିଃସନ୍ଦେହରେ ସମସ୍ତଙ୍କର କାମ, ଜଣକର ଦାୟିତ୍ୱ ନୁହେଁ।

**ସ୍ୱଚ୍ଛତା ପାଇଁ ସମସ୍ତେ:**

ରାଜନୈତିକ ଇଚ୍ଛାଶକ୍ତି, ଲୋକନୀତି, ନିବେଶ, ସହଭାଗିତା - ଏସବୁ ମିଳିତ ଭାବେ ଏକ ସମର୍ଥ ପରିବେଶ ସୃଷ୍ଟି କରିବା ଉଚିତ ଯାହା ଜନସହଯୋଗରେ ବଳୀୟାନ ହୋଇ ଦଶନ୍ଧି ଦଶନ୍ଧି ଧରି ରହିଥିବା ଅପରିଚ୍ଛନ୍ନତା ଓ ଅସ୍ୱାସ୍ଥ୍ୟକର ଅବସ୍ଥା ବିରୋଧରେ ଅନ୍ତିମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସ୍ୱଚ୍ଛତା କ୍ଷେତ୍ରରେ କ'ଣ ହାସଲ କରାଯାଇପାରେ ଲେସୋଥୋ, କୋରିଆ ଓ ମାଲେସିଆ ଭଳି ଦେଶ ତାହାର ଚମତ୍କାର ଉଦାହରଣ।

୨୦୧୪ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ଠିକ୍ ସେଇ କାମ ଭାରତରେ ଆରମ୍ଭ କରିଥିଲେ। ମହାତ୍ମା ଗାନ୍ଧୀଙ୍କଠାରୁ ପ୍ରେରଣା ନେଇ ସ୍ୱଚ୍ଛତା ପ୍ରସଙ୍ଗଟିକୁ ସେ ନିବୃତ୍ତ ସ୍ଥାନରୁ ପୁରୋଭାଗକୁ ଆଣିଲେ। ଦେଶର ସବୁ ଗାଁ, ସହର, ଗଳି, ବସ୍ତି, ସ୍କୁଲ, କଲେଜ, ମନ୍ଦିର, ହସ୍‌ପିଟାଲ ଓ ସର୍ବସାଧାରଣ ସ୍ଥଳକୁ ପରିଚ୍ଛନ୍ନ ସ୍ୱଚ୍ଛ ରଖିବାକୁ ସେ ଦେଶର ନାଗରିକଙ୍କୁ ନିବେଦନ କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ




୨୦୧୪ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ। ଏହା ନିଷ୍ପତ୍ତି ନିଆଗଲା ଯେ ଗାନ୍ଧିଜୀଙ୍କ ସ୍ୱଚ୍ଛଭାରତ ସ୍ୱପ୍ନ ପୂରଣ କରିବା ଉଦ୍ଦେଶ୍ୟରେ ତାଙ୍କର ୧୫୦ତମ ଜୟନ୍ତୀ ଅବସରରେ ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ପରିଚ୍ଛନ୍ନ କରିବା ପାଇଁ ସମଗ୍ର ଦେଶ ମିଳିତ ଭାବେ କାର୍ଯ୍ୟ କରିବ। ଏହି ସମୟ ମଧ୍ୟରେ ସମଗ୍ର ଗ୍ରାମୀଣ ଭାରତରେ ଖୋଲାରେ ହେଉଥିବା ମଳତ୍ୟାଗ ବନ୍ଦ କରିବାର ଦାୟିତ୍ୱ ଅତିରିକ୍ତ ଭାବେ ବହନ କରାଗଲା। ଏଥିପାଇଁ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟକୁ ନୋଡାଲ ଭାବେ ବିଭିନ୍ନ ମନ୍ତ୍ରଣାଳୟ ତଥା ସଂପୃକ୍ତ ପକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଦାୟିତ୍ୱ ଅର୍ପଣ କରାଗଲା। ଏହି ମନ୍ତ୍ରଣାଳୟର କାମ ହେଲା ସ୍ୱଚ୍ଛ ଭାରତର ଲକ୍ଷ୍ୟ ପୂରଣ ପାଇଁ ସାରା ଦେଶର ଶକ୍ତି ଓ ସମ୍ବଳ ଉପଯୋଗକୁ ନିଶ୍ଚିତ କରିବା। କୌଣସି ଗୋଟିଏ ସଂସ୍ଥା ଓ ମନ୍ତ୍ରଣାଳୟଦ୍ୱାରା ସ୍ୱଚ୍ଛଭାରତ ଭଳି ଏକ ବିରାଟ କାର୍ଯ୍ୟ ସମ୍ପନ୍ନ ହେବା ସମ୍ଭବ ନୁହେଁ। ସେଥିପାଇଁ ଏଥିରେ ସମସ୍ତଙ୍କୁ ସାମିଲ କରାଯାଇଛି।

**ସବୁ ବିଭାଗର ଦାୟିତ୍ୱ:**

'ସ୍ୱଚ୍ଛତା ସମସ୍ତଙ୍କର ଦାୟିତ୍ୱ'- ଏହା ସ୍ୱଚ୍ଛ ଭାରତ ଅଭିଯାନର କେବଳ ଏକ ସୁନ୍ଦର ସ୍ଲୋଗାନ ନୁହେଁ। ଏଥିରେ ନୀତିଠାରୁ ଆରମ୍ଭ କରି ପ୍ରକଳ୍ପ ପର୍ଯ୍ୟନ୍ତ ଏହାର ସଫଳ ରୂପାୟନ କ୍ଷେତ୍ରରେ ପ୍ରତ୍ୟେକ ସ୍ତରରେ ଉପଯୁକ୍ତ ଉଦ୍ୟମ ଓ ସୁସଂହତ ପଦକ୍ଷେପ ଲୋଡ଼ା। ସ୍ୱଚ୍ଛତା ସହ ସଂପୃକ୍ତ ନ ଥିବା ମନ୍ତ୍ରଣାଳୟ ଓ ବିଭାଗକୁ ଏଥିରେ ସଂପୃକ୍ତ କରାଯାଇଥିବାରୁ ସେମାନେ ନିଜ ମୂଳ ଦାୟିତ୍ୱ ବାହାରେ ଏଥିପାଇଁ ସମୟ ଓ ସମ୍ବଳ ମଧ୍ୟ ଯୋଗାଉଛନ୍ତି। ଏହି ଆନ୍ଦୋଳନର ସଫଳତା ପାଇଁ ସେମାନେ ସବୁମନ୍ତେ ସାହାଯ୍ୟ ସହଯୋଗ କରୁଛନ୍ତି। କେନ୍ଦ୍ରୀୟ ମନ୍ତ୍ରଣାଳୟ ସମୂହକୁ ଏ କ୍ଷେତ୍ରରେ ସହାୟତା କରିବା ପାଇଁ ନାନାବିଧ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ନୀତି ପ୍ରସ୍ତୁତ ହୋଇଛି। ଏହା ଫଳରେ ସ୍ୱଚ୍ଛଭାରତ ଅଭିଯାନରେ ସମସ୍ତଙ୍କର ସହଯୋଗ, ସଂପୃକ୍ତି ରହୁଛି ଓ ଏ କ୍ଷେତ୍ରରେ ସମନ୍ୱୟ ରକ୍ଷା କରାଯାଇପାରିଛି।

**ସ୍ୱଚ୍ଛତା କ୍ରିୟାନୁଷ୍ଠାନ ଯୋଜନା ବା ସ୍ୟାପ୍:**

୨୦୧୭ ଏପ୍ରିଲ ପହିଲାରେ ସ୍ୱଚ୍ଛତା କ୍ରିୟାନୁଷ୍ଠାନ ଯୋଜନା ବା ସ୍ୟାପ୍ ଆରମ୍ଭ ହୋଇଥିଲା। ଏହା ଅଧୀନରେ ସବୁ ମନ୍ତ୍ରଣାଳୟ ଓ ବିଭାଗ ନିଜନିଜର ବାର୍ଷିକ ବଜେଟରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ ଅର୍ଥ ବରାଦର ବ୍ୟବସ୍ଥା କରିଥିଲେ। ଏହା ବଜେଟ ଭିତ୍ତିକ ହୋଇଥିବାରୁ ସଂପୃକ୍ତ ବିଭାଗ ଓ ମନ୍ତ୍ରଣାଳୟ ଏଥିପାଇଁ ଉତ୍ତରଦାୟୀ। ଅତଏବ ସ୍ୱଚ୍ଛଭାରତର ସଫଳତା ପାଇଁ ସବୁ ବିଭାଗ / ମନ୍ତ୍ରଣାଳୟ ନିଜ ନିଜର ମୂଳ ଦାୟିତ୍ୱ ନିର୍ବିଶେଷରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସ୍ୱଚ୍ଛତା କ୍ରିୟାନୁଷ୍ଠାନ ଯୋଜନା ଏକ ନୂଆ ଅଧ୍ୟାୟ ଆରମ୍ଭ କଲା। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟେକ ମନ୍ତ୍ରଣାଳୟ ଓ ବିଭାଗ ସ୍ୱଚ୍ଛତା ପାଇଁ ଅର୍ଥ ବରାଦ କରିବା ଓ କାର୍ଯ୍ୟକ୍ରମ ହାତକୁ ନେବା ବାସ୍ତବରେ ଉତ୍ସାହଜନକ। ୨୦୧୭-୧୮ ଆର୍ଥିକ ବର୍ଷରେ ଏବାବଦରେ ୧୮୧୬୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷ

ସ୍ୱଚ୍ଛତାକୁ ସାଧାରଣଭାବେ ଆମେ ଶରୀରର ଶୁଚି ଓ ଆମ ଚତୁଃପାର୍ଶ୍ୱର ପରିଚ୍ଛନ୍ନତାକୁ ବୁଝୁ। କେହି କେହି ମଧ୍ୟ ଏହାକୁ ମନ ଓ ଆତ୍ମାର ସ୍ୱଚ୍ଛତା ସହ ଯୋଡ଼ନ୍ତି। ପରିଚ୍ଛନ୍ନତା ବ୍ୟକ୍ତିଗତ ବା ସାର୍ବଜନିକ, ପ୍ରତ୍ୟେକ ଲୋକର ଜୀବନକୁ ନାନାଭାବେ ସଂଯୋଗ କରିଥାଏ। ସ୍ୱଚ୍ଛତା ସହ ମଣିଷର ସ୍ୱାସ୍ଥ୍ୟ ଓ ସଂପଦ ସଂଲଗ୍ନ ବୋଲି ଅନେକ ଅନୁଧ୍ୟାନରୁ ପ୍ରମାଣିତ। ତେଣୁ ସ୍ୱଚ୍ଛତାର ମାନଦଣ୍ଡ ଧାର୍ଯ୍ୟ କରି ଏହାର ପରିପାଳନକୁ ସୁନିଶ୍ଚିତ କରିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ସମୂହର ଦାୟିତ୍ୱ। ଏହାର ସ୍ୱରୂପ, ପରିସର ଓ ପ୍ରଭାବ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଗତ ପରିପ୍ରେକ୍ଷୀରେ ଅବଶ୍ୟ ଭିନ୍ନଭିନ୍ନ ହେବ। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ ଏଥିରେ ସମସ୍ତଙ୍କୁ ସାମିଲ ହେବାକୁ ପଡ଼ିବ। ଅତଏବ ପରିଚ୍ଛନ୍ନତା ନିଃସନ୍ଦେହରେ ସମସ୍ତଙ୍କର କାମ, ଜଣକର ଦାୟିତ୍ୱ ନୁହେଁ।

ପାଇଁ ୧୭,୦୦୦ କୋଟି ଟଙ୍କା ବରାଦ କରାଯାଇଛି।

ପ୍ରତ୍ୟେକ ବର୍ଷ ପାଇଁ କାର୍ଯ୍ୟକ୍ରମର ଏକ ସାରାଂଶ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ପ୍ରସ୍ତୁତ ତାଲିକାରେ ମନ୍ତ୍ରଣାଳୟର ସ୍ୱଚ୍ଛତା କାର୍ଯ୍ୟକ୍ରମର ପ୍ରସ୍ତାବନା, ସେବାବଦ ବ୍ୟୟ ଅଟକଳ, ଅର୍ଥ ବରାଦ ଆଦି ଉଲ୍ଲେଖ ରହୁଛି। ବିଭିନ୍ନ ମନ୍ତ୍ରଣାଳୟର ସଚିବମାନଙ୍କୁ ନେଇ ଗଠିତ ଏକ କମିଟି 'ସ୍ୟାପ୍' କାର୍ଯ୍ୟକ୍ରମର ସମୀକ୍ଷା ନିୟମିତ ବ୍ୟବଧାନରେ କରୁଛି।

୨୦୧୮ ବର୍ଷ ପାଇଁ ସ୍ୱଚ୍ଛତା କାର୍ଯ୍ୟାନୁଷ୍ଠାନ ଯୋଜନାର ଶ୍ରେଷ୍ଠ ରୂପାୟନ ପାଇଁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏବଂ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପୁରସ୍କୃତ ହୋଇଛନ୍ତି।

୨୦୧୪ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ଠିକ୍ ସେଇ କାମ ଭାରତରେ ଆରମ୍ଭ କରିଥିଲେ। ମହାତ୍ମା ଗାନ୍ଧୀଙ୍କଠାରୁ ପ୍ରେରଣା ନେଇ ସ୍ୱଚ୍ଛତା ପ୍ରସଙ୍ଗଟିକୁ ସେ ନିବୃତ୍ତ ସ୍ଥାନରୁ ପୁରୋଭାଗକୁ ଆଣିଲେ। ଦେଶର ସବୁ ଗାଁ, ସହର, ଗଳି, ବସ୍ତି, ସ୍କୁଲ, କଲେଜ, ମନ୍ଦିର, ହସ୍‌ପିଟାଲ ଓ ସର୍ବସାଧାରଣ ସ୍ଥଳକୁ ପରିଚ୍ଛନ୍ନ ସ୍ୱଚ୍ଛ ରଖିବାକୁ ସେ ଦେଶର ନାଗରିକଙ୍କୁ ନିବେଦନ କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୨୦୧୪ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ। ଏହା ନିଷ୍ପତ୍ତି ନିଆଗଲା ଯେ ଗାନ୍ଧିଜୀଙ୍କ ସ୍ୱଚ୍ଛଭାରତ ସ୍ୱପ୍ନ ପୂରଣ କରିବା ଉଦ୍ଦେଶ୍ୟରେ ତାଙ୍କର ୧୫୦ତମ ଜୟନ୍ତୀ ଅବସରରେ ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ପରିଚ୍ଛନ୍ନ କରିବା ପାଇଁ ସମଗ୍ର ଦେଶ ମିଳିତ ଭାବେ କାର୍ଯ୍ୟ କରିବ।





**ସ୍ୱଚ୍ଛତା ପକ୍ଷ:**

କୌଣସି ଭଲ କାମ ନିଜ ଠାରୁ ଆରମ୍ଭ ହେଲାଭଳି ସ୍ୱଚ୍ଛତା କାର୍ଯ୍ୟକ୍ରମ ପ୍ରଥମେ ନିଜ ଦ୍ୱାରା ନିଜ ଘରୁ ଆରମ୍ଭ ହେବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ପ୍ରତ୍ୟେକ ଉଦାହରଣ ସୃଷ୍ଟି କରିବା ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ କ୍ରମେ ୨୦୧୬ ଏପ୍ରିଲରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ପ୍ରତି ବର୍ଷ ୧୫ ଦିନ ଦେଶବ୍ୟାପୀ ସ୍ୱଚ୍ଛତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ୪ ରୁ ୫ଟି ମନ୍ତ୍ରଣାଳୟକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏସବୁ ମନ୍ତ୍ରଣାଳୟ ପ୍ରାକ୍ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ନିଜ କାର୍ଯ୍ୟ ପରିସରଭୁକ୍ତ କ୍ଷେତ୍ରରେ ପରିଚ୍ଛନ୍ନତା କାର୍ଯ୍ୟ ହାତକୁ ନେଉଛନ୍ତି। ଏପର୍ଯ୍ୟନ୍ତ ୯୨ଟି ପଖୱାଡ଼ା ପାଳିତ ହୋଇସାରିଛି। ଏହି ପକ୍ଷ ପାଳନ ଅବସରରେ ସଂପୃକ୍ତ ମନ୍ତ୍ରଣାଳୟଗୁଡ଼ିକ ନିଜନିଜର ପରିଚ୍ଛନ୍ନତା କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ https://swachhbharatmission. gov.in./ swachhsamiksha/index.aspx) ଅନ୍‌ଲାଇନ୍ ପୋର୍ଟାଲରେ ତଥ୍ୟ ଉପସ୍ଥାପନ କରୁଛନ୍ତି। ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଘେନି ମନ୍ତ୍ରୀ ଓ ସଚିବମାନେ ପ୍ରସ୍ତୁତି ଏବଂ ସମୀକ୍ଷା ବୈଠକ ମଧ୍ୟ ନିୟମିତ ଭାବେ କରି ଏସବୁର ରୂପାୟନକୁ ନିୟମିତ ଦେଖୁଛନ୍ତି। ଏହାର ଫଳାଫଳ ସମ୍ପର୍କରେ

Swachh Iconic Places



ମଧ୍ୟ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜଣାଇ ଦିଆଯାଉଛି । ବାସ୍ତବରେ ଏହି ୧୫ଦିନ ପାଇଁ ସଂପୃକ୍ତ ମନ୍ତ୍ରଣାଳୟ ଏକ ସ୍ୱଚ୍ଛଭାରତ ମନ୍ତ୍ରଣାଳୟ ଭାବେ କାର୍ଯ୍ୟ କରିଥାଏ । ପଖୱାଡ଼ାର ପ୍ରଦର୍ଶନ ମଧ୍ୟ ସର୍ବୋଚ୍ଚ ସ୍ତରରେ ତଦାରଖ ହୁଏ ।

ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ ନିମନ୍ତେ ପୁରସ୍କାର ବ୍ୟବସ୍ଥା କରିଛନ୍ତି । ସ୍ୱଚ୍ଛଭାରତ ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ମନ୍ତ୍ରଣାଳୟ ବିଭାଗ, ଅନୁଷ୍ଠାନ, ସଂସ୍ଥା, ଉପଖଣ୍ଡ ଆଦିକୁ ଏ କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଉଛି । ଏହି ପୁରସ୍କାର ପାଇଁ ଆଭ୍ୟନ୍ତରୀଣ ପ୍ରତିଯୋଗିତା ଓ ର୍ୟାଙ୍କର ବ୍ୟବସ୍ଥା ରହିଛି । ଆରମ୍ଭ କାଳରୁ ସ୍ୱଚ୍ଛତା ପଖୱାଡ଼ା ଏକ ଧରାବନ୍ଧା କାର୍ଯ୍ୟକ୍ରମରୁ କ୍ରମଶଃ ଏକ ସ୍ଥିର ନିରନ୍ତର ଗଠନମୂଳକ କାର୍ଯ୍ୟକ୍ରମରେ ପରିଣତ ହୋଇ ଏଥିରେ ସବୁ ସରକାରୀ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ପୃକ୍ତ କରିବାରେ ସଫଳ ହୋଇଛି । ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ, ସ୍ୱଚ୍ଛତା ପକ୍ଷ ପାଳନ କରୁଥିବା ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକର ପ୍ରୟାସକୁ ଗତ ଦୁଇ ବର୍ଷ ଧରି ଇୟର ବୁକ୍ ମାଧ୍ୟମରେ ଲିପିବଦ୍ଧ କରିରଖିଛନ୍ତି । ୨୦୧୭ ବର୍ଷ ପାଇଁ ଶ୍ରେଷ୍ଠ ସ୍ୱଚ୍ଛତା ପକ୍ଷ ପାଇଁ ରେଳବାଇ, ଜଳସମ୍ପଦ ତଥା ନଦୀ ଓ ଗଙ୍ଗା ବିକାଶ ଏବଂ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପୁରସ୍କୃତ ହୋଇଛନ୍ତି । ୨୦୧୮-୧୯ ବର୍ଷରେ ୭୬ଟି ମନ୍ତ୍ରଣାଳୟ ସ୍ୱଚ୍ଛତା ପଖୱାଡ଼ା ପାଳନ କରୁଛନ୍ତି ।

**ସ୍ୱଚ୍ଛ ପ୍ରସିଦ୍ଧ ସ୍ଥାନ:**

ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁସାରେ ଇତିହାସ, ଧର୍ମ, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନ ଓ ଅନ୍ୟାନ୍ୟ ଦୃଷ୍ଟିରୁ ଦେଶର ପ୍ରସିଦ୍ଧ ସ୍ଥାନ ଓ ସ୍ଥଳଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏସବୁ ସ୍ଥଳରେ ପରିଚ୍ଛନ୍ନତା ସ୍ତର ବୃଦ୍ଧି ପାଇଲେ ଏହାର ଆକର୍ଷଣ ବଢ଼ିବା ସହ ପର୍ଯ୍ୟଟକ, ଦର୍ଶନାର୍ଥୀଙ୍କ ସଂଖ୍ୟା ମଧ୍ୟ ବଢ଼ିବ । ଏହିସବୁ ସ୍ଥଳଗୁଡ଼ିକ କେବଳ ନୁହେଁ ଏହାର ଆଖପାଖ ଅଞ୍ଚଳକୁ ମଧ୍ୟ ସଫାସୁତୁରା ରଖିବାକୁ ପ୍ରଧାନମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି ।

ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ଏ କ୍ଷେତ୍ରର ଅଂଶୀଦାର ଥିବା ସହରାଞ୍ଚଳ ଓ ଆବାସ ଏବଂ ପର୍ଯ୍ୟଟନ ଓ ସଂସ୍କୃତି, ମନ୍ତ୍ରଣାଳୟ, ବିଭିନ୍ନ ରାଜ୍ୟ ସରକାର, ସ୍ୱାୟତ୍ତଶାସନ ସଂସ୍ଥା, ଟ୍ରଷ୍ଟ, ବିଭିନ୍ନ ତୀର୍ଥ ଓ ପର୍ଯ୍ୟଟନ ସ୍ଥଳର ପରିଚାଳନା କମିଟି ଆଦି ସହ ସମନ୍ୱୟ ରକ୍ଷା କରୁଛି । ଏହି କାର୍ଯ୍ୟରେ ମଧ୍ୟ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ ସଂସ୍ଥା, ଉଦ୍ୟୋଗଜଗତ, ଆର୍ଥିକ ବୈଷୟିକ ଓ ପରିଚାଳନାଗତ ସମର୍ଥନ ଦେଇ ସାହାଯ୍ୟ ସହଯୋଗ କରୁଛନ୍ତି ।

ଏବେ ଦେଶର ଏଭଳି ୩୦ଟି ପ୍ରସିଦ୍ଧ କ୍ଷେତ୍ର / ସ୍ଥଳରେ ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକାରୀ ହେଉଛି । ପର୍ଯ୍ୟାୟକ୍ରମେ ଏହାକୁ ୧୦୦ଟି ପ୍ରସିଦ୍ଧ ସ୍ଥାନରେ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ରଖାଯାଇଛି । ଏହା ଫଳରେ ଏସବୁ ସ୍ଥାନକୁ ଆସୁଥିବା ପର୍ଯ୍ୟଟକ କେବଳ ଉପକୃତ ହେବେ ନାହିଁ, ବରଂ ସେମାନେ ଏକ ଭଲ ଧାରଣା ନେଇ ଫେରିବେ ।

**ଗଙ୍ଗାଗ୍ରାମ:**

ଗଙ୍ଗାଗ୍ରାମ ଭାରତ ସରକାରଙ୍କର ଆଉ ଏକ ଆନ୍ତଃ ମନ୍ତ୍ରଣାଳୟ ପ୍ରୟାସ ଯାହା ସ୍ୱଚ୍ଛ ଭାରତ ଅଭିଯାନ ଓ ଗଙ୍ଗା ସଫେଇ ଅଭିଯାନର ମିଳିତ ପ୍ରୟାସରେ କାର୍ଯ୍ୟକାରୀ ହେଉଛି । ଏହାର ଲକ୍ଷ୍ୟ ହେଲା ଗଙ୍ଗାନଦୀ କୂଳରେ ଥିବା ଗ୍ରାମଗୁଡ଼ିକରେ ପରିଚ୍ଛନ୍ନତା ରକ୍ଷା ଏବଂ ଉତ୍ତମ ସଫେଇ ଭିତ୍ତିଭୂମି ପ୍ରତିଷ୍ଠା । ଏହି ପ୍ରୟାସରେ ଅନ୍ୟାନ୍ୟ ବିଭାଗର ସହଯୋଗ ମଧ୍ୟ ନିଆଯାଉଛି ।

ଗଙ୍ଗାଗ୍ରାମ ପ୍ରକଳ୍ପ ୨୦୧୭ ଅଗଷ୍ଟ ୧୨ ତାରିଖରେ ଆହ୍ଲାବାଦରେ ଅନୁଷ୍ଠିତ ସରପଞ୍ଚମାନଙ୍କର ଏକ ବିରାଟ ସମ୍ମିଳନୀରୁ ଆରମ୍ଭ ହୋଇଥିଲା । ଏଥିରେ ଗଙ୍ଗାକୂଳରେ ଥିବା ୪୪୭୫ ଗାଁକୁ ଖୋଲାରେ ମଳତ୍ୟାଗମୁକ୍ତ ଘୋଷଣା କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ପ୍ରଥମେ ବିଭିନ୍ନ ରାଜ୍ୟର ଗଙ୍ଗାକୂଳବର୍ତ୍ତୀ ୨୪ଟି ଗାଁକୁ ଚିହ୍ନଟ କରାଯାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେସବୁକୁ ଖୋଲା

ମଳତ୍ୟାଗ ବ୍ୟବସ୍ଥାରୁ ମୁକ୍ତ କରିବାକୁ ପାଇଲଟ (ଆଗୁଆ) ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଏହି କାର୍ଯ୍ୟରେ ପୋଖରୀ ଗାଡ଼ିଆର ଜୀର୍ଣ୍ଣୋଦ୍ଧାର, ସିଞ୍ଚନ ଜଳସେଚନ ବ୍ୟବସ୍ଥା, ପର୍ଯ୍ୟଟନର ବିକାଶ, ଶ୍ମଶାନ ଘାଟର ଆଧୁନିକୀକରଣ, ବିଭିନ୍ନ କେନ୍ଦ୍ରୀୟ ଓ ପ୍ରାଦେଶିକ ଯୋଜନାର ସମ୍ମିଶ୍ରଣ, ମଇଳା ପାଣିର ପରିଚାଳନା, କଠିନ ବର୍ଜ୍ୟବସ୍ତୁର ପରିଚାଳନା, ଜଳ ସଂରକ୍ଷଣ ବ୍ୟବସ୍ଥା, ଜୈବିକ କୃଷି, ଔଷଧୀୟ ଗୁଳ୍ମ ଓ ବୃକ୍ଷ ଚାଷ ଏବଂ ଉଦ୍ୟାନକୃଷିକୁ ପ୍ରୋତ୍ସାହନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଗାଁର ଲୋକଙ୍କ ମଧ୍ୟରେ ଖୋଲାରେ ମଳତ୍ୟାଗ କରିବାର ଓ ବର୍ଜ୍ୟବସ୍ତୁକୁ ଇତଃସ୍ତତ ଫିଙ୍ଗିବାର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ଗଙ୍ଗା ସୁରକ୍ଷା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି। ଗଙ୍ଗାଗ୍ରାମ କାର୍ଯ୍ୟକ୍ରମର ମାଲିକାନା ଏବଂ ଏହାର ବିଭିନ୍ନ କାର୍ଯ୍ୟକ୍ରମର ରୂପାୟନ ଦାୟିତ୍ୱ ମଧ୍ୟ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତ କରାଯାଉଛି। ଫଳରେ ଗ୍ରାମବାସୀ ଅଧିକୃତ ଓ ସଶକ୍ତ ହୋଇ ଏ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ଜନ ସହଯୋଗ ଗଙ୍ଗାଗ୍ରାମ ପ୍ରକଳ୍ପର ଏକ ବଡ଼ ଆଧାର।

**ଅଗ୍ରଭାଗରେ ଯୁବକ ଓ ଛାତ୍ର:**

ସ୍ୱଚ୍ଛ ଭାରତରେ ସବୁଠୁ ଅଧିକ ସଫଳ ଅବଦାନ ରହିଛି ଯୁବ ଓ ଛାତ୍ର ସମାଜର। ସେମାନେ ନିଜନିଜର ଶିକ୍ଷାନୁଷ୍ଠାନର ପରିସର ଓ ଆଖପାଖ ଅଞ୍ଚଳକୁ ସଫାସୁତୁରା ରଖିବା ସହ ସେମାନେ ଏକ ପରିବର୍ତ୍ତନର ବାହକ ହେଉଛନ୍ତି। ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଅଲିମ୍ପିକ୍ସ, ସ୍ୱଚ୍ଛ ନିର୍ବାଚନ ଓ ସମାବେଶ ଆଦି ଅବସରରେ ପରିଚ୍ଛନ୍ନତା ରକ୍ଷା କରି ନିଜ ନିଜର ଶିକ୍ଷାନୁଷ୍ଠାନ ଏବଂ ଆଖପାଖ ଅଞ୍ଚଳରେ ସ୍ୱଚ୍ଛଭାରତ ଅଭିଯାନର ବଡ଼ ଦୂତ ପାଲଟିଛନ୍ତି। ସେମାନେ ଏଥିପାଇଁ ଚିତ୍ର ଆଙ୍କୁଛନ୍ତି, ଚିଠି ଲେଖୁଛନ୍ତି, ଚଳଚ୍ଚିତ୍ର ସୁଟିଂ କରୁଛନ୍ତି। ଏସବୁ କାମ ମାଧ୍ୟମରେ ସେମାନେ ସଂପୃକ୍ତ ଗୋଷ୍ଠୀ ଓ ପରିବାରଙ୍କୁ ପରିଚ୍ଛନ୍ନତାର ବାର୍ତ୍ତା ଦେବା ସହ ଯେଉଁଠି ଶୌଚାଳୟ ନାହିଁ ସେଠାରେ ତିଆରି କରିବାକୁ ଦାବି ଉପସ୍ଥାପନ କରୁଛନ୍ତି।

ସ୍କୁଲ ପିଲାଙ୍କ ଭଳି ଯୁବବର୍ଗ ମଧ୍ୟ ଏହି ଅଭିଯାନରେ ଘରକୁ ଘର ବୁଲି ଏ ନେଇ ସଚେତନତା ସୃଷ୍ଟି କରୁଛନ୍ତି। ସେମାନେ କାନ୍ଥବାଡ଼ରେ ସ୍ୱଚ୍ଛତା ଚିତ୍ର ଆଙ୍କୁଛନ୍ତି ଓ ବାର୍ତ୍ତା ଲେଖୁଛନ୍ତି। ସାଧାରଣ ସ୍ଥାନକୁ ସଫା କରୁଛନ୍ତି ଏବଂ ଲୋକଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଉଛନ୍ତି। ଯୁବବର୍ଗ ସ୍ୱଚ୍ଛତା ସ୍ୱେଚ୍ଛାସେବୀ ବାହିନୀର ଏକ ଅଦମନୀୟ ଶକ୍ତି ପାଲଟିଛି।

ସ୍ୱଚ୍ଛ ଭାରତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଲେଜ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ପ୍ରତିବର୍ଷ ଗ୍ରୀଷ୍ମକାଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ଅତି କମ୍‌ରେ ପ୍ରତ୍ୟେକ ୧୦୦ ଘଣ୍ଟା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପ୍ରତିବର୍ଷ ମେ'ରୁ ଜୁଲାଇ

ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ ନିମନ୍ତେ ପୁରସ୍କାର ବ୍ୟବସ୍ଥା କରିଛନ୍ତି। ସ୍ୱଚ୍ଛଭାରତ ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ମନ୍ତ୍ରଣାଳୟ ବିଭାଗ, ଅନୁଷ୍ଠାନ, ସଂସ୍ଥା, ଉପଖଣ୍ଡ ଆଦିକୁ ଏ କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଉଛି। ଏହି ପୁରସ୍କାର ପାଇଁ ଆଭ୍ୟନ୍ତରୀଣ ପ୍ରତିଯୋଗିତା ଓ ର୍ୟାଙ୍କର ବ୍ୟବସ୍ଥା ରହିଛି। ଆରମ୍ଭ କାଳରୁ ସ୍ୱଚ୍ଛତା ପଖୱାଡ଼ା ଏକ ଧରାବନ୍ଧା କାର୍ଯ୍ୟକ୍ରମରୁ କ୍ରମଶଃ ଏକ ସ୍ଥିର ନିରନ୍ତର ଗଠନମୂଳକ କାର୍ଯ୍ୟକ୍ରମରେ ପରିଣତ ହୋଇ ଏଥିରେ ସବୁ ସରକାରୀ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ପୃକ୍ତ କରିବାରେ ସଫଳ ହୋଇଛି। ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ, ସ୍ୱଚ୍ଛତା ପକ୍ଷ ପାଳନ କରୁଥିବା ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକର ପ୍ରୟାସକୁ ଗତ ଦୁଇ ବର୍ଷ ଧରି ଇୟର ବୁକ୍ ମାଧ୍ୟମରେ ଲିପିବଦ୍ଧ କରିରଖୁଛନ୍ତି। ୨୦୧୭ ବର୍ଷ ପାଇଁ ଶ୍ରେଷ୍ଠ ସ୍ୱଚ୍ଛତା ପକ୍ଷ ପାଇଁ ରେଳବାଇ, ଜଳସମ୍ପଦ ତଥା ନଦୀ ଓ ଗଙ୍ଗା ବିକାଶ ଏବଂ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପୁରସ୍କୃତ ହୋଇଛନ୍ତି। ୨୦୧୮-୧୯ ବର୍ଷରେ ୭୬ଟି ମନ୍ତ୍ରଣାଳୟ ସ୍ୱଚ୍ଛତା ପକ୍ଷ ପାଳନ କରୁଛନ୍ତି।








ମଧ୍ୟରେ ଖରାଛୁଟିରେ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମ ମାନବସମ୍ବଳ ମନ୍ତ୍ରଣାଳୟ ଓ ଯୁବ ଏବଂ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟଙ୍କ ସହଯୋଗରେ କାର୍ଯ୍ୟକାରୀ କରୁଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ସିଧାସଳଖ ଏହି ଯୁବ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ବିଭିନ୍ନ ଗ୍ରାମରେ ସ୍ଥାନୀୟ ଲୋକଙ୍କ ସହ ଯୁବକ ଓ ଛାତ୍ରମାନେ ଉତ୍ସାହିତ ହୋଇ ସାମିଲ ହେବା ସହ ପରିଚ୍ଛନ୍ନତା ରକ୍ଷା କାର୍ଯ୍ୟରେ ସାହାଯ୍ୟ ସହଯୋଗ ଯୋଗାଇଦେଉଛନ୍ତି। ଏହାଛଡ଼ା ବୃତ୍ତିଗତ ବିକାଶ ପାଇଁ ସ୍ୱଚ୍ଛ ଭାରତରେ ସମ୍ପୃକ୍ତ ଯୁବଗୋଷ୍ଠୀଙ୍କୁ ପ୍ରତିଯୋଗିତା ଭିତ୍ତିରେ ମାନପତ୍ର, ଏକାଡେମିକ କ୍ରେଡିଟ୍ ଓ ପୁରସ୍କାର ଆଦି ପ୍ରଦାନର ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛତା ଜନିତ ଶ୍ରମଦାନ ଓ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ପ୍ରାୟ ଚାରିଲକ୍ଷ ଯୁବକ ଯୁବତୀ ଅଂଶଗ୍ରହଣ କରିଛନ୍ତି।

**ଉଦ୍ୟୋଗଜଗତର ସହଭାଗିତା:**

ଉଦ୍ୟୋଗ ଜଗତରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମକୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ମିଳୁଛି। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ନିମନ୍ତେ ଯେଉଁ ସ୍ୱଚ୍ଛ ଭାରତ କୋଷ ଗଠନ କରାଯାଇଛି ସେଥିପାଇଁ ବ୍ୟକ୍ତିବିଶେଷ ଓ ବେସରକାରୀ ଉଦ୍ୟୋଗ, ସଂଗଠନ ଓ ଗୋଷ୍ଠୀଙ୍କଠାରୁ ଅର୍ଥ ଦାନ ଆକାରରେ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। ୨୦୧୮ ମାର୍ଚ୍ଚ ସୁଦ୍ଧା ଏହି କୋଷକୁ ମୋଟ ୮୩୯ କୋଟି ୩୦ଲକ୍ଷ ଟଙ୍କା ମିଳିଛି। ବିଭିନ୍ନ ସ୍ଥିରୀକୃତ ଓ ଚିହ୍ନଟ କ୍ଷେତ୍ରର ପରିଚ୍ଛନ୍ନତା ରକ୍ଷା ପାଇଁ ଏହି ଅର୍ଥ ବ୍ୟୟ କରାଯାଉଛି। ଟାଟା ଟ୍ରଷ୍ଟ ଓ ପାନୀୟ ଜଳ ଏବଂ ପରିମଳ ମନ୍ତ୍ରଣାଳୟ ମଧ୍ୟରେ ଏଥିପାଇଁ ହୋଇଥିବା ଚୁକ୍ତି ଏ କ୍ଷେତ୍ରରେ ଏକ ବଡ଼ ଉଦାହରଣ। ଏହି ଚୁକ୍ତି ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟକରିବାକୁ ଯୁବ ପେସାଦାର ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏମାନଙ୍କୁ ଜିଲ୍ଲା ସ୍ୱଚ୍ଛଭାରତ ପ୍ରେରକ କୁହାଯିବ। ଟାଟା ଟ୍ରଷ୍ଟ ଏଭଳି ୪୭୫ ଉତ୍ସର୍ଗୀକୃତ ଯୁବ ପେସାଦାରଙ୍କୁ ଆବଶ୍ୟକ ତାଲିମ ଦେଇ ନିଯୁକ୍ତ କରିଛି। ସେମାନେ ଜିଲ୍ଲାସ୍ତରରେ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମର ନକ୍ସା ପ୍ରସ୍ତୁତ କରିବା ସହ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ରୂପାୟନ ବ୍ୟବସ୍ଥାର ତଦାରଖ କରିବେ। ସ୍ୱଚ୍ଛଭାରତ କାର୍ଯ୍ୟକାରିତା ବର୍ଗର ସେମାନେ ଏବେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ପାଲଟିଛନ୍ତି। ସେହିଭଳି ବିଭିନ୍ନ ଉଦ୍ୟୋଗର ପ୍ରତିନିଧିତ୍ୱ କରୁଥିବା ଇଣ୍ଡିଆନ ସାନିଟେସନ କୋଆଲିସନ ନାମକ ଏକ ସଂଗଠନ ବିଭିନ୍ନ ରାଜ୍ୟରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା କ୍ଷେତ୍ରରେ କାମ କରିବା ସହ ସ୍ୱଚ୍ଛ ଭାରତ ଅଭିଯାନକୁ ସମର୍ଥନ ଯୋଗାଇ ଦେଉଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନର ପ୍ରଚାର ପାଇଁ ବିଭିନ୍ନ ଉଦ୍ୟୋଗ ମଧ୍ୟ ମୋଟା ଅଙ୍କର ଅର୍ଥ ସାହାଯ୍ୟ ଆକାରରେ ଯୋଗାଇଛନ୍ତି।

**ଗଣମାଧ୍ୟମର ସହଯୋଗ:**

ସ୍ୱଚ୍ଛଭାରତ ଅଭିଯାନ ପ୍ରତି ଗଣମାଧ୍ୟମର ସକାରାତ୍ମକ ଦୃଷ୍ଟିକୋଣ ରହିଛି। ଏହା ଅପରିଚ୍ଛନ୍ନତା ଓ ଅସ୍ୱାସ୍ଥ୍ୟକର ପରିବେଶର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ଲୋକଙ୍କ ଆଚରଣ / ବ୍ୟବହାର ପରିବର୍ତ୍ତନରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମ ଅନେକ ରିପୋର୍ଟ, ଖବର, ସ୍ୱତନ୍ତ୍ର ଖବର, ପ୍ରବନ୍ଧ, ସମ୍ପାଦକୀୟ ଓ ଆଲୋଚନାମାନ ପ୍ରକାଶ କରି ସମାଜର ସବୁ ବର୍ଗଙ୍କ ପାଖରେ ଏହାର ଅସଲ ବାର୍ତ୍ତା ପହଞ୍ଚାଇବାରେ ଉଦ୍ୟମ କରୁଛି।

**ସ୍ୱଚ୍ଛତା ଦୂତ:**

କୋଟି କୋଟି ଭାରତୀୟଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ଅକପଟ ସମର୍ଥନ ଓ ସହଯୋଗ ଯୋଗାଇ ଦିଆଯାଉଛି। ଧନୀ, ଦରିଦ୍ର, ଯୁବ, ପ୍ରୌଢ଼, ସାଧାରଣ ଲୋକ ଓ ବିଶିଷ୍ଟ ବ୍ୟକ୍ତି ନିର୍ବିଶେଷରେ ଏଥିପାଇଁ ସମସ୍ତେ ଯଥାସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇ ସ୍ୱଚ୍ଛତା କ୍ଷେତ୍ରରେ ଏକ ଅଧ୍ୟାୟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି।

ବଲିଉଡ୍, କ୍ରୀଡ଼ାଜଗତ ଓ ଅନ୍ୟାନ୍ୟ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ସେମାନଙ୍କ ବ୍ୟସ୍ତବହୁଳ ଦୈନନ୍ଦିନ କାର୍ଯ୍ୟରୁ ସମୟ ବାହାର କରି ସ୍ୱଚ୍ଛ ଭାରତ ପାଇଁ କାମ କରୁଛନ୍ତି। ଏହିସବୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ବାର୍ତ୍ତା ଓ ସନ୍ଦେଶ ଆଦିକୁ ଦୃଶ୍ୟଶ୍ରାବ୍ୟ ବ୍ୟବସ୍ଥାରେ ଲୋକଙ୍କ ପାଖରେ ପହଞ୍ଚାଯାଉଛି। ଶୌଚାଳୟ ବ୍ୟବହାର ପାଇଁ ଏମାନଙ୍କ ବାର୍ତ୍ତା ଜନସାଧାରଣଙ୍କୁ ପ୍ରଭାବିତ କରୁଛି। ଟଏଲେଟ୍: ଏକ୍ ପ୍ରେମ୍ କଥା, ପ୍ୟାଡ୍‌ମ୍ୟାନ୍, ହଲ୍‌କା, ଗୁଟର୍ ଗୁ ଭଳି ଏ ସଂକ୍ରାନ୍ତ କେତେକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇ ଲୋକଙ୍କ ମଧ୍ୟରେ ସ୍ୱଚ୍ଛ ଭାରତ ବାର୍ତ୍ତା ପ୍ରଚାର କରାଯାଉଛି।

**ସମସ୍ତଙ୍କ କାର୍ଯ୍ୟ:**

ଶେଷରେ ସେହି ସାଧାରଣ ମଣିଷଙ୍କ କଥା, ଯେଉଁମାନେ ସ୍ୱଚ୍ଛତା ଲଢ଼େଇର ପ୍ରକୃତ ନେତୃତ୍ୱ ନେଉଛନ୍ତି। ସ୍ୱଚ୍ଛତା ସପକ୍ଷରେ ଯେଉଁ ଅଭୂତପୂର୍ବ ଜନ ଆନ୍ଦୋଳନ ସୃଷ୍ଟି ହୋଇଛି ତା'ପଛରେ ରହିଛି ଲୋକଙ୍କ ନିଃସର୍ତ୍ତ ସମର୍ଥନ। ନିକଟରେ ଶେଷ ହୋଇଥିବା ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ସ୍ୱଚ୍ଛତା ସମାବେଶରେ ଏକ ସ୍ୱଚ୍ଛଭାରତ ଗଠନର ଗୁରୁତ୍ୱ ଏବଂ ଏଥିରେ ଜନସହଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। 'ଜନଆନ୍ଦୋଳନ'ର ଏହି ସୁନ୍ଦର ବାକ୍ୟାଂଶ ଏବେ ସ୍ୱଚ୍ଛ ଭାରତ ପ୍ରସଙ୍ଗରେ ନିନାଦିତ ହେଉଛି।

ସ୍ୱଚ୍ଛତା ହିଁ ସେବା ଅଭିଯାନ (୨୦୧୭-୧୮), ଚମ୍ପାରଣ ଚାଲ, ଖୋଲା ମଳତ୍ୟାଗ ମୁକ୍ତ ସପ୍ତାହ ଓ ପକ୍ଷ ପାଳନ ଭଳି ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିୟୁତ ନିୟୁତ ଲୋକ ସାମିଲ ହୋଇଛନ୍ତି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛଭାରତ ଅଭିଯାନକୁ ଏକ ସ୍ଥାୟୀ ନିରନ୍ତର ପ୍ରକ୍ରିୟାରେ ପରିଣତ କରିବାକୁ ପ୍ରୟାସ ଅବ୍ୟାହତ ରହିଛି। ଶୌଚାଳୟ ପାଇଁ ଖାତ ଖୋଳା, ଖାତ ସଫେଇ ଓ ସେଇଭଳି ବିଭିନ୍ନ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ବିଶେଷ, ସରକାରୀ ଅଧିକାରୀ ଓ ସାଧାରଣ ଲୋକ ସାମିଲ ହୋଇ ଶ୍ରମ ଦାନ କରିବା ସହ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଛନ୍ତି। ପରିଚ୍ଛନ୍ନତା ଓ ସଫେଇ ନେଇ ଯେଉଁ ସାମାଜିକ କଳଙ୍କ ଓ ଭ୍ରାନ୍ତଧାରଣା ରହିଛି ତାହାକୁ ଦୂର କରିବାରେ ଏହା ସହାୟକ ହେଉଛି। ବିଭିନ୍ନ ଧର୍ମ ଓ ସଂପ୍ରଦାୟର ନେତାମାନେ ମଧ୍ୟ ଏଥିରେ ସାମିଲ ହୋଇ ସେମାନଙ୍କର ଅନୁଗାମୀମାନଙ୍କୁ ସ୍ୱଚ୍ଛତା କ୍ଷେତ୍ରରେ ଅନୁପ୍ରାଣିତ କରୁଛନ୍ତି।

ସ୍ୱଚ୍ଛଭାରତ ଅଭିଯାନରେ ମହିଳାମାନଙ୍କ ନେତୃତ୍ୱ ଓ ଯୋଗଦାନ ମଧ୍ୟ ଉଲ୍ଲେଖନୀୟ। ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପ୍ରସ୍ତୁତି ଅବସରରେ ୨୦୧୭ ଓ ୨୦୧୮ରେ 'ସ୍ୱଚ୍ଛ ଶକ୍ତି' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ମହିଳାମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏ ବର୍ଷ ଜୁଲାଇରେ 'ସ୍ୱଚ୍ଛ ଜୀବିକା ସ୍ୱଚ୍ଛ ବିହାର' ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟାଙ୍କ ଘରେ ଏହି ଅଭିଯାନ ମାଧ୍ୟମରେ ନିରାପଦ ପରିମଳ ବ୍ୟବସ୍ଥା କରାଯାଉଛି। 'ଜୀବିକା' ଭଉଣୀମାନଙ୍କ ନେତୃତ୍ୱରେ ୧୦ ଲକ୍ଷ ଯମଜ ପିଟ୍ ଯୁକ୍ତ ଶୌଚାଳୟ ନିର୍ମାଣ କରାଯାଇଛି।

**ମିଳିତ କାର୍ଯ୍ୟାନୁଷ୍ଠାନ:**

ସ୍ୱଚ୍ଛ ଭାରତ ମିଶନ କ'ଣ ତାହା ଉପରେ ବର୍ଣ୍ଣିତ କାହାଣୀ ସବୁ ଦର୍ଶାଉଛି। ବିଶ୍ୱର ଏହି ସର୍ବବୃହତ୍ ଅଭ୍ୟାସ ପରିବର୍ତ୍ତନକାରୀ କାର୍ଯ୍ୟକ୍ରମ କେବଳ ଏକ ଆକସ୍ମିକ ନୁହେଁ। ଏଥିରେ ସବୁ ସଂପୃକ୍ତ ପକ୍ଷଙ୍କୁ ସାମିଲ କରିବାର ବିଚାରବନ୍ତ ପ୍ରୟାସ କରାଯାଇଛି। ନିଜନିଜର ପ୍ରଭାବ ଥିବା କ୍ଷେତ୍ରରେ ପ୍ରତ୍ୟେକ ଲୋକ ସ୍ଥାୟୀ ନିରନ୍ତର ସ୍ୱଚ୍ଛତା ପାଇଁ ନିଜ ନିଜର ଯୋଗଦାନ ଦେଲେ ଏହି ଅଭିଯାନ ଅବଶ୍ୟ ସଫଳ ହେବ। ହଁ, କାରଣ ସ୍ୱଚ୍ଛତା ରକ୍ଷା ସମସ୍ତଙ୍କର କାମ।

ସ୍ୱଚ୍ଛ ଭାରତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଲେଜ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ପ୍ରତିବର୍ଷ ଗ୍ରୀଷ୍ମକାଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ଅତି କମ୍‌ରେ ପ୍ରତ୍ୟେକ ୧୦୦ ଘଣ୍ଟା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପ୍ରତିବର୍ଷ ମେ'ରୁ ଜୁଲାଇ ମଧ୍ୟରେ ଖରାଛୁଟିରେ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମ ମାନବସମ୍ବଳ ମନ୍ତ୍ରଣାଳୟ ଓ ଯୁବ ଏବଂ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟଙ୍କ ସହଯୋଗରେ କାର୍ଯ୍ୟକାରୀ କରୁଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ସିଧାସଳଖ ଏହି ଯୁବ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ବିଭିନ୍ନ ଗ୍ରାମରେ ସ୍ଥାନୀୟ ଲୋକଙ୍କ ସହ ଯୁବକ ଓ ଛାତ୍ରମାନେ ଉତ୍ସାହିତ ହୋଇ ସାମିଲ ହେବା ସହ ପରିଚ୍ଛନ୍ନତା ରକ୍ଷା କାର୍ଯ୍ୟରେ ସାହାଯ୍ୟ ସହଯୋଗ ଯୋଗାଇଦେଉଛନ୍ତି। ଏହାଛଡ଼ା ବୃତ୍ତିଗତ ବିକାଶ ପାଇଁ ସ୍ୱଚ୍ଛ ଭାରତରେ ସମ୍ପୃକ୍ତ ଯୁବଗୋଷ୍ଠୀଙ୍କୁ ପ୍ରତିଯୋଗିତା ଭିତ୍ତିରେ ମାନପତ୍ର, ଏକାଡେମିକ କ୍ରେଡିଟ୍ ଓ ପୁରସ୍କାର ଆଦି ପ୍ରଦାନର ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛତା ଜନିତ ଶ୍ରମଦାନ ଓ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ପ୍ରାୟ ଚାରିଲକ୍ଷ ଯୁବକ ଯୁବତୀ ଅଂଶଗ୍ରହଣ କରିଛନ୍ତି।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ଅନ୍ତର୍ଗତ ସ୍ୱଚ୍ଛ ଭାରତ ଅଭିଯାନର ମହାନିର୍ଦ୍ଦେଶକ।**
**E-mail: akashy.rout@gmail.com**

# ବିଭିନ୍ନ ରାଜ୍ୟ ଏବଂ ସହରର ସଫଳ କାହାଣୀ

● ଛତିଶଗଡ଼ ରାଜ୍ୟ ଶୂନ୍ୟ ବର୍ଜ୍ୟବସ୍ତୁ ପ୍ରକଳ୍ପ ଅଧିନରେ ଜିରୋ ଲ୍ୟାଣ୍ଡଫିଲ୍ ରାଜ୍ୟ ଭାବେ ପରିଣତ ହେବାକୁଯାଉଛି। ଉଦାହରଣ ସ୍ୱରୂପ ରାଜ୍ୟର ଅମ୍ବିକାପୁର ସହର ପାଇଁ ଆବର୍ଜନା ସକାଶେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ। ବରଂ ସେଠାରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ସହରରୁ ନିର୍ଗତ ହେଉଥିବା ୯୦ ପ୍ରତିଶତ ଆବର୍ଜନାକୁ ଅଲଗା କରାଯାଇ ପ୍ରତ୍ୟେକ ମାସରେ ୧୩ ଲକ୍ଷ ଟଙ୍କା ଆୟ କରାଯାଇଥାଏ।

● କେରଳରେ ବିକେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ସେଠାରେ ଘରୋଇ ସ୍ତରରେ ମଧ୍ୟ ପାଇପ୍ କମ୍ପୋଷ୍ଟ ଏବଂ ବାୟୋ ଗ୍ୟାସ୍ ପ୍ଲାଣ୍ଟ୍ ଆଦି ସ୍ଥାପନ କରାଯାଇଛି। ବାସ୍ତବରେ କେରଳର ଆଲାପୁଝା ସହର ହେଉଛି ମିଳିତ ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ ଦ୍ୱାରା ଚିହ୍ନିତ ବିଶ୍ୱର ୫ଟି ସହର ମଧ୍ୟରୁ ଏପରି ଏକ ସହର ଯେଉଁଠାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ସଫଳ ଉଦ୍ୟମ କରାଯାଇଛି।

● ଗୋଆ ରାଜ୍ୟ ପ୍ରମାଣିତ କରିଛି ଯେ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଦ୍ୱାରା କିଭଳି ଏହାର ସଦୁପଯୋଗ କରାଯାଇପାରେ। ଗୋଆରେ ଶତପ୍ରତିଶତ ଅଧିବାସୀଙ୍କ ଠାରୁ ଆବର୍ଜନା ସଂଗ୍ରହ କରାଯାଏ। ଅଧିକାଂଶ ଆବାସିକ ସୋସାଇଟିଗୁଡ଼ିକରେ ଏଭଳି ଆବର୍ଜନାକୁ କମ୍ପୋଷ୍ଟରେ ପରିଣତ କରିବା ପାଇଁ ଏବଂ କିଚେନ୍ ଗାର୍ଡେନ୍‌ରେ ବ୍ୟବହାର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଛି।

● ଗ୍ୟାଙ୍ଗଟକ୍ ସହରର ଶତପ୍ରତିଶତ ଆବର୍ଜନାକୁ ପୃଥକୀକରଣ କରାଯାଇ ସେଗୁଡ଼ିକୁ ପରିଚାଳନା କରାଯାଏ।

● ଇନ୍ଦୋର, ଭୋପାଳ ଏବଂ ଜବଲପୁର ସହରରେ ଉତ୍ସଠାରେ ହିଁ ଶତପ୍ରତିଶତ ଆବର୍ଜନା ପୃଥକୀକରଣ କାର୍ଯ୍ୟ କରାଯାଏ।

● ନବୀ ମୁମ୍ବାଇରେ ମଧ୍ୟ ଉତ୍ସଠାରେ ହିଁ ୮୮ ପ୍ରତିଶତ ଆବର୍ଜନା ପୃଥକୀକରଣ କରାଯାଏ।

● ବୃହତ୍ ଆବର୍ଜନା ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ସକାଶେ ବାଙ୍ଗାଲୁରୁ ଠାରେ ଏକ ଅଭିନବ ଅନ୍‌ଲାଇନ୍ ପୋର୍ଟାଲ ବିକଶିତ କରାଯାଇଛି। ଆବର୍ଜନା ପରିଚାଳନା ସଂକ୍ରାନ୍ତୀୟ ପରାମର୍ଶ ଦେବା ସକାଶେ ଏହି ପୋର୍ଟାଲ୍‌ଟି ଉଦ୍ଦିଷ୍ଟ।

● ନାଗପୁର ଠାରେ ଜିଓ ଟ୍ୟାଗିଂ ପଦ୍ଧତି ମାଧ୍ୟମରେ ପରିମଳ କର୍ମଚାରୀଙ୍କ ଉପସ୍ଥାନ ଏବଂ ସେମାନଙ୍କ କାର୍ଯ୍ୟ ନିର୍ଘଣ୍ଟ ତଦାରଖ କରାଯାଏ।

● ସୁସ୍ଥ ବର୍ଜ୍ୟବସ୍ତୁରୁ ଆଲିଗଡ଼ ସହରରେ ମ୍ୟାଜିକ୍ ଇଟା ପ୍ରସ୍ତୁତ କରାଯାଇ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଉପଯୋଗ କରାଯାଉଛି।

● ମହାରାଷ୍ଟ୍ରର ସସ୍‌ଭାଡ୍ ଠାରେ ଏକ ଅଭିନବ କଲର କୋଡ୍ ମାଧ୍ୟମରେ ବର୍ଜ୍ୟବସ୍ତୁ ପୃଥକୀକରଣ କରୁଥିବା ଓ କରୁନଥିବା ଘରଗୁଡ଼ିକୁ ଚିହ୍ନଟ କରାଯାଉଛି।

● ଝାଡ଼ଖଣ୍ଡରେ ମଧ୍ୟ ଘରଗୁଡ଼ିକ ପାଇଁ ଏଭଳି କଲର କୋଡ୍‌ର ବ୍ୟବସ୍ଥା କରାଯାଇଛି। ତେବେ ଏହି ବ୍ୟବସ୍ଥା ବର୍ଜ୍ୟବସ୍ତୁକୁ ନ ନେଇ ଖୋଲାରେ ମଳତ୍ୟାଗ କରୁଥିବା ଏବଂ ଘରେ ନିଜ ଶୌଚାଳୟରେ ମଳତ୍ୟାଗ କରୁଥିବା ପରିବାରଗୁଡ଼ିକୁ ଚିହ୍ନଟ କରାଯାଉଛି।

# ଇସ୍ପାତ ଉଦ୍ୟୋଗ ସମ୍ପର୍କିତ କର୍ମଶାଳା




ଇସ୍ପାତ କ୍ଷେତ୍ରରେ କ୍ୟାପିଟାଲ୍ ଗୁଡ୍ ମାମଲାରେ ଓଡିଶା ଭାରତର କେନ୍ଦ୍ରବିନ୍ଦୁ ହେବାସହ ଖୁବଶୀଘ୍ର ପଡୋଶୀ ପ୍ରତିଯୋଗୀ ଦୁବାଇ ଓ ସିଂଗାପୁର ଭଳି ଦେଶଗୁଡିକୁ ସାମ୍ନା କରି ଆଗକୁ ବଢିବାର ପୁରା ସମ୍ଭାବନା ଅଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାଦ୍ୱାରା ଓଡ଼ିଆ ଯୁବପିଢୀର ରୋଜଗାର ଓ ବାଣିଜ୍ୟ ବଢ଼ିବ ବୋଲି ଭୁବନେଶ୍ୱର ଠାରେ କ୍ୟାପିଟାଲ ଗୁଡସ ଇନ୍ ଷ୍ଟିଲ ସେକ୍ଟର-ମ୍ୟାନୁଫ୍ୟାକଚର ଇନ୍ ଇଣ୍ଡିଆ ଶୀର୍ଷକ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ଅୟୋଜିତ ଏକ କର୍ମଶାଳାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହା କହିଛନ୍ତି ।

ସମବେତ ବିଶ୍ୱସ୍ତରୀୟ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ହଜାର ବର୍ଷ ପୂର୍ବେ ଓଡିଆମାନେ ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିର ତିଆରି କରିଥିଲେ । ଏହା ଓଡିଆ ଜାତିର କ୍ୟାପିଟାଲ ଗୁଡ୍ ନିର୍ମାଣର ଲମ୍ବା ଇତିହାସର ପ୍ରମାଣ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, କେବଳ ଇସ୍ପାତ ନୁହେଁ, ଅନେକ କ୍ଷେତ୍ରରେ ଓଡିଶା ପ୍ରଗତୀର ରାସ୍ତାରେ ଯିବାର ବଡ ସମ୍ଭାବନା ରହିଛି । ଆଜି ଦିନରେ ୫୦ ମିଲିୟନ୍ ଟନ୍ ଇସ୍ପାତ ଉତ୍ପାଦନ ଆଗାମୀ ୧୦ ବର୍ଷରେ ୧୦୦ ମିଲିୟନ ହେବ । ଲୁହାପଥର, କୋଇଲା, ଆଲୁମିନିୟମ, ମାଙ୍ଗାନିଜ୍ ଉତ୍ପାଦନ ୨୦୦ ମିଲିୟନ ମେଟ୍ରିକ୍ ଟନ୍ ରୁ ୫୦୦ ମିଲିୟନ୍ ମେଟ୍ରିକ୍ ଟନ୍ ହେବ । ବିଜୁଳି ଉତ୍ପାଦନ ୨୫ ହଜାର ମେଗାଓାଟ୍ ଓ ୨୦ ମେଟ୍ରିକ ଟନ୍‌ର ତୈଳ ବିଶୋଧନ କ୍ଷମତା ଓଡିଶାରେ ଉପଲବ୍ଧ ହେବ । କେନ୍ଦ୍ର ଭାରି ଶିଳ୍ପ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ମୁଖ୍ୟମନ୍ତ୍ରୀ ଚିଠି ନ ଦେଇଥିଲେ ମଧ୍ୟ ଭାରତ ସରକାରଙ୍କ ତରଫରୁ ଓଡିଶାରେ କ୍ୟାପିଟାଲ୍ ଗୁଡର ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟ ସରକାର ଏଥିରେ ଥିବା ତାଙ୍କ ଦାୟିତ୍ୱକୁ ନିଶ୍ଚିତ ଭାବେ ପାଳନ କରି କାମକୁ ଆଗେଇ ନେବେ ।

ଶ୍ରୀ ପ୍ରଧାନ କହିଛନ୍ତି ମୋଦି ସରକାରଙ୍କର ପୂର୍ବଭାରତକୁ ଗୁରୁତ୍ୱ ନୀତି କାରଣରୁ ଓଡିଶାରେ ଭିତ୍ତିଭୂମି ବିକାଶରେ ଭଲ ପ୍ରଗତି ହୋଇଛି । ପୂର୍ବରୁ ରେଳ ବିକାଶରେ ୧୦୦୦ କୋଟି ଟଙ୍କା ମିଳୁନଥିବା ବେଳେ

## ସାମ୍ପ୍ରତୀକି

୪ ବର୍ଷରେ ବର୍ଷକୁ ୫ ହଜାର କୋଟି ହିସାବରେ ୨୦ ହଜାର କୋଟିଟଙ୍କା ମିଳିଛି । ରାଜ୍ୟରେ ଥିବା ୫ ହଜାର କିଲୋମିଟର ଜାତୀୟ ରାଜମାର୍ଗରେ ଆଉ ୫ ହଜାର କିଲୋମିଟର ଯୋଡାହେବାର ବ୍ୟବସ୍ଥା ହୋଇଛି । ପାରାଦ୍ୱୀପକୁ ସଂଯୋଗ କରୁଥିବା ଜାତୀୟରାଜମାର୍ଗକୁ ୮ ଲାଇନ୍ ବିଶିଷ୍ଟ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି । ଜଳପଥ ନିର୍ମାଣ କାର୍ଯ୍ୟ ଚାଲିଛି । ପାରାଦ୍ୱୀପ ବନ୍ଦର ପଣ୍ୟକାରବାରରେ ଦେଶର ଦ୍ୱିତୀୟ ବୃହତ୍ତ ବନ୍ଦର ହେଲାଣି । ରାଜ୍ୟର ୪୫୦ କିଲୋମିଟରର ଲମ୍ବା ଉପକୂଳ ରାଜ୍ୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ଉର୍ଜାଗଙ୍ଗା ଯୋଜନାରେ କେବଳ ଓଡିଶାରେ ୭୫୦ କିଲୋମିଟରର ଗ୍ୟାସ ପାଇପ ଲାଇନ୍ ବିଛାଯାଉଛି । ଯାହାଦ୍ୱାରା ଅନୁଗୁଳ, ଝାରସୁଗୁଡା, ରାଉରକେଲା ଶିଳ୍ପାଚଂଳର ଇସ୍ପାତ ଶିଳ୍ପ ବିକାଶରେ ବଡ ଭୂମିକା ନେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହାସହ ଦେଶରେ ୧୨ଟି ବାୟୋଫୁଏଲ ଉତ୍ପାଦନ କେନ୍ଦ୍ର ମଧ୍ୟରୁ ଗୋଟିଏ ଓଡିଶାରେ ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି କେବଳ ଭାରତ ନୁହେଁ ବିଶ୍ୱର ମାଇନ୍, ମିନେରାଲ କ୍ଷେତ୍ରରେ ଉତ୍ପାଦନ ଓ ଜ୍ଞାନର କେନ୍ଦ୍ର ଓଡିଶା ହେବାକୁଯାଉଛି ।

# ରଣନୈତିକ ତୈଳ ଭଣ୍ଡାର ପାଇଁ ରୋଡ ଶୋ'ର ଶୁଭାରମ୍ଭ କଲେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଅକ୍ଟୋବର ୧୭ ତାରିଖ ଦିନ ଦେଶର ଶକ୍ତି ନିରାପତ୍ତା ଆବଶ୍ୟକତାକୁ ପୂରଣ କରିବା ତଥା ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମରେ ସରକାରୀ ଓ ବେସରକାରୀ ସହଭାଗୀତା(ପିପିପି) ମୋଡରେ ପୁଞ୍ଜିନିବେଶ କରିବା ପାଇଁ ନୂଆଦିଲ୍ଲୀରେ ରୋଡ ଶୋ' ଆରମ୍ଭ କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ଶକ୍ତି ନିରାପତ୍ତାକୁ ପୂରଣ କରିବା ସହିତ ତୈଳ ଭଣ୍ଡାର ଗୁଡିକର ଉତ୍ତମ ପରିଚାଳନା ଓ ଜରୁରୀକାଳୀନ ଭୂତଳ ତୈଳ ଭଣ୍ଡାରର କାର୍ଯ୍ୟାନ୍ୱୟନ ପାଇଁ ଭାରତ ସରକାର ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ (ଆଇଏସ୍‌ପିଆର୍‌ଏଲ) ଗଠନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆଇଏସ୍‌ପିଆର୍‌ଏଲରେ ୫.୩୩ ଏମଏମଟି କ୍ଷମତା ବିଶିଷ୍ଟ ଅଶୋଧିତ ତୈଳ ଭଣ୍ଡାର ବିଶାଖାପଟଣା, ଚଣ୍ଡିଖୋଲ ଓ ପାଦୁର ଠାରେ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅତିରିକ୍ତ କ୍ଷମତା ବିଶିଷ୍ଟ ରଣନୈତିକ ପେଟ୍ରୋଲିୟମ ଭଣ୍ଡାର ସୁବିଧା ନିର୍ମାଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିବା ପରେ ଏହା ଅତିରିକ୍ତ ୧୨ ଦିନ ପର୍ଯ୍ୟନ୍ତ ଅଶୋଧିତ ତୈଳର ଆବଶ୍ୟକତାକୁ ପୂରଣ କରିବ । ଭାରତ ବିଶ୍ୱର ତୃତୀୟ ଶକ୍ତି ବୃହତ ଉର୍ଜା ଉପଭୋକ୍ତା ତଥା ବିଶ୍ୱର ତୃତୀୟ ବୃହତ ଅଶୋଧିତ ତୈଳ ଆମଦାନୀକାରୀ ରାଷ୍ଟ୍ର । ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ଅଭିବୃଦ୍ଧି ହେବ ଏବଂ ଅନ୍ୟ ଦେଶର ତୁଳନାରେ ଭାରତର ତେଲ ଚାହିଦା ବି ବୃଦ୍ଧି ପାଇବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ଜୁନ ୨୦୧୪ରେ ଓଡିଶାରେ ୨୦ ପ୍ରତିଶତ ଗରୀବ ମହିଳାଙ୍କ ଘରେ ଗ୍ୟାସ ସଂଯୋଗ ଦିଆଯାଇଥିଲା ଯାହା ଏବେ ୬୦ ପ୍ରତିଶତରେ ପହଂଚିଛି। ଆମେ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛୁ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ର କ୍ୟାବିନେଟ୍ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ବିଧିବଦ୍ଧ ଭାବେ ସ୍ୱୀକୃତି ଦେଇଛି । ଏହାଦ୍ୱାରା ଓଡିଶାର ଚଣ୍ଡିଖୋଲ, କର୍ଣ୍ଣାଟକର ପାଦୁର ଠାରେ ୧୧ ହଜାର କୋଟି ଟଙ୍କା ନିବେଶରେ ଅତିରିକ୍ତ ୬.୫ ଏମଏମଟି କ୍ଷମତା ବିଶିଷ୍ଟ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା କରାଯିବ । ଚଣ୍ଡିଖୋଲ ଏବଂ ପାଦୁର ଠାରେ ତୈଳ ଭଣ୍ଡାର ଭୂତଳ ସୁଡଙ୍ଗ ମଧ୍ୟରେ ରହିବ ଏବଂ ଏହାର କ୍ଷମତା ୪ ଏମଏମଟି ଏବଂ ୨.୫ ଏମଏମଟି ହେବ । ପୂର୍ବରୁ ଆଇଏସପିଆରଏଲ ପକ୍ଷରୁ ଅଶୋଧିତ ତୈଳ ସଂରକ୍ଷଣ କରି ରଖିବା ପାଇଁ ବିଶାଖାପାଟଣା, ମାଙ୍ଗାଲୋର ଏବଂ ପାଦୁର ଠାରେ ୫.୩୩ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଭୂତଳ ସୁଡଙ୍ଗ ନିର୍ମାଣ କରାଯାଇଛି ।

# ସାମ୍ପ୍ରତୀକି

# ଓଡ଼ିଶାରେ ଅମୃତ ଯୋଜନା




'ଅମୃତ' ବା 'ଅଟଲ୍ ମିଶନ୍ ଫର୍ ରିଜୁଭିନେସନ୍ ଆଣ୍ଡ୍ ଅର୍ବାନ୍ ଟ୍ରାନ୍ସଫର୍ମେସନ୍' ଏକ କେନ୍ଦ୍ରୀୟ ଯୋଜନା। ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ହେଉଛି- (କ) ଦେଶର ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା। (ଖ) ବିଭିନ୍ନ ସହରଗୁଡ଼ିକରେ ସବୁଜିମା ସୃଷ୍ଟି କରିବା ସହିତ ପାର୍କ ଭଳି ଖାଲି ସ୍ଥାନଗୁଡ଼ିକୁ ବିକଶିତ କରିବା। (ଗ) ସାଇକେଲିଂ କରିବା ଏବଂ ଚାଲିବା ଆଦିକୁ ପ୍ରୋତ୍ସାହିତ କରି ଜନସାଧାରଣଙ୍କୁ ସାର୍ବଜନୀନ ଗମନାଗମନ ବ୍ୟବସ୍ଥା ଉପରେ ଅଧିକ ନିର୍ଭରଶୀଳ ହେବା ପାଇଁ ବ୍ୟବସ୍ଥା ସୃଷ୍ଟି କରିବା ଆଦି ଅନ୍ତର୍ଭୁକ୍ତ।

କେନ୍ଦ୍ର ସରକାରଙ୍କ ଏହି ଯୋଜନା ପାଇଁ ୨୦୧୫-୧୬ରୁ ୨୦୧୯-୨୦ ସକାଶେ ପାଞ୍ଚବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାର ୫୦ ହଜାର କୋଟି ଟଙ୍କା ବ୍ୟୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ଯୋଜନା ଅଧିନରେ ପ୍ରାୟ ୫୦୦ ସହରକୁ ସାମିଲ୍ କରାଯାଇଛି। ରାଜ୍ୟ ଭିତ୍ତିରେ ସିକିମ୍, ତ୍ରିପୁରା ଓ ଗୋଆ ଭଳି ରାଜ୍ୟଗୁଡ଼ିକର ଗୋଟିଏ ଲେଖାଏଁ ସହରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଉତ୍ତର ପ୍ରଦେଶର ସର୍ବାଧିକ ୬୧ଟି ସହରକୁ ଓ ପଶ୍ଚିମବଙ୍ଗର ସର୍ବାଧିକ ୬୦ଟି ସହରକୁ ଅମୃତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।


ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅନୁଦାନରେ କାର୍ଯ୍ୟାନ୍ୱୟନ ହେଉଥିବା ଏହି ଯୋଜନା ଓଡ଼ିଶାର ୯ଟି ସହରରେ କାର୍ଯ୍ୟକାରୀ ହେଉଛି। ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ଏହି ୯ଟି ସହର ହେଲା ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ ଓ ବାରିପଦା। ୨୦୧୫-୧୬ ଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ମଧ୍ୟରେ ଏହି ସହରଗୁଡ଼ିକରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସକାଶେ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୧୧୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ୧୯୧ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ପାନୀୟଜଳ, ନାଳ ନର୍ଦ୍ଦମା ପରିଚାଳନା ଏବଂ ସାର୍ବଜନୀନ ପାର୍କ ନିର୍ମାଣ ପ୍ରକଳ୍ପ ଆଦି ସାମିଲ୍ ବୋଲି ଜଣାପଡ଼ିଛି।

## ସାମ୍ପ୍ରତୀକି

# ଭୁବନେଶ୍ୱରରେ ଏକତା ଦୌଡ଼



ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ପୂଣ୍ୟ ଜୟନ୍ତୀ ଅବସରରେ ଗତ ଅକ୍ଟୋବର ୩୧ ତାରିଖରେ ସମଗ୍ର ଦେଶରେ ଏକତା ଦୌଡ଼ ଆୟୋଜିତ ହୋଇଥିଲା । ଭୁବନେଶ୍ୱର ଠାରେ ମଧ୍ୟ ଏହି ଜୟନ୍ତୀ ଅବସରରେ 'ରନ୍ ଫର୍ ୟୁନିଟି' ବା ଏକତା ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବର୍ଗର ଅନେକ ବ୍ୟକ୍ତିବିଶେଷ ସାମିଲ୍ ହୋଇଥିଲେ । ଏଥିରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ତଥା ଉଦ୍ୟମିତା ଓ କୌଶଳ ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ସେହିଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗୁଜରାଟରେ ସର୍ଦ୍ଦାର ପଟେଲ୍‌ଙ୍କ ୧୮୨ ମିଟର ଉଚ୍ଚତା ବିଶିଷ୍ଟ ଯେଉଁ ପ୍ରତିମୂର୍ତ୍ତି ବିମୋଚିତ ହେଲା ତାହା ହେଉଛି ଆଗାମୀ ଶହ ଶହ ବର୍ଷ ପର୍ଯ୍ୟନ୍ତ ଭାରତୀୟମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରେରଣା । ଏହି ଅବସରରେ ସେ କହିଥିଲେ, ଯଦି ସର୍ଦ୍ଦାର ପଟେଲ୍ ନଥାନ୍ତେ ତା'ହେଲେ ବ୍ରିଟିଶ୍ ସରକାରଙ୍କ 'ଡିଭାଇଡ୍ ଆଣ୍ଡ୍ ରୁଲ୍' ଷଡ଼ଯନ୍ତ୍ରରେ ଭାରତ ଖଣ୍ଡ ବିଖଣ୍ଡିତ ହୋଇଯାଇଥାନ୍ତା । ତେବେ ଦେଶରେ ଦେଶୀୟ ରାଜ୍ୟମାନଙ୍କୁ ଭାରତର ସାର୍ବଭୌମତ୍ୱ ସହ ବିଲୀନ କରିବାରେ ସର୍ଦ୍ଦାର ପଟେଲ୍‌ଙ୍କ ଉଦ୍ୟମ ଯୋଗୁଁ ଭାରତ ହିମାଳୟ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଗୋଟିଏ ରାଷ୍ଟ୍ର ଭାବେ ଏକତା ସୂତ୍ରରେ ବାନ୍ଧି ହୋଇପାରିଲା । ସେ ପୁନଶ୍ଚ କହିଥିଲେ ଯେ ସର୍ଦ୍ଦାର ପଟେଲ୍‌ଙ୍କ ନେତୃତ୍ୱରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟାରେ ଦେଶର ପ୍ରଥମ ଦେଶୀୟ ରାଜ୍ୟ ଭାବେ ଓଡ଼ିଶାର ନୀଳଗିରି ଭାରତରେ ସାମିଲ୍ ହୋଇଥିଲା ।


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
BUILDERS OF MODERN INDIA
THE GOSPEL OF BUDDHA
SARDAR PATEL
A PICTORIAL BIOGRAPHY
GREAT MEN GREAT DEEDS
AFTER PARTITION
ऐसे थे बापू
BELIEF IN THE BALLOT
PLAYING TABLA
ବିକ୍ରୟ :
play. google.com
kobo.com
amazon.in
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

# ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ




*୨୦୧୮ ଅକ୍ଟୋବର ୨ ତାରିଖ ଦିନ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତି କେନ୍ଦ୍ରଠାରେ ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି। ମିଳିତ ଜାତିସଂଘର ମହାସଚିବ ଏଣ୍ଟୋନିଓ ଗୁ୍ୟଟେରେସ୍, ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜ, ପାନୀୟଜଳ ଓ ପରିମଳ ମନ୍ତ୍ରୀ ସୁଶ୍ରୀ ଉମା ଭାରତୀ, ଯୋଗାଯୋଗ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ (ସ୍ୱାଧିନ) ତଥା ରେଳମନ୍ତ୍ରୀ ଶ୍ରୀ ମନୋଜ ସିହ୍ନା, ଗୃହ ନିର୍ମାଣ ଓ ସହରୀ ବିକାଶ ରାଜ୍ୟମନ୍ତ୍ରୀ (ସ୍ୱାଧିନ) ଶ୍ରୀ ହରଦୀପ ସିଂ ପୁରୀ ଓ ପାନୀୟଜଳ ଓ ପରିମଳ ରାଜ୍ୟମନ୍ତ୍ରୀ ଶ୍ରୀ ରମେଶ ଚନ୍ଦପା ଜିଗାଜିନଗି ମଧ୍ୟ ଉପସ୍ଥିତ ଥିଲେ।*

୨୦୧୮ ଅକ୍ଟୋବର ୨ ତାରିଖ ଦିନ ଚାରିଦିବସୀୟ ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀର ଉଦ୍‌ଯାପନ ହୋଇଥିଲା। ନିଜର ଉଦ୍‌ଯାପନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରୁ ହିଁ ସ୍ୱଚ୍ଛ ଭାରତ ଅଭିଯାନର ଜନ୍ମ। ସେ ଆହୁରି କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସ୍ୱଚ୍ଛ ଭାରତ ଅଭିଯାନକୁ ଭାରତୀୟମାନେ ବିଶ୍ୱର ସର୍ବବୃହତ୍ ଜନଆନ୍ଦୋଳନରେ ପରିଣତ କରିଛନ୍ତି। ସେ କହିଥିଲେ ଯେ ଗ୍ରାମ୍ୟ ପରିଚ୍ଛନ୍ନତାର ପରିବ୍ୟାପ୍ତି ଯାହା ୨୦୧୪ରେ ୩୮ ପ୍ରତିଶତ ଥିଲା ତାହା ବର୍ତ୍ତମାନ ୯୪ ପ୍ରତିଶତକୁ ବୃଦ୍ଧିପାଇଛି। ବର୍ତ୍ତମାନ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ ହୋଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ।



*ଅକ୍ଟୋବର ୨ ତାରିଖ ୨୦୧୮ରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଆୟୋଜିତ ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ପରିମଳ ସମ୍ମିଳନୀରେ ଏକ ମିନି ଡିଜିଟାଲ୍ ପ୍ରଦର୍ଶନୀକୁ ମିଳିତ ଜାତିସଂଘ ମହାସଚିବ ଏଣ୍ଟୋନିଓ ଗୁ୍ୟଟେରେସ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ଅବଲୋକନ କରିଥିଲେ।*

ଏହି ଚାରିଦିବସୀୟ ସମ୍ମିଳନୀରେ ବିଶ୍ୱର ବହୁ ଦେଶର ପରିମଳ ବିଭାଗର ମନ୍ତ୍ରୀ ଓ ଅନ୍ୟାନ୍ୟ ନେତା ମଧ୍ୟ ସାମିଲ୍ ହୋଇଥିଲେ। ମିଳିତ ଜାତିସଂଘ ମହାସଚିବ ଏଣ୍ଟୋନିଓ ଗୁ୍ୟଟେରେସ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ଏକ ଡିଜିଟାଲ୍ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ଏକ ସ୍ମାରକୀ ଡାକ ଟିକଟ ଓ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ'କୁ ନେଇ ଏକ ସିଡି ବିମୋଚିତ ହୋଇଥିଲା। ଏହି ଅବସରରେ ସ୍ୱଚ୍ଛ ଭାରତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

**YOJANA (Odia) : Monthly** **November 2018** **RNI No. 57203/93**

**ISSN 0971-8346** **Total Number of Pages (76)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020

Editor : Dr. Girish Chandra Dash